ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୯/୨୦୨୪ (୧୪ ପୃଷ୍ଠା) | Bhubaneswar, Friday, April 19/2024 | Page 14 | ₹ 7.00 | SAMBALPUR
୫୦ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 145 | ମୂଲ୍ୟ ₹୭/-



**ସ୍ତ୍ରୀଙ୍କୁ ସଫଳତାର ଶ୍ରେୟ ଦେଲେ ରବି କିଶନ**
ଏକ ସାକ୍ଷାତ୍କାରରେ ଅଭିନେତା ତଥା ରାଜନେତା ରବି କିଶନ ନିଜ ସଫଳତାର ଶ୍ରେୟ ସ୍ତ୍ରୀ ପ୍ରୀତି ଶୁକ୍ଳାଙ୍କୁ ଦେଇଛନ୍ତି।
୦୨

୧୪
**ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**
ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ ସହ ୭୮ ରନ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ।



# ଆଜି ପ୍ରଥମ ପର୍ଯ୍ୟାୟ ଭୋଟ

## ୧୦୨ ଆସନ ପାଇଁ ହେବ ମତଦାନ

ନୂଆଦିଲ୍ଲୀ,୧୮।୪(ପି.ଟି.)



ଲୋକ ସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଆସନରେ ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ସର୍ବାନନ୍ଦ ସୋନୋୱାଲ, ଭୂପେନ୍ଦ୍ର ଯାଦବ, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ, ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍, କଂଗ୍ରେସର ଗୌରବ ଗୋଗୋଇ, ଡିଏମ୍କେର କାନିମୋଝି ଏବଂ ଭାଜପାର କେ. ଆନ୍ନାମଲାଇ।

ଲୋକ ସଭା ନିର୍ବାଚନ ସହ ଶୁକ୍ରବାର ଅରୁଣାଚଳପ୍ରଦେଶ ବିଧାନସଭାର ୬୦ ଆସନ ଏବଂ ସିକିମ୍‌ର ୩୨ ବିଧାନସଭା ଆସନ ପାଇଁ ଏକସଙ୍ଗେ ମତଦାନ ହେବ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୧.୮୭ ଲକ୍ଷ ଭୋଟଦାନ କେନ୍ଦ୍ରରେ ୧୮ ଲକ୍ଷ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୋଟ ୧୬.୬୩ କୋଟି ଭୋଟର ଏହିସବୁ ବୁଥ୍‌ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୮.୪ କୋଟି ପୁରୁଷ ହୋଇଥିବାବେଳେ ୮.୨୩ କୋଟି ମହିଳା ଭୋଟର ଏବଂ ୧୧,୩୭୧ ତୃତୀୟ ଲିଙ୍ଗ। ଏହି ପର୍ଯ୍ୟାୟରେ ୩୫.୬୭ ଲକ୍ଷ ନୂଆ ଭୋଟର ମତଦାନ କରିବାକୁ ଥିବାବେଳେ ୨୦ରୁ ୨୯ ବର୍ଷ ବୟସର ୩.୫୧ କୋଟି ଯୁବ ଭୋଟର ରହିଛନ୍ତି।

ଶୁକ୍ରବାର ତାମିଲନାଡୁର ସମସ୍ତ ୩୯ ଆସନରେ ମତଦାନ ହେବାକୁ ଥିବାବେଳେ ଉତ୍ତରାଖଣ୍ଡର ୫, ଅରୁଣାଚଳପ୍ରଦେଶର ୨, ମେଘାଳୟର ୨, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ୧, ମିଜୋରାମର ୧, ନାଗାଲାଣ୍ଡର ୧, ପଣ୍ଡିଚେରୀର ୧, ☞ପୃଷ୍ଠା-୪

## ରାଜ୍ୟରେ ଆରମ୍ଭ ହେଲା ନାମାଙ୍କନ ପ୍ରକ୍ରିୟା

ଭୁବନେଶ୍ୱର,୧୮।୪(ଅନିଲ ଦାସ)

- ଏପ୍ରିଲ ୨୬ରେ ଯାଞ୍ଚ, ୨୯ରେ ପ୍ରତ୍ୟାହାର
- ମେ’ ୧୩ରେ ଭୋଟ ଗ୍ରହଣ
- ମତଦାନ ଅଧିକାର ସାବ୍ୟସ୍ତ କରିବେ ୬୨.୮୪ ଲକ୍ଷ ମତଦାତା

ରାଜ୍ୟର ପ୍ରଥମ ପର୍ଯ୍ୟାୟ (ସମଗ୍ର ଦେଶର ଚତୁର୍ଥ ପର୍ଯ୍ୟାୟ) ନିର୍ବାଚନ ମେ’ ୧୩ରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ନାମାଙ୍କନ ଦାଖଲ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଏପ୍ରିଲ ୨୫ ସୁଦ୍ଧା ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ଏପ୍ରିଲ ୨୬ରେ ନାମାଙ୍କନପତ୍ର ଯାଞ୍ଚ ଓ ଏପ୍ରିଲ ୨୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ ହୋଇଛି। ଜୁନ୍ ୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ପ୍ରକାଶିତ ବିଜ୍ଞପ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ ଚତୁର୍ଥ ପର୍ଯ୍ୟାୟରେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ଟି ବିଧାନସଭା ☞ପୃଷ୍ଠା-୪



ରାଜଧାନୀରେ ଗୁରୁବାର ପ୍ରବଳ ରୌଦ୍ରତାପ ସତ୍ତ୍ୱେ ସରକାରଙ୍କ ନିର୍ଦ୍ଦେଶକୁ ଖାତିର ନ କରି ଶ୍ରମିକମାନଙ୍କୁ ଦିନ ଦ୍ୱିପ୍ରହରରେ କାମରେ ନିୟୋଜିତ କରାଯାଇଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ଜଳୁଛି ସାରା ଓଡ଼ିଶା

### ୪୩.୬ ଡିଗ୍ରୀ ସହ ଭୁବନେଶ୍ୱର ଉତ୍ତପ୍ତ ସହର

### ୪୦ ଡିଗ୍ରୀ ଉପରେ ୩୨ ସହର ତାପମାତ୍ରା

ଭୁବନେଶ୍ୱର, ୧୮।୪ (ଅସମାପିକା ସାହୁ)

ଉହ ଉହ ଖରାରେ ସିଝୁଛି ସାରା ଓଡ଼ିଶା। ଉପକୂଳରୁ ଆଭ୍ୟନ୍ତରୀଣ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଠି ପାରଦ ଉପରମୁହାଁ ହୋଇଯାଇଛି। ଗୁରୁବାର ରାଜ୍ୟର ୩୨ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ସେପଟେ ପୁଣି ୪୩ଡିଗ୍ରୀ ଟପିଛି ରାଜଧାନୀ ଭୁବନେଶ୍ୱରର ତାପମାତ୍ରା। ୪୩.୬ଡିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ରହିଥିଲା।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ତିନିଦିନ ରାଜ୍ୟରେ ତାତିର ପ୍ରଭାବ ରହିବା ସହିତ ଗୁଳୁଗୁଳି ଏବଂ ଝାଞ୍ଜି ପବନ ମଧ୍ୟ ବହିବାର ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କତା ଜାରି କରାଯାଇଛି। ଶୁକ୍ରବାର ଖୋର୍ଦ୍ଧା, କଟକ, ନୟାଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ବୌଦ୍ଧ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ☞ପୃଷ୍ଠା-୪

**ଗୁରୁବାର ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା**

| ସହର | ଡିଗ୍ରୀ ସେଲ୍‌ସିୟସ | | |
|---|---|---|---|
| ବୌଦ୍ଧ | ୪୩.୫ | ଟିଟିଲାଗଡ଼ | ୪୨.୫ |
| ଅନୁଗୋଳ | ୪୩.୩ | ମାଲକାନଗିରି | ୪୨.୫ |
| ବାଲେଶ୍ୱର | ୪୨.୨ | ସୋନପୁର | ୪୦.୭ |
| ଚାନ୍ଦବାଲି | ୪୧.୨ | ନୟାଗଡ଼ | ୪୨ |
| କଟକ | ୪୧.୪ | ଛତ୍ରପୁର | ୪୦.୮ |
| ବାରିପଦା | ୪୨.୬ | ପାରଳାଖେମୁଣ୍ଡି | ୪୧.୮ |
| ଝାରସୁଗୁଡ଼ା | ୪୨.୮ | ଭଦ୍ରକ | ୪୧ |
| କେନ୍ଦୁଝର | ୪୦.୯ | ଯାଜପୁର | ୪୧.୮ |
| ସମ୍ବଲପୁର | ୪୨.୨ | ଢେଙ୍କାନାଳ | ୪୨ |
| ସୁନ୍ଦରଗଡ଼ | ୪୧.୪ | ବରଗଡ଼ | ୪୧.୨ |
| ହୀରାକୁଦ | ୪୧.୬ | ନୂଆପଡ଼ା | ୪୨.୨ |
| ତାଳଚେର | ୪୨.୨ | ନବରଙ୍ଗପୁର | ୪୧ |
| ଭବାନୀପାଟଣା | ୪୨ | ଖୋର୍ଦ୍ଧା | ୪୨.୫ |
| ବଲାଙ୍ଗୀର | ୪୨ | ଜଗତ୍‌ସିଂହପୁର | ୪୨.୩ |
| ଫୁଲବାଣୀ | ୪୦.୪ | କେନ୍ଦ୍ରାପଡ଼ା | ୪୧.୪ |
| | | ରାଉରକେଲା | ୪୦.୪ |

# ଇଭିଏମ୍ ମକ୍ ପୋଲ୍: ଭାଜପାକୁ ଯାଇଛି ଅତିରିକ୍ତ ଭୋଟ

ନୂଆଦିଲ୍ଲୀ,୧୮।୪(ପି.ଟି.)

- ଅଭିଯୋଗର ଯାଞ୍ଚ ପାଇଁ ଇସିଆଇକୁ ନିର୍ଦ୍ଦେଶ
- ଭିଭିପିଏଟି ଯାଞ୍ଚ୍ ମାମଲା: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

ଦେଶରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍‌ରେ ଜାଲିଆତି ଅଭିଯୋଗକୁ ନେଇ ବିବାଦ ଲାଗିରହିଛି। ସେଥିପାଇଁ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍‌ଗୁଡ଼ିକର ସମ୍ପୂର୍ଣ୍ଣ ଯାଞ୍ଚ କରିବା ପାଇଁ ହୋଇଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ଗୁରୁବାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଶୁଣାଣି ବେଳେ କେରଳରେ ମକ୍ ଭୋଟିଂ ସମୟରେ ଇଭିଏମ୍‌ରେ ଭାଜପା ସପକ୍ଷରେ ଅତିରିକ୍ତ ଭୋଟ ରେକର୍ଡ ହୋଇଥିବାର ଅଭିଯୋଗ ହୋଇଥିଲା। ଏହାର ଯାଞ୍ଚ କରିବାକୁ ସୁପ୍ରିମକୋର୍ଟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଶୁଣାଣି କରିବା ବେଳେ ଏକ ଗଣମାଧ୍ୟମ ରିପୋର୍ଟ ଆଧାରରେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିର୍ବାଚନ ପ୍ରକ୍ରିୟା ହୋଇଥିବାରୁ ପବିତ୍ରତା ରହିବା ଜରୁରୀ। ଯାହା ଆଶା କରାଯାଉଥିଲା ତାହା ହେଉନାହିଁ, ଏଭଳି ଆଶଙ୍କା କାହା ମନରେ ରହିବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି ମନୋରମା ଅନ୍‌ଲାଇନରେ ପ୍ରକାଶିତ ରିପୋର୍ଟ ସମ୍ପର୍କରେ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ରିପୋର୍ଟ ଅନୁଯାୟୀ କେରଳର କସରଗୋଡ ନିର୍ବାଚନ ମଣ୍ଡଳୀରେ ଇଭିଏମ୍‌ର ମକ୍‌ପୋଲିଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଓଜୋନ ଓ ପୃଥିବୀର ସୁରକ୍ଷା

## ନାବାଳିକା ବଳାତ୍କାରୀଙ୍କୁ ଯାବଜ୍ଜୀବନ କାରାଦଣ୍ଡ

କେନ୍ଦୁଝର,୧୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଫାଷ୍ଟଟ୍ରାକ୍ କୋର୍ଟରେ ଜଣେ ୧୨ ବର୍ଷର ବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଶୁଣାଣିକରି ଅଂଶୁମାନ ମହାପାତ୍ର (୩୨)ଙ୍କୁ ବିଭିନ୍ନ ଧାରାରେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ କରିଛନ୍ତି। ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ନାବାଳିକାଙ୍କ ମା’ଙ୍କ ମୃତ୍ୟୁ ପରେ ତାଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ। ନାବାଳିକାଙ୍କୁ ପାଠ ପଢ଼ାଇବା ଆଳରେ ଟାଉନ ଥାନା ଅଧୀନ ସରାସ ଗ୍ରାମର ଅଂଶୁମାନଙ୍କ ସ୍ତ୍ରୀ ଘରେ ରଖି ବିଭିନ୍ନ କାମ କରାଉଥିଲେ। ସ୍ତ୍ରୀଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରୁଥିଲେ। ଅଭିଯୁକ୍ତଙ୍କ ନାମରେ ଏକ ଦେୱାନୀ ମାମଲା ଥିବାରୁ ଟାଉନ ଥାନା ପୋଲିସ ତାଙ୍କ ଘରକୁ ଯାଇଥିଲା। ଏହି ସମୟରେ ଚଢ଼ାଉ କରି ୨୦୨୧ ଜାନୁଆରୀ ୩୧ରେ ନାବାଳିକାଙ୍କୁ ଉଦ୍ଧାରକରି ଓପନ ସେଲ୍‌ଟର ହୋମ୍‌ରେ ଛାଡ଼ିଥିଲା। ପରେ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ସାଖୀ ୱାନ୍ ଷ୍ଟେପ୍ ସେଣ୍ଟର ସହାୟତାରେ ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେ ☞ପୃଷ୍ଠା-୪

# କଂଗ୍ରେସର ଆଉ ୪ ପ୍ରାର୍ଥୀ ଘୋଷଣା

## ୩ୟ ପର୍ଯ୍ୟାୟ ସୁଦ୍ଧା ୧୨୫ ଆସନରେ ପ୍ରାର୍ଥୀ ଦେଲା ଦଳ

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

| ଆସନ | ପ୍ରାର୍ଥୀଙ୍କ ନାମ |
|---|---|
| ମାହାଙ୍ଗା | ଦେବେନ୍ଦ୍ର କୁମାର ସାହୁ |
| ସତ୍ୟବାଦୀ | ମନୋଜ ରଥ |
| ଭୁବନେଶ୍ୱର ମଧ୍ୟ | ପ୍ରକାଶ ଜେନା |
| ଭୁବନେଶ୍ୱର ଉତ୍ତର | ଅଶୋକ ଦାସ |



କଂଗ୍ରେସ ପକ୍ଷରୁ ୨୦୨୪ ନିର୍ବାଚନ ଲାଗି ଗୁରୁବାର ତୃତୀୟ ପର୍ଯ୍ୟାୟରେ ୪ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ମାହାଙ୍ଗା, ସତ୍ୟବାଦୀ, ଭୁବନେଶ୍ୱର ମଧ୍ୟ ଏବଂ ଭୁବନେଶ୍ୱର ଉତ୍ତର ଆସନ ପାଇଁ ଦଳ ପ୍ରାର୍ଥୀଙ୍କ ନାଁ ପ୍ରକାଶ କରିଛି। ଏହି ପ୍ରାର୍ଥୀ ତାଲିକା ପ୍ରକାଶ ସହ ଦଳ ମୋଟ ୧୨୫ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ମହାଙ୍ଗାରେ ଦଳ ଦେବେନ୍ଦ୍ର କୁମାର ସାହୁଙ୍କୁ ପ୍ରାର୍ଥୀ କରିଛି। ସବୁଠାରୁ ବଡ଼ କଥା ହେଉଛି ପୂର୍ବ ଘୋଷଣା ମୁତାବକ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଏଥର ନିର୍ବାଚନ ଲଢୁନାହାନ୍ତି। ତେଣୁ ସତ୍ୟବାଦୀରେ ଦଳ ମନୋଜ ରଥଙ୍କୁ ପ୍ରାର୍ଥୀ କରିଛି। ମନୋଜ ପ୍ରଥମ ଥର ଲାଗି ନିର୍ବାଚନ ଲଢୁଛନ୍ତି। ସତ୍ୟବାଦୀ ଆସନରୁ ପ୍ରସାଦ ୧୯୯୫, ୨୦୦୦ ଏବଂ ୨୦୦୯ରେ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। ସେହିପରି ଭୁବନେଶ୍ୱର-ମଧ୍ୟ ଆସନରେ ଦଳ ପ୍ରକାଶ ଜେନା ଏବଂ ଭୁବନେଶ୍ୱର-ଉତ୍ତରରେ ଅଶୋକ ଦାସଙ୍କୁ ଦଳ ପ୍ରାର୍ଥୀ କରିଥିବା ପୂର୍ବରୁ ଦଳ ଭୁବନେଶ୍ୱର-ଏକାମ୍ର ଆସନ ପାଇ ପ୍ରାର୍ଥୀ ଦେଇସାରିଛି। ପ୍ରଥମ ପର୍ଯ୍ୟାୟରେ ଦଳ ୪୯ଟି ଆସନ ଲାଗି ଘୋଷଣା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୫ଟି ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଥିଲା। ହେଲେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରୁ ୩ ଜଣଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପରିବର୍ତ୍ତନ କରିଥିବା ବେଳେ ପ୍ରଥମରୁ ଦୁଇଟି ଆସନ କଂଗ୍ରେସ ସହଯୋଗୀ ଜେଏମ୍ଏମ୍ ଏବଂ ସିପିଆଇ(ଏମ୍)କୁ ଛାଡ଼ିଛି। ବୀରମିତ୍ରପୁର ଆସନ ଦଳ ଜେଏମ୍ଏମ୍‌କୁ ଛାଡିଥିବା ବେଳେ ବଣାଇ ଆସନଟି ସିପିଆଇ(ଏମ୍)କୁ ଛାଡ଼ିଛି। ୧୭ଟି ଲୋକ ସଭା ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ୪ଟି ଆସନରେ ଏ ପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ କରିବ ସେନେଇ ଘୋଷଣା କରିନାହିଁ।

## ସାଙ୍ଗଙ୍କୁ ପଥରରେ ଛେଚି ମାରିଦେଲେ

କେନ୍ଦୁଝର,୧୮।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା କାଶିପୁର ମୁଣ୍ଡା ସାହିରେ ସାମାନ୍ୟ ବଚସାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଯାଇଛି। ନିଶାସକ୍ତ ଅବସ୍ଥାରେ ଜଣେ ଯୁବକ ତାଙ୍କ ବନ୍ଧୁଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସାଙ୍ଗଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କାଶିପୁର ମୁଣ୍ଡା ସାହିର କିରଣ ମୁଣ୍ଡା (୨୫)। ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ସାହିର ୩ ସାଙ୍ଗ କିରଣ, ମୁନା ଗାଗରାଇ (୨୮) ଏବଂ ଅକ୍ଷୟ ନାଏକ (୩୫) ବୁଧବାର ରାତିରେ ଏକାଠି ମଦ ପିଇଥିଲେ। ପୁଣି ଆଉ ଶହେ ଟଙ୍କାର ମଦ ଆଣିବା ପାଇଁ କିରଣ ଅକ୍ଷୟଙ୍କୁ ୫୦୦ ଟଙ୍କା ଦେଇଥିଲେ। ତେବେ ଅକ୍ଷୟ ମଦ ନ ଆଣି ସେ କିଛି ମଦ ପିଇ ଏବଂ ହୋଟେଲରୁ ଖାଇବା ଆଣି ଘରକୁ ପଳାଇଥିଲେ। ଦୀର୍ଘ ସମୟ ଧରି ଅକ୍ଷୟ ନ ଫେରିବାରୁ କିରଣ ତାଙ୍କ ଘରକୁ ଯାଇ ତାଙ୍କୁ ଡାକି ଆଣିଥିଲେ। ଗାଁ ମୁଣ୍ଡ ପଡ଼ିଆ ପାଖରେ ଦୁହିଁଙ୍କ ମଧ୍ୟରେ ଟଙ୍କାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ କିରଣ ଉତ୍ତ୍ୟକ୍ତ ହୋଇ ଏକ ପଥରରେ ଅକ୍ଷୟଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ☞ପୃଷ୍ଠା-୪

## ସାମାନ୍ୟ ବଚସାରୁ ୧୬ଥର ଛୁରି ଭୁସି ହତ୍ୟା

କେନ୍ଦ୍ରାପଡ଼ା,୧୮।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ଟାଉନ ବଳରାମପୁର ହନୁମାନ ମନ୍ଦିର ନିକଟରେ ଗୁରୁବାର ଅପରାହ୍ନରେ ସାମାନ୍ୟ ବଚସାରୁ ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ଛୁରି ଭୁଶି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଏହି ଘଟଣାରେ ସଦର ଥାନା ଅନ୍ତର୍ଗତ କଂସାର ଗ୍ରାମର ଆଦିତ୍ୟପ୍ରସାଦ ବେହେରା, ସଦର ଥାନା ଓସ୍ତପୁର ପଞ୍ଚାୟତ ସାରଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ଖଟୁଆଙ୍କ ପୁଅ ଅକ୍ଷୟଙ୍କୁ ୧୬ଥର ଛୁରି ଭୁସି ଆକ୍ରମଣ କରିଛନ୍ତି। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଅକ୍ଷୟଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏଥିସହ ଲୋକେ ଆଦିତ୍ୟଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ☞ପୃଷ୍ଠା-୪



# ଜାମିନ ପାଇବାକୁ ମିଠା ଖାଉଛନ୍ତି କେଜ୍‌ରିୱାଲ

## ଇଡି ଅଭିଯୋଗକୁ ଖଣ୍ଡନ କଲେ ଆପ୍ ନେତାଙ୍କ ଓକିଲ

ନୂଆଦିଲ୍ଲୀ,୧୮।୪(ପି.ଟି.)

ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସ୍ୱାସ୍ଥ୍ୟଗତ କାରଣରୁ ଜାମିନ ପାଇବା ପାଇଁ ଜେଲରେ ଜାଣିଶୁଣି ମିଠା, ଆମ୍ବ ଆଦି ଅତ୍ୟଧିକ ଶର୍କରାଯୁକ୍ତ ଖାଦ୍ୟ ଖାଉଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଦାଲତଙ୍କ ନିକଟରେ ଅଭିଯୋଗ କରିଛି। କେଜ୍‌ରିୱାଲ୍‌ଙ୍କ ଖାଦ୍ୟ ତାଲିକା ସମ୍ପର୍କିତ ରିପୋର୍ଟ ଦାଖଲ କରିବା ପାଇଁ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଇଡିର ଅଭିଯୋଗକୁ କେଜ୍‌ରିୱାଲଙ୍କ ଓକିଲ ବିବେକ ଜୈନ ଖଣ୍ଡନ କରିଛନ୍ତି। ଘରରନ୍ଧା ଖାଦ୍ୟ ବନ୍ଦ କରିବା ପାଇଁ ଇଡି ଏଭଳି ଅଭିଯୋଗ ଆଣିଥିବା ସେ କହିଛନ୍ତି।


ଅରବିନ୍ଦ କେଜ୍‌ରିୱାଲ

ଡାକ୍ତରଙ୍କ ପରାମର୍ଶକ୍ରମେ କେଜରିୱାଲ ଖାଦ୍ୟ ଗ୍ରହଣ କରୁଥିବା ଜୈନ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶର୍କରା ସ୍ତରରେ ଅସ୍ଥିରତା ଦେଖାଦେଉଥିବାରୁ ସେ ଭିଡିଓ କନ୍‌ଫରେନ୍ସ ଜରିଆରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ଶୁକ୍ରବାର ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ବିଚାରପତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲ ଗିରଫ ହୋଇ ତିହାର ଜେଲରେ ରହିଥିବାବେଳେ ସେଠାରୁ ଶାସନ ଚଳାଉଛନ୍ତି।

# ଶିଳ୍ପା ସେଟ୍ଟୀ, ରାଜ କୁନ୍ଦ୍ରାଙ୍କ ୯୮ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ,୧୮।୪(ପି.ଟି.)

କ୍ରିପ୍ଟୋ ପୋଞ୍ଜି ସ୍କିମ୍ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କର ୯୮ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। କୁନ୍ଦ୍ରା ଦମ୍ପତିଙ୍କ ସମ୍ପତ୍ତି ଜବତ ପାଇଁ ଇଡି ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ରେ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି କରିଥିଲେ। ବିଟ୍‌କଏନ୍ ଭଳି କ୍ରିପ୍ଟୋ କରେନ୍ସି ବ୍ୟବହାର ଜରିଆରେ ନିବେଶକମାନଙ୍କୁ କୁନ୍ଦ୍ରା ଦମ୍ପତି ଠକିଥିବା ଅଭିଯୋଗ ହୋଇଥିଲା। ଜବତ ସମ୍ପତ୍ତି ମଧ୍ୟରେ ଶିଳ୍ପାଙ୍କ ନାଁରେ ଥିବା ମୁମ୍ବାଇ ଜୁହୁ ଅଞ୍ଚଳର ଏକ ଫ୍ଲାଟ୍, ପୁଣେରେ କୁନ୍ଦ୍ରାଙ୍କ ନାଁରେ ଥିବା ଏକ ବଙ୍ଗଳା ଓ ଇକ୍ୟୁଇଟି ଶେୟାର ରହିଛି। ଏହି ସମ୍ପତ୍ତିର ମୂଲ୍ୟ ୯୭.୭୯ କୋଟି ଟଙ୍କା ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି। ପୋଞ୍ଜି ସ୍କିମ୍ ମାମଲାରେ ପୂର୍ବରୁ ମହାରାଷ୍ଟ୍ର ଏବଂ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଥିଲେ। ବିଟ୍‌କଏନ ଜରିଆରେ ମାସିକ ୧୦ ପ୍ରତିଶତ ରିଟର୍ନ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ସଂସ୍ଥା ଓ ଏହାର ଏଜେଣ୍ଟମାନେ ୨୦୧୭ରେ ଜମାକାରୀଙ୍କଠାରୁ ୬,୬୦୦ କୋଟି ଟଙ୍କା ସଂଗ୍ରହ କରିଥିଲେ। ଏହାକୁ



ଆଧାର କରି ମନିଲଣ୍ଡରିଂ ମାମଲାର ତଦନ୍ତ ଜାରି ରହିଛି। କୁନ୍ଦ୍ରା ପୋଞ୍ଜି ଦୁର୍ନୀତିର ମାଷ୍ଟରମାଇଣ୍ଡ ଅମିତ୍ ଭରଦ୍ୱାଜଙ୍କଠାରୁ ୨୮୫ଟି ବିଟ୍‌କଏନ୍ ପାଇଥିବା ଅଭିଯୋଗ ହୋଇଥିଲା, ଯାହାର ଦାମ୍ ୧୫୦ କୋଟି ଟଙ୍କା ହେବ ବୋଲି ଇଡି କହିଛି।

# ଆପ୍ ବିଧାୟକ ଅମାନତୁଲ୍ଲା ଇଡିରେ ହାଜର ହେଲେ

## ୱାକଫ୍ ବୋର୍ଡ ମନିଲଣ୍ଡରିଂ ମାମଲା



ନୂଆଦିଲ୍ଲୀ,୧୮।୪(ପି.ଟି.)

ଦିଲ୍ଲୀ ୱାକଫ୍ ବୋର୍ଡରେ ଅନିୟମିତତା ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ଅମାନତୁଲ୍ଲା ଖାନ୍ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। ଗତ ସପ୍ତାହରେ ସୁପ୍ରିମକୋର୍ଟ ଅମାନତୁଲ୍ଲାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଏପ୍ରିଲ ୧୮ରେ ତଦନ୍ତରେ ସାମିଲ ହେବାକୁ ସୁପ୍ରିମକୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଓଖଲା ବିଧାୟକ ଗୁରୁବାର ଇଡିରେ ହାଜର ହୋଇଥିଲେ। ସୂଚନାଯୋଗ୍ୟ, ଅମାନତୁଲ୍ଲା ଦିଲ୍ଲୀ ୱାକଫ୍ ବୋର୍ଡର ଅଧ୍ୟକ୍ଷ ଥିବାବେଳେ ଗୁରୁତର ଅନିୟମିତତା ହୋଇଥିଲା। ତେବେ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ ନିୟମ ଅନୁଯାୟୀ ସବୁ କାମ କରୁଥିଲେ ବୋଲି ଗଣମାଧ୍ୟମକୁ କହିଛନ୍ତି।

# ୪ ମାସରେ ନିହତ ହେଲେଣି ୮୦ ମାଓବାଦୀ

## ୧୨୫ ଗିରଫ, ୧୫୦ ଜଣ ଆତ୍ମସମର୍ପଣ କରିଛନ୍ତି

ନୂଆଦିଲ୍ଲୀ,୧୮।୪(ପି.ଟି.)

ଛତିଶଗଡ଼ର କଙ୍କେର ଜିଲାରେ ୧୬ ତାରିଖରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ବରିଷ୍ଠ କ୍ୟାଡରଙ୍କ ସମେତ ୨୯ ମାଓବାଦୀ ନିହତ ହୋଇଥିଲେ। ସେମାନଙ୍କୁ ମିଶାଇ ଛତିଶଗଡ଼ରେ ଗତ ୪ ମାସ ମଧ୍ୟରେ ଅନ୍ୟୂନ ୮୦ ମାଓବାଦୀ ନିପାତ ହେଲେଣି। ଏହି ସମୟ ମଧ୍ୟରେ ୧୨୫ରୁ ଅଧିକ ମାଓବାଦୀଙ୍କୁ ଗିରଫ କରାଯାଇଥିବାବେଳେ ୧୫୦ ଜଣ ଆତ୍ମସମର୍ପଣ କରିଛନ୍ତି। ଇତିମଧ୍ୟରେ ଦେଶରେ ମାଓବାଦୀ ହିଂସା ୫୨ ପ୍ରତିଶତ ହ୍ରାସ ପାଇଛି। ହିଂସାକାଣ୍ଡ ଜନିତ ମୃତ୍ୟୁସଂଖ୍ୟା ୬୯ ପ୍ରତିଶତ କମିଛି। ୨୦୦୪ରୁ ୨୦୧୪ ମଧ୍ୟରେ ମାଓବାଦୀ ହିଂସାଜନିତ ମୃତ୍ୟୁସଂଖ୍ୟା ୬,୦୩୫ ଥିବାବେଳେ ୨୦୧୪-୨୩ ମଧ୍ୟରେ ଏହି ସଂଖ୍ୟା ୧,୮୬୮କୁ ହ୍ରାସ ପାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ମାଓବାଦୀ ଆକ୍ରମଣରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ସଂଖ୍ୟା ଇତିମଧ୍ୟରେ ୭୨ ପ୍ରତିଶତ ହ୍ରାସ ପାଇଛି। ୨୦୦୪-୨୦୧୪ ମଧ୍ୟରେ ମାଓବାଦୀ ଆକ୍ରମଣରେ ୧,୭୫୦ ସୁରକ୍ଷା ଯବାନ ନିହତ ହୋଇଥିବାବେଳେ ୨୦୧୪-୨୩ ମଧ୍ୟରେ ଏହି ସଂଖ୍ୟା ୪୮୫କୁ ହ୍ରାସ ପାଇଛି। ସେହିପରି ସାଧାରଣ ଲୋକଙ୍କ ମୃତ୍ୟୁ ଏହି ସମୟ ମଧ୍ୟରୁ ୪,୨୮୫ରୁ ୧,୩୮୩କୁ କମିଛି ଅର୍ଥାତ୍ ୬୮ ପ୍ରତିଶତ ହ୍ରାସ ହୋଇଛି।

୨୦୨୩ ଡିସେମ୍ବରରେ ଛତିଶଗଡ଼ରେ ବିଷ୍ଣୁଦେଓ ସାଏ ସରକାର ଗଢ଼ିବା ପରେ ମାଓବାଦୀଙ୍କ ବିରୋଧରେ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଫଳରେ ଇତିମଧ୍ୟରେ ୮୦ ମାଓବାଦୀ ନିହତ ହେବା ସହ ୧୨୫ରୁ ଊର୍ଦ୍ଧ୍ୱ ଗିରଫ ହେଲେଣି ବୋଲି ଜଣେ ଅଧିକାରୀ କହିଛନ୍ତି। ଗତବର୍ଷ ଶେଷ ଭାଗରେ ମାଓବାଦୀ ପ୍ରବଣ ରାଜ୍ୟଗୁଡ଼ିକର ସୁରକ୍ଷା ସ୍ଥିତିର ସମୀକ୍ଷା ବେଳେ ଉକ୍ତ ଅଞ୍ଚଳରେ ମାଓବାଦୀ ନିପାତ ଅଭିଯାନକୁ ଜୋର୍‌ଦାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୁରକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଥିଲା। ଏଥିରେ ପୋଲିସ ଡିଜି, ସିଆରପିଏଫ୍ ମହାନିର୍ଦ୍ଦେଶକ, ସୀମା ସୁରକ୍ଷା ବଳ, ଇଣ୍ଡୋ-ତିବ୍ବତାନ୍ ବର୍ଡର ପୋଲିସ ଏବଂ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ତଥା ଅନ୍ୟ ଅଧିକାରୀମାନେ ସଦସ୍ୟ ରହିଛନ୍ତି। ଗତ ବୁଧବାର ହୋଇଥିବା ଏନ୍‌କାଉଣ୍ଟରରେ ସର୍ବାଧିକ ୨୯ ମାଓବାଦୀ ନିହତ ହୋଇଥିଲେ। ଗୋଟିଏ ଏନ୍‌କାଉଣ୍ଟରରେ ଏତେ ସଂଖ୍ୟକ ମାଓବାଦୀ ନିହତ ହେବା ପ୍ରଥମ ଘଟଣା। ୨୦୧୪ରୁ ସୁରକ୍ଷା ବଳ ମାଓବାଦୀପ୍ରବଣ ଅଞ୍ଚଳରେ କ୍ୟାମ୍ପ୍ ପକାଇ ରହିଛି। ୨୦୧୯ ବେଳକୁ ଏହି କ୍ୟାମ୍ପ ସଂଖ୍ୟା ୨୫୦ରୁ ଅଧିକ ଥିଲା।

# ନାନୋ ୟୁରିଆ ବ୍ୟବହାର ପାଇଁ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ,୧୮।୪

୩ ବର୍ଷ ପାଇଁ ନାନୋ ୟୁରିଆ ପ୍ଲସ୍ ସାର ବ୍ୟବହାର ନିମନ୍ତେ କେନ୍ଦ୍ର ସରକାର ବୁଧବାର ବିଜ୍ଞପ୍ତି ଜାରି କରିଛନ୍ତି। ତେବେ ଏହି ସାରର ଉର୍ବରତା କ୍ଷମତାକୁ ନେଇ ବିବାଦ ଦେଖାଦେଇଥିବାବେଳେ ଉପଯୁକ୍ତ କ୍ଷେତ୍ର ପରୀକ୍ଷା କରାଯାଇ ନ ଥିବା ଅଭିଯୋଗ ହୋଇଛି। ନାନୋ ୟୁରିଆ ବ୍ୟବହାର ଦ୍ୱାରା ଉତ୍ପାଦନ କମୁଥିବାରୁ ଅଧିକାଂଶ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଜ୍ଞପ୍ତିରେ ନାନୋ ୟୁରିଆ (ତରଳ)୧୬ର ସବିଶେଷ ବିବରଣୀ ଦିଆଯାଇଛି। ସାର ଉତ୍ପାଦନ ଓ ବିପଣନରେ ସମ୍ପୃକ୍ତ ଇଫକୋ ପକ୍ଷରୁ ଏହି ସାର ପ୍ରସ୍ତୁତ କରାଯାଉଛି। ନାନୋ ୟୁରିଆ ବ୍ୟବହାରରେ ଫସଲ ଉତ୍ପାଦନ ବଢ଼ିବା ସହ ସ୍ଥାୟୀ ଫାର୍ମିଂକୁ ପ୍ରୋତ୍ସାହିତ କରିବ ଏବଂ ସାର ସବ୍‌ସିଡ୍ ବଞ୍ଚାଇବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ଇଣ୍ଡୋନେସିଆରେ ଲାଭା ଉଦ୍‌ଗିରଣ: ବିମାନବନ୍ଦର ବନ୍ଦହେଲା

ମାନାଡୋ,୧୮।୪

ଇଣ୍ଡୋନେସିଆର ସୁଲାୱେସୀ ଦ୍ୱୀପ ଉତ୍ତର ପାର୍ଶ୍ୱରେ ଥିବା ରୁଆଙ୍ଗ ପର୍ବତର ୫ଟି ସ୍ଥାନରୁ ଲାଭା ଉଦ୍‌ଗିରଣ ହୋଇଛି। ପ୍ରବଳ ମାତ୍ରାରେ ପାଉଁଶ, ପଥର ଖଣ୍ଡ ଉପରକୁ ଉଠି ଘନ ଆସ୍ତରଣ ସୃଷ୍ଟି କରିବା ସହ ସୁନାମୀ ସମ୍ଭାବନା ଦେଖାଦେଇଛି। ଫଳରେ ଇଣ୍ଡୋନେସିଆ କର୍ତ୍ତୃପକ୍ଷ ମାନାଡୋଠାରେ ଥିବା ଏକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ବନ୍ଦ କରିଦେଇଛନ୍ତି। ସ୍ଥାନୀୟ ଲୋକେ ଅଞ୍ଚଳ ଛାଡ଼ି ପଳାଇଯାଉଛନ୍ତି। ସେଣ୍ଟର ଫର୍ ଭଲ୍‌କାନୋଲୋଜି ଆଣ୍ଡ ଜିଓଲୋଜିକାଲ ଡିଜାଷ୍ଟର ମିଟିଗେଶନ ପକ୍ଷରୁ ସର୍ବୋଚ୍ଚ ସ୍ତରର ଆଲର୍ଟ ଜାରି ହୋଇଛି। ଗୁରୁବାର ଦିନ ତମାମ ସେଠାରୁ ଧୂସର ଧୂଆଁ ୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଠୁଥିବା ଦେଖିବାକୁ ମିଳିଛି। ପର୍ବତ ପାଦଦେଶଠାରୁ ୬ କିଲୋମିଟର ଦୂରରେ ରହିବା ପାଇଁ ଲୋକମାନଙ୍କୁ କୁହାଯାଇଛି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ୧୧,୦୦୦ ଲୋକ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି।



# ଇରାନ୍ ଅଧିକୃତ ଜାହାଜରୁ ସ୍ୱଦେଶ ଫେରିଲେ କେରଳର ମହିଳା କ୍ୟାଡେଟ୍


ଆନ୍ ଟେସା ଜୋସେଫଙ୍କୁ କୋଚି ବିମାନ ବନ୍ଦରରେ ଆଞ୍ଚଳିକ ପାସପୋର୍ଟ ଅଧିକାରୀ ସ୍ୱାଗତ କରୁଛନ୍ତି।

ନୂଆଦିଲ୍ଲୀ, ୧୮।୪

ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଗତ ସପ୍ତାହରେ ଇସ୍ରାଏଲର ଏକ କାର୍ଗୋ ଜାହାଜକୁ ଇରାନ ଜବତ କରିଥିଲା। ଏହି ଜାହାଜରେ ଜଣେ ମହିଳାଙ୍କ ସମେତ ୧୭ ଜଣ ଭାରତୀୟ କ୍ରିଉ ସଦସ୍ୟ ରହିଥିଲେ। ଗୁରୁବାର ଅପରାହ୍ନରେ ମହିଳା ଭାରତୀୟ କ୍ରିଉ ସଦସ୍ୟ ଜଣକ ସୁରକ୍ଷିତ ଭାବେ କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛନ୍ତି। ଏନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେହରାନରେ ଭାରତୀୟ ଦୂତାବାସ ଓ ଇରାନ ସରକାରଙ୍କ ମିଳିତ ପ୍ରୟାସରେ ଥ୍ରିଶୂର ବାସିନ୍ଦା ଆନ୍ ଟେସା ଜୋସେଫ ମୁକୁଳି ପାରିଥିବା କୁହାଯାଇଛି। ବିମାନବନ୍ଦରରେ କୋଚିର ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ଜୋସେଫଙ୍କୁ ସ୍ୱାଗତ କରିଛନ୍ତି। ଜାହାଜ ମଧ୍ୟରେ ଥିବା ସମସ୍ତ ଭାରତୀୟ କ୍ରିଉ ସଦସ୍ୟଙ୍କୁ ମୁକୁଳାଇବା ପାଇଁ ଇରାନର ବହିର୍ବ୍ୟାପାର ମନ୍ତ୍ରୀ ହୁସେନ ଅମିର ଅବଦୁଲ୍ଲାହିୟନଙ୍କ ସହ ଫୋନ୍ ଯୋଗେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଲୋଚନା କରିଥିଲେ।


ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ପୋଲିଂ ଅଧିକାରୀମାନେ ଗୁରୁବାର ଜବଲପୁରର ଏକ ବଣ୍ଟନ କେନ୍ଦ୍ରରୁ ଇଭିଏମ୍ ଏବଂ ଅନ୍ୟାନ୍ୟ ନିର୍ବାଚନୀ ଉପକରଣ ସଂଗ୍ରହ କରୁଛନ୍ତି।

# ନୌସେନାରେ ଅଳିଆ ଗୋଟାଳିଙ୍କ ଝିଅ

ପୁଣେ, ୧୮।୪

ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ଅଧ୍ୟବସାୟ ବଳରେ ମହାରାଷ୍ଟ୍ରରେ ଜଣେ ଜରି ଗୋଟାଳିଙ୍କ ଝିଅ ଭାରତୀୟ ନୌସେନାରେ ନିଜ ସ୍ଥାନ ପକ୍କା କରିଛନ୍ତି। ୪୦୦ରୁ ଅଧିକ ଅଗ୍ନିବୀର ପ୍ରାର୍ଥୀଙ୍କୁ ପଛରେ ପକାଇ ୨୦ ବର୍ଷୀୟ ଶ୍ୱେତା ପଣ୍ଡିତ ଏହି ସଫଳତା ହାସଲ କରିଛନ୍ତି। ତାଙ୍କ ମା' ଜ୍ୟୋତି ପଣ୍ଡିତ ପୁଣେର ୱନୋୱରି ସ୍ଥିତ ସ୍ୱୟଂଚାଳିତ ସଫେଇ କର୍ମଚାରୀମାନଙ୍କ ଏକ ସଂଗଠନ 'ସ୍ୱଚ୍ଛ' ସହ ଜଡ଼ିତ ରହିଛନ୍ତି। ସେ ପ୍ରତ୍ୟେକ ଦିନ ଘରକୁ ଘର ଯାଇ ଅଳିଆ ସଂଗ୍ରହ କରିଥାନ୍ତି। ଝିଅ ଶ୍ୱେତା ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି ସହ ମୁକାବିଲା କରି ନୌସେନାରେ ଯୋଗ ଦେବାର ନିଜ ସ୍ୱପ୍ନକୁ ସାକାର କରିପାରିଥିବା ଏହି ଅବସରରେ ଜ୍ୟୋତି କହିଛନ୍ତି।


ମା' ଜ୍ୟୋତି ପଣ୍ଡିତଙ୍କ ସହ ଶ୍ୱେତା।

ଦାରିଦ୍ର୍ୟରେ ଜୀବନ କାଟୁଥିବା ଶ୍ୱେତାଙ୍କ ପାଖରେ ଟଙ୍କା ନଥିବାରୁ ସେ କୌଣସି କୋଚିଂ ସେଣ୍ଟରରେ ନାମ ଲେଖାଇ ପାରି ନ ଥିଲେ। ଅନ୍‌ଲାଇନ ଟ୍ୟୁଟୋରିଆଲ ମାଧ୍ୟମରେ ପଢ଼ି ଅଗ୍ନିବୀରର ଲିଖିତ ପରୀକ୍ଷାରେ ଶ୍ୱେତା କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଫିଟ୍‌ନେସ ଟେଷ୍ଟ ପାଇଁ ଶ୍ୱେତା ନିଜ ଭାଇଙ୍କ ସାହାଯ୍ୟ ଲୋଡ଼ିଥିଲେ। ସେ ପ୍ରତ୍ୟେକ ଦିନ ଭୋର ୪ଟା ୩୦ରେ ଉଠି ନିଜ ଭାଇଙ୍କ ସହ ଦୌଡିବା ସହିତ ବ୍ୟାୟାମ ଓ କସରତ କରୁଥିଲେ। ଫଳରେ ସେ ଅଗ୍ନିବୀର ପାଇଁ ଉଦ୍ଦିଷ୍ଟ ଫିଟ୍‌ନେସ ଟେଷ୍ଟ ମଧ୍ୟ ପାସ୍ କରି ପାରିଥିବା ଶ୍ୱେତା କହିଛନ୍ତି। ତେବେ ସେ ଏହି ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ଦେଇଛନ୍ତି। କେବେ ବି ହାର୍ ନ ମାନିବାକୁ ମା' ଦେଇଥିବା ପରାମର୍ଶକୁ ମାନି ଆଜି ସଫଳତା ପାଇ ପାରିଥିବା ଶ୍ୱେତା କହିଛନ୍ତି। ଶ୍ୱେତାଙ୍କ ମା' ଜ୍ୟୋତି ୨୦୧୩ରୁ ସଫେଇ ସଂଗଠନ 'ସ୍ୱଚ୍ଛ' ସହ ଜଡ଼ିତ ରହି ପ୍ରତ୍ୟେକ ଦିନ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଛନ୍ତି। ଶ୍ୱେତାଙ୍କ ସଫଳତାରେ ଜ୍ୟୋତି ଗର୍ବ ଅନୁଭବ କରୁଛନ୍ତି।

ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ ହେବା ପୂର୍ବରୁ ଶ୍ୱେତାଙ୍କୁ ପ୍ରଶିକ୍ଷଣ ପାଇଁ ଓଡ଼ିଶାର ଆଇଏନ୍ଏସ୍ ଚିଲିକାରେ ସ୍ଥାନିତ କରାଯାଇଛି। ଶ୍ୱେତା ଆଇଏନ୍ଏସ୍ ଚିଲିକାରେ ୬ ମାସ ତାଲିମ ନେବା ପରେ ସେ ନୌସେନାରେ ପୋଷ୍ଟିଂ ପାଇବେ।

## ଫୁର୍‌ସତ



# ସ୍ତ୍ରୀଙ୍କୁ ସଫଳତାର ଶ୍ରେୟ ଦେଲେ ରବି କିଶନ

**ପାଟଣା:** ଅଭିନେତା ତଥା ରାଜନେତା ରବି କିଶନ ସବୁବେଳେ ପ୍ରାୟତଃ ଚର୍ଚ୍ଚାରେ ରହିଥାନ୍ତି। ସେ ନିଜ ନିଖୁଣ ଅଭିନୟ ବଳରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅନେକ ନାମ ଓ ଖ୍ୟାତି ଅର୍ଜନ କରିଛନ୍ତି। କିଛି ଦିନ ପୂର୍ବରୁ ସେ 'ମାମ୍‌ଲା ଲିଗାଲ ହୈ' ରେ ନଜର ଆସିଥିଲେ। ସବୁବେଳେ ନିଜ କାର୍ଯ୍ୟ ପ୍ରତି ଅତ୍ୟନ୍ତ ଗମ୍ଭୀର ରହୁଥିବା ରବି ସବୁବେଳେ ନିଜ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିଥାନ୍ତି।

ରବି କିଶନ ୧୯୯୩ ମସିହାରେ ପ୍ରୀତି ଶୁକ୍ଲାଙ୍କୁ ବିବାହ କରିଥିଲେ। ଉଭୟଙ୍କ କେମେଷ୍ଟ୍ରିକୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅନେକ ବେଶ୍ ପସନ୍ଦ କରିଥାନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ରବି ତାଙ୍କ ସଫଳତାର ଶ୍ରେୟ ସ୍ତ୍ରୀ ପ୍ରୀତିଙ୍କୁ ଦେଇଛନ୍ତି। ଜୀବନର କଠିନ ସମୟରେ ପ୍ରୀତି ତାଙ୍କ ସହ କାନ୍ଧ ମିଳାଇ ଛିଡା ହୋଇଥିବା ରବି କହିଛନ୍ତି। ରବି ପ୍ରାୟତଃ ପ୍ରୀତିଙ୍କୁ ପ୍ରଶଂସା କରି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରୁଥିବା ଦେଖାଯାଇଥାଏ। ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ପ୍ରୀତିଙ୍କ ସହ ତାଙ୍କର ପ୍ରଥମ ଭେଟ ହୋଇଥିଲା ବୋଲି ରବି କହିଛନ୍ତି। ଏହାପରେ ଉଭୟେ ପରସ୍ପର ସହ ପ୍ରେମରେ ପଡ଼ିଯାଇଥିଲେ। ପ୍ରୀତିଙ୍କୁ ସେ ବହୁ ସମ୍ମାନ କରୁଥିବା ରବି ଏହି ସାକ୍ଷାତ୍‌କାରରେ କହିଛନ୍ତି। ପ୍ରୀତିଙ୍କ ସହ ବିବାହ କରିବା ପରେ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ ପାଇଛନ୍ତି। ତେଣୁ ପ୍ରୀତି ଆମ ଘରକୁ ଲକ୍ଷ୍ମୀ ସଦୃଶ ହୋଇ ଆସିଥିବା ରବି କହିଛନ୍ତି। ଏହି ଅବସରରେ ରବି ଭାବ ବିହ୍ୱଳ ହୋଇ କହିଥିଲେ, ''ପ୍ରୀତି ମୋର ଦୁଃଖ ସମୟର ସାଥୀ ଥିଲେ। ଯେତେବେଳେ ମୋ ପାଖରେ ଟଙ୍କା ନ ଥିଲା, କାମ ନ ଥିଲା ସେତେବେଳେ ସେ ମୋତେ ବିବାହ କରିଥିଲେ। ମୋ ସଫଳତାରେ ତାଙ୍କ ଅବଦାନକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ମୁଁ ପ୍ରୀତିଙ୍କ ପାଖରେ ସବୁବେଳେ ଚିର ଋଣୀ ହୋଇ ରହିବି''।

ରବି ଓ ପ୍ରୀତିଙ୍କର ତିନି ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ରବିଙ୍କ ବଡ ଝିଅ ରିବା ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରି ସାରିଛନ୍ତି। ସେ ଫିଲ୍ମ 'ସବ କୁଶଳ ମଙ୍ଗଲ' ରେ ଡେବ୍ୟୁ କରିଛନ୍ତି।

# କମଳା ରସ ପିଇ ୪୦ ଦିନ ବିତାଇଲେ ମହିଳା

**ବ୍ରିସ୍‌ବେନ:** ସାଧାରଣତଃ କମଳା ରସ ଶରୀର ପ୍ରତି ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଇଥାଏ। କାରଣ ଏଥିରେ ଅଧିକ ପରିମାଣର ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ସି, ଫାଇବର, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ ଆଦି ରହିଥାଏ। ଏହାସହ କମଳା ରସ ପିଇବା ଦ୍ୱାରା ଶରୀରର ପ୍ରତିରକ୍ଷା ପ୍ରଣାଳୀରେ ଉନ୍ନତି ଆସିଥାଏ, ଯାହା ଶରୀରକୁ ରୋଗ ସହ ଲଢ଼ିବାର କ୍ଷମତା ଦେଇଥାଏ। ତେବେ କେବଳ କମଳା ରସ ପିଇ କେହି ଜଣେ ଦିନେ କିମ୍ବା ୨ ଦିନ ପର୍ଯ୍ୟନ୍ତ ଉପବାସ କରିବା ପୂର୍ବରୁ ନଜିର ରହିଛି। କିନ୍ତୁ ଅଷ୍ଟ୍ରେଲିଆର ଜଣେ ମହିଳା କେବଳ କମଳା ରସ ପିଇ ୪୦ ଦିନ ଅତିବାହିତ କରିଛନ୍ତି। ଏନେଇ ସେ ନିଜ ଅଭିଜ୍ଞତା ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡର ବାସିନ୍ଦା ଆନି ଓସବୋର୍ନ କେବଳ କମଳା ରସ ପିଇ କ୍ରମାଗତ ୪୦ ଦିନ ଅତିବାହିତ କରିଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି ଏହା ତାଙ୍କ ପାଇଁ ଏକ ଚମତ୍କାର ଅନୁଭୂତି ହୋଇଥିବା ଦର୍ଶାଇଛନ୍ତି। ଏପରି କରି ସେ ଶାରୀରିକ ଏବଂ ଆଧ୍ୟାତ୍ମିକ ଲାଭ ଅନୁଭବ କରିଥିବା ଆନି କହିଛନ୍ତି।

ତେବେ ଆନି ସୋସିଆଲ ମିଡିଆରେ ଏଭଳି ପରୀକ୍ଷଣ କରିବା ପାଇଁ ବେଶ୍ ଜଣାଶୁଣା। ସେ ସର୍ବଦା ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ବିଭିନ୍ନ ଫଳର ଉପକାରିତା ବିଷୟରେ ସୂଚନା ଦେଇଥାନ୍ତି। ତାଙ୍କର ଛୁଟି ଥିବାରୁ, ସେ ଏହି ନିଆରା ପରୀକ୍ଷଣ କରିଥିବା କହିଛନ୍ତି। ତେବେ ଏତେ ଦିନ ଧରି କିଛି ନ ଖାଇବା ସତ୍ତ୍ୱେ ମଧ୍ୟ ତାଙ୍କ ଶରୀରରେ ଅପାର ଶକ୍ତି ଜାଗ୍ରତ ହୋଇଥିବା ଅନୁଭବ କରିଥିବାରୁ ଆନି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଆଧ୍ୟାତ୍ମିକତାକୁ ଅତି ନିକଟରୁ ସେ ଅନୁଭବ କରିଥିବା କହିଛନ୍ତି। ସୋସିଆଲ ମିଡିଆରେ ଆନିଙ୍କ ଏହି ଉଦ୍ୟମକୁ ଅନେକ ଲୋକ ପ୍ରଶଂସା କରିଛନ୍ତି। ଏହି ସମୟ ମଧ୍ୟରେ ଦିନକୁ କେତେଥର ଓ କେଉଁ ସମୟରେ କମଳା ରସ ପିଉଥିଲେ ବୋଲି ଆନିଙ୍କୁ କେତେଜଣ ୟୁଜର୍ସ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ଅଧିକାଂଶ ଦିନ ସେ ୧ରୁ ଦେଢ଼ ଲିଟର କମଳା ରସ ପିଉଥିବା କହିଛନ୍ତି। କିଛି ୟୁଜର୍ସ ମଜାରେ ଆନିଙ୍କ ଏହି ନିଆରା ଏକ୍ସପେରିମେଣ୍ଟକୁ 'ଜୁସ ଉପବାସ'ର ନାମ ଦେଇଛନ୍ତି।




# ୪ ସଂସଦୀୟ କ୍ଷେତ୍ରରେ ମହିଳା ଭୋଟର ଅଧିକ

- **ନାମାଙ୍କନ ବେଳେ ବଡ଼ ରାଲି ନ କରିବାକୁ ପରାମର୍ଶ**
- **ସି-ଭିଜିଲ ଜରିଆରେ ଆସିଛି ୩,୮୭୩ ଅଭିଯୋଗ**

ଭୁବନେଶ୍ୱର,୧୮।୪(ଅନିଲ ଦାସ)

ଆସନ୍ତା ମେ’ ୧୩ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଏହି ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବ। ୪ଟି ସଂସଦୀୟ ନିର୍ବାଚନମଣ୍ଡଳୀରେ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ ରହିଛି। ମୋଟ ମତଦାତାଙ୍କ ମଧ୍ୟରୁ ୩୧ ଲକ୍ଷ ୮୭ ହଜାର ୭୭୧ ଜଣ ମହିଳା ମତଦାତା ଥିବାବେଳେ ୩୦ ଲକ୍ଷ ୯୬ ହଜାର ୨୪୩ ଜଣ ପୁରୁଷ ମତଦାତା ରହିଛନ୍ତି। ଏହା ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ପ୍ରତି ୧ ହଜାର ପୁରୁଷରେ ୯୯୯ ମହିଳା ମତଦାତା ଥିବାବେଳେ ନବରଙ୍ଗପୁରରେ ୧୦୩୯, ବ୍ରହ୍ମପୁରରେ ୯୯୬ ଏବଂ କୋରାପୁଟରେ ୧୦୯୫ ମହିଳା ଭୋଟର ଅଛନ୍ତି। ଏହି ୪ଟି ସଂସଦୀୟ କ୍ଷେତ୍ର ପାଇଁ ମୋଟ ୭,୨୮୯ଟି ଭୋଟଗ୍ରହଣ କେନ୍ଦ୍ର କରାଯାଇଛି। ୧୫୦୦ ଭୋଟରରୁ ଅଧିକ ଥିବା ସ୍ଥାନରେ ୧୪ଟି ଅତିରିକ୍ତ ବୁଥ୍ କରାଯାଇଛି। ରାଜ୍ୟରେ ମୋଟ ୩ କୋଟି ୩୬ ଲକ୍ଷ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧.୬୬ ଲକ୍ଷ ମହିଳା ଓ ୧.୭୦ ଲକ୍ଷ ପୁରୁଷ ମତଦାତା ଅଛନ୍ତି। ସେହିପରି ୧୮ରୁ ୧୯ ବର୍ଷ ଭୋଟରଙ୍କ ସଂଖ୍ୟା ୮.୬୯ ଲକ୍ଷ ରହିଥିବାବେଳେ ୨୦ରୁ ୨୯ ବର୍ଷ ଭୋଟରଙ୍କ ସଂଖ୍ୟା ୭୦.୪୦ ଲକ୍ଷ ରହିଛି। ସି-ଭିଜିଲ ଜରିଆରେ ଲୋକମାନଙ୍କଠାରୁ ଏପର୍ଯ୍ୟନ୍ତ ମୋଟ ୩,୮୭୩ ଅଭିଯୋଗ ଆସିଛି। ସେଥିରୁ ୩,୮୫୪ର ସମାଧାନ ହୋଇଛି। ବିଶେଷକରି ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ, କନ୍ଧମାଳ ଓ ଗଞ୍ଜାମ ଜିଲାରୁ ଅଧିକ ଅଭିଯୋଗ ଆସିଛି। ପୋଷ୍ଟର, ବ୍ୟାନରକୁ ନେଇ ଅଧିକ ଅଭିଯୋଗ ଆସିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁହେବା ପରଠାରୁ ମାର୍ଚ୍ଚ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୧୧୮ କୋଟି ଟଙ୍କାର ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ସେଥିରେ ୧୮.୧୯ କୋଟି ଟଙ୍କାର ମଦ, ୪୩.୬୯ କୋଟି ଟଙ୍କାର ବ୍ରାଉନସୁଗାର ଓ ଗଞ୍ଜେଇ, ୭.୧୭ କୋଟି ଟଙ୍କାର ସୁନା ଏବଂ ୪୭ କୋଟି ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଉକ୍ତ ୪ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ପରିଚାଳନା କରିବାକୁ ୩ ଜଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଆଇଏଏସ୍ ଅଫିସର, ଜଣେ ଆଇପିଏସ୍ ଅଫିସର ଓ ଜଣେ ଆଇଆର୍ଏସ୍ ଅଫିସର ଅଛନ୍ତି। ସେମାନେ ଆଇନଶୃଙ୍ଖଳା, ନିର୍ବାଚନ ଖର୍ଚ୍ଚ ଇତ୍ୟାଦି ତଦାରଖ କରିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସହିତ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନାମାଙ୍କନପତ୍ର ଦାଖଲ ସମୟରେ ବଡ଼ ରାଲି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ଅନୁସରଣ କରିବାକୁ ସେ ଅନୁରୋଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ଇଭିଏମ୍‌ଗୁଡ଼ିକୁ ଜିଲାରେ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

# ପରପାରିରେ ନାଟ୍ୟ ନିର୍ଦ୍ଦେଶକ ସଚ୍ଚି ଦାସ

ଭୁବନେଶ୍ୱର,(ଶର୍ମିଷ୍ଠା ପାଣିଗ୍ରାହୀ)/ ବରୀ, ୧୮।୪(ମହେନ୍ଦ୍ର ସ୍ୱାଇଁ)



ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଯାତ୍ରା ଓ ସିନେ ଅଭିନେତା ଡ. ସଚ୍ଚି ଦାସଙ୍କର ଗୁରୁବାର କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ୧୫ ଦିନ ତଳେ ସେ ଘରେ ପଡ଼ିଯିବାରୁ ତାଙ୍କ ଅଣ୍ଟାହାଡ଼ ଭାଙ୍ଗି ଯାଇଥିଲା। ଅପରେଶନ ପରେ ସେ ଉକ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସଚ୍ଚି ଯାଜପୁର ଜିଲା ବରୀ ଆନନ୍ଦପୁରଠାରେ ୧୯୩୪ ଅକ୍ଟୋବର ୧୪ରେ ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବାପା ସ୍ୱାଧୀନତା ସଂଗ୍ରାମୀ ଭାଗିରଥ ଦାସ ଓ ମାତା ପ୍ରିୟମ୍ବଦା ଦେବୀଙ୍କ ସୁପୁତ୍ର ଥିଲେ। ତାଙ୍କ ବିୟୋଗରେ ସମଗ୍ର ନାଟ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ଜନ୍ମ ସ୍ଥାନ ଆନନ୍ଦପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ସଚ୍ଚି ଗାଁ ଡ୍ରାମାରେ ଅଂଶଗ୍ରହଣ କରି ନାଟକ ‘ଟିପଚିହ୍ନ’ରୁ ହିଁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ରେଭେନ୍‌ଶା କଲେଜିଏଟ୍ ସ୍କୁଲ ଓ ରେଭେନ୍‌ଶା କଲେଜରେ ଅଧ୍ୟୟନବେଳେ ଗୁରୁ ଶ୍ୟାମ ସୁନ୍ଦର ଧୀରଙ୍କ ପାଖରୁ ଶାସ୍ତ୍ରୀୟ ଗାୟନ ଓ ତବଲା ବାଦନ ଶିକ୍ଷା କରିଥିଲେ। ଇତିମଧ୍ୟରେ ସେ ୯୦୦ରୁ ଊର୍ଦ୍ଧ୍ୱ ନାଟକ ଓ ୪୦୦ ପାଖାପାଖି ମଞ୍ଚ ନାଟକର ନିର୍ଦ୍ଦେଶନା ଦେଇଛନ୍ତି। ସେହିପରି ୧୪୦ରୁ ଊର୍ଦ୍ଧ୍ୱ ନାଟକ, ୨୧ଟି ଧାରାବାହିକ, ୭ଟି ସିନେମା ଓ ୧୭ଟି ଅଲ ଇଣ୍ଡିଆ ରେଡିଓ ଧାରାବାହିକରେ ସେ ଅଭିନୟ କରିଛନ୍ତି। ନାଟ୍ୟମଞ୍ଚରେ ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଳାକାର। ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଶାର ନାଟକ କ୍ଷେତ୍ରରେ ସିଦ୍ଧି, ସଙ୍କଳ୍ପ ଓ ସଫଳତାର ସ୍ୱାକ୍ଷର ଛାଡ଼ିଯାଇଛନ୍ତି। ଯାତ୍ରା ଜଗତକୁ ନୂତନ ତଥା ଆଧୁନିକ ରୂପ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ସଚ୍ଚି। ତାଙ୍କ ନିର୍ଦ୍ଦେଶିତ ‘ଶାଗୁଣା ବସିଛି ଡେଣା ମେଲାଇ’ ଯାତ୍ରା ଜଗତରେ ଏକ ମାଇଲଖୁଣ୍ଟ ସଦୃଶ। ସେହିପରି ଓଡ଼ିଆ ଚଳଚ୍ଚିତ୍ର ‘ତଅପୋଇ’, ‘ମେଘମୁକ୍ତି’, ‘ଅଗ୍ନି ପରୀକ୍ଷା’, ‘ଏ ନୁହେଁ କାହାଣୀ’ର ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ମଞ୍ଚ, ଯାତ୍ରା, ଧାରାବାହିକ ଓ ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ନିମନ୍ତେ ୨୦୧୮ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଥିଲେ। ୨୦୦୦-୨୦୦୧ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶନା ପୁରସ୍କାରରେ ସମ୍ମାନିତ ହୋଇଥିବାବେଳେ ୨୦୧୫-୧୬ରେ ନାଟ୍ୟକଳା କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଏକାଡେମୀର ସର୍ବୋଚ୍ଚ ପୁରସ୍କାର ‘କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ’ ସମ୍ମାନରେ ସମ୍ମାନିତ ହୋଇଥିଲେ।

ତାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରି କହିଛନ୍ତି, ବର୍ଷୀୟାନ କଳାକାର, ଲେଖକ ତଥା ନିର୍ଦ୍ଦେଶକ ଡ. ସଚ୍ଚି ଦାସଙ୍କ ବିୟୋଗ ଖବର ଶୁଣି ଦୁଃଖିତ ଓ ମର୍ମାହତ। ଯାତ୍ରା ଜଗତରେ ନିଖୁଣ ଅଭିନୟ ମାଧ୍ୟମରେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ଓଡ଼ିଶାର କଳା ଜଗତରେ ତାଙ୍କର ଯୋଗଦାନ ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

# ଆତ୍ମସମର୍ପଣ ପରେ ଜୟପୁର ବିଧାୟକଙ୍କୁ ମିଳିଲା ଜାମିନ

ବ୍ରହ୍ମପୁର,୧୮।୪(ସୁବାସ ଚନ୍ଦ୍ର ପାଢ଼ୀ)


ତାରାପ୍ରସାଦ ବାହିନୀପତି

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ୨୦୧୬ରେ ଦେଶୀ ମଦଭାଟି ପୋଡ଼ି ଓ ଟଙ୍କା ଲୁଟ୍ ଘଟଣାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଗୁରୁବାର ସେ ବ୍ରହ୍ମପୁରରେ ବିଧାୟକ ଓ ଏମ୍‌ପିଙ୍କ ପାଇଁ ରହିଥିବା ଅତିରିକ୍ତ ଜିଲାଜଜ୍-୩ଙ୍କ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ବାହିନୀପତିଙ୍କ ନାମରେ ପୂର୍ବରୁ କୋର୍ଟ ପକ୍ଷରୁ ଜାରି ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ପ୍ରକାରେ ସେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ଜାମିନର ଶୁଣାଣି ହୋଇଥିଲା। ଜଜ୍ ରାଜ କୁମାର ଦାଶ ଏହି ମାମଲାର ବିଚାର କରି ବାହିନୀପତିଙ୍କୁ ୫୦ ହଜାର ଟଙ୍କାର ୨ଟି ମୁଚାଲିକା ଓ ୧୦ ହଜାର ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦେବା ସହ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି।

୨୦୧୬ ମାର୍ଚ୍ଚ ୧୦ ତାରିଖରେ ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡି ପଡିଆଠାରେ ବାହିନୀପତିଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କୁ ନେଇ ଏକ ସଭା ହୋଇଥିଲା । ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହାପରେ ଶତାଧିକ ଲୋକ ସେଠାରେ ଥିବା ଏକ ଦେଶୀ ମଦଭାଟିକୁ ଯାଇ ବିପୁଳ ପରିମାଣର ଦେଶୀ ମଦ ଓ ମହୁଲ ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ଦେଇଥିଲେ । ଉକ୍ତ ଭାଟିରୁ ୭୫ ହଜାର ଟଙ୍କା ମଧ୍ୟ

**ମଦଭାଟି ପୋଡ଼ିବା ମାମଲା**

ଲୁଟ କରି ନେଇ ଯାଇଥିଲେ ବୋଲି ଭାଟି କର୍ମଚାରୀ ଅନିଲ କୁମାର ଗୁପ୍ତା ଜୟପୁର ବିଧାୟକଙ୍କ ସମେତ ୨୪ ଜଣଙ୍କ ନାଁରେ ବୋରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୪/୧୬ରେ ଏକ ମାମଲା ରୁଜୁ କରିଥିଲା। ମାମଲାର ବିଚାର ପୂର୍ବରୁ ଜୟପୁର କୋର୍ଟରେ ଚାଲୁଥିଲା । ବ୍ରହ୍ମପୁରରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ହେବା ପରେ ମାମଲା ବ୍ରହ୍ମପୁରସ୍ଥିତ ଏଡିଜେ-୩ ଅଦାଲତଙ୍କୁ ସ୍ଥାନାନ୍ତର ହୋଇଥିଲା। ବିଚାର ଚାଲୁଥିବା ବେଳେ କୋର୍ଟରେ ହାଜର ହେବାକୁ ଅଭିଯୁକ୍ତମାନଙ୍କୁ ସମନ ଜାରି ହୋଇଥିଲା। ବାରମ୍ବାର ସମନ ସତ୍ତ୍ୱେ ହାଜର ନ ହେବାରୁ ଅଦାଲତ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନିଲ କୁମାର ସାହୁ ଓ ଅତିରିକ୍ତ ପିପି ବିକ୍ରମ କୁଣ୍ଡୁ ଓ ମୁଦାଲାଙ୍କ ପକ୍ଷରୁ ଦୀପକ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।

# ରାଜନୈତିକ ସଭାରେ ଯୋଗଦେଇ ଶିକ୍ଷକ ନିଲମ୍ବିତ

ବୌଦ୍ଧ/ ଘଣ୍ଟାପଡ଼ା/ଖୁଣ୍ଟିଗୋରା, ୧୮।୪ (ଅଜିତ କୁମାର ବାରିକ/ ପ୍ରଭାତ କୁମାର ସାହୁ/ ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ଏକ ରାଜନୈତିକ ଦଳ ସଭାରେ ଉପସ୍ଥିତ ଅଭିଯୋଗରେ ଗୁରୁବାର ଜଣେ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ସେ ହେଲେ କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ବଉଳସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରୋହିତାଶ୍ୱ ମଲ୍ଲିକ। ଗତ ୧୫ ତାରିଖରେ ଗିରିଗୋର୍ବଦ୍ଧନ ପୀଠରେ ଏକ ରାଜନୈତିକ ଦଳର ସଭା ହୋଇଥିଲା ସମ୍ପୃକ୍ତ ସହକାରୀ ଶିକ୍ଷକ ସେହି ସଭାରେ ଉପସ୍ଥିତ ଥିବା ନେଇ ତାଙ୍କର ଫଟୋ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ. ସୋନାଲ ତାଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି। ନିଲମ୍ବନ ଅବଧି ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଛି। ସପ୍ତାହେ ପୂର୍ବରୁ ରାଜନୈତିକ ଦଳରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ ଏବଂ ଆଉ ଜଣେ ଶିକ୍ଷକଙ୍କୁ ବୌଦ୍ଧ ନିର୍ବାଚନମଣ୍ଡଳୀକୁ ବଦଳି କରାଯାଇଥିଲା।

# ଖରସ୍ରୋତାରେ ବୁଡ଼ି ୨ ଭାଇ ନିଖୋଜ


ଶାଶ୍ୱତ ରଞ୍ଜନ ସ୍ୱାଇଁ


ସ୍ୱସ୍ତିକ ରଞ୍ଜନ ସ୍ୱାଇଁ

ଯାଜପୁରରୋଡ/ ରସୁଲପୁର,୧୮।୪ (ପବିତ୍ର ରଞ୍ଜନ ମହାନ୍ତି /ରଞ୍ଜିତ ରାଉତ)

ଯାଜପୁର ରୋଡ୍ ସହରର ଅନତି ଦୂରରେ ଥିବା ଖରସ୍ରୋତା ନଦୀର ଜୋକଡିଆ ବ୍ରିଜ୍ ନିକଟକୁ ଗାଧୋଇବାକୁ ଯାଇ ୨ ଭାଇ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଖବର ପାଇ ଯାଜପୁରରୋଡ୍ ପୋଲିସ, କୁଆଖିଆ ପୋଲିସ, ଯାଜପୁରରୋଡ୍ ଏବଂ ରସୁଲପୁର ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବାବେଳେ ଜିଲା ପ୍ରଶାସନ ନିର୍ଦ୍ଦେଶରେ କଟକରୁ ଏକ ଓଡ୍ରାଫ୍ ଟିମ୍ ଆସି ପହଞ୍ଚିଛି। ମାତ୍ର ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ଘଟିଛି। ନିଖୋଜ ୨ ଭାଇ ହେଲେ ବ୍ୟାସନଗର ପୌର ପରିଷଦର ଫେରୋକ୍ରୋମ କଲୋନି ନିକଟ ଶିବାନନ୍ଦ ନଗରର ଶେଖର ଚନ୍ଦ୍ର ସ୍ୱାଇଁଙ୍କ ପୁଅ ଶାଶ୍ୱତ ରଞ୍ଜନ ସ୍ୱାଇଁ (୨୪) ଓ ସ୍ୱସ୍ତିକ ରଞ୍ଜନ ସ୍ୱାଇଁ(୨୧)। ପ୍ରଚଣ୍ଡ ରୌଦ୍ରତାପରୁ ଆଶ୍ୱସ୍ତି ପାଇବାକୁ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଉଭୟେ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବଡ଼ ଭାଇ ଶାଶ୍ୱତ ବୁଡ଼ିଯାଉଥିବା ଦେଖି ସ୍ୱସ୍ତିକ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରି ସେ ମଧ ବୁଡ଼ିଯାଇଥିଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଶାଶ୍ୱତ ବର୍ଷେ ତଳେ ବିବାହ କରିଥିଲେ। ଖରସ୍ରୋତା ନଦୀର ଉକ୍ତ ସ୍ଥାନରେ ଗଭୀର ଗଣ୍ଡଥିବାରୁ ଅନେକ ସମୟରେ ଏପରି ଦୁର୍ଘଟଣା ଘଟି ଜୀବନହାନି ହେଉଥିବା ଦେଖାଯାଉଛି।

# ଜେଜେମା’ଙ୍କ ଦ୍ୱାଦଶାହରେ ନଦୀରେ ବୁଡ଼ି ନାତି ମୃତ

ପାଟକୁରା,୧୮।୪(ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ କୁଦାନଗରୀ ଥାନା ଅଧୀନ ତଳକୁସୁମା ଗାଁର କେଶବ ରଥଙ୍କ ପୁଅ ସେବକଙ୍କ (୨୧) ଗୁରୁବାର ନଦୀରେ ବୁଡ଼ି ଯାଇ ମୃତ୍ୟୁ ଘଟିଛି। ତାଙ୍କ ଜେଜେମା’ଙ୍କ ଦ୍ୱାଦଶାହ ଭୋଜିଥିଲା, ମଧ୍ୟାହ୍ନ ୧ଟାରେ ସେବକ ନିକଟସ୍ଥ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ଗଭୀର ପାଣିକୁ ଚାଲିଯାଇଥିଲେ। ସେବକ ଘରକୁ ନ ଫେରିବାରୁ ପଡ଼ିଶା ଲୋକେ ନଦୀ କୂଳକୁ ଆସି ଖୋଜାଖୋଜି କରି ସେବକଙ୍କୁ ଉଦ୍ଧାର କରି ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେବକ ତାଙ୍କ ପରିବାରର ଏକମାତ୍ର ପୁତ୍ର ସନ୍ତାନ ହୋଇଥିବାରୁ ପରିବାରଟି ବେସାହାରା ହୋଇପଡିଛି। ପ୍ରକାଶଥାଉ କି ୨ଦିନ ତଳେ ବଜ୍ରପାତ ଘଟି ତଳକୁସୁମା ପଞ୍ଚାୟତର ୩ଜଣ ପ୍ରାଣ ହରାଇଥିଲେ। ୨ଦିନ ତଳର ବଜ୍ରପାତ ଜନିତ ଶୋକ ଲୋକଙ୍କ ମନରୁ ଲିଭି ନ ଥିବାବେଳେ ସେବକଙ୍କ ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ଜଙ୍ଗଲ ନିଆଁ: ୯୯ ପ୍ରତିଶତ ମନୁଷ୍ୟକୃତ

ଭୁବନେଶ୍ୱର, ୧୮।୪(ଅସମାପିକା ସାହୁ)

ରାଜ୍ୟରେ ତାତି ସାଙ୍ଗକୁ ବଢୁଛି ଜଙ୍ଗଲ ନିଆଁ ବିପଦ। ଚଳିତବର୍ଷ ଜଙ୍ଗଲରେ ଲାଗିଥିବା ନିଆଁ ବର୍ତ୍ତମାନ ଚିନ୍ତାଜନକ ରହିଛି। ଗତବର୍ଷ ତୁଳନାରେ ଚଳିତବର୍ଷ କମ୍ ପଏଣ୍ଟରେ ନିଆଁ ଲାଗିଥିଲେ ମଧ ଏବେବି ଓଡ଼ିଶା ଜଙ୍ଗଲ କେଉଁଠି ନା କେଉଁଠି ହୁତୁ ହୁତୁ ହୋଇ ଜଳୁଛି। ଗତବର୍ଷ ଏପ୍ରିଲ ୧୭ ସୁଦ୍ଧା ୩୧,୨୧୦ ପଏଣ୍ଟରେ ନିଆଁ ଲାଗିଥିବାବେଳେ ଚଳିତବର୍ଷ ଏହି ସମୟ ମଧ୍ୟରେ ଅର୍ଥାତ୍ ବୁଧବାର ସୁଦ୍ଧା ୧୧,୩୬୭ ପଏଣ୍ଟରେ ନିଆଁ ଲାଗିଥିବା ବନ ବିଭାଗ କହିଛି। ଏନେଇ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ଆମେ ନିଆଁକୁ ନିର୍ବାପିତ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛୁ। ବର୍ତ୍ତମାନ ସମୟରେ ଜଙ୍ଗଲରେ ଲାଗୁଥିବା ନିଆଁର ୯୯ ପ୍ରତିଶତ ମନୁଷ୍ୟକୃତ। ଯେଉଁ ସ୍ଥାନରେ ଲୋକମାନେ ନିଆଁ ଲଗାଉଥିବା ନେଇ ସୂଚନା ମିଳୁଛି ସେଠାରେ ତୁରନ୍ତ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଜଙ୍ଗଲରେ ମହୁଆ, କେନ୍ଦୁପତ୍ର, ପୂଜାପୂଜି ସହ ପୋଡୁ ଚାଷ ପାଇଁ ଲୋକମାନେ ନିଆଁ ଲଗାଉଛନ୍ତି। ପ୍ରତିବର୍ଷ ଏଭଳି ଲୋକଙ୍କ ବିରୋଧରେ ପ୍ରାୟ ୧୦୦ କେସ୍ ବୁକ୍ ହେଉଛି। ଏନେଇ ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଛି। ସେଥିପାଇଁ ସ୍ୱତନ୍ତ୍ର ଆଡଭାଇଜରି ମଧ ଜାରି ହୋଇଛି ବୋଲି ପିସିସିଏଫ୍ କହିଛନ୍ତି। ରାଜ୍ୟରେ ନିଆଁ ଲିଭେଇବା ପାଇଁ ୩୭୦ ଫାୟାର ସ୍କ୍ୱାଡ୍‌କୁ ନିୟୋଜିତ କରାଯାଇଛି। ୩୩୦ ଗାଡ଼ିର ବ୍ୟବସ୍ଥା ହୋଇଥିବାବେଳେ ସ୍କ୍ୱାଡ୍‌ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଗ୍ଲୋଭ, ସୁରକ୍ଷା କିଟ୍ ଯୋଗାଇ ଦିଆଯାଉଛି। ମୋଟ ୨,୪୦୦ ସୁରକ୍ଷା କିଟ୍ ସାଙ୍ଗକୁ ୪,୮୦୦ ଗ୍ଲୋଭ ଦିଆଯାଇଛି। କେଉଁଠି ବି ନିଆଁ ଲାଗିଲେ ସଙ୍ଗେ ସଙ୍ଗେ ସାଟେଲାଇଟ ମାଧ୍ୟମରୁ ନିଆଁ ଲାଗିଥିବା ପଏଣ୍ଟର ସୂଚନା ମିଳିପାରୁଛି। ବିଗତବର୍ଷ ତୁଳନାରେ ଜଙ୍ଗଲ ନିଆଁ ପ୍ରଭାବିତ ଅଞ୍ଚଳର ମାତ୍ରା କମିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ‘କ୍ରୁଜ୍’ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୮।୪(ମାନସ ବିଶ୍ୱାଳ)



ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ) ପକ୍ଷରୁ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍)ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ‘କ୍ରୁଜ୍’ କ୍ଷେପଣାସ୍ତ୍ର (ଆଇଟିସିଏମ୍)ର ଗୁରୁବାର ସଫଳ ପରୀକ୍ଷଣ କରାଯାଇଛି। ପରୀକ୍ଷା ସମୟରେ ସମସ୍ତ ସବ୍ ସିଷ୍ଟମ ଆଶାନୁରୂପ ପ୍ରଦର୍ଶନ କରିଥିଲା। ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତାକୁ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ (ଇଓଟିଏସ) ଏବଂ ଆଇଟିଆର ଦ୍ୱାରା ବିଭିନ୍ନ ସ୍ଥାନରେ ନିୟୋଜିତ ଟେଲିମେଟ୍ରି ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ଭାରତୀୟ ବାୟୁସେନାର ସୁ-୩୦-ଏମ୍‌କେ-୧ ବିମାନରୁ ମଧ ଏହି କ୍ଷେପଣାସ୍ତ୍ରର ଉଡ଼ାଣ ଉପରେ ନଜର ରଖାଯାଇଥିଲା। ଏହି କ୍ଷେପଣାସ୍ତ୍ର ୱେ ପଏଣ୍ଟ ନାଭିଗେଶନ୍ ବ୍ୟବହାର କରି ଆବଶ୍ୟକ ପଥ ଅନୁସରଣ କରିଥିଲା ଏବଂ ଅତ୍ୟନ୍ତ ନିମ୍ନ ଉଚ୍ଚତା ବିଶିଷ୍ଟ ସମୁଦ୍ର-ସ୍କିମିଂ ଉଡ଼ାଣ ପ୍ରଦର୍ଶନ କରିଥିଲା। ବେଙ୍ଗାଲୁରୁସ୍ଥିତ ଗ୍ୟାସ୍ ଟର୍ବାଇନ୍ ରିସର୍ଚ୍ଚ ଏଷ୍ଟାବ୍ଲିସମେଣ୍ଟ (ଜିଟିଆର୍‌ଇ) ଦ୍ୱାରା ବିକଶିତ ଏହି ସ୍ୱଦେଶୀ ପ୍ରୋପଲସନ ସିଷ୍ଟମ ସଫଳ ଭାବେ କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏହି କ୍ଷେପଣାସ୍ତ୍ରରେ ଉନ୍ନତ ଏବଂ ବିଶ୍ୱସନୀୟ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଆଭିଓନିକ୍ସ ଏବଂ ସଫ୍ଟୱେୟାର ମଧ ରହିଛି। ଏହି କ୍ଷେପଣାସ୍ତ୍ରକୁ ବେଙ୍ଗାଲୁରୁସ୍ଥିତ ଡିଆରଡିଓ ପରୀକ୍ଷାଗାର ଏରୋନୋଟିକାଲ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଡିଇ) ବିକଶିତ କରିବା ସହ ଅନ୍ୟାନ୍ୟ ପରୀକ୍ଷାଗାର ଏବଂ ଭାରତୀୟ ଉଦ୍ୟୋଗର ଯୋଗଦାନ ରହିଛି। ଏହି ପରୀକ୍ଷଣକୁ ଡିଆରଡିଓର ବିଭିନ୍ନ ପରୀକ୍ଷାଗାରର ବହୁ ବରିଷ୍ଠ ବୈଜ୍ଞାନିକ ଓ ପ୍ରତିନିଧିମାନେ ଦେଖିଥିଲେ। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଇଟିସିଏମ୍‌ର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଆରଡିଓକୁ ଅଭିନନ୍ଦନ ଜଣାଇଛନ୍ତି। ସ୍ୱଦେଶୀ ପ୍ରୋପଲସନ ଦ୍ୱାରା ପରିଚାଳିତ ସ୍ୱଦେଶୀ ଲମ୍ବା ଦୂରତା ସବ୍‌ସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ବିକାଶ ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ କ୍ଷେତ୍ରରେ ଏକ ବଡ଼ ମାଇଲଖୁଣ୍ଟ ବୋଲି କହିଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି. କାମତ ଆଇଟିସିଏମ୍ ଉତ୍‌କ୍ଷେପଣର ସଫଳ ପରିଚାଳନା ପାଇଁ ଡିଆରଡିଓର ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତିରେ ରହିତାଦେଶ

## ୟୁଜିସି ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ଉଲ୍ଲଂଘନ ନେଇ ମାମଲା

କଟକ,୧୮।୪ (କାର୍ତ୍ତିକ ସାହୁ)

ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ୨୦୨୪ର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ଉଲ୍ଲଂଘନ କରାଯାଇଥିବା ନେଇ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ପୂର୍ବବତ୍ ଚାଲୁ ରହିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ଆଦେଶ ଦେଇଛନ୍ତି। ଆସନ୍ତା ମେ’ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୨୦୨୩ ମସିହାର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ଉପରେ ମଧ ହାଇକୋର୍ଟ ରହିତାଦେଶ ଜାରି କରିଥିବାବେଳେ ଏହା ବିଚାରାଧୀନ ରହିଛି। ମାମଲାର ବିବରଣୀ ଅନୁସାରେ, ୨୦୨୪ରେ ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ଅଧ୍ୟାପକ ନିଯୁକ୍ତିକୁ ଚାଲେଞ୍ଜ କରି ଆବେଦନକାରୀ ଡ. ଅମୀୟ ରଞ୍ଜନ ବାରିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଧ୍ୟାପକ ହେବା ପାଇଁ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତାର ମାନଦଣ୍ଡକୁ ରାଜ୍ୟ ସିଲେକ୍ସନ୍ ବୋର୍ଡ ଖୋଲାଖୋଲି ଉଲ୍ଲଂଘନ କରିଥିବା ସେ ଆବେଦନରେ ଦର୍ଶାଇଛନ୍ତି। ୟୁଜିସି ଗାଇଡ୍ ଲାଇନ୍ ଅନୁସାରେ ଉଚ୍ଚଶିକ୍ଷାରେ ଅଧ୍ୟାପକ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ସ୍ନାତକୋତ୍ତର ସହିତ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟରେ ଯୋଗ୍ୟତା ହାସଲ ଅଥବା ପିଏଚ୍.ଡି ଡିଗ୍ରୀଧାରୀ ହୋଇଥିବା ଆବଶ୍ୟକ। ମାତ୍ର ଏଠାରେ ସେହି ଯୋଗ୍ୟତା ପରିବର୍ତ୍ତେ କେବଳ ସ୍ନାତକ ଡିଗ୍ରୀଧାରୀ ଲିଖିତ ପରୀକ୍ଷା ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବାକୁ ମାନଦଣ୍ଡ କରାଯାଇଛି। ଏହାଦ୍ୱାରା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନର ମାନ ହ୍ରାସ ପାଇବ। ତେଣୁ ହାଇକୋର୍ଟ ଏହା ଉପରେ ବିଚାରକରି ଉପଯୁକ୍ତ ରାୟ ପ୍ରଦାନ ନିମନ୍ତେ ଆବେଦନକାରୀ ନିବେଦନ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାର, ରାଜ୍ୟ ସିଲେକ୍ସନ ବୋର୍ଡ ଓ ୟୁଜିସିକୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪ ମାର୍ଚ୍ଚ ୩ରେ ବିଭିନ୍ନ ବିଷୟରେ ୭୮୬ ଜଣ ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିମଧ୍ୟରେ ପଦାର୍ଥ ବିଜ୍ଞାନ ନିମନ୍ତେ ୩୧ ପଦବୀ ରହିଛି। ୨୦୨୪ ଏପ୍ରିଲ ୧୯ ଆବେଦନ ପାଇଁ ଶେଷ ତାରିଖ ରହିଛି। ଅପରପକ୍ଷରେ ୧,୦୬୫ ଅଧ୍ୟାପକ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ସେପ୍ଟେମ୍ବର ୧୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିମଧ୍ୟରେ ପଦାର୍ଥ ବିଜ୍ଞାନ ନିମନ୍ତେ ୩୬ ପଦବୀ ରହିଛି। ୨୦୨୩ ଅକ୍ଟୋବର ୧୩ ଆବେଦନ ପାଇଁ ଅନ୍ତିମ ତାରିଖ ଥିଲା। ସେହିବର୍ଷ ଡିସେମ୍ବର ୩ରେ ଲିଖିତ ପରୀକ୍ଷା କରାଯାଇ ଫଳ ପ୍ରକାଶ ପାଇଥିଲା। ଏଥିସହ ଆବେଦନକାରୀମାନଙ୍କର ଅନ୍ତିମ ପର୍ଯ୍ୟାୟ ସାକ୍ଷାତକାର ଚାଲୁରହିଥିଲା। ଆବେଦନକାରୀ ଡ. ବାରିକଙ୍କ ପକ୍ଷରୁ ଏନେଇ ମଧ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ୨୦୨୩ ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ପୂର୍ବବତ୍ ଚାଲୁ ରହିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ଆଦେଶ ଦେଇ ରହିତାଦେଶ ଜାରି କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟବାଦୀ କବି ବାଞ୍ଛାନିଧି ୮୬ତମ ପୁଣ୍ୟତିଥି, ସ୍ଥାନ: ରାଜଭବନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଜିକିତା ଓଡ଼ିଶା ସ୍କଲାରଶିପ ପ୍ରୋଗ୍ରାମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପପ୍‌ଚିକ୍ ଡ୍ୟାନ୍ସ ଏକାଡେମୀର ୯ମ ରାଜ୍ୟସ୍ତରୀୟ ନୃତ୍ୟ, ଚିତ୍ରାଙ୍କନ ଓ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ଜାତୀୟ ଅଭିଲେଖାଗାର, ରେକର୍ଡ ସେଣ୍ଟର ପକ୍ଷରୁ ପ୍ରଥମ ମାସିକ ବାର୍ତ୍ତାଳାପ କାର୍ଯ୍ୟକ୍ରମ, ସ୍ଥାନ: ଭାରତୀୟ ଜାତୀୟ ଅଭିଲେଖାଗାର, ରେକର୍ଡ ସେଣ୍ଟର, ୟୁନିଟ୍-୪, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀ ଦଶାବତାର ନାଟ୍ୟଶାଳାର ନୃତ୍ୟ ବର୍ଣ୍ଣାଳୀ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୪ଟା ୩୦।
- ଦିବ୍ୟଦିଗନ୍ତର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ରେଡକ୍ରସ ଭବନ ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ଖାଞ୍ଜିରୀମଙ୍ଗଳା କିଶୋର କ୍ଲବ ପକ୍ଷରୁ ମେମୋରିଆଲ କପ୍ ଡବଲ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କ୍ଲବ ପରିସର, ଖାଞ୍ଜିରୀମଙ୍ଗଳା, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଶ୍ରୀଶ୍ରୀ ରାମ ମନ୍ଦିର ୧୦ମ ବାର୍ଷିକୋତ୍ସବ ଏକାଦଶୀ ପୂଜା ଏବଂ ପୂର୍ଣ୍ଣାହୁତି, ସ୍ଥାନ: ଜଇନାବାଦ, ନିମାପଡ଼ା, ସମୟ: ପ୍ରାତଃ ୫ଟା, ପୂର୍ଣ୍ଣାହୁତି ସନ୍ଧ୍ୟା ୬ଟା।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ଚୈତ୍ର ଶୁକ୍ଳପକ୍ଷ ଏକାଦଶୀ ପ୍ରଭୁ ଶ୍ରୀ ମଦନମୋହନ, ରାଧାକୃଷ୍ଣ ଏବଂ ଚୈତନ୍ୟ ମହାପ୍ରଭୁଙ୍କ ରାସସ୍ଥଳୀକୁ ବିଜେ ଉତ୍ସବ, ସ୍ଥାନ: ରାସବିହାରୀ ମଠ, ନିମାପଡ଼ା, ସମୟ: ରାତି ୮ଟା।

## ଖୋର୍ଦ୍ଧା

- ସୁବର୍ଣ୍ଣ ଜୟନ୍ତୀ ବିଶ୍ୱଶାନ୍ତି ମହାଯଜ୍ଞର ମଣ୍ଡଳାରୋପଣ, ସ୍ଥାନ: ସପ୍ତେଶ୍ୱର ଦେବଙ୍କ ପୀଠ, ଖଣତି (କଡ଼ବ), ବୋଲଗଡ଼, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'ରାମଚଣ୍ଡୀଙ୍କ ପୀଠ, ଗଡ଼ମାଣତୀର(ବେଗୁନିଆ), ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମା'ତାରିଣୀ ଦେବୀଙ୍କ ପୀଠ, ବେଗୁନିଆ ଉପକଣ୍ଠ କଡ଼ାମଲ୍ଲ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଜନ୍ମୋତ୍ସବର ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ଗୋପବନ୍ଧୁ ବିହାର, ବୋଲଗଡ଼, ସମୟ: ଅପରାହ୍ନ ୫ଟା।
- ରାମଲୀଳା ନାଟକ ଉତ୍ସବ, ରଘୁନାଥ ଦେବଙ୍କ ପୀଠ, ବେଗୁନିଆ ଉପକଣ୍ଠ କଡାମଲ୍ଲ,ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଛତ୍ରପଡ଼ା(ବେଗୁନିଆ), ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବାଘମାରୀ ତଳସାହି (ବେଗୁନିଆ), ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ନୀତିକାନ୍ତି ପୂଜା ଓ ଅନ୍ତିମ ନିଆଁ ପାଟ ଉତ୍ସବ, ସ୍ଥାନ: ଚୌକି, ଭୋଗରାଇ, ସମୟ-ସକାଳ ୬ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।
- 'ଗୁଗୁଲ୍ ଆର୍ଥ୍ ଇଞ୍ଜିନ୍ ଓ ଭୂ-ସ୍ଥାନିକ ବିଶ୍ଳେଷଣର ଉପଯୋଗିତା' ପ୍ରସଙ୍ଗରେ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଟାଟାପାୱାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରାହାପିତା ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପରିସର, ଧାମନଗର, ସମୟ: ସକାଳ ୯ଟା।
- ବିଜେଡିର କର୍ମୀ ବୈଠକ, ସ୍ଥାନ: ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସାଙ୍ଗଠନିକ ବୈଠକ, ସ୍ଥାନ: ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର କର୍ମୀ ବୈଠକ, ସ୍ଥାନ: ଭଦ୍ରକ ବିଧାନସଭା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ବିଜୟା ଦଶମୀରେ ବିଶାଳ ନଗର ସଂକୀର୍ତ୍ତନ ଓ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମେଳଣ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ପ୍ରସାଦ ସେବନ, ସ୍ଥାନ: ଯୋଡ଼ା ରାଧାକୃଷ୍ଣ ମନ୍ଦିର, ସମୟ: ମଧ୍ୟାହ୍ନ ୧ଟା।
- ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୨୮ତମ ବାର୍ଷିକୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ଅପରାହ୍ନ ୫ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: କିମିରାସାହି, ବେଲବାହାଲି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ୧୦୮ ଘଟ ବିଶିଷ୍ଟ ମହାସ୍ନାନ ଓ ରାଜରାଜଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ, ସ୍ଥାନ: ଉଦଳା, ସମୟ: ପ୍ରାତଃ ୫ଟା ୩୦, ପ୍ରସାଦ ସେବନ ମଧ୍ୟାହ୍ନ ୧୨ଟା ଓ ପ୍ରବଚନ୍ ସନ୍ଧ୍ୟା ୬ଟା ୩୦।
- ଭାଜପାର ନିର୍ବାଚନୀ ପ୍ରସ୍ତୁତି ବୈଠକ,ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଶୀର୍ଷାପାଳ ଭାଜପା କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମିଡିଆ କନଫରେନ୍ସ, ସ୍ଥାନ:ଲାୟନ୍ସ କ୍ଲବ ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ମା' ବାସନ୍ତୀ ପୂଜା ଅବସରରେ ପ୍ରସାଦ ସେବନ,ସ୍ଥାନ: ବାଘଡ଼ା ରୋଡ୍ ବାରିପଦା, ସମୟ:ଅପରାହ୍ନ ୧ଟା।

## ବ୍ରହ୍ମପୁର

- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ
- ସ୍ଥାନ:ବ୍ରହ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ,ସମୟ:ସକାଳ ୧୧ଟା।
- ବିଜେଡିର ନିର୍ବାଚନ ରାଲି, ସ୍ଥାନ:କନକାଠାକୁରାଣୀ ମନ୍ଦିର, ସମୟ:ଅପରାହ୍ନ ୪ଟା।

## ଗଞ୍ଜାମ

- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ: ବୁଗୁଡା,କଦମ୍ବ ମଠ , ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମଝିଘରିଆଣୀ ମନ୍ଦିରରେ ଚୈତ୍ର ପୂଜା ଆରମ୍ଭ, ସ୍ଥାନ: ରାୟଗଡ଼ା ମଝିଘରିଆଣୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟନ, ରାଲି , ସ୍ଥାନ: ତେଜସ୍ୱୀ ପଡ଼ିଆ, ରାୟଗଡ଼ା ସମୟ: ପୂର୍ବାହ୍ନ ୧୦ରୁ ଆରମ୍ଭ।
- ୱାକର୍ସ କ୍ଲବ ପକ୍ଷରୁ ମେଗା ସାସ୍ଥ୍ୟ ଶିବିର, ସ୍ଥାନ: ସାଇକୃପା ଡାଇଗ୍ନୋଷ୍ଟିକ ସେଣ୍ଟର, ବ୍ୟାଙ୍କ କଲୋନୀ ପ୍ରଥମ ଲେନ, ରାୟଗଡ଼ା, ସମୟ: ସକାଳ ୯ଟା।
- ବେସିକ୍ ସାଇନ୍ସ ଏବଂ ହ୍ୟୁମାନିଟି ବିଭାଗ ପକ୍ଷରୁ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟନ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଭାଜପାର ପ୍ରହ୍ଲାଦ ତ୍ରିପାଠୀଙ୍କ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଚାମୁରିଆଗୁଡ଼ା ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜୈବ ବିବିଧତାକୁ ନେଇ ଅନ୍ତର୍ଜାତୀୟ ସମ୍ମିଳନୀ. ସ୍ଥାନ: କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ସୁନାବେଡା କ୍ୟାମ୍ପସ୍, ସମୟ: ସକାଳ ୯ଟା।
- ମା' ମୁତ୍ୟାଲୁମ୍ମାଙ୍କ ଘଟଯାତ୍ରା ନେଇ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ପଡାଲାଇନ୍‌ସ୍ଥିତ ମା'ଙ୍କ ଅସ୍ଥାୟୀ ମଣ୍ଡପ, ସମୟ: ସକାଳ ୯ଟା।
- କୋରାପୁଟ ଲୋକ ସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକାଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର

- ଚବିଶପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଚାଉଁରପୁର ତଳିପଡା, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ଚବିଶପ୍ରହର ନାମଯଜ୍ଞ, ସ୍ଥାନ: ଧମା ବରଗାଁ, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ଜନ୍ମ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ: କମଳିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଜୁହାର ପରିବାର ପକ୍ଷରୁ ଶ୍ରୀରାମାୟଣ ଓ କଳାକାର ସମ୍ମାନ ସମାରୋହ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସତ୍ୟନାରାୟଣ ପୂଜା ଓ କୃଷ୍ଣଗୁରୁ ସମାରୋହ, ସ୍ଥାନ: ମହାବୀରପଡା ପଞ୍ଚମୁଖି ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲା ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ବୁର୍ଲା ସହର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ: କବରାପାଲି, ସମୟ: ରାତି ୧୦ଟା ୩୦।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଖଲିଆପାଲି ଗ୍ରାମ, ସମୟ: ସକାଳ ୯ଟା।
- ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ, ସ୍ଥାନ: ତାଲବ ଗ୍ରାମ ସମଲେଇ ମନ୍ଦିର, ସମୟ ୬ଟା ୩୦।
- ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଖେଣ୍ଡାସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୭ଟା ୩୦।
- ମାରୱାଡି ସମାଜ ବୈଠକ, ସ୍ଥାନ: ରେଙ୍ଗାଲି, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଗୁଡଭେଲା ଓ ସମରା ମଣ୍ଡଳ ଭାଜପାର ନିର୍ବାଚନ ପ୍ରଚାର, ସ୍ଥାନ: ଗୁଡଭେଲା ବ୍ଲକ ସଦର ମହକୁମା, ସମୟ: ପୂର୍ବାହ୍ନ ୧୦ଟା।
- ତୁଷୁରା ମହିଳା ମଣ୍ଡଳ ଦ୍ୱାରା ଦହି ସରବତ ବଣ୍ଟନ, ସ୍ଥାନ: ତୁଷୁରା ରାମ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ:ଖପ୍ରାଖୋଲ ବ୍ଲକ ବୁଡିବାହାଲ, ସମୟ: ଅପରାହ୍ନ ୧ଟା୩୦।
- କଂଗ୍ରେସର ଜନ ଆଶୀର୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ସେଲିବ୍ରେସନ୍ ନିକଟ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ସୁବଳୟା, ବୀରମହାରାଜପୁର, ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀର ତୃତୀୟ ଦିବସ, ସ୍ଥାନ: ଚମ୍ପାମାଳ ଓ ଗୌଡଗାଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀର ତୃତୀୟ ଦିବସ, ସ୍ଥାନ: ମେଣ୍ଡାମାଳ ଓ ମୁର୍ଛୁଣ୍ଡି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାମ ନବମୀ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଘିଚାପାଲି, ବୀରମହାରାଜପୁର,ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଂକୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମର ଷଷ୍ଠ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମଲୀଳାର ତୃତୀୟ ରଜନୀ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୧ଟା।
- ରାମଲୀଳା ନାଟକ ମଞ୍ଚସ୍ଥ ଧନୁଭଗ୍ନ, ସ୍ଥାନ: ଖଇରମାଲ, ବୀରମହାରାଜପୁର, ସମୟ: ରାତି ୧୧ଟା।
- ଶ୍ରୀରାମ ଲୀଳା ନାଟକ, ସ୍ଥାନ: ଲୁମ୍ଫୁରଜେନା, ବୀରମହାରାଜପୁର, ସମୟ: ରାତି ୧୧ଟା।
- ରାମଲୀଳା ନାଟକ, ସ୍ଥାନ: ସାଗଯୋରୀ,ବୀରମହାରାଜପୁର, ସମୟ: ରାତି ୧୧ ଟା।

## ସୁନ୍ଦରଗଡ଼

- ସିପିଆଇଏମ ଓ କଂଗ୍ରେସ ଇଣ୍ଡିଆ ମେଣ୍ଟର କର୍ମି ସମ୍ମିଳନୀ,ସ୍ଥାନ: ବରସୁଆଁ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୯ଟା।
- ସୁନ୍ଦରଗଡ ରାମଜୀ ମନ୍ଦିରରେ ରାମନବମୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶ୍ରୀରାମ ସୀତାଙ୍କ କଲ୍ୟାଣ ମହୋତ୍ସବ, ସ୍ଥାନ: ଭାଲୁଡୁଙ୍ଗୁରୀ, ଅତାବିରା, ସମୟ: ପୂର୍ବାହ୍ନ ୮ଟା।
- ବୈଶାଖୀ ମେଳା ପ୍ରସ୍ତୁତି ବୈଠକ, ସ୍ଥାନ:ନୃସିଂହନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ନୃସିଂହନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ମା'ଠାକୁରାଣୀଙ୍କ ଚୈତ୍ର ଘଣ୍ଟପର୍ବ ସମ୍ପନ୍ନ, ସ୍ଥାନ: ଲାଞ୍ଜିଗଡ଼ ଠାକୁରାଣୀ ମନ୍ଦିର ପରିସର, ସମୟ: ସକାଳ ୭ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ନର୍ଲା ବ୍ଲକ କଣ୍ଟୁପଡା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଏମ୍.ରାମପୁର ବ୍ଲକ ଉର୍ଲାଦାନୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପ୍ରଥମ ଦିବସରେ ପ୍ରବଚନ, ସ୍ଥାନ: କେସିଙ୍ଗା ସହର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ଗାଁ, ସମୟ: ସକାଳ ୮ଟା ମିନିଟ୍।
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ ଖମବାହୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୫ ମିନିଟ୍।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ କୋଟ୍ରିବାହାଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୫ ମିନିଟ୍।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ତୃତୀୟ ଦିବସ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ବ୍ଲକ ବହିରାରେ ଶ୍ରୀରାମଲୀଳା ଉତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ ସୀତା ଜନ୍ମ, ଶ୍ରୀରାମ ଜନ୍ମ, ତାଡକା ବଧ ଅଭିନୀତ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ତୃତୀୟ ଦିବସ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ତୃତୀୟ ଦିବସର ନାଟକ ଶ୍ରୀରାମ ବନବାସ, ସ୍ଥାନ: ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।
- ବୌଦ୍ଧ ବ୍ଲକ ବଢିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବଢିଙ୍ଗା ରଘୁନାଥ ମନ୍ଦିର, ସମୟ: ରାତି ୧୦ଟା।
- ହରଭଙ୍ଗା ବ୍ଲକ ଦେବଗଡଠାରେ ରାମଲୀଳା ଯାତ୍ରାର ତୃତୀୟ ଦିବସ, ସ୍ଥାନ: ଦେବଗଡ଼, ସମୟ: ରାତି ୧୧ଟା।

## ଦେବଗଡ଼

- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ତିଲେଇବଣି ବ୍ଲକ, ସମୟ: ଅପରାହ୍ନ ୨ଟା।
- ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ବୁରୋମାଲ ନାମ ସଂକୀର୍ତ୍ତନ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭୂଆଁପଡ଼ା କୀର୍ତ୍ତନ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାଉଳିଙ୍କ ଚୈତ୍ରପୂଜା ଆରମ୍ଭ, ସ୍ଥାନ: ମା'ମାଉଳି ପୀଠ ସରବାହାଲ, ସମୟ: ସକାଳ ୮ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବେଲପାହାଡ ଫାଟକସ୍ଥିତ ଅପେରା ପଡ଼ିଆ, ସମୟ: ଅପରାହ୍ନ ୫ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ରଙ୍କ ଶୁଭସଂସ୍ଥିତି ପ୍ରଭାବରେ ପାରିବାରିକ ଶାନ୍ତି ଓ ସ୍ଥିରତା ସଙ୍ଗକୁ ବୈଷୟିକ ଅଭିବୃଦ୍ଧି ଘଟିବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। କଳ କାରଖାନା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରୁ ଲାଭବାନ ହେବେ। ଆଜିର ଫେରିବା ବାଟରେ ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** ପାପଗ୍ରହ ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ମନ ଅନୁଯାୟୀ କୌଣସି କାର୍ଯ୍ୟ ସମ୍ପନ୍ନ ହେବ ନାହିଁ। ଦୂରଦର୍ଶିତା ଅଭାବରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବିବାଦୀୟ ପରିସ୍ଥିତି, ପିଲାଙ୍କ ବୈବାହିକ ସମସ୍ୟା, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଲାଗିରହିବ। କଳା, କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ମିଥୁନ** ଧନାଧିପଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟି ପ୍ରଭାବରୁ ଆର୍ଥିକ, ପ୍ରଶାସନିକ, ରାଜନୈତିକ ଓ ଆନୁଷ୍ଠାନିକ କାମରେ ସଫଳତା ପାଇବେ। ଶୁକ୍ରଙ୍କ ସୁପ୍ରଭାବରୁ ବିଳାସ ସାମଗ୍ରୀ କ୍ରୟ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ୍ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। ପିଲାଙ୍କ କୃତିତ୍ୱ କାରଣରୁ ଖୁସି ରହିବେ।

**କର୍କଟ** ସରକାରୀ କାମରେ କେହି ଅଯଥା କିଛି ଅଭିଯୋଗ ଆଣିପାରନ୍ତି। ଅବଶ୍ୟ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହା କି ବନ୍ଧୁ ଗହଣରେ ଆପଣ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବେ। ପ୍ରଶାସନ, ସାମ୍ବାଦିକତା ଓ ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ। ବନ୍ଧୁମିଳନ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ** ଶନି ଓ ମଙ୍ଗଳଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଚନ୍ଦ୍ର ମାନସିକ ସ୍ତରକୁ କ୍ଷତବିକ୍ଷତ କରିପାରେ। ବନ୍ଧୁଙ୍କ ଅନୁରୋଧ କିମ୍ବା ଅଫିସ୍ କାମରେ ଇଚ୍ଛା ନ ଥାଇ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ଆର୍ଥିକ ସମସ୍ୟା ମଧ୍ୟରେ ପିଲାଙ୍କ ଆବଶ୍ୟକତା ଅପୂରଣ ରହିବ ନାହିଁ। ରବିଙ୍କ ସବଳତାରୁ ସ୍ୱାସ୍ଥ୍ୟ, ପ୍ରଶାସନିକ କ୍ଷେତ୍ର, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**କନ୍ୟା** ଭାଗ୍ୟାଧିପତି ଉଚ୍ଚସ୍ଥ ହେତୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବେ। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିପାରନ୍ତି।

**ତୁଳା** ନିରାମୟ ସ୍ୱାସ୍ଥ୍ୟ ସଙ୍ଗକୁ ସରଳ ସାବଲୀଳ ଭାବରେ ଆଜିର ଜୀବନଯାତ୍ରା ସ୍ୱାଭାବିକ ରହିବ। ମଙ୍ଗଳ ଓ ଶନିଙ୍କ ସ୍ଥିତିଜନିତ ପାରିବାରିକ ସ୍ଥିତି ପରିବର୍ତ୍ତନର ଆଶା କରାଯାଇ ନ ପାରେ। ଆଇନ ଅଦାଲତ, ସଂଗଠନ, ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ପ୍ରିୟବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ।

**ବିଛା** ଅଯଥା ବ୍ୟୟ ସାଙ୍ଗକୁ ସମ୍ପର୍କୀୟଙ୍କ ବେଖାତିର କଥା ବେଶି ବାଧିବ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ମତାନ୍ତର ଘଟିବାର ସୂଚନା ରହିଛି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ଆନୁଷ୍ଠାନିକ କାମରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ଅଷ୍ଟମାଧିପ ନବମସ୍ଥ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଅତୀତ ଘଟଣା କିମ୍ବା ଅନ୍ୟମାନଙ୍କ ଘରୋଇ କଥା ଆଲୋଚନାରେ ମନ ଅଶାନ୍ତ ରହିବ। ବନ୍ଧୁଙ୍କ ସହ ଭଙ୍ଗା ପଡ଼ିଥିବା ସମ୍ପର୍କ ଯୋଡ଼ିବା ସକାଶେ ପ୍ରଯତ୍ନ କଲେ ସଫଳ ହେବେ। ଯାତ୍ରା, ପ୍ରତିଯୋଗିତା, ପରିବହନ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିପାରନ୍ତି।

**ମକର** ସପ୍ତମାଧିପ ଦୁଃସ୍ଥାନସ୍ଥ ଯୋଗୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତାରେ ବିଫଳ ହେବେ। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କୁମ୍ଭ** ରାଶିରେ ମଙ୍ଗଳ ଅବସ୍ଥାନ କରୁଥିବାରୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ଶୁକ୍ରଙ୍କ ସୁପ୍ରଭାବରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ସକାଶେ କେତୁ ପ୍ରଭାବରୁ ମାନସିକ ଓ ଶାରୀରିକ ସୁସ୍ଥତା ରହି ନ ପାରେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବ।

**ମୀନ** ମନ ପ୍ରଫୁଲ୍ଲ ରହିବ ଏବଂ କାମଗୁଡ଼ିକ ସୁରୁଖୁରୁରେ ସମ୍ପାଦିତ ହୋଇଯିବ। କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନାରି ଜିନିଷ କିଣି ପାରନ୍ତି। ରେବତୀ ନକ୍ଷତ୍ରର ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ସାମୟିକ ଦୁଶ୍ଚିନ୍ତାମୁକ୍ତ ହେବେ। ସହକର୍ମୀଙ୍କ ସହ ଆଲୋଚନା ଅନୁଯାୟୀ ଆଜିର ଅଫିସ କାମଗୁଡ଼ିକ ଠିକ୍ ହୋଇଯିବ।

ଆଜି ଏପ୍ରିଲ ୧୯ ତାରିଖ, ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ କାମଦା ଏକାଦଶୀ ଶୁକ୍ରବାର। ରାଶି ନକ୍ଷତ୍ର ଦିବା ଘ.୧୦.୫୬ମି. ଗତେ ପୂର୍ବାଫାଲଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୯ମି. ଗତେ ଘ.୦୬.୧୯ମି. ମଧ୍ୟେ, ଘ.୦୭.୦୯ମି. ଗତେ ଘ.୦୮.୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୧ମି. ଗତେ ଘ.୧୧.୪୫ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଆଜି ପ୍ରଥମ...

ସିକିମ୍‌ର ୧ ଏବଂ ଲାକ୍ଷାଦ୍ୱୀପର ୧ ଆସନରେ ଭୋଟଗ୍ରହଣ ହେବ। ଏହା ବ୍ୟତୀତ ରାଜସ୍ଥାନର ୧୨ ଆସନ, ଉତ୍ତରପ୍ରଦେଶର ୮, ମଧ୍ୟପ୍ରଦେଶର ୬, ଆସାମର ୫, ମହାରାଷ୍ଟ୍ରର ୫, ବିହାରର ୪, ପଶ୍ଚିମବଙ୍ଗର ୩, ମଣିପୁରର ୨ ଏବଂ ତ୍ରିପୁରା, ଜମ୍ମୁ-କଶ୍ମୀର ଏବଂ ଛତିଶଗଡ଼ର ଗୋଟିଏ ଲେଖାଏ ଆସନରେ ମତଦାନ କରାଯିବ। ଏହି ପର୍ଯ୍ୟାୟ ନିର୍ବାଚନଲାଗିବୁଧବାରସନ୍ଧ୍ୟାରେପ୍ରଚାରଶେଷହୋଇଥିଲା।

ଛତିଶଗଡ଼ର ମାଓବାଦୀ ପ୍ରବଣ ବସ୍ତର ଆସନରେ ଶୁକ୍ରବାର ମତଦାନ ଥିବାରୁ ଏଥିପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବାବେଳେ ମତଦାନକୁ ବର୍ଜନ କରିବା ପାଇଁ ମାଓବାଦୀ ସଂଗଠନ ଆହ୍ୱାନ ଦେଇଥିବାରୁ ସୁରକ୍ଷା ବଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଗତ ୧୬ ତାରିଖରେ କଙ୍କେର ଜିଲାରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ବରିଷ୍ଠ କ୍ୟାଡରଙ୍କ ସମେତ ୨୯ ମାଓବାଦୀ ନିହତ ହୋଇଥିବାରୁ ସେମାନଙ୍କ ପାଇଁ ବଡ଼ ଝଟକା ଲାଗିଛି। ମାଓବାଦୀ ପ୍ରବଣ ଇଲାକାରେ ସକାଳ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବାକୁ ଥିବାବେଳେ ଅନ୍ୟ କେତେକ ସ୍ଥାନରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ମଧ୍ୟରୁ ୪୫୦ ଜଣ କୋଟିପତି ଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ରିପୋର୍ଟରୁ ଜଣାପଡ଼ିଛି, ଯାହାକି ମୋଟ ପ୍ରାର୍ଥୀ ସଂଖ୍ୟାର ୨୮ ପ୍ରତିଶତ। ଭାଜପା ପ୍ରାର୍ଥୀଙ୍କ ମଧ୍ୟରୁ ୯୦ ପ୍ରତିଶତ (୬୯ ଜଣ) କୋଟିପତି ହୋଇଥିବାବେଳେ କଂଗ୍ରେସର ୮୮%(୪୯ ଜଣ), ଏଆଇଏଡିଏମ୍‌କେର ୯୭% (୩୫ ଜଣ), ଏବଂ ଡିଏମ୍‌କେର ୯୬% (୨୧ ଜଣ) ପ୍ରାର୍ଥୀ କୋଟିପତି।

## ରାଜ୍ୟରେ ଆରମ୍ଭ...

ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବ। ୪ଟି ସଂସଦୀୟ କ୍ଷେତ୍ରରେ ମୋଟ ୬୨ ଲକ୍ଷ ୮୪ ହଜାର ୬୪୯ ଜଣ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୧ ଲକ୍ଷ ୮୭ ହଜାର ୭୭୧ ଜଣ ମହିଳା ମତଦାତା ଥିବାବେଳେ ୩୦ ଲକ୍ଷ ୯୬ ହଜାର ୨୪୩ ଜଣ ପୁରୁଷ ମତଦାତା ରହିଛନ୍ତି। ସେହିପରି ୧୮ରୁ ୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨.୭ ପ୍ରତିଶତ ଥିବାବେଳେ ୨୦ରୁ ୨୯ ବର୍ଷ ବୟସ୍କ ଭୋଟରଙ୍କ ସଂଖ୍ୟା ୨୩ରୁ ୩୪ ପ୍ରତିଶତ ରହିଛି। କଳାହାଣ୍ଡି ଲୋକ ସଭା କ୍ଷେତ୍ରରେ ଥିବା ନୂଆପଡ଼ା, ଖଡ଼ିଆଳ, ଲାଞ୍ଜିଗଡ଼ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ ହେବ। ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲାରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଭୋଟ ଗ୍ରହଣ ହେବ। ନବରଙ୍ଗପୁର ଲୋକ ସଭା କ୍ଷେତ୍ରର ଉମରକୋଟ, ଝରିଗାଁ, ଡାବୁଗାଁ ଓ ନବରଙ୍ଗପୁର ବିଧାନସଭା ଆସନରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଏବଂ କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡାରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ମତଦାନ ହେବ। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ପାରଳାଖେମୁଣ୍ଡିରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଓ ମୋହନାରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ ହେବ। ସେହିପରି କୋରାପୁଟ ସଂସଦୀୟ କ୍ଷେତ୍ରର ଗୁଣୁପୁର, ବିଷମକଟକ, ରାୟଗଡ଼ା ଓ କୋରାପୁଟ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା, ଲକ୍ଷ୍ମୀପୁର ଓ ପଟାଙ୍ଗୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ଏବଂ ଜୟପୁର ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହିତ ସେ ନିର୍ବାଚନର ସାମଗ୍ରିକ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି।

## ଇଭିଏମ୍ ମକ୍ ପୋଲ୍...

କରାଯାଇଥିଲା। ଅନ୍ୟୂନ ୪ଟି ଇଭିଏମ୍‌ରେ ଭୁଲ୍‌ବଶତଃ ଭାଜପା ସପକ୍ଷରେ ଅଧିକ ଭୋଟ ଯାଇଥିବା ନେଇ ଉଭୟ ବାମ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍) ଏବଂ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଭିଭିପିଏଟିରେ ଲାଗିଥିବା ଅସ୍ୱଚ୍ଛ କାଚ ବଦଳରେ ସ୍ୱଚ୍ଛ କାଚ ଲଗାଇବାକୁ ମଧ୍ୟ ଆବେଦନକାରୀମାନେ ଦାବି କରିଛନ୍ତି। ଫଳରେ ଇଭିଏମ୍‌ରେ ଭୋଟ ଦେବା ସମୟରେ ୭ ସେକେଣ୍ଡ ପାଇଁ ଭିଭିପିଏଟିରେ ଆଲୋକ ଜଳୁଥିବାବେଳେ ଭୋଟରମାନେ ସ୍ୱଚ୍ଛ କାଚ ଉକ୍ତ ସ୍ଲିପ୍‌କୁ ଦେଖିପାରିବେ ଏବଂ ସେମାନଙ୍କ ଭୋଟ ପ୍ରକୃତ ପ୍ରାର୍ଥୀଙ୍କ ପାଖକୁ ଯାଇଛି କି ନାହିଁ ନିଶ୍ଚିତ ହୋଇପାରିବେ। ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୀନ୍ଦର ସିଂ ଏବଂ ଆବେଦନକାରୀମାନଙ୍କ ତରଫରୁ ପ୍ରଶାନ୍ତ ଭୂଷଣ, ଗୋପାଳ ଶଙ୍କରନାରାୟଣନ ଓ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

ତେବେ ମକ୍ ପୋଲିଂ ବେଳେ ୪ଟି ଇଭିଏମ୍‌ରେ ଭାଜପାକୁ ଗୋଟିଏ ଲେଖାଏ ଅଧିକ ଭୋଟ ଯାଇଥିବା ରିପୋର୍ଟକୁ ଗୁରୁବାର ନିର୍ବାଚନ କମିଶନ ଖଣ୍ଡନ କରିଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଇସି ଅଧିକାରୀ ନିତେଶ କୁମାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଜିଲାପାଳଙ୍କଠାରୁ ମିଳିଥିବା ଅଭିଯୋଗକୁ ଆମେ ଯାଞ୍ଚ କରିଛୁ ଏବଂ ତାହା ମିଛ ବୋଲି ଜଣାପଡ଼ିଥିବା ନିତେଶ କହିଥିଲେ। ମଙ୍ଗଳବାର ଶୁଣାଣି ବେଳେ ଇଭିଏମ୍ ବଦଳରେ ପୁଣିଥରେ ବାଲଟ ପେପର ବ୍ୟବସ୍ଥାକୁ ଫେରିବା ପାଇଁ ହୋଇଥିବା ଦାବିକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।

## ଜଳୁଛି ସାରା...

ଜଗତ୍‌ସିଂହପୁର, ଯାଜପୁର, ଢେଙ୍କାନାଳ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି ଏବଂ ଗଞ୍ଜାମ ଜିଲାରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଭଳି ୨୦ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ନୂଆପଡ଼ା, ଅନୁଗୋଳ, ନୟାଗଡ଼, ମୟୂରଭଞ୍ଜ, ବୌଦ୍ଧ ଏବଂ କେନ୍ଦୁଝରକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। କୋରାପୁଟ, ମାଲକାନଗିରି, ସୋନପୁର, ବଲାଙ୍ଗୀର ଏବଂ କଳାହାଣ୍ଡିରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ତାରିଖରେ ମଧ୍ୟ କିଛିଜିଲାକୁଗ୍ରୀଷ୍ମପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଖରା ସମୟରେ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସାଧାରଣ ଲୋକ, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ଛୋଟ ପିଲା, ରୋଗାକ୍ରାନ୍ତ ଲୋକ ଖରାର ପିକ୍ ସମୟ(ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା) ଯାଏ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ପିକ୍ ସମୟରେ ଘରୁ ବାହାରିବା ସମୟରେ ଛତା, ଜୋତା ଓ ପାଣି ବୋତଲ ପରି ଆବଶ୍ୟକୀୟ ସାମଗ୍ରୀ ସାଥିରେ ନେବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୫ତାରିଖରେ ଭୁବନେଶ୍ୱରରେ ତାପମାତ୍ରା ୪୩.୫ଡିଗ୍ରୀ ରହିଥିଲା, ଯାହାକି ଦେଶରେ ଦ୍ୱିତୀୟ ଏବଂ ଏସିଆର ଷଷ୍ଠ ସ୍ଥାନରେ ରହିଥିଲା।

## ନାବାଳିକା ବଳାତ୍କାରୀଙ୍କୁ...

ଗର୍ଭବତୀ ଥିବା ଜଣାପଡ଼ିଥିଲା। କାଉନ୍‌ସେଲିଂ ବେଳେ ନାବାଳିକା ବଳାତ୍କାର ସମ୍ପର୍କରେ କହିଥିଲେ। ପରେ କୋର୍ଟଙ୍କ ଅନୁମତିରେ ପୂର୍ବ ମାମଲାରେ ଜେଲରେ ଥିବା ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡିଏନ୍‌ଏ ଟେଷ୍ଟ କରାଯାଇଥିଲା। ୨୦୨୧ ଜୁନ୍ ୨୭ରେ ନାବାଳିକା ମେଡିକାଲରେ ଏକ ମୃତ ଶିଶୁ ଜନ୍ମକରିବା ସହ କିଛିଦିନ ପରେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ଓପନ ସେଲ୍‌ଟରର କର୍ମଚାରୀ ମୋନିକା ସାହୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୨୦୨୧ ଜୁନ୍ ୨୩ରେ ଏକ ମାମଲା(ନଂ. ୨୨୭/୨୦୨୧) ରୁଜୁ କରିଥିଲା। ପୋଲିସ ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ପୋଲିସ ଅନୁସନ୍ଧାନ ରିପୋର୍ଟ ଓ ୧୬ ଜଣ ସାକ୍ଷୀଙ୍କ ବୟାନ ତଥା ମେଡିକାଲ ରିପୋର୍ଟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ କରିଥିବା ପବ୍ଲିକ୍ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି।

## ସାମାନ୍ୟ ବଚସାରୁ...

ଆଦିତ୍ୟଙ୍କୁ ଅଟକ ରଖିବା ସହ ତାଙ୍କ ନିକଟରୁ ଛୁରିକୁ ଜବତ କରିଛି। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ, ଅକ୍ଷୟ ଜଣେ ଇଲେକ୍ଟ୍ରିସିଆନ। ଏସି ମେକାନିକ୍ ଭାବେ କାର୍ଯ୍ୟ ସାରି ହନୁମାନ ମନ୍ଦିର ନିକଟରେ ବସିଥିଲେ। ଅପରପକ୍ଷରେ ଆଦିତ୍ୟଙ୍କ ପରିବାର କଂସାର ଗ୍ରାମରୁ ଆସି ନିକଟରେ ଟାଉନ ବଳରାମପୁରରେ ବସବାସ କରୁଛନ୍ତି। ଆଦିତ୍ୟ ସାମାନ୍ୟ ମାନସିକ ବିକୃତ ଥିବା ଯୁବକ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଆଦିତ୍ୟଙ୍କୁ ଅକ୍ଷୟ ମଜାରେ ତୁମ ପେଣ୍ଟ ଖସି ପଡ଼ିଥିବା କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଆଦିତ୍ୟ ଘରକୁ ଯାଇ ଛୁରି ଆଣି ଅକ୍ଷୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଭୁସି ଥିଲେ। ସ୍ଥାନୀୟ ଲୋକ ଅକ୍ଷୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

## ସାଙ୍ଗଙ୍କୁ ପଥରରେ...

ଫଳରେ ଘଟଣାସ୍ଥଳରେ ହିଁ ଅକ୍ଷୟଙ୍କ ମୃତ୍ୟୁ ଘଟିଥିଲା। ଅକ୍ଷୟଙ୍କ ମୃତ୍ୟୁ ଘଟିଥିବା ଜାଣି କିରଣ ସେଠାରୁ ଚାଲିଯାଇଥିଲେ। ଏ ନେଇ ଗୁରୁବାର ଅକ୍ଷୟଙ୍କ ଭାଇ ମିଲନ ନାଏକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ କାଶିପୁର ହାଣ୍ଡିଆ ଭାଟିରୁ କିରଣ ଏବଂ ତାଙ୍କ ଭାଇ ମୁନାଙ୍କୁ ଉଠାଇ ନେଇଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଏସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୨୩୯/ ୨୦୨୪) ରୁଜୁ ପରେ ଅଭିଯୁକ୍ତ କିରଣଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ତେବେ ତଦନ୍ତ ପରେ ମୁନାଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି।

## ଆରମ୍ଭ ହେଲା ନାମାଙ୍କନ ଦାଖଲ


ଚିକିଟି ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି ।


ମୋହନାର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥି ଗମାଙ୍ଗ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ନବରଙ୍ଗପୁର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ଭୁଜବଳ ମାଝି ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ବିଜେଡିର ଡାବୁଗାଁ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ପ୍ରଥମ ଦିନରେ ନାମାଙ୍କନ ଦାଖଲ କଲେ ୫ ପ୍ରାର୍ଥୀ

**ବ୍ରହ୍ମପୁର/ପାରଳାଖେମୁଣ୍ଡି/ନବରଙ୍ଗପୁର/କୋରାପୁଟ, ୧୮।୪(ସ୍ମୃତିରଞ୍ଜନ ମହାଲିକ/ଗିରିଧାରୀ ପରିଚ୍ଛା/ ସଦାଶିବ ପ୍ରହରାଜ/ ଅମିତାଭ ବେହେରା)**

ଓଡ଼ିଶାରେ ୪ଟି ସଂସଦୀୟ କ୍ଷେତ୍ର ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଓ ବ୍ରହ୍ମପୁର ପାଇଁ ଆସନ୍ତା ମେ' ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା, ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥି ଗମାଙ୍ଗ, ନବରଙ୍ଗପୁର ଲୋକ ସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝୀ, ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରୀ ଓ କୋରାପୁଟ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ କୃଷ୍ଣ କୁଲଦୀପ। ସେମାନେ ନିଜ ନିଜ ସମର୍ଥକମାନଙ୍କ ସହିତ ଆସି ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି।

# ଦନ୍ତା ଆକ୍ରମଣରେ ମହିଳା ମୃତ

**ବଡ଼ବିଲ,୧୮।୪ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ଗୁଆଲି ସେକ୍ସନ ଜଙ୍ଗଲରେ ଗୁରୁବାର ଜଣେ ମହିଳାଙ୍କୁ ଏକ ଦନ୍ତାହାତୀ ଦଳି ମାରିଦେଇଥିବା ଜଣାପଡ଼ିଛି। ମୃତା ମହିଳା ହେଲେ ନୂଆଗାଁ ଦଳକ ସାହିର ଚାମରା ମୁଣ୍ଡାଙ୍କ ସ୍ତ୍ରୀ ସୁମି(୪୫)। ସୂଚନା ଅନୁଯାୟୀ, ସୁମି ତାଙ୍କ ବଡ଼ ଯାଆ ସୁଲୋଚନା ମୁଣ୍ଡାଙ୍କ ସହ ଘର ପାଖ ଜଙ୍ଗଲକୁ ପତ୍ର, ଦାନ୍ତକାଠି ଏବଂ ଜାଳେଣି ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ହାବୁଡରେ ପଡ଼ିଯାଇଥିଲେ। ହାତୀକୁ ଦେଖି ବଡ଼ ଯାଆ ସୁଲୋଚନା ଦୌଡ଼ି ନିଜର ଜୀବନ ରକ୍ଷା କରିଥିବା ବେଳେ ସୁମିଙ୍କୁ ଦନ୍ତା ହାତୀଟି ଦଳି ଚକଟି ମାରି ଦେଇଥିଲା। ସୂଚନା ପାଇ ବନ ବିଭାଗ ଅଧିକାରୀ ଓ ରୁଗୁଡ଼ି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଭିଟାମାଟି ଛାଡ଼ି ଅନୁତପ୍ତ ବୁଡ଼ିଅଞ୍ଚଳ ବିସ୍ଥାପିତ

**ବଲାଙ୍ଗୀର, ୧୮।୪ (ବୀରେନ୍ଦ୍ର କୁମାର ଝାଙ୍କର)**

- ପିଇବା ପାଣି ପାଇଁ ମହିଳାମାନେ ପ୍ରତିଦିନ ଚାଲୁଛନ୍ତି ୬ କି.ମି.
- ପ୍ରଚଣ୍ଡ ଖରାରେ ଅସ୍ଥାୟୀ ଟିଣଘରେ ସିଝୁଛନ୍ତି
- ବାରମ୍ବାର ଦାବି ପରେ ବି ଶୁଣୁନି ପ୍ରଶାସନ

ଲୋୟର ସୁକ୍‌ତେଲ ଡ୍ୟାମ୍ ହେଲେ ଚିର ମରୁଡି ପ୍ରପୀଡିତ ବଲାଙ୍ଗୀର ଜିଲା ଜଳପ୍ଲାବିତ ହେବ। ହଜାର ଏକର କୃଷିକ୍ଷେତ୍ରକୁ ପାଣି ମାଡ଼ିବ। ଏକାଧିକ ସହର, ଗାଁ ଲୋକଙ୍କ ପାନୀୟ ଜଳ ସମସ୍ୟା ସବୁଦିନ ପାଇଁ ଦୂର ହେବ। ଜିଲାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହେବ। ଅନଗ୍ରସର ଜିଲା ତାଲିକାରୁ ବାଦ୍ ପଡି ବିକଶିତ ତାଲିକାକୁ ଉନ୍ନୀତ ହେବ ଏଇ ଜିଲା। ଏଭଳି ବିକାଶର କଥା କହି ସରକାର ପ୍ରକଳ୍ପ ପ୍ରଭାବିତ ଲୋଇସିଂହା ଓ ବଲାଙ୍ଗୀର ବ୍ଲକ ଅଧୀନ ୨୯ଖଣ୍ଡ ଗାଁର ବିସ୍ଥାପିତଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ କଥାକୁ ବିଶ୍ୱାସ କରି ସହସ୍ରାଧିକ ଲୋକ ନିଜ ଭିଟାମାଟି ଛାଡିଥିଲେ। ହେଲେ ଗାଁ ଛାଡିବା ଦିନଠାରୁ ବିସ୍ଥାପିତଙ୍କ ଜୀବନ ହୋଇପଡିଛି ଦୁର୍ବିଷହ। ଜିଲାକୁ ଜଳପ୍ଲାବିତ କରିବା ପାଇଁ ସର୍ବସ୍ୱ ତ୍ୟାଗ କରିଥିବା ବିସ୍ଥାପିତଙ୍କୁ ଏବେ ପ୍ରଚଣ୍ଡ ଖରାରେ ମିଳୁନାହିଁ ମୁନ୍ଦାଏ ପାଣି। ଲୋଇସିଂହା ବ୍ଲକ୍‌ର କୁସମେଲସ୍ଥିତ ଲୋୟର ସୁକତେଲ ଅସ୍ଥାୟୀ ଥଇଥାନ କଲୋନୀରେ ସେମାନେ ଏବେ ସଂଘର୍ଷମୟ ଜୀବନଯାପନ କରୁଛନ୍ତି।

ଗାଁକୁ ଲାଗି ରହିଥିଲା ସୁକ୍‌ତେଲ ନଈ। ଘର ପଛପଟ ବାଡିରେ ଥିଲା କୂଅ, ପୋଖରୀ। ଘର ସମ୍ମୁଖ ରାସ୍ତା କଡରେ ଥିଲା ନଳକୂପ। ପାଣି ଅଭାବ ବୋଲି କିଛି ଜାଣି ନ ଥିଲେ ଲୋଇସିଂହା ବ୍ଲକ ବନ୍‌ଛୋରପାଲି, ଗଡଶଙ୍କର ଡୁଙ୍ଗୁରିପାଲି, ପୋଡ଼ମୁଣ୍ଡ, କୋଇଣ୍ଡାପାଲି ଓ ବିଜାପାଟି ଭଳି କେତେ ଖଣ୍ଡ ଗାଁର ଲୋକ। ଆଜି କିନ୍ତୁ ସେମାନେ ବିସ୍ଥାପିତ। ଥଇଥାନ କଲୋନୀରେ ନାହିଁ ନାହିଁର ଇଲାକା ଭିତରେ ସନ୍ତପ୍ତ ସେମାନଙ୍କ ଜୀବନ। ବଲାଙ୍ଗୀର ଜିଲା ସଦର ମହକୁମାଠାରୁ ପ୍ରାୟ ୧୫ କିଲୋମିଟର ଦୂର ଲୋଇସିଂହା ବ୍ଲକ୍‌ର କୁସମେଲସ୍ଥିତ ଲୋୟର ସୁକତେଲ ଅସ୍ଥାୟୀ ଥଇଥାନ କଲୋନୀ ଏବେ ସେମାନଙ୍କ ନୂଆ ଠିକଣା। ସେଠାରେ ରହୁଛନ୍ତି ୩୨ଟି ଭୂମିହୀନ ପରିବାର। ଗତ ପ୍ରାୟ ୯ମାସ ହେଲା ଅସ୍ଥାୟୀ ଟିଣ ଘରେ ରହୁଛନ୍ତି ଏମାନେ। ଏଠାରେ ପିଇବା ପାଣି ବ୍ୟବସ୍ଥା ନାହିଁ। ଏଣୁ ପ୍ରତିଦିନ ସକାଳୁ ଏବଂ ସଞ୍ଜରେ ପାଣି ସଂଗ୍ରହ ପାଇଁ ପ୍ରାୟ ଦେଢ଼ କିଲୋମିଟର ଦୂର ଫଟାବାହାଲ ଗାଁକୁ ଯାଇ ଆଣୁଛନ୍ତି। ଖରାଦିନ ଆସିବା ପରେ ଦିନକୁ ପ୍ରାୟ ୬ ଥର ଫଟାବାହାଲ ଯିବା ଆସିବା କରିବାକୁ ପଡୁଛି ସେମାନଙ୍କୁ ପିଇବା ପାଣି ପାଇଁ। ପ୍ରତିଦିନ ଘରର ମହିଳା ସଦସ୍ୟ ଓ କିଛି ସ୍କୁଲପିଲା ଚାଲିଚାଲି ଫଟାବାହାଲ ଯାଇ ପାଣି ସଂଗ୍ରହ କରୁଛନ୍ତି। ଥଇଥାନ କଲୋନୀରେ ନଳକୂପ ଅଛି। ଭଲ ପାଣି ବାହାରୁ ନାହିଁ। ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ପ୍ରଶାସନ ପ୍ରତିଶ୍ରୁତି ଦେଇ ଚୁପ୍। ଏପର୍ଯ୍ୟନ୍ତ ଆସିନାହିଁ ପାଣି ଟ୍ୟାଙ୍କର। ବିସ୍ଥାପିତମାନେ କହିଛନ୍ତି ଯେ, ସେମାନଙ୍କୁ ଠକି ଦିଆଯାଇଛି। ସେମାନଙ୍କ ଦୁଃଖ ଶୁଣିବାକୁ ଏବେ କେହି ନାହିଁ; ନା' ପ୍ରଶାସନ ନା' ରାଜନେତା। ଏଠାକାର ଅସ୍ଥାୟୀ ଟିଣ ଛାଉଣୀ ଘରେ ଏବେ କଲବଲ ହେଉଛନ୍ତି ଆବାଳ ବୃଦ୍ଧବନିତା। ତାପମାତ୍ରା ବୃଦ୍ଧି ଯୋଗୁ ଜୀବନ ହେଲାଣି ଦୁର୍ବିଷହ। ଟିଣଘରେ ଅନୁଭୂତ ହେଉଛି ୪୫/୪୬ ଡିଗ୍ରୀରୁ ଅଧିକ ତାପମାତ୍ରା। ଦିନ ସାରା ଲୋକେ ଟିଣଘରେ ରହି ନ ପାରି ଗଛତଳେ ରହୁଛନ୍ତି। ବିସ୍ଥାପିତ ହେବା ପୂର୍ବରୁ ଏଇ ଭୂମିହୀନ ପରିବାରବର୍ଗଙ୍କୁ ପ୍ରଶାସନ ସର୍ବାଧିକ ୫ ଲକ୍ଷ ଯାଏ ସହାୟତା ରାଶି ଦେଇଥିଲେ। ସେମାନଙ୍କୁ ଘରଡିହ, ଆବାସ ଘର ମିଳିବ ଏବଂ ସେମାନଙ୍କ ରୋଜଗାର ସୁନିଶ୍ଚିତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏବେ ସବୁ ପାଣିର ଗାର। ଗତ ୯ମାସ ହେଲା ଏଇ ବିସ୍ଥାପିତଙ୍କ ପିଲାଛୁଆ ପାଠ ପଢୁନାହାନ୍ତି। ଅସ୍ଥାୟୀ କଲୋନୀ ପାଖରେ ସ୍କୁଲ ନାହିଁ। କିଛିଦିନ ତଳେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଅସ୍ଥାୟୀ କଲୋନୀ ପରିଦର୍ଶନ କରି ମୌଳିକ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ପିଇବା ପାଣି ବ୍ୟବସ୍ଥା ହୋଇନାହିଁ। ମିଳିଥିବା ସୂଚନା ମୁତାବକ ଝାଙ୍କରପାଲି, କୁସମେଲ, ଗେଡାବାଞ୍ଜି ଓ ଅନ୍ୟ ଥଇଥାନ କଲୋନୀରେ ମଧ୍ୟ ବିସ୍ଥାପିତମାନେ ପିଇବା ପାଣି ପାଇଁ ଏବେ ଡହଳ ବିକଳ। ଜିଲାକୁ ଜଳପ୍ଲାବିତ କରିବାର ସୂତ୍ରଧର ସାଜିଥିବା ଏଇ ବିସ୍ଥାପିତମାନେ ଏବେ ସର୍ବସ୍ୱ ତ୍ୟାଗ କରି ପାଣିପାଇଁ ସଂଘର୍ଷ କରିବା ବିଡମ୍ବନା ମାତ୍ର।


କୁସ୍‌ମେଲ ଅସ୍ଥାୟୀ ଥଇଥାନ କଲୋନୀର ମହିଳାମାନେ ଦେଢ଼ କିଲୋମିଟର ଦୂର ଫଟାବାହାଲ ଗାଁରୁ ପାଣି ଆଣୁଛନ୍ତି।

# ଅଙ୍ଗଦାନ କରିଥିବା ମହିଳାଙ୍କୁ ଗାର୍ଡ ଅଫ୍ ଅନର


ପୋଲିସ କର୍ମଚାରୀ ଗାର୍ଡ ଅଫ୍ ଅନର ଦେଉଛନ୍ତି।

**ହାଟଡ଼ିହୀ,୧୮।୪(ଶୁଭକାନ୍ତ ନାୟକ/ସତ୍ୟବ୍ରତ ଜେନା/ପାର୍ଥସୌରଭ ସା)**

ଅଙ୍ଗଦାନ କରୁଥିବା ବ୍ୟକ୍ତି ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟିକରି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଥାନ୍ତି। ମୃତ୍ୟୁ ପରେ ସେମାନଙ୍କୁ ସମ୍ମାନ ଦେବାକୁ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ସଡ଼ା ଗ୍ରାମର ଅଙ୍ଗଦାନ କରିଥିବା ଜଣେ ମହିଳାଙ୍କୁ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୭ ଦିନ ପୂର୍ବେ ଅର୍ଥାତ୍ ଗତ ଗୁରୁବାର ଗ୍ରାମର ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ସଂଯୁକ୍ତା(୪୮) ଶୌଚ ହେବାକୁ ଯାଇଥିବା ବେଳେ ପାଇଖାନା ଘରେ ଗୋଡ଼ ଖସିଯିବାରୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ଗତ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପରିବାର ଲୋକେ ମୃତ ମହିଳାଙ୍କ ଅଙ୍ଗଦାନ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଏନେଇ ରବୀନ୍ଦ୍ର ସ୍ତ୍ରୀଙ୍କ ଅଙ୍ଗଦାନ ନିମନ୍ତେ ସେଠାକାର ଡାକ୍ତରଙ୍କୁ ଜଣାଇଥିଲେ। ଏଥିରେ ସପରିବାର ମେଡିକାଲରେ ଲିଖିତ ଆକାରରେ ଅଙ୍ଗଦାନ ନିମନ୍ତେ ସହମ୍ମତି ପ୍ରଦାନ କରିଥିଲେ। ଅଙ୍ଗଦାନ ପରେ ଗୁରୁବାର ତାଙ୍କ ମରଶରୀର ନିଜ ଗ୍ରାମରେ ପହଞ୍ଚିଥିଲା। ପ୍ରଶାସନ ପକ୍ଷରୁ ଅଙ୍ଗଦାନ କରିଥିବା ମହିଳାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଛି। କେନ୍ଦୁଝର ଏଡିଏମ୍ ଲଳିତ ସୋରେନ, ଆନନ୍ଦପୁର ଉପଜିଲାପାଳ ଫାଲ୍‌ଗୁନୀ ମାଝି, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା, ହାଟଡ଼ିହୀ ତହସିଲଦାର ହାବିଲ ଖାଖା, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ସୋସୋ ଥାନା ଅଧିକାରୀ ବିଜୟ ବିହାରୀ ପ୍ରମୁଖଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସାମାଜିକ କର୍ମୀ ଅଭିମନ୍ୟୁ ସେଠୀ, ପୂର୍ବତନ ସରପଞ୍ଚ ଜୟନ୍ତୀ ସାମଲ, ରବୀନ୍ଦ୍ର ନାୟକ, ବୈଦ୍ୟନାଥ ସାମଲ, ବିଜୟ ରାଉତ, ବୀରେନ୍ଦ୍ର ବିଶ୍ୱାଳ, ବୈଲୋଚନ ନାୟକ, କାମପାଳ ନାୟକ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଗାର୍ଡ ଅଫ ଅନର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଉପଜିଲାପାଳ ମାଝି କହିଛନ୍ତି, ମହିଳା ଜଣଙ୍କ ଅଙ୍ଗଦାନ କରି ମହନୀୟତାର ପରିଚୟ ସୃଷ୍ଟି କରିଥିବାରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।

# ଯାଞ୍ଚ ବେଳେ ଗାଡ଼ିରୁ ୧୦ଲକ୍ଷ ଜବତ

**ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ହଳଦୀପାଲି ଛକରେ ଯାଞ୍ଚ ଚଳାଇ ଥିବାବେଳେ ଗୁରୁବାର ୧୦ଲକ୍ଷ ଟଙ୍କା ଜବତ କରିଛି। ଏହା ସହିତ ଏକ ପିକଅପ୍ ଭ୍ୟାନକୁ ଜବତ କରିବା ସହିତ ଗାଡି ଡ୍ରାଇଭରଙ୍କୁ ଟାଉନ ଥାନାରେ ଅଟକ ରଖାଯାଇଛି। ନିର୍ବାଚନ ସହିତ ଜବତ ଟଙ୍କାର ସମ୍ପର୍କ ରହିଛି କି ନାହିଁ, ସେ ନେଇ ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ କହିଛନ୍ତି। ସମ୍ପୃକ୍ତ ପିକଅପ୍ ଭ୍ୟାନ ବରପାଲି ପଟରୁ ସମ୍ବଲପୁର ଆଡକୁ ଯାଉଥିବା ପୋଲିସ କହିଛି। ଚଳିତ ନିର୍ବାଚନରେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ବରଗଡ଼ରେ ଏତେବେଶୀ ଟଙ୍କା ଜବତ ହେବା ପ୍ରଥମ ଘଟଣା। ନିର୍ବାଚନ ସହିତ ସେହି ଟଙ୍କାର ସମ୍ପର୍କ ରହିଥିବା ପ୍ରମାଣ ମିଳିଲେ ନିୟମ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫ୍ଲାଇଂ ସ୍କ୍ୱାଡ୍‌କୁ ଲିଡ୍ କରୁଥିବା ବରଗଡ଼ ଅତିରିକ୍ତ ତହସିଲଦାର ଦିବାକର ପ୍ରଧାନ କହିଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା ପିକଅପ୍ ଭ୍ୟାନ ଡ୍ରାଇଭର ସେହି ଟଙ୍କା ନେଇ ସନ୍ତୋଷଜନକ ଉତ୍ତର ରଖିପାରି ନାହାନ୍ତି। ଗାଡ଼ି ମାଲିକଙ୍କୁ ଖବର ଦିଆଯାଇଛି, ସେ ଆସିଲେ ତାଙ୍କୁ ପଚରାଉଚରା କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକ ଏବଂ ବରାହଗୋଡ଼ା ନିକଟ ବିକାଶ ସ୍କୁଲ ଛକରେ ପୋଲିସ ନିୟମିତ ଯାଞ୍ଚ ଜାରି ରଖିଛି।


ଜବତ ଟଙ୍କାକୁ ପୋଲିସ ଦେଖାଉଛି।

# ରାସ୍ତାରେ ଜଳିଗଲା ଚଳନ୍ତା କାର୍

**କାମାକ୍ଷାନଗର,୧୮।୪(ଅମ୍‌ଜାଦ୍ ଖାନ୍)-** ଢେଙ୍କାନାଳ ଜିଲା ମହାବିରୋଡ୍ ଥାନା ତୋରଡ଼ାନାଳୀ ଗାଁ ନିକଟରେ ଗୁରୁବାର ଏକ ଚଳନ୍ତା କାର୍ ରାସ୍ତା ଉପରେ ଜଳିଯାଇଛି। ତେବେ ଗାଡ଼ିରେ ଥିବା ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶର୍ଟସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

# ମାଲକାନଗିରି ଜିଲା ସୀମାରେ ହାଇ ଆଲର୍ଟ

**ମାଲକାନଗିରି,୧୮।୪(ଦୁର୍ଯ୍ୟୋଧନ ପାତ୍ର)**

**ଛତିଶଗଡ଼ ନିର୍ବାଚନ ଆଜି**

## ଡ୍ରୋନ୍ ମାଧ୍ୟମରେ ମାଓବାଦୀ ଗତିବିଧି ଉପରେ ତୀକ୍ଷ୍ଣ ନଜର

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ମାଓବାଦୀମାନେ ସୀମାନ୍ତ ଛତିଶଗଡ଼ରେ ସେମାନଙ୍କର କାୟା ବିସ୍ତାରକରି ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। କେନ୍ଦ୍ର ଓ ଛତିଶଗଡ଼ ସରକାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସୁରୁଖୁରୁରେ କରିବା ପାଇଁ ମାଓବାଦୀ ଦମନ ଅଭିଯାନ ଚଳାଇଥିଲା ବେଳେ ୧ ମାସ ମଧ୍ୟରେ ପ୍ରାୟ ୮୦ ମାଓବାଦୀଙ୍କୁ ମୃତ୍ୟୁ ହେବା ସହ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସୀମାନ୍ତରେ ଘନ ଘନ କୋମ୍ବିଂ ଯୋଗୁ ଛତିଶଗଡ଼ ମାଓବାଦୀମାନେ ଓଡ଼ିଶା ସୀମାକୁ ପ୍ରବେଶ କରିବାର ଆଶଙ୍କାକୁ ଦୃଷ୍ଟିରେ ରଖି ମାଲାକନଗିରି ଏସ୍‌ପି ନୀତୀଶ ବାଧ୍ୱାନୀ ସୀମାନ୍ତରେ ସୁରକ୍ଷାକୁ କଡ଼ାକଡ଼ି କରିଛନ୍ତି। ଏସ୍‌ପି ବାଧ୍ୱାନୀଙ୍କୁ ସୁରକ୍ଷା ସମ୍ବନ୍ଧରେ ପଚାରିବାରୁ ଓଡ଼ିଶା ଭିତରକୁ ମାଓବାଦୀମାନେ ଯେପରି ପ୍ରବେଶ ନ କରନ୍ତି କିମ୍ବା କୌଣସି ଅଘଟଣ ନ ଘଟାନ୍ତି ସେଥିପାଇଁ ମାଲକାନଗିରି ଜିଲା ସୀମାକୁ ଲାଗିଥିବା ୨୪ ପ୍ରବେଶ ପଥକୁ ସିଲ୍ କରି ଦିଆଯାଇଛି। ଯାନବାହନକୁ କଡ଼ାକଡ଼ି ଯାଞ୍ଚ କରାଯିବା ସହ ଗୋଟିଏ ପ୍ଲାଟୁନ ଡିଭିଏଫ୍, ୪ ପ୍ଲାଟୁନ ଏସ୍‌ଓଜି, ୧୬ ପ୍ଲାଟୁନ ବିଏସ୍‌ଏଫ୍‌ଙ୍କୁ ଦିନରାତି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିସହ ଶକ୍ତିଶାଳୀ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ଗୋଇନ୍ଦା ବିଭାଗକୁ ସକ୍ରିୟ କରାଯିବା ସହ ମାଓବାଦୀଙ୍କ ସ୍ଥିତି ସମ୍ପର୍କରେ ଗୋପନ ତଥ୍ୟ ସଂଗ୍ରହ କରାଯାଉଛି। ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମାଲକାନଗିରିପୋଲିସ ସଜାଗ ଅଛି। ଆସନ୍ତା ନିର୍ବାଚନ ମାଲକାନଗିରି ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ଦେବା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଛି ବୋଲି ବାଧ୍ୱାନୀ କହିଛନ୍ତି।

# ନାମଯଜ୍ଞବେଳେ ଗୁଳିମାଡ଼: ଜଣେ ଗୁରୁତର

**ଘଣ୍ଟାପଡ଼ା/ଖୁଣ୍ଟିଗୋରା,୧୮।୪ (ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଲମ୍ବସୱରୀ ଗ୍ରାମପଞ୍ଚାୟତର ପିପଲପାଲି ଗ୍ରାମରେ ରାମନବମୀ ପାଇଁ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିବାବେଳେ ବୁଧବାର ରାତି ପ୍ରାୟ ୯ଟାରେ ଗୁଳିମାଡ଼ ହୋଇଛି। ଫଳରେ ନାମଯଜ୍ଞରେ କର୍ତ୍ତାକାର୍ଯ୍ୟ ତୁଲାଉଥିବା ବିଶ୍ୱାମିତ୍ର ଜାନି ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଇ ସେଠାରୁ ପୁଣି ଅଧିକ ଚିକିତ୍ସା ପାଇଁ ଛତିଶଗଡ଼ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଛାତିରେ ଗୁଳି ବାଜିଥିବାରୁ ଏବେବି ଅବସ୍ଥା ସଙ୍କଟାପନ୍ନ ରହିଛି। ନାମଯଜ୍ଞ ସମୟରେ ପୂର୍ବରୁ ଜଗିରହିଥିବା ଦୁର୍ବୃତ୍ତମାନେ ଠାକୁରଙ୍କ ଦର୍ଶନ ଆଳରେ ବିଶ୍ୱାମିତ୍ରଙ୍କୁ ପାଖରୁ ଗୁଳିମାଡ଼ କରିଥିଲେ। ସଙ୍ଗେ ସଙ୍ଗେ ଦର୍ଶନାର୍ଥୀମାନେ ଜଣେ ଦୁର୍ବୃତ୍ତଙ୍କୁ କାବୁକରି କଣ୍ଟାମାଳ ପୋଲିସକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଳିକରିଥିବା ଯୁବକଙ୍କୁ ଥାନାକୁ ନେଇ ଅଟକ ରଖି ଅଧିକ ତଦନ୍ତ କରୁଛି। ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି। ଉକ୍ତ ଗୁଳିକାଣ୍ଡକୁ ନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା କଣ୍ଟାମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏହି ଗୁଳିକାଣ୍ଡରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ତେବେ ଏ ସମ୍ପର୍କରେ ପରିବାର ଲୋକଙ୍କଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ।


ଗୁରୁତର ଆହତ ବିଶ୍ୱାମିତ୍ର ଜାନି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାମ ଲକ୍ଷ୍ମଣ ପରି ଭାଇ ଯା'ର**
**କେଉଁ କଥାକୁ ଡର ତାହାର।**

ଭାଇ ହିଁ ଭାଇକୁ ସବୁବେଳେ ସବୁ କାର୍ଯ୍ୟରେ ସାହାଯ୍ୟ କରିଥାଏ। ଯାହାର ରାମ ଲକ୍ଷ୍ମଣ ପରି ଭାଇ ଅଛନ୍ତି, ତାହାର କେହିବି କୌଣସି କ୍ଷତି ଘଟାଇ ପାରିବେ ନାହିଁ ବୋଲି ମନରେ ଥିବା ଦୃଢ଼ ବିଶ୍ୱାସକୁ ଏଠାରେ ଦର୍ଶାଯାଇଛି।

**ରସୁଣ ଖାଇଲା ପୋକ**
**ତୁ କି ହୋଇଯିବୁ ରସମସ**
**ମୁଁ କି ସହିବା ଲୋକ**

ଅନ୍ୟାୟ ଅନୀତିକୁ ପ୍ରଶ୍ରୟ ଦେବା ଆଦୌ ଉଚିତ ହୋଇ ନ ଥାଏ। ଯିଏ ଯାହା କହିବ, ତାହା ଅନ୍ୟାୟବୋଧ ହେଲେ ପ୍ରାୟ ଅନେକ ଲୋକ ଏହାକୁ ସହ୍ୟ କରିପାରି ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା

-କାମଦା ଏକାଦଶୀ
ଉପବାସ ଓ ହଳ ନିଷେଧ



# ଓଜୋନ୍ ଓ ପୃଥିବୀର ସୁରକ୍ଷା



ରବର୍ଟ ରେଡ୍‌ଫୋର୍ଡ
ସହ ପ୍ରତିଷ୍ଠାତା,
ରେଡ୍‌ଫୋର୍ଡ ସେଣ୍ଟର



ଜିୟେ ବାଷ୍ଟିଡା
ସହ ପ୍ରତିଷ୍ଠାତା,
ରି-ଆର୍ଥ ଇନିସିଏଟିଭ

ଏକ ସମୟ ଥିଲା (ବହୁ ପୁରାତନ ନୁହେଁ) ଯେତେବେଳେ ପୃଥିବୀର ଓଜୋନ୍ ସ୍ତରର ଅବକ୍ଷୟ ଏକ ବଡ଼ ଚ୍ୟାଲେଞ୍ଜ ପରି ମନେହେଉଥିଲା। ଅନେକ ଦଶନ୍ଧି ଧରି କ୍ଷତିକାରକ ରାସାୟନିକ ପଦାର୍ଥ ଯଥା କ୍ଲୋରୋଫ୍ଲୋରୋ କାର୍ବନ (ସିଏଫ୍‌ସିଏସ୍) ପୃଥିବୀରେ ଅପୂରଣୀୟ କ୍ଷତି ଘଟାଇଥିଲା। ଏହା ଉପରେ ତ୍ୱରିତ ପଦକ୍ଷେପ ନ ନେବାରୁ ଆମେ ଜଳବାୟୁ ଅସ୍ଥିରତା, ପରିସଂସ୍ଥାର କ୍ଷୟ ଏବଂ ଖାଦ୍ୟ ବ୍ୟବସ୍ଥା ଭୁଶୁଡ଼ିବା ଭଳି ବିପଦର ସମ୍ମୁଖୀନ ହେଲୁ। ଯେଉଁ ପରିଣାମ ସମ୍ପର୍କରେ ଆମେ କେବେ ଭାବି ନ ଥିଲୁ, ତାହା ବାସ୍ତବରେ ଯନ୍ତ୍ରଣାଦାୟକ ହେଲା। କିନ୍ତୁ ସେତେବେଳେ ଓଜୋନ୍ ସ୍ତରର ସୁରକ୍ଷା ପାଇଁ ମାନବ ସମାଜ ଏକାଠି ହେବା ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା। ନୋବେଲ ବିଜେତା ବୈଜ୍ଞାନିକ ପଲ୍ କ୍ରୁଟ୍‌ଜେନ୍, ମାରିଓ ମୋଲିନା ଏବଂ ଶେରଉଡ୍ ରୋଲାଣ୍ଡଙ୍କ ଚେତାବନୀକୁ ଦେଖିଲେ ଜଣାଯାଏ ଯେ, ସେମାନଙ୍କ ଗବେଷଣା ବିପଦର ଗମ୍ଭୀରତାକୁ ସାମ୍ନାକୁ ଆଣିଥିଲା। ଆମେ ବୈଜ୍ଞାନିକ ପ୍ରମାଣକୁ ଅଣଦେଖା କିମ୍ବା ନାକଚକରି ନ ଥିଲୁ କି ଆମେ ତାହାକୁ ଅସ୍ୱୀକାର କରିନାହୁଁ। କିନ୍ତୁ ଦାବି କରୁଛୁ ଯେ ତାହା କଠିନ ଆହ୍ୱାନ ଥିଲା। ଅନ୍ୟପଟେ ବିଶ୍ୱ ସମୁଦାୟ ଏକ ସମାବେଶୀ ପଦକ୍ଷେପର ଜରୁରୀ ଆବଶ୍ୟକତାକୁ ସ୍ୱୀକାର କରିଥିଲା।

ବୈଜ୍ଞାନିକ ଜ୍ଞାନକୁ ବ୍ୟବହାରକରି ସମଗ୍ର ଶିଳ୍ପଗୁଡ଼ିକ ପରିବର୍ତ୍ତିତ ହୋଇଛି ଏବଂ ଦେଶକୁ ସଙ୍କଟରୁ ରକ୍ଷାକରିବା ଲାଗି ନ୍ୟାୟସଙ୍ଗତ ନୀତିସବୁ ଲାଗୁ କରାଗଲେ ବି ତାହା ସମସ୍ୟା ସମାଧାନ କରିପାରିଲାନାହିଁ। କିନ୍ତୁ ୧୯୭ ଦେଶ ଦ୍ୱାରା ଅନୁମୋଦିତ ମଣ୍ଟ୍ରିଲ ପ୍ରୋଟୋକଲ ଓଜୋନ୍ ଅବକ୍ଷୟର କାରଣ ପାଲଟୁଥିବା ପାଖାପାଖି ୯୯% ଦ୍ରବ୍ୟକୁ ଧୀରେ ଧୀରେ ଦୂରେଇଦେଇଛି। ଏହା ସହ ସିଏଫ୍‌ସିଏସ୍ ବ୍ୟବହାର ହ୍ରାସ ଏବଂ ଏହା ବଦଳରେ ଅନ୍ୟ ରାସାୟନିକ ବ୍ୟବହାର ଦ୍ୱାରା ଜଳବାୟୁ ପରିବର୍ତ୍ତନ ଅତିକମ୍‌ରେ ଏକ ଦଶନ୍ଧି ପର୍ଯ୍ୟନ୍ତ ଧିମା ରହିଛି। ଓଜୋନ୍ ସ୍ତର ସୁରକ୍ଷା ଲାଗି ଏହି ସଫଳ ବୈଶ୍ୱିକ ପଦକ୍ଷେପ ଆମ ସମସ୍ତଙ୍କ ପାଇଁ ଏକ ଆଶାର କିରଣ ସଞ୍ଚାର କରିଛି। ଏହା ମାନବ ଜଗତର ଏକ ବୃହତ୍ ପରିବେଶଗତ ସଫଳତା। ପ୍ରତିବଦ୍ଧତା, ନିଷ୍ଠା ଏବଂ ଦୃଢ଼ ଲକ୍ଷ୍ୟ ନେଇ ଏକାଠି କାମ କଲେ ଆମେ କ'ଣ ହାସଲ କରିପାରୁ ତାହା ଏହା ପ୍ରତିପାଦିତ କରୁଛି। କିନ୍ତୁ ଏହା ବି ଏକ ଚେତାବନୀ ଭାବରେ କାର୍ଯ୍ୟ କରିପାରେ। ଜୋହାନ୍ ରକ୍‌ଷ୍ଟ୍ରୋମ୍ ଏବଂ ୨୮ ଅନ୍ୟ ପ୍ରତିଷ୍ଠିତ ଜଳବାୟୁ ବୈଜ୍ଞାନିକ ୨୦୨୩ରେ ଏକ ନୂତନ ତଥା ଆଶ୍ଚର୍ଯ୍ୟଜନକ ବାସ୍ତବତା ପ୍ରକାଶ କରିଥିଲେ, ଯାହା କାଳ ବିଳମ୍ବ ନ କରି ପୃଥିବୀର ସୁରକ୍ଷା ପାଇଁ ଏକ ସମାବେଶୀ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତାକୁ ଦର୍ଶାଇଛି।





୨୦୦୯ରେ ରକ୍‌ଷ୍ଟ୍ରୋମ୍ ଏବଂ ଅନ୍ୟମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ପ୍ଲାନେଟାରି ବାଉଣ୍ଡରିଜ୍ ମଡେଲ (ଯାହା ଏକ ସୀମା ମଧ୍ୟରେ ମାନବ ସମାଜର ବିକାଶ ଜାରି ରଖିବା ସହ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରେ)। ସୁସ୍ଥ ପୃଥିବୀ ପାଇବା ଲାଗି ଏହା ଏକ ଅତି ଦରକାରୀ ଢାଞ୍ଚା ପ୍ରଦାନ କରିଥାଏ। ଏହା ଜଳବାୟୁ, ମଧୁରଜଳର ଉପଲବ୍ଧତା, ଜୈବ ବିବିଧତା ଏବଂ ଜମି ବ୍ୟବହାର ସମେତ ୯ଟି ପରସ୍ପର ସହ ଜଡ଼ିତ ବିଷୟକୁ ଚିହ୍ନଟ କରିଛି। ଏହା ପୃଥିବୀର ସ୍ଥିରତା ଏବଂ ବାସୋପଯୋଗୀ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରକ୍‌ଷ୍ଟ୍ରୋମ୍ ଏବଂ ତାଙ୍କର ସହ ଗବେଷକମାନେ ନିକଟରେ କରିଥିବା ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ପ୍ଲାନେଟାରି ବାଉଣ୍ଡରିଜ୍ ମଡେଲର ୯ଟି ବିଷୟ ମଧ୍ୟରୁ ୬ଟି ଉଲ୍ଲଂଘନ କରାଯାଇସାରିଛି, ଯାହା ପୃଥିବୀକୁ ଏକ ବିପଜ୍ଜନକ ପଥରେ ରଖିଛି। ଏହାଦ୍ୱାରା ପୃଥିବୀର ସହନୀୟତା କ୍ଷୁଣ୍ଣ ହେବା ସହ ମାନବ ସୁସ୍ଥତା ପ୍ରତି ବିପଦ ଦେଖାଦେଇଛି। ଉଲ୍ଲେଖନୀୟ ଯେ, ଓଜୋନ୍ ସ୍ତର ହେଉଛି ଏକମାତ୍ର କ୍ଷେତ୍ର ଯାହା ଉନ୍ନତିର ସଙ୍କେତ ଦେଉଛି।

ପୃଥିବୀ ଏକ ପରସ୍ପର ସହ ସଂଯୁକ୍ତ ସିଷ୍ଟମ ଭାବରେ କାର୍ଯ୍ୟ କରୁଥିବାରୁ ଅନ୍ୟ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ ନ ଦେଲେ ଆମେ କେବଳ ଗୋଟିଏ ସମସ୍ୟାର ସମାଧାନ କରିପାରିବା ନାହିଁ। ପୃଥିବୀର ବାସସ୍ଥାନକୁ ସୁରକ୍ଷିତ ରଖିବାରେ ପ୍ଲାନେଟାରି ବାଉଣ୍ଡରିଜ ମଡେଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଅବଗତ ଥାଇ ମଧ୍ୟ ଆମେ ବିପର୍ଯ୍ୟୟର ଗତିପଥକୁ ବନ୍ଦ କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେଇନାହୁଁ। ଉଦାହରଣ ସ୍ୱରୂପ, ଆମେ ଜାଣୁ ଯେ ୧୦ ଲକ୍ଷରୁ ଅଧିକ ପ୍ରଜାତିର ଜୀବ ବିଲୁପ୍ତହେବାକୁ ଯାଉଛନ୍ତି, ଯାହା ସମଗ୍ର ପରିସଂସ୍ଥାର ପତନ ଘଟାଇପାରେ। ଏହା ମଧ୍ୟ ଆମେ ଜାଣୁ ଯେ, ନାଇଟ୍ରୋଜେନ୍ ଏବଂ ଫସ୍‌ଫରସ୍ ମହାସାଗର ଓ ମଧୁରଜଳ ପ୍ରଣାଳୀରେ ବିଷାକ୍ତ ପ୍ରବାଳ ବୃଦ୍ଧି କରୁଛି, ଫଳରେ ଜୈବ-ଭୂ ରସାୟନ ପ୍ରବାହ ସୀମା ଭଙ୍ଗ ହେଉଛି। ସେହିପରି ରାସାୟନିକ ପ୍ରଦୂଷଣର ବିପଜ୍ଜନକ ସ୍ତରଗୁଡ଼ିକୁ ସାମ୍ନା କରିବା ସହ ଆମ ପିଲାମାନଙ୍କୁ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ଖାଇବାକୁ ଦେବା ଦ୍ୱାରା ମଣିଷ ତିଷ୍ଠି ରହିବା ଲାଗି ଆବଶ୍ୟକ ଜୀବନ ବଞ୍ଚିବାର ପ୍ରଣାଳୀ ପ୍ରତି ସଙ୍କଟ ସୃଷ୍ଟିହେଉଛି।

ପୃଥିବୀର ସ୍ଥାୟିତ୍ୱକୁ ପୁନଃ ସ୍ଥାପନ କରିବା ପାଇଁ ବିଶ୍ୱର ସରକାରଗୁଡ଼ିକ ୯ଟି ପ୍ଲାନେଟାରି ବାଉଣ୍ଡରିଜ୍‌ର ଆବଶ୍ୟକତାକୁ ସ୍ୱୀକାର କରିବା ଆବଶ୍ୟକ। ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ ଏବଂ ଜୈବ ବିବିଧତା ଓ ଜଳଉତ୍ସର ସୁରକ୍ଷା ପାଇଁ ଏକ ନିରନ୍ତର ପ୍ରତିବଦ୍ଧତା ଆବଶ୍ୟକ। ଆମେ ସହଯୋଗ କଲେ ସଫଳ ହେବାର ସମ୍ଭାବନା ଅଧିକ ରହିବ। ଅନ୍ତର୍ଜାତୀୟ ସମୁଦାୟ ଓଜୋନ୍ ସ୍ତରକୁ ସୁଧାରିବା ପାଇଁ ଯେଭଳି ଚୁକ୍ତିବଦ୍ଧ ହୋଇଥିଲେ ସେଭଳି ଏକାଠି ହୋଇ ଯଦି କାମ କରନ୍ତି, ତେବେ ସଫଳତା ନିଶ୍ଚିତ ମିଳିବ ବୋଲି ଆଶା କରାଯାଏ। କିନ୍ତୁ ପ୍ରଥମରେ, ଆମେ ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ପରାମର୍ଶ ପ୍ରତି ଧ୍ୟାନଦେବା ଦରକାର। ପ୍ରକୃତି ଆମକୁ କ'ଣ କହୁଛି ତାହା ମଧ୍ୟ ଶୁଣିବା ଦରକାର। ବିଶ୍ୱ ଜନସଂଖ୍ୟାର ୫%ରୁ କମ୍ ହେବା ସତ୍ତ୍ୱେ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ପୃଥିବୀର ବୁଦ୍ଧିମାନ ସଂରକ୍ଷକ ଭାବେ କାମ କରି ବିଶ୍ୱର ଭୂମି, ସମୁଦ୍ରର ଏକଚତୁର୍ଥାଂଶ ଏବଂ ୮୦% ଜୈବ ବିବିଧତାର ସୁରକ୍ଷା କରୁଛନ୍ତି।

ଏହି ଦୃଷ୍ଟିକୋଣ ନେଇ ଆଗକୁ ବଢ଼ିବା ପାଇଁ ଆମେ ପ୍ଲାନେଟାରି ଗାର୍ଡିଆନ୍ସ ସହ ଆମର ଶକ୍ତିକୁ ଏକାଠି କରିଛୁ। ପ୍ଲାନେଟାରି ଗାର୍ଡିଆନ୍ସ ଏକ ଅଣ ଲାଭକାରୀ ସଂସ୍ଥା। ବୈଶ୍ୱିକ ନେତା, ବୈଜ୍ଞାନିକ ଏବଂ ପରିବେଶବିତ୍‌ଙ୍କ ସମର୍ଥନ ଏହା ପଛରେ ରହିଛି। ସମାବେଶୀ ବା ସମ୍ମିଳିତ ଜଳବାୟୁ ପଦକ୍ଷେପ ଉପରେ ବିଚାର ଓ ମାର୍ଗଦର୍ଶନ କରିବା ଲାଗି ଏହାକୁ ଏକ ଢାଞ୍ଚା ଭାବେ ଏହାର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ହେବା ଦରକାର।

ବିଭିନ୍ନ ଦେଶ, ଶିଳ୍ପ, ବୟସ ବର୍ଗ ତଥା ଲିଙ୍ଗ ଏବଂ ସଂସ୍କୃତିର ନେତାମାନଙ୍କୁ ଏକାଠିକରି ପୃଥିବୀର ସୁରକ୍ଷା ପାଇଁ ସମାଧାନର ବାଟ ଖୋଜିବା ସକାଶେ ପ୍ଲାନେଟାରି ଗାର୍ଡିଆନ୍ସ ଆମର ବିବିଧ ପୃଷ୍ଠଭୂମି ଏବଂ ଅଭିଜ୍ଞତାକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ପୃଥିବୀର ସଂସାଧନ ସବୁ ସୀମିତ ଥିବାବେଳେ ମାନବୀୟ ସୃଜନାତ୍ମକ ଶକ୍ତି ଏବଂ ଜଟିଳ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆମର ଦକ୍ଷତା ସୀମିତ ନୁହେଁ। ପ୍ରଶ୍ନ ହେଉଛି, ଭବିଷ୍ୟତ ପିଢ଼ି ପାଇଁ ଆମେ କି ପ୍ରକାର ପୃଥିବୀ ଛାଡ଼ିଯିବାକୁ ଚାହୁଁଛୁ। ଏହା ନିଶ୍ଚିତ ଯେ,ଏହାର କୌଣସି ସରଳ ଉତ୍ତର ନାହିଁ। ଆମେ ଯେଉଁ ପଦକ୍ଷେପ ନେବାକୁ ଚାହୁଁଛୁ ତାହା ଉପରେ ଆମ ଭବିଷ୍ୟତ ନିର୍ଭର କରେ। କିନ୍ତୁ ଓଜୋନ୍ ସ୍ତରକୁ ସୁରକ୍ଷା କରିବାରେ ଆମେ ଦେଖାଇଦେଇଛୁ ଯେ, ତ୍ୱରିତ, ତଥ୍ୟଭିତ୍ତିକ ତଥା ସାମୂହିକ ପଦକ୍ଷେପ ପୃଥିବୀରେ ମାନବ ଜୀବନ ବଜାୟ ରଖିବା ପାଇଁ ଆବଶ୍ୟକ ପରିବର୍ତ୍ତନକୁ କିଭଳି ସହଜ କରିପାରେ।

# ପୂଜା



ଅନୀତା ପଟ୍ଟନାୟକ

ନିର୍ମଳ ତା'ର ମାଆବାପାଙ୍କ ସହିତ ମନ୍ଦିରକୁ ଯାଏ। ନିୟମିତ ସ୍କୁଲ ପାଠ୍ୟକ୍ରମ କରିବା, ମାଆବାପାଙ୍କୁ ସମ୍ମାନ ଦେବା, ସହପାଠୀମାନଙ୍କୁ ଭଲ ପାଇବା, ଗୁରୁଙ୍କ ନିକଟରେ ପ୍ରଣିପାତ ହେବା ତା'ର ସହଜାତ ଗୁଣ ଥିଲା। ତା'ର ଏପରି ପ୍ରେମପୂର୍ଣ୍ଣ ବ୍ୟବହାର ପାଇଁ ମାଆବାପା, ଶିକ୍ଷକ, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ନିକଟରେ ପ୍ରିୟପାତ୍ର ହୋଇପାରିଥିଲା।

ଦିନେ ମାଆବାପାଙ୍କ ସହ ମନ୍ଦିରକୁ ଯାଇଥିବା ସମୟରେ ମନ୍ଦିରରେ ଝୁଲୁଥିବା ଘଣ୍ଟିକୁ ତା'ର ମାଆବାପା, ଉପସ୍ଥିତ ଶିବଭକ୍ତମାନେ ବଜାଉଥିଲେ। ଜଣେ ଡେଙ୍ଗାଲୋକ ନିର୍ମଳକୁ ଦୁଇ ହାତରେ ଉଠାଇଦେବାରୁ ସେ ମଧ୍ୟ ଯନ୍ତ୍ରଚାଳିତ ପରି ଘଣ୍ଟିକୁ ବଜାଇଦେଲା। ଘରକୁ ଫେରୁଥିବାବେଳେ ସେ ବାପାଙ୍କୁ ପଚାରିଲା ବାପା ମନ୍ଦିରକୁ ଗଲେ ଝୁଲୁଥିବା ଘଣ୍ଟିକୁ ବାଡ଼ାଯାଏ କାହିଁକି? ମାଆ ଉତ୍ତରରେ କହିଲେ, ଘଣ୍ଟିର ଶବ୍ଦରୁ ଓଁ ଉଚ୍ଚାରିତ ହୋଇଥାଏ, ଯାହାକି ପ୍ରଣବ ମନ୍ତ୍ର। ବାପା କହିଲେ, ରତ୍ନବେଦୀ ଉପରେ ବସିଥିବା ଦେବତାଙ୍କ ଦୃଷ୍ଟିକୁ ଆଗତ କରିବା ଓ ଆକର୍ଷଣ କରିବା ପାଇଁ ଘଣ୍ଟି ବଜା ଯାଇଥାଏ। ବାପା ଏହା ମଧ୍ୟ କହିଲେ ଖାଲି ଘଣ୍ଟି ବାଡ଼େଇଲେ ହେବନାହିଁ। ମନ୍ଦିର ପୂଜକ ନିକଟରେ ମଧ୍ୟ ଗୋଟିଏ ଘଣ୍ଟିଥାଏ, ଯାହା ସେ ଭୋଗ ଓ ଆଳତି କରୁଥିବା ସମୟରେ ବଜାଏ। ମୁଖ୍ୟ କଥା ହେଉଛି ଦେବତାଙ୍କର ଦୃଷ୍ଟି ଆକର୍ଷଣ ପାଇଁ ଘଣ୍ଟି ଶବ୍ଦ ସହ ସହୃଦୟ ପ୍ରାର୍ଥନା ମଧ୍ୟ ଆବଶ୍ୟକ ହୋଇଥାଏ।

ନିର୍ମଳ କହିଲା ହଁ ବାପା, ଆମର ଶିକ୍ଷକ କହୁଥିଲେ ଯନ୍ତ୍ରବତ୍, ମନ୍ତ୍ର ଉଚ୍ଚାରଣ, ଶୁଷ୍କ ନୀତି ନିୟମ ପାଳନ ଓ ନିରର୍ଥକ ଯନ୍ତ୍ରବତ କର୍ମ ସାଧନା ନୁହେଁ। ତା'ପରେ ନିର୍ମଳ ପଚାରିଲା ବାପା, ଯଦି ଏପରି କଥା ତେବେ ତ୍ରିଶାଖା ଥିବା ବେଲପତ୍ର ମହାଦେବଙ୍କୁ କାହିଁକି ଦିଆଯାଏ? ମାଆ କହିଲେ ଶାସ୍ତ୍ରରେ କୁହାଯାଇଛି 'ତ୍ରିଦଳଂ ତ୍ରିଗୁଣାକାରଂ ତ୍ରିନେତ୍ରଂ ଚତ୍ରୟାୟୁଦ୍ଧମ। ତ୍ରିଜନ୍ମ ପାପ ସଂହାରଂ ଏକ ବିଲ୍ୱଂ ଶିବାର୍ପଣମ୍।' ଭକ୍ତି ଓ ବିଶ୍ୱାସର ସହିତ ଏକ ତ୍ରିଶାଖା ବିଶିଷ୍ଟ ବିଲ୍ୱପତ୍ରଟିଏ ଶିବଙ୍କୁ ଅର୍ପଣ କଲେ ତିନି ଜନ୍ମରୁ ସେ ମୁକ୍ତି ଦେଇଥାନ୍ତି ବୋଲି ଶାସ୍ତ୍ରରେ କୁହାଯାଇଛି। ନିର୍ମଳର କୌତୂହଳ ବଢ଼ିଗଲା। କହିଲା ଶିବଲିଙ୍ଗ ଉପରେ ଗୋଟିଏ ପିତ୍ତଳ ହାଣ୍ଡି ଝୁଲାଯାଇ ସେଥିରେ ଯେଉଁ କଣାଟିଏ ଥାଏ ତା' ଦେହରେ କୁଟା ଦିଆଯାଇଥାଏ ଓ ହାଣ୍ଡିରେ ପାଣି ଦିଆଯାଇଥାଏ, ସେ ହାଣ୍ଡିରୁ ଟୋପାଏ ଟୋପାଏ ପାଣି ଶିବଲିଙ୍ଗ ଉପରେ ପଡୁଥାଏ କାହିଁକି? ବାପା କହିଲେ, ଏହାର ଅର୍ଥ ମାମ ଏକଂ। ଏହାର ଅର୍ଥ ମୋ ଠାରେ, କେବଳ ଜଣକଠାରେ ନିଜକୁ ସମର୍ପଣ କରିଦିଅ। ମାଆ ବୁଝାଇବାକୁ ଯାଇ କହିଲେ, ଯେପରି ପିତ୍ତଳହାଣ୍ଡିରୁ ଟୋପାଏ ଟୋପାଏ ଜଳ ଖସି ପଡୁଛି ସେହିପରି ସମୟ ଚକ୍ରରେ ମନୁଷ୍ୟର ବଞ୍ଚି ରହିବାର ସମୟ ସୀମା ସରି ସରି ଯାଉଛି। ଏହି ସୂଚନା ପିତ୍ତଳ ହାଣ୍ଡିଟି ପ୍ରତିପାଦନ କରୁଛି। ନିର୍ମଳ କହିଲା, ଗୋଟିଏ ପିତ୍ତଳ ଡାଲରେ କଳସୀ କାହିଁକି ବସାଯାଇଛି? ବାପା କହିଲେ, ଏହା ଏକ ପ୍ରତୀକ ସଦୃଶ। ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଏ କଳସର ମୁଖରେ ବିଷ୍ଣୁ ଓ କଣ୍ଠରେ ରୁଦ୍ର ବା ଶିବ ଓ ମୂଳରେ ବ୍ରହ୍ମା ଥାଆନ୍ତି ଓ ତା' ଭିତରେ ସପ୍ତ ସାଗରର ଜଳ ଥାଏ ଓ ଚାରିବେଦ ମଧ୍ୟ ଅବସ୍ଥାପିତ ହୋଇଥାନ୍ତି। ନିର୍ମଳ ଏଥର ମାଆଙ୍କୁ ପଚାରିଲା ଠାକୁରଙ୍କ ନିକଟରେ ଧୂପକାଠି କାହିଁକି ଜଳାଯାଏ? ବାପା କହିଲେ, ଧୂପକାଠି ଯେପରି ନିଜେ ଜଳି ଅନ୍ୟକୁ ସୁଗନ୍ଧ ପ୍ରଦାନ କରେ ମଣିଷ ସେହିପରି ନିଜର ଜୀବନ ଧୀରେ ଧୀରେ ସରି ଯାଉଥିବାରୁ ନିଜର ଚାଲିଚଳନ, ଆଚାର, ବ୍ୟବହାର ଦ୍ୱାରା ଅନ୍ୟକୁ ସୁଗନ୍ଧ ପ୍ରଦାନ କରିବା ଉଚିତ। ଖାଲି ବଡ଼ପଣ ଦେଖାଇ କି ଲାଭ? ସମୁଦ୍ରର ଜଳରାଶି କି ସେବା କରୁଛି? ଶୋଷ ମଧ୍ୟ ନିବାରଣ କରିପାରୁନାହିଁ। ସମୁଦ୍ର ପାଣିରେ ବୋତଲେ ମହୁ ଘାଣ୍ଟି ଦେଲେ ତାହା ମିଠା ହୋଇଯିବ କି?

ନିର୍ମଳ ପଚାରିଲା ବାପା, କର୍ପୂର ଆଳତି କାହିଁକି କରାଯାଏ? ବାପା କହିଲେ, କର୍ପୂର ଯେପରି ଜଳି ନିଃଶେଷ ହୋଇଯାଏ ଓ ଆଳତି ଦାନିରେ କିଛି ରହେନାହିଁ, ଆମର ସମର୍ପଣ ଭାବ ସେପରି ହେବା ଉଚିତ। ନିର୍ମଳ ପଚାରିଲା ଦୀପ କାହିଁକି ମନ୍ଦିରରେ ଜଳାଯାଏ? ମାଆ କହିଲେ, ଦୀପ ହେଉଛି ପରଂବ୍ରହ୍ମ ସଦୃଶ। ସେ ହିଁ ଜନାର୍ଦ୍ଦନ। ଦୀପ ସମସ୍ତ ପାପ ହରଣ କରିଥାଏ ଏବଂ ଦୀପକୁ ସରସ୍ୱତୀ ବା ଜ୍ଞାନାଲୋକ ସହ ତୁଳନା କରାଯାଇଛି। ଏପରି କଥୋପକଥନ ଚାଲିଥିବା ବେଳେ ନିର୍ମଳ ତା'ର ମାଆବାପାଙ୍କ ସହ ଘରେ ପହଞ୍ଚି ଯାଇଥିଲା ସେ ନିଜେ ବି ଜାଣି ପାରି ନ ଥିଲା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ : ୯୬୯୨୯୮୦୦୨୬**

## ଏଇ ଭାରତରେ

ଏମିତି ଜାଗାକୁ ଯିବେ ଯେଉଁଠି ମାଟିଘରେ ରହି ଜୈବିକ ଚାଷ ଦେଖିବେ ଓ ଶିଖିବେ ମଧ୍ୟ। ଏଭଳି ଏକ ପରିବେଶ ପାଇବେ ରାଜସ୍ଥାନର ଖୋରା ଶ୍ୟାମଦସାସ ଗାଁରେ। ସେଠାରେ ଦୁଇ କଲେଜ ବନ୍ଧୁ ଇନ୍ଦ୍ର ରଜତ ଜାଠ ଓ ସୀମା ସାଇନି ଖୋରା ଶ୍ୟାମଦସାସ ଗାଁରେ ୧.୫ ଏକର ଜମି କିଣି ସେଠାରେ ସମନ୍ୱିତ ଚାଷ କରିବା ସହ କୃଷିଭିତ୍ତିକ ପର୍ଯ୍ୟଟନ ବିକାଶ କରିପାରିଛନ୍ତି। ସେଠାରେ ସେମାନେ ଚାଷ ସହିତ ପ୍ରାଣୀପାଳନ କରୁଛନ୍ତି। କେବଳ ଏତିକି ନୁହେଁ, ଏହି ଦୁଇ ବନ୍ଧୁ ମଧ୍ୟ ଫାର୍ମରେ ମାଟିଘର କରି ସେଠାରେ ଅତିଥିମାନଙ୍କ ରହିବାର ବ୍ୟବସ୍ଥା କରିଛନ୍ତି। ସେମାନେ ଏବେ ସୁଦ୍ଧା ୧୦୦୦ରୁ ଅଧିକ କୃଷକଙ୍କୁ ଜୈବିକ ଓ ସମନ୍ୱିତ ଚାଷ ବିଷୟରେ ପ୍ରଶିକ୍ଷଣ ଦେବା ସହ କୃଷିଭିତ୍ତିକ ପର୍ଯ୍ୟଟନର ବିକାଶ ପାଇଁ ଉତ୍ସାହିତ କରୁଛନ୍ତି। ଏହି ଫାର୍ମରେ ବାଜରା, ବାର୍ଲି, ଗହମ ସହିତ ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଚାଷ କରାଯାଉଛି। ଗୋଟିଏ ମାସରେ ପ୍ରାୟ ୨୦ ପରିବାର ସେହି ଫାର୍ମକୁ ବୁଲିଆସି ସେଠାରେ ମାଟିଘରେ ରହୁଛନ୍ତି। ଘରଗୁଡ଼ିକୁ ସ୍ଥାନୀୟ ଲୋକକଳାରେ ସଜାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଏପ୍ରିଲ ୧୯୭୫**

- ତାଳଚେର ହାଣ୍ଡିଧୁଆ କୋଇଲା ଖଣିକୁ ଭାରତ ସରକାରଙ୍କ କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତରିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।
- ସିକିମ ସମ୍ପର୍କୀୟ ସମ୍ବିଧାନ ଚିଠା ବିଲ୍ କେନ୍ଦ୍ର ମନ୍ତ୍ରିମଣ୍ଡଳ ଦ୍ୱାରା ଗୃହୀତ।
- ଗଙ୍ଗା ନଦୀର ଜଳବଣ୍ଟନ ପାଇଁ ଭାରତ ଓ ବାଂଲାଦେଶ ଭିତରେ ଏକ ସ୍ୱଳ୍ପମିଆଦି ଚୁକ୍ତି ସମ୍ପାଦିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | | | 3 | | | 2 | |
| | 2 | | | | | | | 1 |
| | | 7 | | | | | | 9 |
| 4 | | 9 | | | | 5 | | 8 |
| | 1 | | | 9 | | 2 | | |
| | | | 8 | | | | | |
| | 7 | | | | | | 4 | |
| 5 | | | 4 | 1 | 9 | | | 7 |
| | | | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 8 | 4 | 7 | 2 | 1 | 6 | 9 |
| 7 | 6 | 2 | 1 | 9 | 3 | 5 | 4 | 8 |
| 4 | 1 | 9 | 8 | 5 | 6 | 7 | 2 | 3 |
| 6 | 8 | 7 | 5 | 3 | 1 | 4 | 9 | 2 |
| 3 | 4 | 5 | 9 | 2 | 7 | 8 | 1 | 6 |
| 9 | 2 | 1 | 6 | 8 | 4 | 3 | 7 | 5 |
| 1 | 9 | 3 | 2 | 4 | 5 | 6 | 8 | 7 |
| 8 | 5 | 4 | 7 | 6 | 9 | 2 | 3 | 1 |
| 2 | 7 | 6 | 3 | 1 | 8 | 9 | 5 | 4 |

ଗତକାଲିର ଉତ୍ତର

# ଶୂନ୍ୟରେ ସୁଖ ଖୋଜା



ହରିହର ତ୍ରିପାଠୀ

ଶ୍ରୀମଦ୍ ଭାଗବତ ମହାପୁରାଣର କୃଷ୍ଣଲୀଳା ଉପାଖ୍ୟାନ ବଡ଼ ଚମତ୍କାର। ଏଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ଅଲୌକିକ ଲୀଳା ସବୁର ବର୍ଣ୍ଣନା ରହିଛି। ତେବେ ଭାଗବତ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ସବୁବେଳେ ମାନବ ହୋଇ ରହିବାକୁ ଚାହୁଁଥିଲେ। ମାନବୀୟ ଲୀଳା ଦେଖାଉଥିଲେ। ତେବେ କେତେବେଳେ କେମିତି ତାଙ୍କ ଦ୍ୱାରା ଅତିମାନବୀୟ ଶକ୍ତିର ପ୍ରଦର୍ଶନ ହେଲେ ସେ ତତ୍କାଳ ଯୋଗମାୟାଙ୍କୁ ଡାକୁଥିଲେ। ଯୋଗମାୟା ଆସି ସମସ୍ତଙ୍କ ମନରୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରଦର୍ଶିତ ଅଲୌକିକ ଦୃଶ୍ୟାବଳୀକୁ ଲିଭାଇ ଦେଉଥିଲେ। ଯୋଗମାୟା ହେଉଛନ୍ତି ସାରା ସଂସାରକୁ ଭ୍ରମିତ କରିବାଭଳି ଶକ୍ତିର ଅଧିକାରିଣୀ। ଶ୍ରୀମଦ୍ ଭାଗବତର ଏହି ଉପାଖ୍ୟାନ ହୁଏତ କାହାକୁ ବିଶ୍ୱାସଯୋଗ୍ୟ ହୋଇପାରେ ବା ନ ପାରେ। ମାତ୍ର ଆଜିର ମଣିଷ ଯେ ଯୋଗମାୟାଙ୍କ ଶକ୍ତିକୁ ହାତରେ ଧରି ଚାଲୁଛି ସେକଥା କେହି ଅସ୍ୱୀକାର କରିବେ ନାହିଁ। ମଣିଷ ଏବେ ବାସ୍ତବ ଜିନିଷ ଅପେକ୍ଷା ଅବାସ୍ତବ ମାତ୍ର ସତ ଲାଗୁଥିବା ଜିନିଷରେ ଅଧିକ ବିଶ୍ୱାସ କରିବାକୁ ଆରମ୍ଭ କରିଛି। ସବୁକିଛି ଭୁଲିଯିବା ଲାଗି ତା' ହାତରେ ୨୪ଘଣ୍ଟିଆ ମନୋରଞ୍ଜନ କିମ୍ବା ମାୟାଡିଆରି ଯନ୍ତ୍ର ଉପଲବ୍ଧ ରହିଛି। ଏହା ହେଉଛି ସ୍ମାର୍ଟଫୋନ ଓ ତହିଁରେ ଉପଲବ୍ଧ ସାମାଜିକ ଗଣମାଧ୍ୟମ।

କୁହାଯାଏ ପ୍ରତୀକ୍ଷା ବଡ଼ ଯନ୍ତ୍ରଣାଦାୟକ। କାହାକୁ ଅପେକ୍ଷା କରିବାଠାରୁ ବଡ଼ ବିରକ୍ତିକର କାର୍ଯ୍ୟ ଆଉ କିଛି ନାହିଁ। ମାତ୍ର ଏବେ ପ୍ରତୀକ୍ଷା ଆନନ୍ଦଦାୟକ। ଆପଣ ଦେଖିବେ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନରେ ଏବେ ଅପେକ୍ଷା କରିଥିବା ଲୋକମାନଙ୍କ ମୁହଁରେ ଆଦୌ ବିରକ୍ତି ବା ଅବସୋସର ଚିହ୍ନ ଦେଖିବାକୁ ମିଳୁନି। ବରଂ ସମସ୍ତେ ନିଜ ନିଜର ସ୍ମାର୍ଟଫୋନରେ ଶର୍ଟ ଭିଡିଓ ବା ରିଲ ଦେଖିବାରେ ବ୍ୟସ୍ତ ରହୁଛନ୍ତି। ମନକୁ ମନ ମୁରୁକି ମୁରୁକି ହସୁଛନ୍ତି। କେହି କେହି ବନ୍ଧୁଙ୍କ ସହିତ ଚାଟ୍‌ରେ ବ୍ୟସ୍ତ ରହୁଛନ୍ତି। ସାମାଜିକ ଗଣମାଧ୍ୟମରୂପୀ ଯୋଗମାୟା ସମସ୍ତଙ୍କର ପ୍ରତୀକ୍ଷାଜନିତ କଷ୍ଟ ହରଣ କରି ସମସ୍ତଙ୍କୁ ଅପାର ସୁଖ ପ୍ରଦାନ କରୁଛନ୍ତି!

କାହିଁ କେତେକାଳରୁ ମଣିଷ ତା' ନିଜ ଜୀବନର ରହସ୍ୟ ଭେଦ କରିବାକୁ ପ୍ରୟାସରତ। ଯୁଗଯୁଗରୁ ସେ ଚେଷ୍ଟା କରି ଆସୁଛି ଜାଣିବାକୁ ସେ କିଏ, ସେ କେଉଁଠାରୁ ଆସିଛି, କାହିଁକି ହୋଇଛି ତା'ର ଜନ୍ମ, କି କି କାର୍ଯ୍ୟ କଲେ ତା'ର ଜୀବନ ସଫଳ ହେବ ଇତ୍ୟାଦି ଅନେକ ପ୍ରଶ୍ନର ଉତ୍ତର। ପୁରାତନ ଯୁଗର ଋଷିମୁନିଙ୍କଠାରୁ ଆରମ୍ଭକରି ଆଧୁନିକ ଯୁଗର ଦାର୍ଶନିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଚେଷ୍ଟା କରିଛନ୍ତି ଏସବୁ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ, ତଥାପି ସଫଳ ହୋଇପାରିନାହାନ୍ତି। ଏବେ ବି ଏସବୁ ପ୍ରଶ୍ନ ମଣିଷକୁ ବ୍ୟଥିତ କରୁଛି। ତେଣୁ ସାଧାରଣ ବୁଦ୍ଧିସମ୍ପନ୍ନ ମଣିଷମାନେ ଏସବୁ ପ୍ରଶ୍ନର ଉତ୍ତର ନ ଖୋଜି ଯିଏ ଯେଉଁ ପରିବେଶରେ ଅଛନ୍ତି ସେହି ପରିବେଶରେ ଜୀବନକୁ ବଞ୍ଚିବାକୁ, ଜୀବନର ଆନନ୍ଦ ଉପଭୋଗ କରିବାକୁ ଚେଷ୍ଟା କରୁଛନ୍ତି। ତେବେ ଏଥିରେ ବି ମଣିଷ ସଫଳ ହୋଇପାରୁନି। ପ୍ରତିଟି ମଣିଷର ଆଶା ଅପୂରଣୀୟ ରହୁଛି। ରାସ୍ତାକଡରେ ବସି ଭିକ ମାଗୁଥିବା



ଭିକାରିଠାରୁ ଆରମ୍ଭକରି କୋଟିପତିଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ଭିତରେ ଅଭାବ ଅନୁଭବ କରୁଛନ୍ତି। ସମସ୍ତଙ୍କୁ ଲାଗୁଛି ଏଇ ଜୀବନଟା ଏମିତି ନ ହୋଇ ଅନ୍ୟପ୍ରକାରେ ହୋଇଥିଲେ ବୋଧହୁଏ ଭଲହୋଇଥାନ୍ତା। ମଣିଷର ଏହି ଅତୃପ୍ତିର ପରିସମାପ୍ତି ଲାଗି ବିଜ୍ଞାନ ଓ ପ୍ରଯୁକ୍ତି ତା' ପାଖରେ ରଖୁଛି ଗୋଟିକ ପରେ ଗୋଟେ ଲୋଭନୀୟ ପ୍ରସ୍ତୁତି। ଆଧୁନିକ ଆଇଟି ଦୁନିଆ ମଣିଷ ନିମନ୍ତେ ବାସ୍ତବ ଦୁନିଆ ବାହାରେ ଆଉ ଏକ ଦୁନିଆର ସୃଷ୍ଟି କରିଛି। ଏହି ଦୁନିଆକୁ କୁହାଯାଉଛି ଶୂନ୍ୟ ସମାଜ ବା ଭର୍ଚୁଆଲ ସୋସାଇଟି। ଏହି ଦୁନିଆ କେବଳ ମଣିଷର କଳ୍ପନାରେ ନୁହେଁ, କଳ୍ପନାରୁ ବାହାରି ଆସି ଅନେକଗୁଡ଼ିଏ ବାସ୍ତବତାର ଝଲକ ପ୍ରତିମୁହୂର୍ତ୍ତରେ ମଣିଷକୁ ଦେଇପାରୁଛି। ଧୀରେ ଧୀରେ ମଣିଷ ଏଇ ଦୁନିଆକୁ ଆଦରି ନେଉଛି, ମଣିଷ ବାସ୍ତବ ଦୁନିଆରୁ ଦୂରେଇ ଯାଇ ଏହି ଅବାସ୍ତବ ଦୁନିଆରେ ବଞ୍ଚିବାକୁ ଏବେ ବେଶ୍ ପସନ୍ଦ କରୁଛି, ଖୁସି ହେଉଛି ଓ ଜୀବନକୁ ନୂଆଭାବେ ଉପଭୋଗ କରୁଛି।

ସାମାଜିକ ଗଣମାଧ୍ୟମର ଦ୍ରୁତ ବିକାଶ ଅସୀମିତ ସେଲ୍ୟୁଲାର ଇଣ୍ଟରନେଟ୍ ତଥା ଡାଟା ଯୋଗାଣ ତାକୁ ତା'ର ଏଇ ମନଗଢା ସଂସାର ଭିତରେ ବଞ୍ଚିବାକୁ ପ୍ରେରିତ କରୁଛି। ଏବେ ୱେବ୍ ଓ ସୋସିଆଲ ମିଡିଆ ହୋଇଛି ମଣିଷର ନୂଆ ଦୁନିଆ। ସୋସିଆଲ ମିଡିଆ ସହାୟତାରେ ନିଜର ଏକ ନୂଆ ପରିଚୟ ନେଇ ବଞ୍ଚିବାକୁ ପସନ୍ଦ କରୁଛି। ମଣିଷ ଏବେ ଯେତିକି ସମୟ ନିଜ ଲାଗି ଦେଉନି ତା'ଠାରୁ ଅଧିକ ସମୟ ସୋସିଆଲ ମିଡିଆରେ ଦେଉଛି। ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ ମଣିଷ ଯେତିକି ସମୟ ବିନା ନିଦ୍ରାରେ କାଟୁଛି ସେହି ସମୟର ୮୦ ପ୍ରତିଶତରୁ ଅଧିକ ସମୟ ସେ ସୋସିଆଲ ମିଡିଆରେ ଦେଉଛି ବା ସେ ବିଷୟରେ ଚିନ୍ତାକରୁଛି ! ପ୍ରତି ମୁହୂର୍ତ୍ତରେ ତା'ର ଚିନ୍ତା ଚେତନାକୁ ଆବୋରି ବସିଛି ସୋସିଆଲ ମିଡିଆ ବା ସେହିଭଳି ଶୂନ୍ୟ ଦୁନିଆ। ଏବେ ଲୋକେ ଗୋଟେ ନୂଆ ଜାଗାରେ ପହଞ୍ଚିଲେ ପ୍ରଥମେ ସେ ଜାଗା, ସେ ପରିବେଶ, ସେଠିକାର ନୂଆଲୋକଙ୍କୁ ନ ଦେଖି ପକେଟରୁ ବାହାର କରୁଛନ୍ତି ସେଲ୍‌ଫୋନ ଓ ତତ୍କାଳ ନିଜର ଶୂନ୍ୟ ଦୁନିଆରେ ବୁଡ଼ିଯାଉଛନ୍ତି। ଲୋକଙ୍କ ଭିତରେ ସାମାଜିକ ଭାବ ବିନିମୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଦିନ ଥିଲା ସକାଳୁ ଘରୁ ବାହାରିଲା ମାତ୍ରେ ଚିହ୍ନା ଥାଉ ବା ନ ଥାଉ ଲୋକଙ୍କଠାରୁ ଅନେକ ଅନାବଶ୍ୟକ ପ୍ରଶ୍ନ କାନରେ ପଡୁଥିଲା- ଏଇ ଯେମିତି, କୁଆଡେ ବାହାରିଲେ, ବଜାର ଯାଇଥିଲେ କି? କ'ଣ ଦେଖା ନାହିଁ? ଆଉ କେମିତି ଅଛନ୍ତି ଇତ୍ୟାଦି ଇତ୍ୟାଦି। ବଜାର ହାଟ, ଛକଜାଗାମାନଙ୍କରେ କିଛି କାମ ନ ଥିଲେ ବି ଅଧିକାଂଶ ଲୋକ ଭିଡ ଜମାଉଥିଲେ କେବଳ ଟିକେ ଗପସପ ଆଶାରେ। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ଘରୁ ବାହାରିଲା ପରେ କେହି ଆଉ କାହା ସହିତ କଥା ହେଉନାହାନ୍ତି ବରଂ ସମସ୍ତେ କଥାରେ ବ୍ୟସ୍ତ ରହୁଛନ୍ତି ନିଜର ସ୍ମାର୍ଟଫୋନ୍‌ରେ। ଏବେ ସବୁଠାରୁ ସମୟଖାଦକ ବସ୍ତୁ ହେଉଛି ଫେସ୍‌ବୁକ୍‌ର ରିଲସ୍, ଇନ୍‌ଷ୍ଟାଗ୍ରାମ୍ କିମ୍ବା ୟୁଟ୍ୟୁବ୍‌ର ଶର୍ଟ ଭିଡିଓ। ମାତ୍ର ୧ ମିନିଟ୍ ଭିତରର ଏହି ପ୍ରୋଗ୍ରାମଗୁଡ଼ିକ ଧୈର୍ଯ୍ୟହରା ମଣିଷକୁ ଜୀବନର ନାନା ରଙ୍ଗ ଦେଖାଉଛନ୍ତି। ମଣିଷ ଏସବୁ ଭିତରେ ବୁଡ଼ି ରହୁଛି, ନିଜକୁ, ନିଜର ଚାରିପାଖକୁ ଭୁଲି ଶୂନ୍ୟରୁ ସୁଖର ସନ୍ଧାନ କରୁଛି।

**ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା**
**ମୋ : ୯୪୩୯୯୦୩୨୨୦**

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷୀର ବିଶୁଦ୍ଧ ନା ବିଷାକ୍ତ

କଥାରେ ଅଛି ସାଧୁର ଲକ୍ଷଣ ଈଶ୍ୱର ଭକ୍ତି, ଦୁଗ୍ଧ ପାନକଲେ ବଢ଼ଇ ଶକ୍ତି। ସାଧାରଣତଃ ଛୋଟ ପିଲା ଓ ରୋଗୀମାନଙ୍କୁ କ୍ଷୀର ପାନ କରାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହେଲେ ବର୍ତ୍ତମାନ ଉପଲବ୍ଧ କ୍ଷୀର ବିଶୁଦ୍ଧ ନା ବିଷାକ୍ତ ? ଜାତୀୟ ସର୍ବେକ୍ଷଣ ସୂଚନା ଅନୁସାରେ, ବଜାରରେ ଉପଲବ୍ଧ କ୍ଷୀର ପ୍ରତି ୧୦ ଲିଟରରେ ଗୋଟିଏ ଲିଟର କ୍ଷୀର ପିଇବା ପାଇଁ ଅନୁପଯୁକ୍ତ। କାରଣ ଉକ୍ତ କ୍ଷୀରରେ ଆଫ୍ଲାଟକ୍ସିନ ଅଂଶ ଅଧିକ ଦେଖିବାକୁ ମିଳୁଛି। ଏହି କ୍ଷୀରକୁ ପିଇବା ଯୋଗୁ ଜଟିଳ ପେଟ ରୋଗ ସୃଷ୍ଟି ହୋଇଥାଏ। ଏହି ଆଫ୍ଲାଟକ୍ସିନ ସାଧାରଣତଃ ବର୍ଷା ଜଳରେ ପଚି ଶଢି ଯାଇଥିବା ପାଳ ଓ କୁଟାରେ ଜାତ ହୋଇଥାଏ। ଗୋ-ପାଳକମାନେ ଲାଭଖୋର ମନୋବୃତ୍ତି ଯୋଗୁ ଏପରି ନିମ୍ନମାନର ଖାଦ୍ୟ ଗୋ-ମହିଷାଦିଙ୍କୁ ଖାଇବାକୁ ଦେଇଥାନ୍ତି। ଅଜାଣତରେ ଏହି କ୍ଷୀରକୁ ଗ୍ରାହକମାନେ କିଣି ବ୍ୟବହାର କରୁଛନ୍ତି। ପ୍ରକୃତପକ୍ଷେ ଗୋ-ପାଳକମାନେ ଗୋ-ମହିଷାଦିଙ୍କୁ ସବୁଜ ଖାଦ୍ୟ ବହୁଳ ପରିମାଣରେ ଖାଇବାକୁ ଦେବା ଆବଶ୍ୟକ। ନଚେତ ଏପରି କ୍ଷୀର ବ୍ୟବହାରକାରୀମାନେ ନୀରବଘାତକ ବିଷମାନ ବ୍ୟବହାର ପୂର୍ବକ ଜୀବନ ଯନ୍ତ୍ରଣାରେ ଛଟପଟ ହେବେ।

**-ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବକ୍ଷଭରା ଯଉବନ ଘେନି ମୁଁ ତେସନ
ଲୋଡୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣଧାରେ
ଅସହ୍ୟ ଏ ପ୍ରୀତିଭାରେ
ନୀରବେ ତୋ କୂଳେ ମୁଁ ଯେ କରେଁ ନିବେଦନ।
-(ଚିତ୍ରୋତ୍ପଳା)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

**ବିଜେଡିର ମିଶ୍ରଣ ପର୍ବ**

ଟିଟିଲାଗଡ଼,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଜେଡ଼ିର ଏକ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ସଇଁତଳା ବ୍ଲକ ଶିଶକେଲା ପଞ୍ଚାୟତର ଶତାଧିକ କଂଗ୍ରେସ, ଭାଜପା ନେତା ସଂଗଠକ ବିଜେଡ଼ିରେ ସାମିଲ ହୋଇଛନ୍ତି। ଏହି ଅବସରରେ ବରିଷ୍ଠ ବିଜେଡି ନେତା ଦିନେଶ ପ୍ରଧାନ, ସୁଜିତ ଶିକା, ନିଲୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୩ ଲିଟର ମହୁଲି ମଦ ଜବତ, ଜଣେ ଗିରଫ

ଖପ୍ରାଖୋଲ, ୧୮।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ଭାନପୁର ପଞ୍ଚାୟତ ଡୁର୍ଲା ଗାଁ ନିକଟରୁ ଦେଶୀ ମହୁଲି ମଦ ବିକିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଡୁର୍ଲା ଗାଁର ସଦାନନ୍ଦ ବରିହା (୫୦)। ତାଙ୍କଠାରୁ ୧୩ଲିଟର ୫ଶହ ମଦ ଜବତ କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି।

### କୁତୁର୍ଲା ସରପଞ୍ଚ, ୧୦ ୱାର୍ଡସଭ୍ୟ ବିଜେଡିରେ ମିଶିଲେ

ଦେଓଗାଁ, ୧୮।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତର ସରପଞ୍ଚ ତେଜ ହରପାଲ ଓ ତାଙ୍କ ସ୍ୱାମୀ ବରିଷ୍ଠ ଏସସି ସଂଗଠକ ଡମ୍ବରୁଧର ହରପାଲଙ୍କ ସମେତ ୧୦ଜଣ ୱାର୍ଡ ସଭ୍ୟାସଭ୍ୟ ଓ ବହୁ କଂଗ୍ରେସ କର୍ମୀ ଗୁରୁବାର ବିଜେଡିରେ ମିଶିଛନ୍ତି। ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ ଯାଇ ସେମାନେ ବିଜେଡିରେ ଯୋଗଦେଇଥିବା ଜଣାପଡିଛି। କଂଗ୍ରେସ ସମର୍ଥିତ ସରପଞ୍ଚ ହରପାଲ ଓ ତାଙ୍କ ସମର୍ଥକମାନେ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି । ଏହି ଅବସରରେ ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ରାଜ୍ୟ ବିଜେଡି ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ଯୁବନେତା ଦୀପକ ପଣ୍ଡା, ସଞ୍ଜୀବ ପଧାନ, ରିତୁ ବୁଡେ. କର୍ତ୍ତିରାଜ ବାଗ, ଉଦିତ ପାଢ଼ି, ଜୀବର୍ଦ୍ଧନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

### ଫାସଡ, ସକମାରେ ଭାଜପାର ପ୍ରଚାର ଅଭିଯାନ

ବଲାଙ୍ଗୀର, ୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫାସଡ଼, ସକମା, ମନହୀରା, କୁଟୁରାପାଲି, ରାଏପାଲି ଏବଂ ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମରେ ଭାଜପା ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି। ବଲାଙ୍ଗୀର ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଗୁରୁବାର ବିଭିନ୍ନ ଗାଁରେ ପହଞ୍ଚି ପ୍ରଚାର କରିଥିଲେ। ଶତାଧିକ ଭାଜପା କର୍ମୀ ଏବଂ ସମର୍ଥକଙ୍କ ଗହଣରେ ପାଣିଗ୍ରାହୀ ବିଭିନ୍ନ ଗାଁରେ ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା କରି ଭୋଟ୍ ଦେବାକୁ ନିବେଦନ କରିଛନ୍ତି। ଏହି ଅବସରରେ ବିଭିନ୍ନ ଗାଁରେ ବିଧାୟକ ପ୍ରାର୍ଥୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଟାୟାର ଫାଟି ଜଳିଗଲା ଆଲୁମିନା ପାଉଡର ବୋଝେଇ ଟ୍ରେଲର

ଲାଞ୍ଜିଗଡ଼, ୧୮।୪(ରମେଶ ଚନ୍ଦ୍ର ନାୟକ)



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ସିକେରକୂପା ଫାଣ୍ଡି ଅନ୍ତର୍ଗତ ଭବାନୀପାଟଣା-ରାୟଗଡାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥ କିଡିଙ୍ଗ ଗ୍ରାମ ନିକଟରେ ଗୁରୁବାର ଏକ ମାଲବାହୀ ଟ୍ରେଲର ଟାୟାର ଫାଟି ରାସ୍ତା ଉପରେ ହୁହୁ ହୋଇ ଜଳିଗଲା। ସୂଚନାନୁସାରେ ମାଲବାହୀ ଟ୍ରେଲର (ନଂ. ସିଜି୧୩-ଏଏନ-୬୨୦୧) ବିଶାଖାପାଟଣାଠାରୁ ଛତିଶଗଡ଼ର ରାଇଘରକୁ ଆଲୁମିନା ପାଉଡର ନେଇ ଯାଉଥିଲା। ସନ୍ଧ୍ୟା ସାଢେ ୬ଟାରେ କିଡିଙ୍ଗ ଗ୍ରାମ ନିକଟରେ ଟାୟାର ଫାଟିଯାଇ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଦେଖି ଚାଳକ ରାଜେଶ ଯାଦବ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ପାଖରେ ପାଣିର ସୁବିଧା ନ ଥିବା ଯୋଗୁ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଡ୍ରାଇଭର ରାଜେଶ ଓ ହେଲ୍‌ପର ସୁରକ୍ଷିତ ରହିଥିବା ବେଳେ ସ୍ଥାନୀୟ ଲୋକେ ଟ୍ରେଲରରେ ନିଆ ଲାଗିଥିବା ଦେଖି ସିକେରକୂପା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ମୀନକେତନ ଶବର ଏବଂ ଏସଆଇ ବିଶ୍ୱନାଥ ମହଲା ଟିମ ଘଟଣାସ୍ଥଳରେ ପହଞ୍ଚି ନର୍ଲା ଏବଂ ଲାଞ୍ଜିଗଡ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ବିଭିନ୍ନ ସ୍ଥାନରେ ଜନସମ୍ପର୍କ ଅଭିଯାନ



ଭାଜପା ବିଧାୟକ ପ୍ରାର୍ଥୀ ଗାଁ ଗାଁରେ ପ୍ରଚାର କରୁଛନ୍ତି।

କୋକସରା, ୧୮।୪(ଦୁଷ୍ମନ୍ତ କୁମାର ପାଇଯୋଶୀ)

ପ୍ରାର୍ଥୀଙ୍କ ନା ଘୋଷଣା ପରେ ନିର୍ବାଚନମଣ୍ଡଳୀରେ ନିଜ ସମର୍ଥକଙ୍କ ସହ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ ହୋଇଛି। ପ୍ରବଳ ଖରାକୁ ଖାତିର ନ କରି ଗାଁଗାଁରେ ପ୍ରାର୍ଥୀଙ୍କ ପ୍ରଚାର ଜମୁଛି। ଏହିକ୍ରମରେ ଗୁରୁବାର କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଆମପାଣି, ଲଡୁଗାଁ, ବରାଡ଼ଙ୍ଗା, ପଞ୍ଚାୟତ ବିଭିନ୍ନ ଗ୍ରାମରେ ଭାଜପା ବିଧାୟକ ପ୍ରାର୍ଥୀ ସୁଧୀର ପାଇଯୋଷୀ ଦଳୀୟ କର୍ମକର୍ତ୍ତାଙ୍କ ସହ ପ୍ରଚାର କରିଛନ୍ତି। ବିଧାୟକ ପ୍ରାର୍ଥୀ ପାଇଯୋଷୀଙ୍କୁ ବିଭିନ୍ନ ଗ୍ରାମରେ ମହିଳାମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିଧାୟକ ପ୍ରାର୍ଥୀ ପାଇଯୋଷୀ ମୋଦି ସରକାରଙ୍କ ରହିଥିବା ଲୋକାଭିମୁଖୀ ଯୋଜନାକୁ ନେଇ ବିଭିନ୍ନ ସ୍ଥାନରେ ସଭା ସମିତି କରି ଭାଜପା କଳାହାଣ୍ଡି ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ ଓ ତାଙ୍କୁ ଯୋଡ଼ା ପଦ୍ମ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ତେବେ ଅନେକ ସ୍ଥାନରେ ସାଧାରଣ ଲୋକେ ନିଜ ଅଞ୍ଚଳରେ ରହିଥିବା ପାନୀୟଜଳ, ରାସ୍ତା, ଆବାସ ଯୋଜନା, ଚାଷୀ ସମସ୍ୟା, ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ଅନିୟମିତତା ହେଉଥିବା ଅଭିଯୋଗ କରୁଥିବା ବେଳେ ପ୍ରଚାରରେ ଆସିଥିବା ବିଧାୟକ ପ୍ରାର୍ଥୀ ଲୋକଙ୍କ ଅଭିଯୋଗ ନିର୍ବାଚନରେ ଦଳୀୟ ସରକାର ଆସିଲେ ନିଶ୍ଚୟ ସମାଧାନ କରିବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ ସୁଧୀରଙ୍କ ସହ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଜମନ ନାଏକ, ଉପ ସଭାପତି କୃଷ୍ଣ ନାଏକ, ଗୋପାଳ ଅଗ୍ରୱାଲ, ଆମପାଣି ମଣ୍ଡଳ ସମ୍ପାଦକ ସନ୍ତୋଷ ମାଝି, ଲିଙ୍ଗରାଜ ରାଠୋଡ଼, ସୁଶିଳ ପାଢ଼ୀ, ଆସଭାନେତ୍ରୀ ଧରିତ୍ରୀ ବାଗଙ୍କ ସମେତ ଦଳୀୟ କର୍ମକର୍ତ୍ତା ଜନସମ୍ପର୍କ ଯାତ୍ରାରେ ସାମିଲ ରହିଥିଲେ।

### କଳାହାଣ୍ଡି ଜିଲା: ପ୍ରଥମ ଦିନରେ କେହି ନାମାଙ୍କନ କଲେନି

ଭବାନୀପାଟଣା, ୧୮।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ସାଧାରଣ ନିର୍ବାଚନ ପାଇଁ ଗୁରୁବାରଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲାରେ ଉଭୟ ଲୋକ ସଭା ଓ ବିଧାନ ସଭା ପାଇଁ କୋଣସି ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଜଣାପଡିଛି। କେବଳ ପ୍ରାର୍ଥୀମାନେ ନାମାଙ୍କନ ପାଇଁ ପତ୍ର ନେଇଛନ୍ତି। ଏଥିରେ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ୧୬ ବିଧାୟକ ପ୍ରାର୍ଥୀ ଓ ୪ଜଣ ଲୋକ ସଭା ପାଇଁ ନାମାଙ୍କନ ପତ୍ର ନେଇଛନ୍ତି। ଧର୍ମଗଡ ଉପଜିଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟରୁ ଜୁନାଗଡ ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ ତୁଲେଶ୍ୱର ନାଏକ ସମେତ ୩ଜଣ ବିଧାୟକ ପାଇଁ ନାମାଙ୍କନ ପତ୍ର ନେଇଛନ୍ତି। ଧର୍ମଗଡ ବିଧାନସଭା ପାଇଁ ଭାଜପା ପ୍ରାର୍ଥୀ ସୁଧୀର ପାଇଯୋଷୀ ସମେତ ୪ଜଣ ନାମାଙ୍କନ ପତ୍ର ନେଇଥିବା ଜଣାପଡିଛି। ସେହିପରି ଭବାନୀପାଟଣାସ୍ଥିତ ଜିଲାପାଳ, ଜିଲା ପରିଷଦ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଭବାନୀପାଟଣା ବିଧାନସଭା ପାଇଁ ୪, ନର୍ଲା ପାଇଁ ଜଣେ ଓ ଲାଞ୍ଜିଗଡ ବିଧାନସଭା ପାଇଁ ୨ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି। ସେହିପରି ଲୋକ ସଭା ପାଇଁ ଭାଜପା ପ୍ରାର୍ଥିନୀ ମାଳବିକା କେଶରୀ ଦେଓଙ୍କ ସମେତ ୩ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ମାନସ



@ ବିନାୟକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା

କୋକସରା, ୧୮।୪(ଦୁଷ୍ମନ୍ତ କୁମାର ପାଇଯୋଶୀ)

ମେ ୧୩ରେ କଳାହାଣ୍ଡି ଜିଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ସୃଷ୍ଟି ଅଭିଯାନ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଏହି କ୍ରମରେ ଗୁରୁବାର କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ସ୍ନେହାପ୍ରଭା ମାଝିଙ୍କ ତତ୍ତ୍ୱାବଧାନରେ ବ୍ଲକ ପରିସର ମଧ୍ୟରେ ଭୋଟର ସଚେତନତା ସୃଷ୍ଟି ଅଭିଯାନକୁ ନେଇ ଭି ମାଧ୍ୟମରେ ସଚେତନତା କରାଯାଇଛି। ଭୋଟ ହେଉଛି ନାଗରିକ ହେବାର ମୌଳିକ ଅଧିକାର, ଏହି ଅଧିକାରକୁ ସମସ୍ତେ କେମିତି ସାବ୍ୟସ୍ତ କରି ନିଜର ମତଦାନ କରିବେ ସେ ନେଇ ସଚେତନ କରାଯାଇଛି। ଏହି ଅବସରରେ ଜିପିଡିଓ ରାଜେନ୍ଦ୍ର ପାତ୍ର, ବିଏସଏସଓ ଦୀପକ କୁମାର ବେହେରା, ପିଇଓ ବିରଞ୍ଚି ଖର୍ସେଲଙ୍କ ସମେତ ଓଏଲଏମ, ସାମାଜିକ ସୁରକ୍ଷା ବିଭାଗୀୟ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଭୋଟର ସଚେତନତା ଶିବିର।

### ଚବିଶ ପ୍ରହର ନାମ ଯଜ୍ଞ ପାଇଁ କଳସ ଯାତ୍ରା

କୋମନା, ୧୮।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଝଗ୍ରାହୀ ଗ୍ରାମପଞ୍ଚାୟତ ଖମ୍ବାହୀ ଗ୍ରାମରେ ଚବିଶ ପ୍ରହର ନାମ ଯଜ୍ଞ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁର ଶତାଧିକ ମହିଳା ସଂକୀର୍ତ୍ତନ ଦଳ ସହ ନିକଟସ୍ଥ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରି କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ନାମ ଯଜ୍ଞରେ ଚରଣ ଥପା ଓ ମାଳତୀ ଥପା କର୍ତ୍ତା ଦାୟିତ୍ୱ ତୁଲାଇବେ। ଏଥିରେ ୭ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିବେ। ଶୁକ୍ରବାର ପୂର୍ବାହ୍ନ ୧୦.୩୫ରେ ନାମଆରମ୍ଭ ହେବ ଓ ସୋମବାର ୧୧.୩୫ରେ ପୂର୍ଣ୍ଣାହୁତି ହେବ। ଯଜ୍ଞ କମିଟିର ତାରାଚନ ଥପା, ଆଶାରାମ ବନ୍ଦୀଛୋର, ଚୈତନ ବାଗ, ଲିଙ୍ଗରାଜ ଥପା, ଭଗତ ଥପା, ଜୟପାଳ ଠେଲା, ଦୟା ନାଗ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନାମ ଯଜ୍ଞ ସଫଳ ହେବ।

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଏସ୍‌ଟି-ଓଟି-କେବଲ୍‌ଶିଫ୍ଟ-ଏବିବିଏସ୍_୨, (୨) ଏସ୍‌ଟି-ଓଟି-କେବଲ୍‌ଶିଫ୍ଟ-ଏବିବିଏସ୍_୩, ତାରିଖ: ୧୬।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଏସ୍‌ଟିଇ (ସିଓ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଦର୍ଶିତ ତାରିଖର ୧୨.୦୦ ଘଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୨.୩୦ ଘଟିକାରେ ଖୋଲାଯିବ। **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା:** (୧) ଏସ୍‌ଏସ୍‌ଇ/ଏସ୍/ଆର‌ଆର‌ଆଇ/କେଜିପି, ଏସ୍‌ଏସ୍‌ଇ/ଏସ୍/ୱେଷ୍ଟ/କେଜିପି, ଏସ୍‌ଏସ୍‌ଇ/ଏସ୍/ଏନ୍‌ଏମ୍‌ପି, ଏସ୍‌ଏସ୍‌ଇ/ଏସ୍/ଜିଟିଏସ୍, ଏସ୍‌ଏସ୍‌ଇ/ଟି/ସିଏନ୍‌ଆଇ/କେଜିପି ଏବଂ ଏସ୍‌ଏସ୍‌ଇ/ଟି/ଡବ୍ଲ୍ୟୁ/କେଜିପି ଅଧୀନରେ କେଜିପି-ଏମ୍‌ଡିଏନ୍ ସେକ୍ସନ ସମେତ କେଜିପି-ଟାଟା ସେକ୍ସନରେ ଏବିବିଏସ୍ ସ୍କିମ୍ ଅଧୀନରେ ୧୨.୦ ମି ପ୍ରସ୍ଥ ଏଫ୍‌ଓବିର କାର୍ଯ୍ୟ ସଂକ୍ରାନ୍ତରେ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କାର୍ଯ୍ୟର ଏସ୍ ଆଣ୍ଡ ଟି ଅଂଶର କାର୍ଯ୍ୟ ତଥା ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନରେ ଏମ୍‌ଡିଏନ୍ ଷ୍ଟେଶନଠାରେ ୨ ଗୋଟି ଏସ୍କେଲେଟରର ବ୍ୟବସ୍ଥା। (୨) ନିମ୍ନଲିଖିତ କାର୍ଯ୍ୟ ସଂକ୍ରାନ୍ତୀୟ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ (i) ଏସ୍‌ଏସ୍‌ଇ/ଏସ୍/ ସାଉଥ/କେଜିପି, ଏସ୍‌ଏସ୍‌ଇ/ଏସ୍/ବିଏଲ୍‌ଏସ୍, ଏସ୍‌ଏସ୍‌ଇ/ ଟି/ ସିଏନ୍‌ଏଲ୍/କେଜିପି ଏବଂ ଏସ୍‌ଏସ୍‌ଇ/ଟି/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏବିବିଏସ୍ ସ୍କିମ୍ ଅଧୀନରେ ୧୨.୦ ମିଟର ପ୍ରସ୍ଥ ଏଫ୍‌ଓବିର ବ୍ୟବସ୍ଥା ସଂକ୍ରାନ୍ତରେ (ii) ରୁପ୍‌ସା-ବାଙ୍ଗିରିପୋଷୀ ସେକ୍ସନରେ ପିଏଫ୍ ପୃଷ୍ଠଭାଗର ଉନ୍ନତୀକରଣ ତଥା ୱାଟର୍ ଭାଟ୍ ଓ ଟଏଲେଟ୍‌ର ବ୍ୟବସ୍ଥା ସଂକ୍ରାନ୍ତୀୟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୩୯,୨୨,୪୪୩.୭୮ (କ୍ର.ସଂ. ୧ ପାଇଁ) ଏବଂ ₹୪୬,୯୭,୮୯୩.୩୬ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୭୮,୫୦୦ (କ୍ର.ସଂ. ୧ ପାଇଁ) ଏବଂ ₹୯୪,୦୦୦ (କ୍ର.ସଂ. ୨ ପାଇଁ)। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୬ ମାସ। **ଦାଖଲର ଶେଷ ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-52)

# ଶ୍ରୀରାମନବମୀରେ ବିଶାଳ ଶୋଭାଯାତ୍ରା



ଆଜୋଜନ କମିଟି ନୂଆପଡା।

ନୂଆପଡ଼ା, ୧୮।୪(ମକାରୁ ବେମାଲ)

ସ୍ଥାନୀୟ ହିନ୍ଦୁ ଯୁବ ସଙ୍ଗଠନ ନୂଆପଡା ଓ ସହରବାସୀଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀରାମନବମୀରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା, ପୁରୁଷ, ଯୁବତୀ, ଯୁବକ, ଆବାଳ ବୃଦ୍ଧବନିତ ସମସ୍ତ ସହରବାସୀ ସମସ୍ତେ ସାମିଲ ହୋଇ ମନ୍ଦିର ପଡା ରାମ ମନ୍ଦିରଠାରୁ ଏକ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଉଥିଲା। ନୂଆପଡା ସହର ଜୟ ଶ୍ରୀରାମ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ ସମସ୍ତେ ଭାବ ବିହ୍ୱଳ ଯାଇଥିଲା। ୩ଜଣ ଶିଶୁଙ୍କୁ ରାମ, ଲକ୍ଷ୍ମଣ ଓ ସିତା ବେଶରେ ସୁସଜିତ କରି ରଥାରୁଢ କରି ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଓ ରଥ ରାମ ମନ୍ଦିରଠାରୁ ବାହାରି ତେଲିପଡା ଦେଇ ଏକତା ଛକ ଠାରେ ପହଞ୍ଚିଥିଲା। ସେଠାରେ ସମସ୍ତେ ମିଶି ଏକତ୍ରିତ ଭାବରେ ହନୁମାନ ଚାଳିଶା ପାଠ କରି ଏରିକେସନ ଛକ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାର ସମସ୍ତଙ୍କ ପାଇଁ ଭଣ୍ଡାରାର ବ୍ୟବସ୍ଥା ମଧ୍ୟ ରହିଥିଲା। ହିନ୍ଦୁ ଯୁବ ସଙ୍ଗଠନ ନୂଆପଡା କର୍ମକର୍ତ୍ତା ଅଭିନାଶ ଦଣ୍ଡସେନା, କିଷନ ଦଣ୍ଡସେନା, ଶିବ ସହିସ, ତୁଷାର ଦଣ୍ଡସେନା, ଜିତେନ ଦଣ୍ଡସେନା, ଅନୀଲ ଯାଦବ, ସୁନୀଲ ଯାଦବ, ଅନୁଭବ ଦାସ, ପ୍ରଦୀପ ମାଝି, ଭୀଷ୍ମ ମାଝି, ରାହୁଲ ଯାଦବ, ସତ୍ୟମ ବନଛୋର, ଅତିଶ ଯାଦବ, ନିଖିଳ ଯାଦବ, ବିଷ୍ଣୁ ସାହୁ ପ୍ରମୁଖ ଆୟୋଜନ କରିଥିଲେ।

**ODISHA PUBLIC SERVICE COMMISSION**

**NOTICE**

**No. : 2056 / PSC, Dt : 16.04.2024**
(1R-03-2023-24, DR-V)

**Corrigendum to advertisement No. 31 of 2023-24 for recruitment to the post of Professors in different disciplines (Group - A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar Under Skill Development and Technical Education Department.**

No.D-9: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 02.05.2024** to facilitate the candidates to apply smoothly.

All other terms and conditions of the Advt. No.31 of 2023-24 remain unchanged.

OIPR-12002/11/0013/2425 **Sd./-Secretary**

**ODISHA PUBLIC SERVICE COMMISSION**

**NOTICE**

**No. : 2062 / PSC, Dt : 16.04.2024**
(1R-02-2023-24, DR-V)

**Corrigendum to advertisement No. 35 of 2023-24 for recruitment to the post of Assistant Professors in different disciplines (Group - A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar Under Skill Development and Technical Education Department.**

No.D-8: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 10.05.2024** to facilitate the candidates to apply smoothly.

All other terms and conditions of the Advt. No.35 of 2023-24 remain unchanged.

OIPR-12002/11/0009/2425 **Sd./-Secretary**

# ରାମନବମୀ ଅବସରରେ ଏବିଭିପିର ଶୋଭାଯାତ୍ରା

ଭବାନୀପାଟଣା, ୧୮।୪(ଉତ୍ତମ କୁମାର ଦାଶ)

ସାରା ଦେଶ ଏବେ ରାମ ମୟ। ପ୍ରଥମ ଥର ପାଇଁ ରାମ ନବମୀ ସମୟରେ ରାମଲଲା ନିଜର ଅଯୋଧ୍ୟାସ୍ଥିତ ମନ୍ଦିରର ଗର୍ଭ ଗୃହରେ ପୂଜା ପାଇଲେ। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଳାହାଣ୍ଡି ପକ୍ଷରୁ ଜୁନାଗଡ଼ଠାରେ ରାମ ନବମୀ ମହୋତ୍ସବ ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ବିଶାଳ ଶୋଭାଯାତ୍ରାରେ ରାମନବମୀ ପୂଜା ଓ ପାଳନ ସହିତ ଶୋଭାଯାତ୍ରା ହିଞ୍ଜିଳି ବହାଲି ହନୁମାନ ମନ୍ଦିରରୁ ଆରମ୍ଭ ହୋଇ ଲଙ୍କେଶରୀ ଛକରେ ଶେଷ ହୋଇଥିଲା।



ଏବିଭିପିର ଶୋଭାଯାତ୍ରା।

ଏହି ଶୋଭାଯାତ୍ରାରେ ଶତାଧିକ ଯୁବକ ଓ ରାମଭକ୍ତମାନେ ଯୋଗଦେଇ ସାରା ଜୁନାଗଡ଼କୁ ରାମ ମୟ ଓ ଗେରୁଆ ମୟ କରିଥିଲେ। ଏହି ଶୋଭାଯାତ୍ରା ନେତୃତ୍ୱ ଏବିଭିପିର ରାଜ୍ୟ ଖେଲୋ ଭାରତର ସଦସ୍ୟ ସୌରଭ ମିଶ୍ର, ବ୍ଲକ ସଂଯୋଜକ ଭୂଷଣ ମେହେର, ଖିତେଶ ମେହେର, ଶଙ୍କର ମାଝି ଓ ରାମ ମାଝି ପ୍ରମୁଖ ନେଇଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୮୪ **ବିଜ୍ଞାପନ** ତା:୧୯।୦୩।୨୦୨୪

No. CAD-54: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ୍‌ଆଇଜି-୪/୩ (MIG-4/3), ଆମ୍ବପୁଆ ହାଉସିଂ ବୋର୍ଡ଼, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସଙ୍ଗୀତା ପଣ୍ଡା, ସ୍ୱାମୀ: ଚିନ୍ତାମଣି ପଣ୍ଡା, ଟି-୨୮, ଆଇ.ଇ.ଏଲ୍ ଗୋମିଆ ଖମରା, ପୋ.: ଆଇ.ଇ ଗୋମିଆ, ଆୟର, ଗୋମିଆ, ବୋକାରୋ, ଝାଡ଼ଖଣ୍ଡ-୮୨୯୧୧୧ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସଙ୍ଗୀତା ପଣ୍ଡା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ କେ. ଗଣେଶ ରାଓ, ପିତା: କେ. ଅଚ୍ୟୁତ ରାଓ, ସା/ପୋ: କରପଡ଼ା, ଥାନା: ଗଞ୍ଜାମ, ଜିଲ୍ଲା: ଗଞ୍ଜାମ-୭୬୧୦୨୬ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0047/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୮୭ **ବିଜ୍ଞାପନ** ତା:୦୯।୦୪।୨୦୨୪

No. CAD-49: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ତୋଷାଳୀ ଆପାର୍ଟମେଣ୍ଟ ସତ୍ୟନଗର ହାଉସିଂ ପ୍ରକଳ୍ପ, ବ୍ଲକ-୪, ଭୁବନେଶ୍ୱରରେ ଘର ନଂ. ଏ-୩୦୨ (A-302)ଟିକୁ ଶ୍ରୀ ସଞ୍ଜିବ କୁମାର ଆଚାର୍ଯ୍ୟ, ପିତା: ୰ଶିବ ନାରାୟଣ ଆଚାର୍ଯ୍ୟ, ସା: ହାବେଳୀ ଲେନ୍ (ଦୋଳ ମଣ୍ଡପ ସାହି), ପୁରୀ, ପୋ/ଥାନା: ପୁରୀ, ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜିବ କୁମାର ଆଚାର୍ଯ୍ୟ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସନ୍ଧ୍ୟାରାଣୀ ଘୋଷ, ସ୍ୱାମୀ: ଚକ୍ରଧର ଘୋଷ, ସା/ପୋ: ଅମରଡ଼ା, ଥାନା: ରସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0043/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ୧୯ ଏପ୍ରିଲ, ୨୦୨୪

**ବିଜେଡିର ମିଶ୍ରଣ ପର୍ବ**
ଟିଟିଲାଗଡ଼,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଜେଡ଼ିର ଏକ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ସଇଁତଲା ବ୍ଲକ ଶିଶକେଲା ପଞ୍ଚାୟତର ଶତାଧିକ କଂଗ୍ରେସ, ଭାଜପା ନେତା ସଂଗଠକ ବିଜେଡ଼ିରେସାମିଲହୋଇଛନ୍ତି।ଏହିଅବସରରେବରିଷ୍ଠବିଜେଡିନେତାଦିନେଶପ୍ରଧାନ,ସୁଜିତଶିକା,ନିଲୁମହାନନ୍ଦପ୍ରମୁଖଉପସ୍ଥିତଥିଲେ।



## ସଂକ୍ଷେପରେ

### ୧୩ ଲିଟର ମହୁଲି ମଦ ଜବତ, ଜଣେ ଗିରଫ

ଖପ୍ରାଖୋଲ, ୧୮।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ଭାନପୁର ପଞ୍ଚାୟତ ତୁର୍ଲା ଗାଁ ନିକଟରୁ ଦେଶୀ ମହୁଲି ମଦ ବିକିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ତୁର୍ଲା ଗାଁର ସଦାନନ୍ଦ ବରିହା (୫୦)। ତାଙ୍କଠାରୁ ୧୩ଲିଟର ୫ଶହ ମଦ ଜବତ କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି।

### କୁତୁର୍ଲା ସରପଞ୍ଚ, ୧୦ ୱାର୍ଡସଭ୍ୟ ବିଜେଡିରେ ମିଶିଲେ

ଦେଓଗାଁ, ୧୮।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତର ସରପଞ୍ଚ ତେଜ ହରପାଲ ଓ ତାଙ୍କ ସ୍ୱାମୀ ବରିଷ୍ଠ ଏସସି ସଂଗଠକ ଡମ୍ବରୁଧର ହରପାଲଙ୍କ ସମେତ ୧୦ଜଣ ୱାର୍ଡ ସଭ୍ୟାସଭ୍ୟ ଓ ବହୁ କଂଗ୍ରେସ କର୍ମୀ ଗୁରୁବାର ବିଜେଡିରେ ମିଶିଛନ୍ତି। ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ ଯାଇ ସେମାନେ ବିଜେଡିରେ ଯୋଗଦେଇଥିବା ଜଣାପଡିଛି। କଂଗ୍ରେସ ସମର୍ଥିତ ସରପଞ୍ଚ ହରପାଲ ଓ ତାଙ୍କ ସମର୍ଥକମାନେ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି । ଏହି ଅବସରରେ ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ରାଜ୍ୟ ବିଜେଡି ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ଯୁବନେତା ଦୀପକ ପଣ୍ଡା, ସଞ୍ଜୀବ ପଧାନ, ରିତୁ ବୁଡେ. କର୍ତ୍ତିରାଜ ବାଗ, ଉଦିତ ପାଢ଼ି, ଜୀବର୍ଦ୍ଧନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

### ଫାସଡ, ସକ୍ମାରେ ଭାଜପାର ପ୍ରଚାର ଅଭିଯାନ

ବଲାଙ୍ଗୀର, ୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫାସଡ଼, ସକମା, ମନହୀରା, କୁଟୁରାପାଲି, ରାଏପାଲି ଏବଂ ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମରେ ଭାଜପା ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି। ବଲାଙ୍ଗୀର ଭାଜପା ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ ଗୁରୁବାର ବିଭିନ୍ନ ଗାଁରେ ପହଞ୍ଚି ପ୍ରଚାର କରିଥିଲେ। ଶତାଧିକ ଭାଜପା କର୍ମୀ ଏବଂ ସମର୍ଥକଙ୍କ ଗହଣରେ ପାଣିଗ୍ରାହୀ ବିଭିନ୍ନ ଗାଁରେ ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା କରି ଭୋଟ୍ ଦେବାକୁ ନିବେଦନ କରିଛନ୍ତି। ଏହି ଅବସରରେ ବିଭିନ୍ନ ଗାଁରେ ବିଧାୟକ ପ୍ରାର୍ଥୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଟାୟାର ଫାଟି ଜଳିଗଲା ଆଲୁମିନା ପାଉଡର ବୋଝେଇ ଟ୍ରେଲର

ଲାଞ୍ଜିଗଡ଼, ୧୮।୪(ରମେଶ ଚନ୍ଦ୍ର ନାୟକ)



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ସିକେରକୂପା ଫାଣ୍ଡି ଅନ୍ତର୍ଗତ ଭବାନୀପାଟଣା–ରାୟଗଡାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥ କିଡିଙ୍ଗ ଗ୍ରାମ ନିକଟରେ ଗୁରୁବାର ଏକ ମାଲବାହୀ ଟ୍ରେଲର ଟାୟାର ଫାଟି ରାସ୍ତା ଉପରେ ହୁହୁ ହୋଇ ଜଳିଗଲା। ସୂଚନାନୁସାରେ ମାଲବାହୀ ଟ୍ରେଲର (ନଂ. ସିଜି୧୩–ଏଏନ–୬୨୦୧) ବିଶାଖାପାଟଣାଠାରୁ ଛତିଶଗଡ଼ର ରାଇଘରକୁ ଆଲୁମିନା ପାଉଡର ନେଇ ଯାଉଥିଲା। ସନ୍ଧ୍ୟା ସାଢେ ୬ଟାରେ କିଡିଙ୍ଗ ଗ୍ରାମ ନିକଟରେ ଟାୟାର ଫାଟିଯାଇ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଦେଖି ଚାଳକ ରାଜେଶ ଯାଦବ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ପାଖରେ ପାଣିର ସୁବିଧା ନ ଥିବା ଯୋଗୁ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଡ୍ରାଇଭର ରାଜେଶ ଓ ହେଲ୍‌ପର ସୁରକ୍ଷିତ ରହିଥିବା ବେଳେ ସ୍ଥାନୀୟ ଲୋକେ ଟ୍ରେଲରରେ ନିଆ ଲାଗିଥିବା ଦେଖି ସିକେରକୂପା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ମୀନକେତନ ଶବର ଏବଂ ଏସଆଇ ବିଶ୍ୱନାଥ ମହଲା ଟିମ ଘଟଣାସ୍ଥଳରେ ପହଞ୍ଚି ନର୍ଲା ଏବଂ ଲାଞ୍ଜିଗଡ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ୨୦ରୁ ସର୍ବଭାରତୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଝାରସୁଗୁଡ଼ା, ୧୮।୪ (ସଞ୍ଜୟ ମାଲି)

ଜିନିୟସ ଚେସ୍ ଏକାଡେମୀ ଝାରସୁଗୁଡା ଓ ଅପର୍ଣ୍ଣା ୱାର୍ଲଡ ସ୍କୁଲ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୦ ଓ ୨୧ ଏପ୍ରିଲରେ ଅପର୍ଣ୍ଣା ୱାର୍ଲଡ ସ୍କୁଲଠାରେ ସର୍ବଭାରତୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଲହଣ୍ଡାବୁଡ଼ସ୍ଥିତ ଅପର୍ଣ୍ଣା ୱାର୍ଲଡ ସ୍କୁଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଏହି ପ୍ରତିଯୋଗିତାରେ ୧୭ବର୍ଷରୁ କମ ବୟସର ପିଲାମାନେ ଭାଗନେଇ ପାରିବେ। ବର୍ତ୍ତମାନ ୧୫୦ରୁ ଊର୍ଦ୍ଧ୍ୱ ଚେସ୍ ଖେଳାଳିମାନେ ଅନ୍‌ଲାଇନ ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଆୟୋଜକଙ୍କ ପକ୍ଷରୁ ମୋଟ ୩୧୦୦୦ ଟଙ୍କାର ବିଭିନ୍ନ ପୁରସ୍କାର ବାବଦକୁ ସହ ୭୦ ଗୋଟି ଟ୍ରଫି ପ୍ରଦାନ କରାଯିବ ବୋଲି ଜିନିୟସ ଚେସ୍ ଏକାଡେମୀ ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରକାଶ ସାହୁ ପ୍ରେସ ବିବୃତିରେ କହିଛନ୍ତି। ଏକାଡେମୀର ଉପଦେଷ୍ଟା ବିବେକାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଦେଇ ଚେସ ଚାମ୍ପିୟନଶିପ ପ୍ରଥମଥର ପାଇଁ ଝାରସୁଗୁଡାରେ ହେଉଥିବାରୁ ଏଥିରେ ସମସ୍ତଙ୍କର ସହଭାଗିତା ପାଇଁ ଅନୁରୋଧ କରିଥିଲେ। ପରିଶେଷରେ ଉପଦେଷ୍ଟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### କଳାହାଣ୍ଡି ଜିଲା: ପ୍ରଥମ ଦିନରେ କେହି ନାମାଙ୍କନ କଲେନି

ଭବାନୀପାଟଣା, ୧୮।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ସାଧାରଣ ନିର୍ବାଚନ ପାଇଁ ଗୁରୁବାରଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲାରେ ଉଭୟ ଲୋକ ସଭା ଓ ବିଧାନ ସଭା ପାଇଁ କୋଣସି ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଜଣାପଡିଛି। କେବଳ ପ୍ରାର୍ଥୀମାନେ ନାମାଙ୍କନ ପାଇଁ ପତ୍ର ନେଇଛନ୍ତି। ଏଥିରେ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ୧୬ ବିଧାୟକ ପ୍ରାର୍ଥୀ ଓ ୪ଜଣ ଲୋକ ସଭା ପାଇଁ ନାମାଙ୍କନ ପତ୍ର ନେଇଛନ୍ତି। ଧର୍ମଗଡ ଉପଜିଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟରୁ ଜୁନାଗଡ ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ ତୁଳେଶ୍ୱର ନାଏକ ସମେତ ୩ଜଣ ବିଧାୟକ ପାଇଁ ନାମାଙ୍କନ ପତ୍ର ନେଇଛନ୍ତି। ଧର୍ମଗଡ ବିଧାନସଭା ପାଇଁ ଭାଜପା ପ୍ରାର୍ଥୀ ସୁଧୀର ପାଢୋଷୀ ସମେତ ୪ଜଣ ନାମାଙ୍କନ ପତ୍ର ନେଇଥିବା ଜଣାପଡିଛି। ସେହିପରି ଭବାନୀପାଟଣାସ୍ଥିତ ଜିଲାପାଳ, ଜିଲା ପରିଷଦ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଭବାନୀପାଟଣା ବିଧାନସଭା ପାଇଁ ୪, ନର୍ଲା ପାଇଁ ଜଣେ ଓ ଲାଞ୍ଜିଗଡ ବିଧାନସଭା ପାଇଁ ୨ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି। ସେହିପରି ଲୋକ ସଭା ପାଇଁ ଭାଜପା ପ୍ରାର୍ଥିନୀ ମାଳବିକା କେଶରୀ ଦେଓଙ୍କ ସମେତ ୩ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି।

# ଖୋଲାମୁହଁ ଖଣି ଓ ବୁଥ୍ ପରିଦର୍ଶନ କଲେ ଜିଲାପାଳ

ବ୍ରଜରାଜନଗର, ୧୮।୪(ବିଜୟ ବରାଡ଼)

ଝାରସୁଗୁଡା ଜିଲାପାଳ ଆବୋଲି ସୁନୀଲ ନରୱାନେ ଗୁରୁବାର ବ୍ରଜରାଜନଗର ଅଞ୍ଚଳରେ କାର୍ଯ୍ୟ କରୁଥିବା ମହାନଦୀ କୋଇଲା କମ୍ପାନୀର ଲାଜକୁରା ଖୋଲାମୁହଁ ଖଣି ପରିଦର୍ଶନ କରିଥିଲେ। ଏହି ସମୟରେ ସେ କାର୍ଯ୍ୟରତ ଅପରେଟରଙ୍କୁ ଭେଟି ସେମାନଙ୍କ ସୁରକ୍ଷା ପାଇଁ କମ୍ପାନୀ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ପଦସ୍ଥ ଅଫିସରମାନଙ୍କୁ ତାଗିଦ କରିଥିଲେ। ପରେ ଜିଲାପାଳ ମତଦାନ କେନ୍ଦ୍ର ହେବାକୁ ଥିବା ବୁଢିଆ ସରକାରୀ ବିଦ୍ୟାଳୟକୁ ଯାଇ ଚାରିପାଖ ବୁଲି ଦେଖିବା ସହ ଶିକ୍ଷକମାନଙ୍କ ସହ ଆଲୋଚନା କରି ଝାରସୁଗୁଡା ଫେରିଥିଲେ।




ବୁଢିଆ ସ୍କୁଲ ପରିସରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ମାନସ



@ ବିନାୟକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଚବିଶ ପ୍ରହର ନାମ ଯଜ୍ଞ ପାଇଁ କଳସ ଯାତ୍ରା

କୋମନା, ୧୮।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଝଗ୍ରାହୀ ଗ୍ରାମପଞ୍ଚାୟତ ଖମ୍ବାହୀ ଗ୍ରାମରେ ଚବିଶ ପ୍ରହର ନାମ ଯଜ୍ଞ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁର ଶତାଧିକ ମହିଳା ସଂକୀର୍ତ୍ତନ ଦଳ ସହ ନିକଟସ୍ଥ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରି କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ନାମ ଯଜ୍ଞରେ ଚରଣ ଥପା ଓ ମାଳତୀ ଥପା କର୍ତ୍ତା ଦାୟିତ୍ୱ ତୁଲାଇବେ। ଏଥିରେ ୭ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିବେ। ଶୁକ୍ରବାର ପୂର୍ବାହ୍ଣ ୧୦.୩୫ରେ ନାମଆରମ୍ଭ ହେବ ଓ ସୋମବାର ୧୧.୩୫ରେ ପୂର୍ଣ୍ଣାହୁତି ହେବ। ଯଜ୍ଞ କମିଟିର ତାରାଚନ ଥପା, ଆଶାରାମ ବନ୍ଦୀଛୋର, ଚୈତନ ବାଗ, ଲିଙ୍ଗରାଜ ଥପା, ଭଗତ ଥପା, ଜୟପାଳ ଠେଲା, ଦୟା ନାଗ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନାମ ଯଜ୍ଞ ସଫଳ ହେବ।

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଏସ୍‌ଟି-ଓଟି-କେବଲ୍‌ଶିଫ୍ଟ-ଏବିବିଏସ୍_୨, (୨) ଏସ୍‌ଟି-ଓଟି-କେବଲ୍‌ଶିଫ୍ଟ-ଏବିବିଏସ୍_୩, ତାରିଖ: ୧୬।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଏସ୍‌ଟିଇ (ସିଓ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଦର୍ଶିତ ତାରିଖର ୧୨.୦୦ ଘଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୨.୩୦ ଘଟିକାରେ ଖୋଲାଯିବ। **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା:** (୧) ଏସ୍‌ଏସ୍‌ଇ/ଏସ୍/ଆରଆରଆଇ/କେଜିପି, ଏସ୍‌ଏସ୍‌ଇ/ଏସ୍/ୱେଷ୍ଟ/କେଜିପି, ଏସ୍‌ଏସ୍‌ଇ/ଏସ୍/ଏନ୍‌ଏମ୍‌ପି, ଏସ୍‌ଏସ୍‌ଇ/ଏସ୍/ଜିଟିଏସ୍, ଏସ୍‌ଏସ୍‌ଇ/ଟି/ସିଏନ୍‌ଆଇ/କେଜିପି ଏବଂ ଏସ୍‌ଏସ୍‌ଇ/ଟି/ଡବ୍ଲ୍ୟୁ/କେଜିପି ଅଧୀନରେ କେଜିପି-ଏମ୍‌ଡିଏନ୍ ସେକ୍ସନ ସମେତ କେଜିପି-ଟାଟା ସେକ୍ସନରେ ଏବିବିଏସ୍ ସ୍କିମ୍ ଅଧୀନରେ ୧୨.୦ ମି ପ୍ରସ୍ଥ ଏଫ୍‌ଓବିର କାର୍ଯ୍ୟ ସଂକ୍ରାନ୍ତରେ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କାର୍ଯ୍ୟର ଏସ୍ ଆଣ୍ଡ ଟି ଅଂଶର କାର୍ଯ୍ୟ ତଥା ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନରେ ଏମ୍‌ଡିଏନ୍ ଷ୍ଟେଶନଠାରେ ୨ ଗୋଟି ଏସ୍କେଲେଟରର ବ୍ୟବସ୍ଥା। **(୨)** ନିମ୍ନଲିଖିତ କାର୍ଯ୍ୟ ସଂକ୍ରାନ୍ତୀୟ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ (i) ଏସ୍‌ଏସ୍‌ଇ/ଏସ୍/ ସାଉଥ୍/କେଜିପି, ଏସ୍‌ଏସ୍‌ଇ/ଏସ୍/ବିଏଲ୍‌ଏସ୍, ଏସ୍‌ଏସ୍‌ଇ/ ଟି/ ସିଏନ୍‌ଏଲ୍/କେଜିପି ଏବଂ ଏସ୍‌ଏସ୍‌ଇ/ଟି/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏବିବିଏସ୍ ସ୍କିମ୍ ଅଧୀନରେ ୧୨.୦ ମିଟର ପ୍ରସ୍ଥ ଏଫ୍‌ଓବିର ବ୍ୟବସ୍ଥା ସଂକ୍ରାନ୍ତରେ (ii) ରୁପସା-ବାଙ୍ଗିରିପୋଷୀ ସେକ୍ସନରେ ପିଏଫ୍ ପୃଷ୍ଠଭାଗର ଉନ୍ନତୀକରଣ ତଥା ୱାଟର୍ ଭାଟ୍ ଓ ଟଏଲେଟ୍‌ର ବ୍ୟବସ୍ଥା ସଂକ୍ରାନ୍ତୀୟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୩୯,୨୨,୪୪୩.୭୮ (କ୍ର.ସଂ. ୧ ପାଇଁ) ଏବଂ ₹୪୬,୯୭,୮୯୩.୩୬ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୭୮,୫୦୦ (କ୍ର.ସଂ. ୧ ପାଇଁ) ଏବଂ ₹୯୪,୦୦୦ (କ୍ର.ସଂ. ୨ ପାଇଁ)। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୬ ମାସ। **ଦାଖଲର ଶେଷ ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-52)

# ଶ୍ରୀରାମନବମୀରେ ବିଶାଳ ଶୋଭାଯାତ୍ରା



ଆଜୋଜନ କମିଟି ନୂଆପଡା।

ନୂଆପଡ଼ା, ୧୮।୪(ମକାରୁ ବେମାଲ)

ସ୍ଥାନୀୟ ହିନ୍ଦୁ ଯୁବ ସଙ୍ଗଠନ ନୂଆପଡା ଓ ସହରବାସୀଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀରାମନବମୀରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା, ପୁରୁଷ, ଯୁବତୀ, ଯୁବକ, ଆବାଳ ବୃଦ୍ଧବନିତ ସମସ୍ତ ସହରବାସୀ ସମସ୍ତେ ସାମିଲ ହୋଇ ମନ୍ଦିର ପଡା ରାମ ମନ୍ଦିରଠାରୁ ଏକ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଉଥିଲା। ନୂଆପଡା ସହର ଜୟ ଶ୍ରୀରାମ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ ସମସ୍ତେ ଭାବ ବିହ୍ୱଳ ଯାଇଥିଲା। ୩ଜଣ ଶିଶୁଙ୍କୁ ରାମ, ଲକ୍ଷ୍ମଣ ଓ ସିତା ବେଶରେ ସୁସଜିତ କରି ରଥାରୁଢ କରି ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଓ ରଥ ରାମ ମନ୍ଦିରଠାରୁ ବାହାରି ତେଲିପଡା ଦେଇ ଏକତା ଛକ ଠାରେ ପହଞ୍ଚିଥିଲା। ସେଠାରେ ସମସ୍ତେ ମିଶି ଏକତ୍ରିତ ଭାବରେ ହନୁମାନ ଚାଳିଶା ପାଠ କରି ଏରିକେସନ ଛକ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାର ସମସ୍ତଙ୍କ ପାଇଁ ଭଣ୍ଡାରାର ବ୍ୟବସ୍ଥା ମଧ୍ୟ ରହିଥିଲା। ହିନ୍ଦୁ ଯୁବ ସଙ୍ଗଠନ ନୂଆପଡା କର୍ମକର୍ତ୍ତା ଅଭିନାଶ ଦଣ୍ଡସେନା, କିଷନ ଦଣ୍ଡସେନା, ଶିବ ସହିସ, ତୁଷାର ଦଣ୍ଡସେନା, ଜିତେନ ଦଣ୍ଡସେନା, ଅନୀଲ ଯାଦବ, ସୁନୀଲ ଯାଦବ, ଅନୁଭବ ଦାସ, ପ୍ରଦୀପ ମାଝି, ଭୀଷ୍ମ ମାଝି, ରାହୁଲ ଯାଦବ, ସତ୍ୟମ ବନଛୋର, ଅତିଶ ଯାଦବ, ନିଖିଳ ଯାଦବ, ବିଷ୍ଣୁ ସାହୁ ପ୍ରମୁଖ ଆୟୋଜନ କରିଥିଲେ।

# ରାମନବମୀ ଅବସରରେ ଏବିଭିପିର ଶୋଭାଯାତ୍ରା

ଭବାନୀପାଟଣା, ୧୮।୪(ଉତ୍ତମ କୁମାର ଦାଶ)

ସାରା ଦେଶ ଏବେ ରାମ ମୟ। ପ୍ରଥମ ଥର ପାଇଁ ରାମ ନବମୀ ସମୟରେ ରାମଲଲା ନିଜର ଅଯୋଧ୍ୟାସ୍ଥିତ ମନ୍ଦିରର ଗର୍ଭ ଗୃହରେ ପୂଜା ପାଇଲେ। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଳାହାଣ୍ଡି ପକ୍ଷରୁ ଜୁନାଗଡ଼ଠାରେ ରାମ ନବମୀ ମହୋତ୍ସବ ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ବିଶାଳ ଶୋଭାଯାତ୍ରାରେ ରାମନବମୀ ପୂଜା ଓ ପାଳନ ସହିତ ଶୋଭାଯାତ୍ରା ହିଞ୍ଜିଳି ବହାଲି ହନୁମାନ ମନ୍ଦିରରୁ ଆରମ୍ଭ ହୋଇ ଲଙ୍କେଶରୀ ଛକରେ ଶେଷ ହୋଇଥିଲା।



ଏବିଭିପିର ଶୋଭାଯାତ୍ରା।

ଏହି ଶୋଭାଯାତ୍ରାରେ ଶତାଧିକ ଯୁବକ ଓ ରାମଭକ୍ତମାନେ ଯୋଗଦେଇ ସାରା ଜୁନାଗଡ଼କୁ ରାମ ମୟ ଓ ଗେରୁଆ ମୟ କରିଥିଲେ। ଏହି ଶୋଭାଯାତ୍ରା ନେତୃତ୍ୱ ଏବିଭିପିର ରାଜ୍ୟ ଖେଲୋ ଭାରତର ସଦସ୍ୟ ସୌରଭ ମିଶ୍ର, ବ୍ଲକ ସଂଯୋଜକ ଭୂଷଣ ମେହେର, ଖିତେଶ ମେହେର, ଶଙ୍କର ମାଝି ଓ ରାମ ମାଝି ପ୍ରମୁଖ ନେଇଥିଲେ।

**ODISHA PUBLIC SERVICE COMMISSION**
**NOTICE**
No. : 2056 / PSC, Dt : 16.04.2024
(1R-03-2023-24, DR-V)
**Corrigendum to advertisement No. 31 of 2023-24 for recruitment to the post of Professors in different disciplines (Group - A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar Under Skill Development and Technical Education Department.**
No.D-9: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 02.05.2024** to facilitate the candidates to apply smoothly.
All other terms and conditions of the Advt. No.31 of 2023-24 remain unchanged.
OIPR-12002/11/0013/2425 Sd./-Secretary

**ODISHA PUBLIC SERVICE COMMISSION**
**NOTICE**
No. : 2062 / PSC, Dt : 16.04.2024
(1R-02-2023-24, DR-V)
**Corrigendum to advertisement No. 35 of 2023-24 for recruitment to the post of Assistant Professors in different disciplines (Group - A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar Under Skill Development and Technical Education Department.**
No.D-8: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 10.05.2024** to facilitate the candidates to apply smoothly.
All other terms and conditions of the Advt. No.35 of 2023-24 remain unchanged.
OIPR-12002/11/0009/2425 Sd./-Secretary

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୮୪ **ବିଜ୍ଞାପନ** ତା:୧୯।୦୩।୨୦୨୪
No. CAD-54: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ୍‌ଆଇଜି–୪/୩ (MIG-4/3), ଆୟପୁଆ ହାଉସିଂ ବୋର୍ଡ଼, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସଙ୍ଗୀତା ପଣ୍ଡା, ସ୍ୱାମୀ: ଚିନ୍ତାମଣି ପଣ୍ଡା, ଟି–୨୮, ଆଇ.ଇ.ଏଲ୍ ଗୋମିଆ ଖମରା, ପୋ.: ଆଇ.ଇ ଗୋମିଆ, ଆୟର, ଗୋମିଆ, ବୋକାରୋ, ଝାଡ଼ଖଣ୍ଡ–୮୨୯୧୧୧ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସଙ୍ଗୀତା ପଣ୍ଡା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ କେ. ଗଣେଶ ରାଓ, ପିତା: କେ. ଅଚ୍ୟୁତ ରାଓ, ସା/ପୋ: କରପଡ଼ା, ଥାନା: ଗଞ୍ଜାମ, ଜିଲ୍ଲା: ଗଞ୍ଜାମ–୭୬୧୦୨୬ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0047/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୮୭ **ବିଜ୍ଞାପନ** ତା:୦୯।୦୪।୨୦୨୪
No. CAD-49: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ତୋଷାଳୀ ଆପାର୍ଟମେଣ୍ଟ ସତ୍ୟନଗର ହାଉସିଂ ପ୍ରକଳ୍ପ, ବ୍ଲକ–୪, ଭୁବନେଶ୍ୱରରେ ଘର ନଂ. ଏ–୩୦୨ (A-302)ଟିକୁ ଶ୍ରୀ ସଞ୍ଜିବ କୁମାର ଆଚାର୍ଯ୍ୟ, ପିତା: ୰ଶିବ ନାରାୟଣ ଆଚାର୍ଯ୍ୟ, ସା: ହାବେଳୀ ଲେନ୍ (ଦୋଳ ମଣ୍ଡପ ସାହି), ପୁରୀ, ପୋ/ଥାନା: ପୁରୀ, ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜିବ କୁମାର ଆଚାର୍ଯ୍ୟ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସନ୍ଧ୍ୟାରାଣୀ ଘୋଷ, ସ୍ୱାମୀ: ଚକ୍ରଧର ଘୋଷ, ସା/ପୋ: ଅମରଡ଼ା, ଥାନା: ରସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0043/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ସଂକ୍ଷେପରେ

### ବ୍ଲକ ଅଧ୍ୟକ୍ଷଙ୍କୁ ବାରମ୍ବାର ଗିରଫ କରି ନିର୍ଯାତନା ଦେଉଥିବା ଅଭିଯୋଗ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ଭବାନୀପାଟଣା,୧୮।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ମିଥ୍ୟା ମାମଲାରେ ବାରମ୍ବାର ଗିରଫ କରି ନିର୍ଯାତନା ଦେଉଥିବା ଅଭିଯୋଗ ଆସିଛି। ଏ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଗୋଲାମୁଣ୍ଡା ବ୍ଲକ ଅଞ୍ଚଳବାସୀ। ପ୍ରଥମେ ଫସଲ ବୀମା ଓ ପରେ ଭିଜିଲାନ୍ସ ବିଭାଗ ଦ୍ୱାରା ମିଥ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇଥିବା ଅଭିଯୋଗ କରିଛନ୍ତି। ଜଣେ ଦଳିତ, ନିଷ୍ଠା ଓ ସ୍ୱଚ୍ଛ ବ୍ୟକ୍ତିଙ୍କୁ କେଉଁ ଶକ୍ତିର ବଶବର୍ତ୍ତି ହୋଇ ତାଙ୍କୁ ଗିରଫ କରାଯାଉଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ବ୍ଲକ ଅଧ୍ୟକ୍ଷ ବିନ୍ଦୁଙ୍କୁ ଶୀଘ୍ର କାରଗାରାରୁ ମୁକ୍ତ କରିବା ପାଇଁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରରେ ନିବେଦନ କରିଛନ୍ତି।

### ଭୋଟ ଦେବାକୁ ସୋସିଆଲ ମିଡିଆରେ ଜିଲାପାଳଙ୍କ ନିବେଦନ



ଭବାନୀପାଟଣା,୧୮।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଆସନ୍ତା ମେ ୧୩ ତାରିଖ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଜିଲାରେ ଯେମିତି ଶାନ୍ତିଶୃଙ୍ଖଳା ସହ ସୁରୁଖୁରୁରେ ହେବ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ସମସ୍ତ ଭୋଟର ଯେମିତି ଏହି ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜ ମତଧିକାର (ଭୋଟ) ଦେବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ସଚେତନ ମଧ୍ୟ କରାଯାଉଛି। ଏପରିସ୍ଥଳେ ଗୁରୁବାର କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ସୋସିଆଲ ମିଡିଆ ମାଧ୍ୟମରେ କଳାହାଣ୍ଡି ଭୋଟରଙ୍କୁ ଆସନ୍ତା ନିର୍ବାଚନରେ ସମସ୍ତେ ନିଜ ନିଜ ବୁଥ୍‌କୁ ଯାଇ ଭୋଟ ଦେବାକୁ ନିବେଦନ କରିଛନ୍ତି। ଏହାସହ ନିର୍ବାଚନର ପରବ ଆମ ଦେଶର ଗରବ ବୋଲି ସେ ଭୋଟରଙ୍କୁ ବାର୍ତ୍ତା ମଧ୍ୟ ଦେଇଛନ୍ତି। ଯାହାର ଭିଡିଓ ଏବେ ଭାଇରାଲ ହୋଇଛି।

# ବିଜୁଳି, ପାନୀୟ ଜଳ ମୁଖ୍ୟ ସମସ୍ୟା



ଲିଟିବୁଣ୍ଡେଲ ଗାଁ।



ଗାଁ ନିକଟ ଏକ ଝରଣାରୁ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି।

**ସମସ୍ୟାରେ ଅବହେଳିତ ଲିଟିବୁଣ୍ଡେଲ ଗାଁ**

- ଉଚ୍ଚ ଶିକ୍ଷାର ସୁବିଧା ନାହିଁ, ଛାତ୍ର ଯାଉଛନ୍ତି ଦାଦନ

ଲାଞ୍ଜିଗଡ଼,୧୮।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତର ଲିଟିବୁଣ୍ଡେଲ ଗାଁରେ ସରକାରଙ୍କ ବିକାଶ ଅପହଞ୍ଚ। ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ୧୨ କି.ମି. ଦୂରରେ ଥିବା ବେଳେ ଉଚ୍ଚ ଶିକ୍ଷା, ପାନୀୟଜଳ, ବିଜୁଳି ସବୁ ଦୃଷ୍ଟିରୁ ଅବହେଳିତ ହୋଇ ରହିଛି। ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବେନଗାଁ ପଞ୍ଚାୟତର ଏକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଲିଟିବୁଣ୍ଡେଲ ଗାଁରେ ୧୨୦ଟି ପରିବାର ରହୁଥିବା ଏହି ଗାଁ ସମସ୍ୟା ଘେରରେ ବନ୍ଧାପଡିଛି। ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବଣପାହାଡ ଭିତରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କିପରି ଜୀବନ ଜାପନ କରୁଛନ୍ତି ସେମାନଙ୍କ ସମସ୍ୟା ସବୁ କ'ଣ ରହିଛି ଏମାନଙ୍କ ପାଇଁ ସରକାର ଓ ପ୍ରଶାସନର ଦରଦ କେତେ ଏସବୁ ବିଷୟ ବଖାଣ କରୁଛି ଅପହଞ୍ଚ ଗାଁ ଲିଟିବୁଣ୍ଡେଲର। ଦୀର୍ଘ ବର୍ଷ ଧରି ଏହି ଗାଁରେ ଲୋକେ ବାସ କରି ଆସୁଥିଲେ ମଧ୍ୟ ଗାଁର ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ, ବିଜୁଳି ଓ ଉଚ୍ଚ ଶିକ୍ଷା। ଗ୍ରାମରେ ୨ଟି ନଳକୂପ ଆଜକୁ ୭ ବର୍ଷ ହେଲା ଅଚଳ। ଗ୍ରାମ ନିକଟ ଝରଣର ଦୁଇ ପାଖରେ କୁଣ୍ଡ କରି ସେଠାରୁ ବାହାରି ଥିବା ପାଣିକୁ ବ୍ୟବହାର କରୁଛନ୍ତି। ବର୍ଷା ଦିନେ ପାଣି ଗୋଳିଆ ହେଉଥିବା ବେଳେ ଖରା ଦିନେ ଝରଣା ପାଣି ସୁଖି ଯାଉଛି। ଏ ନେଇ ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଝରଣାରେ ବନ୍ୟ ଜନ୍ତୁ, ଗୃହ ପାଳିତ ପ୍ରାଣୀ ଚଳପ୍ରଚଳ କରୁଥିବା ବେଳେ ସେହି ଦୂଷିତ ପାଣି ବ୍ୟବହାର କରୁଥିବାରୁ ଏମାନଙ୍କ ଶରୀରରେ ରୋଗ ଘରକରି ରହିଛି। ଏହି ଗାଁକୁ ଆଜି ପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇ ନ ଥିବା ବେଳେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାହା ପୂରଣ ହୋଇପାରି ନାହିଁ। ଫଳରେ ଆଜି ବି ଛାତ୍ରୀଛାତ୍ରମାନେ ଡିବିରି ଆଲୋକରେ ପାଠ ପଢୁଛନ୍ତି। ଏମ୍‌ଜିଏନ୍‌ଆର୍‌ଜିଏସ୍ କିମ୍ବା ଅନ୍ୟ କୌଣସି ଯୋଜନା ଏମାନଙ୍କ ହାତକୁ ଠିକ ଭାବେ କାମ ଦେଇ ପାରିଲାନାହିଁ। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହେଉଥିଲେ ମଧ୍ୟ ମାଟିର ମୋହ ଏମାନଙ୍କୁ ଗାଁରେ ବାନ୍ଧି ରଖିପାରିନି। ଏହି ଗାଁରୁ ବର୍ତ୍ତମାନ ମଧ୍ୟ ୨୦ରୁ ଅଧିକ ପରିବାର ବିଭିନ୍ନ ରାଜ୍ୟରେ ଦାଦନ ଖଟିବାକୁ ଯାଇଛନ୍ତି। ଗାଁରେ ପ୍ରାଥମିକ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ପରେ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଫଳରେ ଛାତ୍ରମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ବାଧ ହୋଇ ଯାଇଛନ୍ତି। ଲାଞ୍ଜିଗଡ ଏସଏସଡି ସ୍କୁଲରେ ପଢୁଥିବା ନବମ ଶ୍ରେଣୀର ଛାତ୍ର ଦେବେନ୍ଦ୍ର ହରିଜନ କିଛି ମାସ ହେଲା କେରଳକୁ ଯାଇଥିବା ବେଳେ ଏକ ମାସ ହେଲା ଦଶମ ଶ୍ରେଣୀର ଛାତ୍ର ଉପେନ୍ଦ୍ର ହରିଜନ ମଧ୍ୟ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛି। ଅନୁସୂଚିତ ଜନଜାତି ପାଇଁ ସରକାର ହଷ୍ଟେଲ ସୁବିଧା ଯୋଗାଇ ଦେଇଥିବା ବେଳେ ଅନୁସୂଚିତ ଜାତି ପାଇଁ ହଷ୍ଟେଲ ସୁବିଧା ନାହିଁ। ଫଳରେ ଛାତ୍ରଛାତ୍ରୀ ୭ କିମି ଦୂର ବାଟ ତିନିଟି ପାହାଡ଼, ଦୁଇଟି ନାଳ ଅତିକ୍ରମ କରି ଲାଞ୍ଜିଗଡ ଏସଏସଡି ହାଇସ୍କୁଲକୁ ଯାଇଥାନ୍ତି। ପାହାଡ ପର୍ବତ ଦେଇ ଯିବା ସମୟରେ ପାଦେ ବିପଦ ଥିବା ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। କରୋନା କଟକଣା ଯୋଗୁ ବର୍ତ୍ତମାନ ଗୋଟିଏ ଛାତ୍ର ଲାଞ୍ଜିଗଡ ସ୍କୁଲ ଆସୁଥିବା ବେଳେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ନିଜ ଘରେ ଅଛନ୍ତି। ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନ ଓ ଜନ ପ୍ରତିନିଧି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଗାଡ଼ି ଯାଞ୍ଚ ବେଳେ ଗଞ୍ଜେଇ ଜବତ, ଜଣେ ଗିରଫ

ନୂଆପଡ଼ା,୧୮।୪(ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ୨୬ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଉତ୍ତର ପ୍ରଦେଶ ଆକବରପୁର ଥାନା ପହରପୁର ଗାଁର ପିଣ୍ଟୁ ସିଂ (୩୦)। ସେ ନୂଆପଡା ଜିଲା କୋମନା ଥାନା ଜେଠୁପାଲି ଗାଁରୁ ଉତ୍ତର ପ୍ରଦେଶ ଚାଲାଣ କରୁଥିବା ପୋଲିସ ସୂତ୍ରରୁ ପ୍ରକାଶ। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୀମାନ୍ତ ଅଞ୍ଚଳରେ କଡାକଡି ଭାବେ ଯାଞ୍ଚ କରାଯାଇଛି। ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ରାତ୍ରି ପ୍ରାୟ ୨ରୁ ୩ଟା ମଧ୍ୟରେ ଖରିଆର ରୋଡ ସହର ଭିତରେ ଜଲାରାମ ଛକ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ବୋଲେରୋ ଯାଞ୍ଚ କରିବାରୁ ଏକ ଧଳା ରଙ୍ଗର ପ୍ଲାଷ୍ଟିକ ବ୍ୟାଗରେ ୨୬ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା। ପୋଲିସ ଗଞ୍ଜେଇ, ଏକ କିପେଡ ମୋବାଇଲ ଓ ପାନ ଜବତ କରି ଏକ ମାମଲା ରୁଜୁ କରି ପିଣ୍ଟୁ ସିଂଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସଆଇ ମେହେର ସୂଚନା ଦେଇଛନ୍ତି। ଚଢାଉରେ ଏସଆଇ ମେହେରଙ୍କ ସମେତ ଏଏସଆଇ ସୁଧିର ନାଏକ, ହାବିଦାର ସଞ୍ଜୟ ଯଦୁବଂଶି, ରାମେଶ ଚନ୍ଦ୍ରକାର, ବଳଦେବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପନ୍ନ ହେଲା ଚୈତ୍ର ମହୋତ୍ସବ ଝାମୁଯାତ୍ରା

ରିଷିଡ଼ା,୧୮।୪(ସୁଶାନ୍ତ ମଲ୍ଲିକ)



ମା' ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରାରେ ବରୁଆ ନିଆଁରେ ଚାଲୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଶୈବଶକ୍ତି ପୀଠରେ ଚାଲିଥିବା ଚୈତ୍ର ମହୋତ୍ସବର ସପ୍ତମ ଦିବସରେ ମା' ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରା ଗୁରୁବାର ସମାପ୍ତ ହୋଇଯାଇଛି। ମା' ତାରିଣୀ ଅଷ୍ଟଚଣ୍ଡୀଙ୍କ ମନ୍ଦିର ସମ୍ମୁଖ ପଡ଼ିଆରେ ୧୦ ଫୁଟର ତିନୋଟି ଖନ୍ଦା କରାଯାଇ ନିଆଁରେ ଭର୍ତ୍ତି କରାଯାଇଥିଲା। ଷୋଳସହସ୍ର ପୂଜାର୍ଚ୍ଚନା କରିବା ପରେ ବାଦ୍ୟରେ ପ୍ରକମ୍ପିତ ହୋଇ ଉଠିଥିଲା ଏହିପୀଠ। ଏହାରେ ମାନସିକ ଧାରି ଭକ୍ତ ଏବଂ ବରୁଆ ନିଆଁରେ ଚାଲିଥିଲେ। ଦୀର୍ଘ ୧୩ ବର୍ଷ ହେଲା ଏହି ପିଠରେ ପ୍ରସିଦ୍ଧ ଝାମୁଯାତ୍ରାରେ ପାୟ ୧୦ ହଜାର ନାରୀନରମାନେ ଉପସ୍ଥିତ ହୋଇଥିଲେ। ଅନେକ ମାନସିକ ଧାରି ବ୍ରତ ରଖିଥିବା ବେଳେ ତାରିଣୀଙ୍କ ପୀଠସ୍ଥଳରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଏହି ପୀଠରେ ସାତଦିନ ବ୍ୟାପୀ ଚୈତ୍ର ମହୋତ୍ସବ ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ସହ ଷୋହଳ ପ୍ରହର ନାମଯଜ୍ଞ, କଳସ ଯାତ୍ରା, ଲୋକଙ୍କ ଆକର୍ଷଣୀୟ ପାଇଁ ମିନା ବଜାର, ଆୟୋଜନ ହୋଇଥିଲା। ଗୁରୁବାର ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତି ମନ୍ଦିର ଖନ୍ଦା ଶାନ୍ତି କରାଯାଇ ପୂର୍ଣ୍ଣାହୁତି ହୋଇଛି। ଆଶା ଓ ବିଶ୍ୱାସରେ ଏହି ପୀଠରେ ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆଲୋକକି କରଣ କରିବା ପାଇଁ ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା ଦାବି କରିଛନ୍ତି। ଏହି ପୀଠାକୁ ୫-ଟି ଅଧୀନରେ ଆହୁରି ଅଧିକ ଉନ୍ନତ କରାଗଲେ। ଶକ୍ତି ପୀଠ ଏକ ପ୍ରସିଦ୍ଧ ଧାର୍ମିକ ସ୍ଥଳିରେ ପରିଣତ ହୁଅନ୍ତା ବୋଲି ପରିଚାଳନା କମିଟି ଅଧ୍ୟକ୍ଷ ମହେନ୍ଦ୍ର ପ୍ରଧାନୀ କହିଛନ୍ତି। ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତି ମନ୍ଦିରକୁ ଆହୁରି ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଉନ୍ନତିର ଆବଶ୍ୟକତା ରହିଛି ବୋଲି ଜଣେ ଭକ୍ତ ସଞ୍ଜୟ ଜୈନ କହିଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ଖଡ଼ିଆଳ,୧୮।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମଙ୍କ ସଭାପତି ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ, ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷକ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଗୌରାଙ୍ଗ ସାହୁ, ପରିଚାଳନା କମିଟି ସଭାପତି ନୃପରାଜ ଶବର, ସମ୍ପାଦକ ପ୍ରଫୁଲ୍ଲ ସୁନାନୀ ଯୋଗଦେଇଥିବା ବେଳେ ପ୍ରଧାନ ନେତାମ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ପ୍ରବୀଣ ସାହୁ ମଞ୍ଚ ପରିଚାଳନା ଏବଂ ଗୁରୁମା ସତ୍ୟଭାମା ମାଝି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷା ସମ୍ଯୋଗ ପ୍ରମୁଖ ରୁଦ୍ରମାଧବ ବାରିକ ଓ ଶିକ୍ଷା ସମ୍ଯୋଗ ଜିଲା ପ୍ରମୁଖ ଧ୍ରୁବ ପାତ୍ର ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମାଙ୍କ ସହ ଅଭିଭାବକ ସହଯୋଗ କରିଥିଲେ।




କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ୪ ଟନ ବାଲିରେ 'ଷ୍ଟପ ଫରେଷ୍ଟ ଫେୟାର' ଶୀର୍ଷକ ୭ ଫୁଟ ଉଚ୍ଚତା ବାଲୁକା କଳା ନିର୍ମାଣ କରି ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। **(ଫଟୋ: ପ୍ରଦୀପ କୁମାର ସାହୁ)**

## ନିରବଚ୍ଛିନ୍ନ ବୃତ୍ତିଗତ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

ଖଡ଼ିଆଳ,୧୮।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲୋହରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଚାରି ଦିନିଆ ନିରବଚ୍ଛିନ୍ନ ବୃତ୍ତିଗତ ବିକାଶ ତାଲିମ ଶିବିର ଡିଆଇଇଟି (ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡା) ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଏହି ତାଲିମ ଶିବିରରେ ଖଡ଼ିଆଳ, ବୋଡ଼େନ ଓ ସିନାପାଲି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ଜଣ ପ୍ରଧାନ ଶିକ୍ଷକ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି। ଏହି ତାଲିମ ଆସନ୍ତା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦଘାଟନୀ ଉତ୍ସରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ସମ୍ମାନିତ ଅତିଥି ଭାବେ ଲୋହରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଦଣ୍ଡସେନା, ସିଆରସିସି ଦ୍ୱୟ ପ୍ରକାଶ ଠାକୁର, କ୍ଷେତ୍ରବାସୀ ବାରିକ ମଞ୍ଚାସୀନ ହୋଇ ନିରବ ଛିନ୍ନ ବୃତ୍ତିଗତ ତାଲିମ ଶିବିର ଉପରେ ପ୍ରଧାନ ଶିକ୍ଷକମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରିଥିଲେ। ତାଲିମ ଦାତା ଭାବେ ନୂଆପଡା ଡିଆଇଇଟି ପ୍ରଶିକ୍ଷକ ବବିତା ଶବର, ଅନିତା ଶବର, ଶଙ୍କର ସାହୁ, ଟିକେଶ୍ୱର ପରନାଙ୍କ ସମେତ ସ୍ଥାନୀୟ ପ୍ରଶିକ୍ଷକ ଦେବରାଜ ମହାନ୍ତି, ସସ୍ମିତାରାଣୀ ନାଏକ, ଚମ୍ପେରାମ ବାରିକ, ଦେବେନ୍ଦ୍ର ରାଉତ, ଜିତେନ୍ଦ୍ର କୁମାର ହଂସ, ଗୋବର୍ଦ୍ଧନ ସଗରିଆ ପ୍ରମୁଖ ୧୦ଜଣ ଆରପି ପ୍ରଶିକ୍ଷଣ ଦେଉଛନ୍ତି।



ତାଲିମ ଶିବିରରେ ଉପସ୍ଥିତ ଅତିଥି।

# ଚୂଡ଼ାନ୍ତ ପର୍ଯ୍ୟାୟରେ ସମସ୍ତ ପ୍ରସ୍ତୁତି

**ନିର୍ବାଚନୀ ନେଇ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ**

- ମେ ୧୩ରେ ହେବ ଭୋଟ ଗ୍ରହଣ
- ସମସ୍ତ ସୀମାରେ କଡ଼ାକଡ଼ି ଯାଞ୍ଚ

ନୂଆପଡ଼ା,୧୮।୪(ମକାରୁ ବେମାଲ)



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଏସ୍‌ପି ସୂଚନା ଦେଉଛନ୍ତି।

ସାଧାରଣ ନିର୍ବାଚନ ୨୦୨୪ ଶାନ୍ତିଶୃଙ୍ଖଳାର ସହ ହେବା ପାଇଁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ହେମକାନ୍ତ ସାଏ ସୂଚନା ଦେଇଛନ୍ତି। ନୂଆପଡା ଜିଲାରେ ୨ଟି ବିଧାନସଭା ମଣ୍ଡଳୀ ନୂଆପଡା-୭୧ ଓ ଖଡିଆଳ-୭୨ ରହିଥିବା ବେଳେ ୧୧ କଳାହାଣ୍ଡି ସଂସଦୀୟ କ୍ଷେତ୍ର ରହିଛି। ଉକ୍ତ ନିର୍ବାଚନମଣ୍ଡଳୀ ତଦାରଖ ପାଇଁ ନୋଡାଲ ଅଫିସର ନିଯୁକ୍ତ ହୋଇ ସାରିଛନ୍ତି। ନିର୍ବାଚନୀୟ ସମ୍ବନ୍ଧିୟ ସମସ୍ତ ପ୍ରସ୍ତୁତି ପାଇଁ ଜିଲା, ଆରଓ, ଡିଏଭି, ବ୍ଲକ, ତହସିଲ ଓ ପଞ୍ଚାୟତକୁ ନୋଟିସ ଜାରି ହୋଇସାରଛି। ୫ଜଣ ବରିଷ୍ଠ ଅଧିକାରୀ ସମସ୍ତ ବୁଥ ବୁଲି ତଦାରଖ କରୁଛନ୍ତି। ନିର୍ବାଚନ ଘୋଷଣା ପୂର୍ବରୁ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ହୋଇସାରିଛି। ଜିଲାର ଜନ ସଂଖ୍ୟା ତୁଳନାରେ ଭୋଟର ସଂଖ୍ୟା ଢେର ଅଧିକ। ଜିଲା ମୋଟ ଜନସଂଖ୍ୟା ୬ ଲକ୍ଷ ୬୪ ହଜାର ୫୭୩ ରହିଥିବା ବେଳେ ମୋଟ ଭୋଟର ସଂଖ୍ୟା ୪ ଲକ୍ଷ ୯୪ ହଜାର ୪୧୬ ଜଣ ରହିଛନ୍ତି। ମହିଳା ଭୋଟର ୨ ଲକ୍ଷ ୪୮ ହଜାର, ୨୦ପୁରୁଷ ଭୋଟର ଲକ୍ଷ ୪୬ ହଜାର ୨୦୪ ରହିଥିବା ବେଳେ ୪୦ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ପୁରୁଷ ଭୋଟର ତୁଳନାରେ ମହିଳା ଭୋଟର ଅଧିକ ରହିଛନ୍ତି। ଚଳିତ ନିର୍ବାଚନରେ ୧୨ ହଜାର ୫୩୬ ଜଣ ନୂତନ ଭୋଟର ନିଜର ମତ ସାବ୍ୟସ୍ତ କରିବା ପାଇଁ ଯାଉଛନ୍ତି। ମୋଟ ୬୦୩ଟି ବୁଥ କରାଯାଇଥିଲା। ନୂଆପଡା ମହୁଲଭଟା ୧୫ଶହରୁ ଊର୍ଦ୍ଧ୍ୱ ଭୋଟର ରହିଥିବାରୁ ପୁଣି ଗୋଟିଏ ବୁଥ ବଢାଇ ୬୦୪ଟି ବୁଥ କରାଯାଇଛି। ଜିଲାରେ ମେ ୧୩ରେ ଭୋଟ ଗ୍ରହଣ ହେବ। ସେଥିପାଇଁ ୧୮ରୁ ୨୫ ସୁଦ୍ଧା ନାମାଙ୍କନ ଦାଖଲ ହେବ। ଚଳିତ ନିର୍ବାଚନରେ ପିଙ୍କ ବୁଥ ବଦଳରେ ସାକ୍ଷୀ ବୁଥ ଖୋଲାଯିବ। ନୂଆପଡା ଓ ଖଡିଆଳ ନିର୍ବାଚନମଣ୍ଡଳୀରେ ୨୦ଟି ଲେଖାଏ ସାକ୍ଷୀ ବୁଥ ସହ ଉଭୟ ବୁଥରେ ଗୋଟିଏ ଲେଖାଏ ଦିବ୍ୟାଙ୍ଗ ବୁଥ, ୫ଟି ଲେଖାଏ ଯୁବ ବୁଥ ଖୋଲାଯିବ। ପ୍ରତି ବୁଥରେ ସମସ୍ତ କର୍ମଚାରୀ ୩୦ ବର୍ଷରୁ କମ ରହିବେ। ଯେଉଁ ଗାଁରେ ମୋବାଇଲ ଟାୱାର ସମସ୍ୟା ରହିଛି ଯଥା ପାଟଦର୍ହା, ଭୂଇପାଣି, ପାଟପାଣି ଭଳି ସ୍ଥାନକୁ ଯୋଗାଯୋଗର ବ୍ୟବସ୍ଥା କରାଯିବ। ଯେଉଁଠାରେ ବିଜୁଳି ସୁବିଧା ନାହିଁ, ସେଠାରେ ସୋଲାର ବ୍ୟବସ୍ଥା କରାଯିବ। ଦୁର୍ଗମ ଅଞ୍ଚଳକୁ ପୋଲିଂ ପାର୍ଟି ପଠାଇବା ବ୍ୟବସ୍ଥା କରାଯିବ। ଦୁର୍ଗମ ଅଞ୍ଚଳ ଓ ସୁନାବେଡା ଅଭୟାରଣ୍ୟ ଭିତରେ ୫ଟି ବୁଥ ରହିଛି। ସେମାନଙ୍କୁ ହେଲିକେପ୍ଟର ଯୋଗେ ପଠାଇବା ବ୍ୟବସ୍ଥା ରହିଛି। ପୂର୍ବରୁ ମଧ୍ୟ ଲୋକଙ୍କୁ ବିଭିନ୍ନ ମାଧ୍ୟମରେ ଭୋଟ ସମ୍ବନ୍ଧିୟ ସଚେତନ କରିଛୁ। ସମସ୍ତଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଜିଲା ଉତ୍ତର-ପଶ୍ଚିମ ଭାଗରେ ଛତିଶଗଡ ସୀମା ରହିଥିବାବେଳେ ଦକ୍ଷିଣ-ପୂର୍ବ ପାର୍ଶ୍ୱରେ ପଡୋଶୀ କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ ଜିଲା ସୀମା ଲାଗିଛି। ଜିଲାରେ ୪ଟି ଆନ୍ତଃରାଜ୍ୟ ସୀମା ତନଖି ଫାଟକ ଥିବାବେଳେ ୭ଟି ଆନ୍ତଃଜିଲା ରାସ୍ତା ରହିଛି। ସମ୍ପ୍ରତି ସମସ୍ତ ସୀମାରେ କଡାକଡି ଯାଞ୍ଚ ଚାଲିଛି। ପଶ୍ଚିମ ଭାଗରେ ଛତିଶଗଡର ମହାସମୁନ୍ଦ, ଗରିଆବନ୍ଦ ଜିଲା ଆସୁଛି। ବିଶେଷ କରି ସୁନାବେଡା ଅଭୟାରଣ୍ୟ ଓ ପାଟଦର୍ହା ଗରିଆବନ୍ଦ ଜିଲାକୁ ଲାଗିଛି। ଏ ସବୁ ଅଞ୍ଚଳରେ ମାଓବାଦୀ ଗତିବିଧି ରହିଛି। ପଡୋଶୀ ରାଜ୍ୟ ଆରକ୍ଷୀ ଅଧୀକ୍ଷକ ସହ ଯୋଗ ସୂତ୍ର ରଖି କୋମ୍ବିଂ ଅପରେଶନ ଜୋରଦାର କରାଯିବ। ଚତୁର୍ଥ ପର୍ଯ୍ୟାୟରେ ଭୋଟ ହେବାକୁ ଥିବାରୁ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ ବୋଲି ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସପିଙ୍କ ସମେତ ଅତିରିକ୍ତ ଜିଲାପାଳ ଭିମସେନ ଶବର, ସୁବାଷ ଚନ୍ଦ୍ର ରଉତ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଡେପୁଟି କଲେକ୍ଟର ଏସକେ ନାସିମ, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହୁଲଫୁଲ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

**ସୋହେଲା,୧୮।୪(ଅଶ୍ୱିନୀ କୁମାର ପାତ୍ର):** ବରଗଡ ମୋବାଇଲ ସ୍କାଡ ଓ ସୋହେଲା ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ଏକ ଟ୍ରକରେ ବେଆଇନଭାବେ ଚାଲାଣ ହେଉଥିବା ମହୁଲ ଫୁଲ ବୋଝେଇ ଟ୍ରକକୁ ଜବତ କରିଛି। ଟ୍ରକରେ ୧୫୨କୁଇଣ୍ଟାଲ ମହୁଲ ଫୁଲ ଥିଲା। ଟ୍ରକ ଡ୍ରାଇଭର ଜୟରାମ(୪୯)ଙ୍କୁ ଗିରଫ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅବକାରୀ ଅଧୀକ୍ଷକ ସୁବନ କୁମାର ନାୟକଙ୍କ ନିର୍ଦ୍ଦେଶ ଓ ରେଞ୍ଜ ଅଫିସର ସମରଜିତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋହେଲା ଅବକାରୀ ଇନ୍ସପେକ୍ଟର ଗୀତାଞ୍ଜଳି କୁମ୍ଭାର,ଏଏସଆଇ ପିଙ୍କି ପଧାନ, ରଞ୍ଜନ ସେଠ ଓ ଟିମ୍ ସହ ମୋବାଇଲ ସ୍କାଡ ଇନଚାର୍ଜ ରଶ୍ମିତା ଲାକ୍ରା, ଇନ୍ସପେକ୍ଟର ଗୋକୁଳ ଧର ପ୍ରମୁଖ ସୋହେଲା-ରାୟଗଡ ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ ସୀମାନ୍ତ ଗ୍ରଞ୍ଜେଲ ଗ୍ରାମ ପଟୁ ସୋହେଲା ଆସୁଥିବା ଟ୍ରକ(ନଂ.ସିଜି୦୮-ଏଡବ୍ଲ୍ୟୁ-୬୩୧୧)କୁ ଭୋଇଟିକିରାଠାରେ ଅଟକାଇଥିଲେ। ତଲାସୀ ନେବାବେଳେ ସେଥିରେ ୪୦କେଜି ଓଜନ ବିଶିଷ୍ଟ ୩୮୦ ପ୍ୟାକେଟ(୧୫୨କୁଇଣ୍ଟାଲ) ଶୁଖିଲା ମହୁଲ ଫୁଲ ଥିବା ଜଣାପଡିଥିଲା। ଜବତ ସାମଗ୍ରୀର କୌଣସି କାଗଜପତ୍ର ଡ୍ରାଇଭର ଦେଖାଇ ନ ପାରିବାରୁ ଅବକାରୀ ବିଭାଗ ଅଧିକାରୀମାନେ ଗାଡି ଓ ମହୁଲ ଫୁଲକୁ ଜବତ କରିଥିଲେ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି ।

### ଅତାବିରାରେ ଏଏପିର ଶୋଭାଯାତ୍ରା

**ଅତାବିରା,୧୮।୪(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆମ ଆଦମୀ ପାର୍ଟି(ଏଏପି) ଜୟକୃଷ୍ଣ ଛୁରିଆଙ୍କୁ ପ୍ରାର୍ଥୀ କରିଛି । ଏହାକୁ ନେଇ ଛୁରିଆଙ୍କ ସମର୍ଥକ ମହଲରେ ଉତ୍ସାହ ଦେଖାଯାଇଛି। ଗୁରୁବାର ସନ୍ଧ୍ୟାରେ ଦଳର ଏକ ଶୋଭାଯାତ୍ରା ରେଙ୍ଗାଲିକ୍ୟାମ୍ପ କାଳୀମନ୍ଦିରରୁ ଅତାବିରା ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଶୋଭାଯାତ୍ରା ଆରମ୍ଭରୁ ମା' ଶ୍ୟାମାକାଳୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଶୋଭାଯାତ୍ରା ବାଟରେ ଅତାବିରାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଶୋଭାଯାତ୍ରାରେ ଦଳର ଅତାବିରା ବ୍ଲକ ସଭାପତି ଯଦୁମଣି ପ୍ରଧାନ, ଏନଏସି ସଭାପତି ସୀମନ୍ତ ଭୁଏ, ଗୌତମ ମହାନନ୍ଦ, ବ୍ଲକ ସମ୍ପାଦକ ସୂର୍ଯ୍ୟନାରାୟଣ ଭୋଇ, ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ଗିରିଧାରୀ ପ୍ରଧାନ, ସୁବଳ କହରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ରୋଗପୋକକୁ କାମକରୁନି କୀଟନାଶକ

**ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)**



ରୋଗପୋକରେ ପ୍ରଭାବିତ ଧାନ ଫସଲ।

■ ଅମଳକ୍ଷମ ଅବସ୍ଥାରେ ଫସଲ ଧୂଳିସାତ୍

■ କ୍ଷତିପୂରଣ ଦାବିକଲା କୃଷକ ସଙ୍ଗଠନ

ବରଗଡ଼ ଜିଲାରେ ଅଧିକ ଧାନ ଉତ୍ପାଦନ ଯୋଗୁ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। କିନ୍ତୁ ଏହି ଜିଲାର ଚାଷୀଙ୍କ ଦୁଃଖ ସରୁନାହିଁ। ଧାନବିକ୍ରି ସମସ୍ୟା ସାଧାରଣରେ ପରିଣତ ହୋଇଛି। ତେବେ ଅମଳ ସମୟରେ କେତେବେଳେ ଅଦିନିଆ ବର୍ଷା ତ ଆଉକେବେ ଧାନ ଅମଳକ୍ଷମ ଅବସ୍ଥାକୁ ଆସିବା ପରେ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ଦେଖାଯାଉଛି। ଏବେ ରବିଋତୁ ଧାନ ଫସଲ ଅମଳ ପାଖେଇ ଆସିଛି। କାଁଭାଁ କେଉଁଠି ଅମଳ ମଧ୍ୟ ଆରମ୍ଭ ହୋଇଯାଇଛି । ମାତ୍ର ଅମଳକ୍ଷମ ଧାନ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ଯୋଗୁ ଫସଲ କ୍ଷତିଗ୍ରସ୍ତ ହେବା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଫସଲକୁ ରୋଗପୋକ ଦାଉରୁ ରକ୍ଷା ପାଇଁ ବାରମ୍ବାର କୀଟନାଶକ ସିଞ୍ଚନ କରୁଥିବା ସତ୍ତ୍ୱେ କିଛି ସୁଫଳ ମିଳୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ବର୍ତ୍ତମାନ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଏ ନେଇ ମୁଖ୍ୟ ଜିଲା କୃଷି ଅଧିକାରୀ ଅମିୟ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ରୋଗପୋକ ପ୍ରାଦୁର୍ଭାବ ଯୋଗୁ କିଛି ଜାଗାରେ ଫସଲ ସେଭଳି ପ୍ରଭାବିତ ହୋଇଛି। କୃଷି କର୍ମଚାରୀମାନେ ଉଦ୍ଦିଷ୍ଟ କୀଟନାଶକ ସିଞ୍ଚନ ପାଇଁ ପରାମର୍ଶ ଦେବା ସହିତ ସଚେତନ କରାଉଛନ୍ତି। ବର୍ତ୍ତମାନ ତାହା ନିୟନ୍ତ୍ରଣାଧିନ ରହିଛି ।

ରବିଋତୁରେ ଜିଲାରେ ୭୫ହଜାର ହେକ୍ଟର ଜମିରେ ଧାନ ଫସଲ ହୋଇଥାଏ। ମୁଖ୍ୟତଃ ହୀରାକୁଦ ଜଳସେଚିତ ଅଞ୍ଚଳରେ ରବି ଫସଲ ହେଉଥିବାବେଳେ ଅଣଜଳସେଚିତ ଅଞ୍ଚଳରେ ଉଠାଜଳସେଚନ ବ୍ୟବସ୍ଥା ରହିଥିବା ଜମିରେ କେତେକ ଚାଷୀ ଧାନଚାଷ କରିଥାନ୍ତି। ଅନ୍ୟବର୍ଷ ତୁଳନାରେ ଏଥର ଧାନ ଫସଲ ଭଲ ହୋଇଥିଲା। କିନ୍ତୁ ଧାନ ଅମଳକ୍ଷମ ଅବସ୍ଥାକୁ ଆସିଯାଇ ଥିବାବେଳେ ଫସଲରେ ଗଣ୍ଡିପୋକର ପ୍ରାଦୁର୍ଭାବ ଦେଖାଯାଇଛି। ଫଳରେ ଧାନ ଗଛ ଅଧାରୁ ନଷ୍ଟ ହୋଇଯାଉ ଥିବାବେଳେ କେଣ୍ଡାରେ ରହିଥିବା ଧାନ ଅଗାଡ଼ି ହୋଇଯାଉଥିବା ପରିଲକ୍ଷିତ ହେଉଛି। ଜିଲାର ଅତାବିରା, ବରଗଡ଼, ବରପାଲି, ଭେଡ଼େନ ଆଦି ବ୍ଲକ ଅଞ୍ଚଳରେ ଅନେକ ଚାଷୀଙ୍କ ଧାନ ଫସଲ ଏଭଳି ପ୍ରଭାବିତ ହୋଇଥିବା ଦେଖିବାକୁ ମିଳୁଛି ।

କଟାପାଲି ଗ୍ରାମର ଚାଷୀ ଚିତ୍ରସେନ ସାହୁ କହିଛନ୍ତି, ଧାନ ଫସଲ ଭଲ ହୋଇଥିଲା। ଆଉ କିଛିଦିନ ପରେ ସେ ଧାନ ଅମଳ କରିଥାନ୍ତେ। ମାତ୍ର ଫସଲରେ ରୋଗପୋକ ଲାଗିବାରୁ ତାହା ନଷ୍ଟ ହୋଇଯାଇଛି। କୀଟନାଶକ ପ୍ରୟୋଗ କଲେ ମଧ୍ୟ ତାହା କାମକୁ ଆସୁ ନାହିଁ ଏବଂ ରୋଗପୋକ ପ୍ରାଦୁର୍ଭାବ ବ୍ୟାପି ଚାଲିଥିବା ସେ କହିଛନ୍ତି । ଏହି ଗ୍ରାମର ଦଶରଥ ସେଠ, ପ୍ରଦୀପ ମେହେରଙ୍କ ଧାନ ଫସଲ ମଧ୍ୟ ସେଭଳି କ୍ଷତିଗ୍ରସ୍ତ ହୋଇଥିବା ସେମାନେ କହିଛନ୍ତି। ତେବେ ଏ ନେଇ ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଫସଲରେ ରୋଗପୋକ ପ୍ରାଦୁର୍ଭାବ ବଢ଼ି ଚାଲିଥିବାବେଳେ ତାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀସ୍ତରରେ କିଛି ପଦକ୍ଷେପ ନିଆଯାଉଥିବା ହୃଦବୋଧ ହେଉ ନାହିଁ। କୀଟନାଶକ ପ୍ରୟୋଗ କଲେ ମଧ୍ୟ ଚାଷୀଙ୍କୁ ସୁଫଳ ମିଳୁନାହିଁ। ନକଲୀ କୀଟନାଶକ ବିକ୍ରି ମଧ୍ୟ ଏହାର ଏକ କାରଣ ହୋଇପାରେ ବୋଲି ମହାପାତ୍ର ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ଅତାବିରା କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର କହିଛନ୍ତି, ରୋଗପୋକରେ ଫସଲକ୍ଷତି ନେଇ ତହସିଲଦାରଙ୍କୁ ଅବଗତ କରାଯାଇଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ପ୍ରଶାସନ ସେ ଦିଗରେ ପଦକ୍ଷେପ ନ ନେଲେ କୃଷକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

# ତହସିଲ ଅଫିସରେ ଫ୍ରିଜର ଅଚଳ, ମିଳୁନି ପାନୀୟ ଜଳ

**ବରପାଲି, ୧୮।୪( ଚିତ୍ତରଞ୍ଜନ ସାହୁ)**



ତହସିଲ ଅଫିସରେ ଅଚଳ ହୋଇ ପଡିଥିବା ଫ୍ରିଜର।

ବରଗଡ ଜିଲା ବରପାଲି ତହସିଲରେ ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ। ଫଳରେ ଏହି ନିଦାଘ ଖରାରେ ତହସିଲ ଅଫିସ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଲାଗିଥିବା ଫ୍ରିଜର ବହୁଦିନ ହେଲା ଅଚଳ ଅବସ୍ଥାରେ ପଡ଼ି ରହିଛି। ଏହାର ମରାମତି ଦିଗରେ କୌଣସି ବ୍ୟବସ୍ଥା କରାଯାଉନାହିଁ। ସେହିପରି କାର୍ଯ୍ୟାଳୟ ପରିସରରେ ସାଧାରଣ ଜନତାଙ୍କ ପାଇଁ ଥିବା ଶୌଚାଳୟ ତାଲା ପଡି ରହିଛି। କାର୍ଯ୍ୟାଳୟକୁ ଆସୁଥିବା ଲୋକେ ବିଶେଷ କରି ମହିଳାମାନେ ବିଶେଷ ହଇରାଣ ହେଉଛନ୍ତି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଫ୍ରିଜରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହିତ ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ଆପ୍‌ରେ ଡାକ୍ତର, ଇଞ୍ଜିନିୟର ପ୍ରାର୍ଥୀ



ଖବରଦାତା ସମ୍ମିଳନୀରେ ଏଏପି ନେତୃବୃନ୍ଦ।

**ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ୪ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆମ ଆଦମୀ ପାର୍ଟି(ଏଏପି) ପ୍ରାର୍ଥୀ ଘୋଷଣା କରିଛି। ବରଗଡ଼ରୁ ଡା. ଆଶିଷ ଶତପଥୀ, ଭଟଲିରୁ ଇଂ.ଶାହାରୁଖ ଲୋଧିଆ, ପଦ୍ମପୁରରୁ ବାଲ୍ମିକୀ ନାଏକ ଏବଂ ଅତାବିରାରୁ ଜୟକୃଷ୍ଣ ଛୁରିଆକୁ ଦଳ ପ୍ରାର୍ଥୀ କରିଛି। ଦଳର ବରଗଡ଼ ପ୍ରାର୍ଥୀ ଡା. ଶତପଥୀ ପେଶାରେ ଜଣେ ଡାକ୍ତର ହୋଇଥିବାବେଳେ ଭଟଲି ପ୍ରାର୍ଥୀ ଲୋଧିଆ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ପଦ୍ମପୁର ପ୍ରାର୍ଥୀ ନାଏକ ଏବଂ ଅତାବିରା ପ୍ରାର୍ଥୀ ଛୁରିଆ ସ୍ନାତକ(ଗ୍ରାଜୁଏଟ୍)। ମାଗଣା ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ ଯୋଗାଣ ସହିତ ଚାଷୀଙ୍କ ପାଇଁ ସମସ୍ତ କୃଷିଜାତ ଦ୍ରବ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବ୍ୟବସ୍ଥା ଲାଗୁ କରିବା ଦଳର ମୁଖ୍ୟ ପ୍ରସଙ୍ଗ ରହିବ ବୋଲି ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆପ୍‌ର ବରଗଡ଼ ଜିଲା ଆବାହକ ଭବାନୀ ସାହୁ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଦଳର ବରଗଡ଼, ଭଟଲି, ଅତାବିରା ପ୍ରାର୍ଥୀ ଉପସ୍ଥିତ ରହି ସେମାନେ ନିର୍ବାଚିତ ହେଲେ ଲୋକଙ୍କୁ ମୌଳିକ ସେବା ଯୋଗାଇବା ପାଇଁ ଅଗ୍ରାଧିକାର ଦେବେ ବୋଲି କହିଥିଲେ ।



ବରପାଲି କପିଳେଶ୍ୱର ମନ୍ଦିର ଗର୍ଭଗୃହ ମରାମତି ପରେ ଦେବଦମ୍ପତିଙ୍କୁ ମନ୍ଦିର ପ୍ରବେଶ କରାଯାଉଛି।

# କପିଳେଶ୍ୱର ମନ୍ଦିର ଗର୍ଭଗୃହ ପ୍ରତିଷ୍ଠା ଉତ୍ସବ

**ବରପାଲି, ୧୮।୪(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲିର ପ୍ରସିଦ୍ଧ କପିଳେଶ୍ୱର ମନ୍ଦିର ଗର୍ଭଗୃହ ମରାମତି ପରେ ଗର୍ଭଗୃହର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ପୁରାତନ ମନ୍ଦିର ଗର୍ଭ ଗୃହକୁ ମରାମତି କରାଯିବା ପାଇଁ ମନ୍ଦିର ପରିସରରେ ଅନ୍ୟ ଗୃହରେ ପୂଜା କରାଯାଉଥିଲା। ମରାମତି ପରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ପରେ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ କରିଛନ୍ତି। ପୂଜାରେ କର୍ତ୍ତାଭାବେ ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସମେତ ଯାତ୍ରା କମିଟିର ବହୁ ସଭ୍ୟ ତଥା ଶୈବଭକ୍ତ ଉପସ୍ଥିତ ଥିଲେ। ମନ୍ଦିର ପୂଜକମାନଙ୍କ ସହ ପଣ୍ଡିତ ହେମନ୍ତ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶ ଏହି ପୂଜା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର



ବରଗଡ଼ରେ ବିଜେଡ଼ି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର ।

**ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ତାଙ୍କ ନିର୍ବାଚନ ପ୍ରଚାର ଅଭିଯାନକୁ ଜୋରଦାର୍ କରିଛନ୍ତି। ଗୁରୁବାର ଆଚାର୍ଯ୍ୟ ଟେଲେନଟିକ୍ରା, ତିଲପାଲି, କଦଳିପାଲି ସମେତ ବରଗଡ଼ ପୌର ପରିଷଦର ବିଭିନ୍ନ ୱାର୍ଡ଼ରେ ପ୍ରଚାର କରିଥିଲେ। ନିର୍ବାଚନୀ ପ୍ରଚାର ସମୟରେ ତାଙ୍କ ସହିତ ବହୁସଂଖ୍ୟକ ସମର୍ଥକ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ତାଙ୍କୁ ଆଶୀର୍ବାଦ କରିବାକୁ ସେ ପ୍ରଚାର କାଳରେ ଅନୁରୋଧ କରିଥିଲେ ।

# ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ

**ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ସମ୍ମିଳନୀ କକ୍ଷରେ ଗୁରୁବାର ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ ଓଡିଶା ପଶ୍ଚିମ ପ୍ରାନ୍ତ ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟଅତିଥି ଏବଂ ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କସ୍ତୁରୀ ରଥଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ସଦସ୍ୟ ଗୋପାଳ ଚନ୍ଦ୍ର ପ୍ରଧାନ ଧ୍ୟେୟବାକ୍ୟ ଓ ଶ୍ଳୋକ ପାଠ କରିଥିଲେ । ରାଷ୍ଟ୍ରୀୟ ପୁନରୁତ୍ଥାନ ପାଇଁ ଶିକ୍ଷାରେ ଭାରତୀୟତା ଓ ଭାରତୀୟ ସଂସ୍କୃତିକୁ ଫେରାଇ ଆଣିବାକୁ ହେଲେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଭାତୃପ୍ରେମ ଓ ଏକ ପାରିବାରିକ ଭାବଧାରାକୁ ଆଗେଇ ନେବା ପାଇଁ ପ୍ରଫେସର ମିଶ୍ର କହିଥିଲେ। ଆଜିର ଯୁବ ସମାଜ ଆଗେଇ ଆସି ଭାରତୀୟ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ମୁଖ୍ୟଅତିଥି ଛୁରିଆ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପୂର୍ବତନ ପ୍ରାନ୍ତ ସମ୍ପାଦକ ଗୋବିନ୍ଦ ମିଶ୍ର, ବରିଷ୍ଠ ସଙ୍ଗଠକ ବିରଞ୍ଚି ଦାଶ ଓ ସବିତା ଭୋଇଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରାନ୍ତ ସଦସ୍ୟା ସଞ୍ଜୁକ୍ତା ପରିଚ୍ଛା ସାଙ୍ଗଠନିକ ଦକ୍ଷତା ଉପରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଗିରିଜା ଭୂଷଣ ରଥ, ଧୀରେନ୍ଦ୍ର ନାରାୟଣ ସିଂଦେଓ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଭବାନୀ ଶଙ୍କର ପଟେଲ, ସମାଜକର୍ମୀ ଆକୁଳ ବେହେରା, ମାଳତୀ ଉଦ୍‌ଗାତା, ଯୁଧିଷ୍ଠିର ମିଶ୍ର, ନିହାରିକା ମିଶ୍ର, ଦିବାକର ହୋତା, ମଳିଆ ଗଡୁଆ, ଥମିର ଛତ୍ରିଆ ଉପସ୍ଥିତ ଥିଲେ। ଶେଷରେ ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇକମାଲ ପୋଲିସର ଫ୍ଲାଗମାର୍ଚ୍ଚ

**ପାଇକମାଲ, ୧୮।୪(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ପୋଲିସ ଗୁରୁବାର ଥାନା ଅନ୍ତର୍ଗତ ମାଗୁରମାଲ, ନିଶାନୀ, ଲେରଗାଁ, ଛତରବେହେରା ଓ ଗୌଡ଼ଜୁରୀ ଗାଁରେ ଫ୍ଲାଗମାର୍ଚ୍ଚ କରିଥିଲା। ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ପାଇକମାଲ ଥାନା ଆଇଆଇସି ସୁଶାନ୍ତ କୁମାର ବଡେଇଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ, ସିଆରପିଏଫ, ଆଇଆରବି ପୋଲିସ ଏଥିରେ ସାମିଲ ହୋଇଥିଲେ। ଶୃଙ୍ଖଳିତ ନିର୍ବାଚନ ଉଦ୍ଦେଶ୍ୟରେ ଫ୍ଲାଗମାର୍ଚ୍ଚ କରାଯାଉଥିବା ପାଇକମାଲ ଥାନା ଆଇଆଇସି କହିଛନ୍ତି।

# ବରପାଲି ୟୁଜିବିରୁ ସଶସ୍ତ୍ର ଡକାୟତି



ବରପାଲି ଥାନା ଆଇଆଇସି ଜୟରଶ୍ମି ସେଠୀ ବ୍ୟାଙ୍କରେ ତଦନ୍ତ କରୁଛନ୍ତି।

**ବରପାଲି, ୧୮।୪(ଚିତ୍ତରଞ୍ଜନ ସାହୁ)**

**୯ ଲକ୍ଷ ୨୬ ହଜାର ଟଙ୍କା ଲୁଟିନେଲେ**

ବରଗଡ ଜିଲା ବରପାଲି ପୁଷ୍ପକ ହୋଟେଲ ତଳେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ(ୟୁଜିବି)ରୁ ଗୁରୁବାର ସଶସ୍ତ୍ର ଡକାୟତି ହୋଇଛି। ମଧ୍ୟାହ୍ନରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବ୍ୟାଙ୍କରେ ପଶି ବନ୍ଧୁକ ଓ ଛୁରୀ ଦେଖାଇ ଏକାଉଣ୍ଟ ଡ୍ରରୁ ୯ ଲକ୍ଷ ୨୬ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି। ବ୍ରାଞ୍ଚ ମ୍ୟାନେଜରଙ୍କଠାରୁ ଖବର ପାଇ ବରପାଲି ଥାନା ଆଇଆଇସି ଜୟରଶ୍ମି ସେଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟାଙ୍କର ସିସି ଟିଭି ଫୁଟେଜ ଯାଞ୍ଚ କରି ପୋଲିସ ତନାଘନା ଚଳାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଆଇଜି ହିମାଂଶୁ ଲାଲ, ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ବ୍ୟାଙ୍କରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ସୂଚନା ଅନୁସାରେ ମଧ୍ୟାହ୍ନରେ ବ୍ୟାଙ୍କ ଭିତରେ କୌଣସି ଗ୍ରାହକ ନ ଥିଲେ। ବ୍ୟାଙ୍କ ଶଟରେ ଅଧା ଖୋଲାଥିଲା। ବ୍ରାଞ୍ଚ ମ୍ୟାନେଜର ବାହାରକୁ ଖାଇବାକୁ ଯାଇଥିବା ବେଳେ ୨ଜଣ କ୍ୟାଶିୟର ମମତା ଭୋଇ ଓ ଚନ୍ଦନ ସାହୁ ଭିତରେ ଖାଉଥିଲେ। ଏହି ସମୟରେ ୨ଦୁର୍ବୃତ୍ତ ଭିତରେ ପଶିଥିଲେ। ବନ୍ଧୁକ, ଛୁରୀ ଦେଖାଇ ଖାଉଥିବା ୨କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ଟଙ୍କା କାଉଣ୍ଟର ଦେଖାଇବା ପାଇଁ ଧମକ ଦେଇ ଏକାଉଣ୍ଟ ଡ୍ରରୁ ୯ ଲକ୍ଷ ୨୬ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ସମ୍ବଲପୁରୀ ଭାଷାରେ କଥା ହେଉଥିବା ୨ବ୍ୟାଙ୍କ କର୍ମଚାରୀ କହିଛନ୍ତି।

# ନୀତି, ଆଭିମୁଖ୍ୟରେ ଭାଜପା, ବିଜେଡି ଏକ

**ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)**



ଚାଷୀ ସଙ୍ଗଠନର ପ୍ରଚାରପତ୍ର, ପୁସ୍ତିକା ଉନ୍ମୋଚନ କରାଯାଉଛି ।

■ ଖବରଦାତା ସମ୍ମିଳନୀରେ କହିଲା ଚାଷୀ ସଙ୍ଗଠନ

■ ସଙ୍ଗଠନର ପ୍ରଚାରପତ୍ର, ପୁସ୍ତିକା ଉନ୍ମୋଚିତ

■ ଭୋଟରଙ୍କୁ ସଚେତନ କରାଇବେ ସଙ୍ଗଠନର କର୍ମୀ

ଭାଜପା ଏବଂ ବିଜେଡ଼ି ଚାଷୀ ବିରୋଧି। ଚାଷୀଙ୍କ ହିତ ପାଇଁ ଉଭୟ ଭାଜପା ନେତୃତ୍ୱାଧିନ କେନ୍ଦ୍ର ସରକାର ଏବଂ ରାଜ୍ୟର ବଜେଡ଼ି ସରକାର କିଛି ଠୋସ୍ ପଦକ୍ଷେପ ନେଉ ନାହାନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଉଭୟ ସରକାର କେବଳ ଚାଷୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି। କୃଷି ଓ କୃଷକଙ୍କ ସମସ୍ୟାକୁ ନେଇ ଉଭୟ ଭାଜପା ଏବଂ ବିଜେଡ଼ି ଦଳର ନୀତି, ଆଭିମୁଖ୍ୟରେ କୌଣସି ଫରକ ନାହିଁ। ଗୁରୁବାର ବରଗଡ଼ ସମତା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚାଷୀ ସଂଗଠନ ଜୟ କିସାନ ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ଏହା କହିଛନ୍ତି। ଖବରଦାତା ସମ୍ମିଳନୀରେ ଆସନ୍ତା ସାଧାରଣ ନିର୍ବାଚନରେ କୃଷକ ସଂଗଠନର ଭୂମିକା ଏବଂ ଆଭିମୁଖ୍ୟ ବିଷୟରେ ଏକ ପ୍ରଚାରପତ୍ର ଏବଂ ରାଜ୍ୟସ୍ତରୀୟ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

ସେଥିରେ ଉଲ୍ଲେଖ ରହିଛି, ଭାଜପା ନେତୃତ୍ୱାଧିନ ମୋଦି ସରକାର ୨୦୧୪ ସାଧାରଣ ନିର୍ବାଚନ ସମୟରେ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲା। ତନ୍ମଧ୍ୟରୁ ସ୍ୱାମୀନାଥନ କମିଶନର ସୁପାରିଶକ୍ରମେ ପ୍ରତ୍ୟେକ ଫସଲର ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ମୂଲ୍ୟ ପ୍ରଦାନ, ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ ଆଇନଗତ ମାନ୍ୟତା ପ୍ରଦାନ, ଦେଶର ସମସ୍ତ କୃଷକଙ୍କ ଋଣଛାଡ଼, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ, କୃଷକଙ୍କ ଆୟ ୨ଗୁଣ, ବିଦେଶରେ ଗଚ୍ଛିତ କଳାଧନକୁ ଅଣାଯିବା ଆଦି ମୁଖ୍ୟ ପ୍ରସଙ୍ଗ ରହିଥିଲା। କିନ୍ତୁ ସରକାରରେ ଆସିବା ପରେ କେନ୍ଦ୍ରର ମୋଦି ସରକାର ତନ୍ମଧ୍ୟରୁ କୌଣସି ପ୍ରତିଶ୍ରୁତି ମଧ୍ୟ ପାଳନ କରି ନାହିଁ। ୨୦୨୦ମସିହାରେ କରୋନା କଟକଣା ସମୟରେ ଏକ ସୁଯୋଗ ଭାବି ମୋଦି ସରକାର ୩ନୂଆ କୃଷି ଆଇନ ଆଣିଥିଲା। ଯାହାର ପ୍ରତ୍ୟାହାର ପାଇଁ ଚାଷୀମାନଙ୍କୁ ଦେଶବ୍ୟାପୀ ଦୀର୍ଘ ୧୩ମାସ ଆନ୍ଦୋଳନ କରିବାକୁ ପଡ଼ିଥିଲା। ସେହି ସମୟରେ ୭୫୦ଚାଷୀ ଶହୀଦ ହୋଇଥିଲେ। ସେହି ୩କୃଷି ଆଇନ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିବା ସମୟରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡ଼ି ସରକାର ୨ଟି ଆଇନକୁ ଆଗତୁରା ଓଡ଼ିଶାରେ ଲାଗୁ କରି ଦେଇଥିଲେ। ଓଡ଼ିଶା ସରକାର ୨୦୧୭ ମସିହାରେ ବିଧାନସଭାରେ ଏକ ସଂକଳ୍ପ ପ୍ରସ୍ତାବ ଗ୍ରହଣ କରି ଧାନ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା ହେବା ଜରୁରୀ ବୋଲି କହିଥିଲେ। ଯଦି କେନ୍ଦ୍ର ସରକାର ଏହା ଦେବେ ନାହିଁ ସେହି ସମୟରେ ବୋନସ ଦେଇ ରାଜ୍ୟ ସରକାର ସେହି ଭରଣା ପୂରଣ କରି ପାରିଥାନ୍ତେ। କିନ୍ତୁ ସେ ଦିଗରେ ଓଡ଼ିଶା ସରକାର କିଛି ପଦକ୍ଷେପ ନେଲେ ବୋଲି ଲିଙ୍ଗରାଜ କହିଥିଲେ।

ସେହିପରି ଚଳିତ ନିର୍ବାଚନ ପୂର୍ବରୁ ଇଲେକ୍ଟୋରାଲ ବଣ୍ଡକୁ ନେଇ ସୁପ୍ରିମକୋର୍ଟରେ ଯେଉଁ ଦେଶର ସର୍ବବୃହତ୍ ଦୁର୍ନୀତିର ପର୍ଦ୍ଦାଫାଶ କରାଯାଇଛି। ଯେଉଁଦଳ କମ୍ପାନୀମାନଙ୍କଠାରୁ ହଜାର ହଜାର କୋଟି ଟଙ୍କାର ଚାନ୍ଦା ନେବ ସେ କେବେ ସାଧାରଣ ଜନତା, କୃଷକ, ଦଳିତ, ଆଦିବାସୀ, ଶୋଷିତ ଶ୍ରେଣୀ ପାଇଁ କାମ କରିବନାହିଁ। ଏହି ପରିସ୍ଥିତିରେ ପୁଣିଥରେ ନିର୍ବାଚନ ଆସିଛି। ଏହି ନିର୍ବାଚନରେ କୃଷକ ମଜଦୁରମାନଙ୍କ ସମସ୍ୟା କିଭଳି ନିର୍ବାଚନର ପ୍ରମୁଖ ପ୍ରସଙ୍ଗ ହେବ, ସେ ଦିଗରେ ସଂଗଠନ ବିଭିନ୍ନ ସ୍ଥାନରେ ସଭା, ସମିତି ଜରିଆରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ଚାଷୀ ବିରୋଧି ଭାଜପା ଏବଂ ବିଜେଡ଼ିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଆହ୍ୱାନ ଦିଆଯିବ ବୋଲି ଲିଙ୍ଗରାଜ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜୟ କିସାନ ଆନ୍ଦୋଳନର ଜିଲା ସଭାପତି ସୁଶିଳ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ, ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିର୍ବାଚନ ରଣ କୌଶଳ ପ୍ରଶିକ୍ଷଣ

ବାଲିଶଙ୍କରା, ୧୮।୪( ହୃଦାନନ୍ଦ ବାରିକ) ତଲସରା ନିର୍ବାଚନ ମଣ୍ଡଳୀର ଭାଜପା ପକ୍ଷରୁ ବାଲିଶଙ୍କରା ବ୍ଲକ (ଖ) ଜୋନର ୯ଟି ପଞ୍ଚାୟତର ୪୫ଟି ବୁଥରେ ସକ୍ରିୟ କର୍ମୀଙ୍କୁ ନେଇ ଚାନ୍ଦିନୀମାଳ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନ ପାଇଁ ନୂତନ ଅଫିସ ଗୃହର ଶୁଭାରମ୍ଭ ସହ ନିର୍ବାଚନୀ ରଣ କୌଶଳର ଗୁରୁମନ୍ତ୍ର କର୍ମୀମାନଙ୍କୁ ଦିଆଯାଇଥିଲା। ଉକ୍ତ ବୈଠକ ମଣ୍ଡଳ ସଭାପତି ଉଚ୍ଛବ ତନ୍ତୀଙ୍କ ନେତୃତ୍ୱରେ ହୋଇଥିବାବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଥିଲେ। ତୃଣମୂଳ ସ୍ତରକୁ ଯାଇ ମୋଦିଜୀଙ୍କ ଗ୍ୟାରେଣ୍ଟି ଓ ଗରିବ କଲ୍ୟାଣ ଅନ୍ନ ଯୋଜନା, ଧାରା ୩୭୦ର ଉଚ୍ଛେଦ, ଗ୍ୟାସ, ହର ଘର ଜଳ ଭଳି ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ସାଧାରଣ ସମ୍ପାଦକ ଅମୀୟ ନାଏକ, ଦେବଲାଲ ଲାକଡା, ରାମେଶ୍ୱର ପ୍ରଧାନ, ଦୀନବନ୍ଧୁ ସାଏ, ଅର୍ଜୁନ ରଣା, ବନମାଳୀ ବାରସତିଆ, କୁଶଚନ୍ଦ୍ର ଦାନୀ, ଜଶୋନ୍ତି ଏକ୍କା, ଉପେନ୍ଦ୍ର କୁଜୁର ପ୍ରମୁଖ ଯୋଗଦେଇଥିଲେ।

### କୁମୁଦ ରଞ୍ଜନ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ

**ବ୍ରଜରାଜନଗର,୧୮।୪(ବିଜୟ ବରାଡ଼):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ପୂର୍ବରୁ ବିଜେଡି, କଂଗ୍ରେସ ଓ ଭାଜପା ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଏପରିସ୍ଥଳେ ବୁଧବାର ଆମ୍ ଆଦ୍‌ମୀ ପାର୍ଟି ବ୍ରଜରାଜନଗରର ଯୁବ ଚେହେରା କୁମୁଦ ରଞ୍ଜନଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରିଛି। କୁମୁଦ ଓପିଏମ୍ ବାଳକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ ବ୍ରଜରାଜନଗର ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଦୀର୍ଘଦିନ ହେବ ସେ ଅଞ୍ଚଳରେ ଖେଳକୁଦ ବିଶେଷକରି କ୍ରିକେଟର ଉନ୍ନତି ପାଇଁ କାମ କରିଆସୁଛନ୍ତି। ବହୁ ପଛରେ ଥିବା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମ୍ ଆଦ୍‌ମୀ ପାର୍ଟି କାମ କରିବ ବୋଲି କୁମୁଦ ପ୍ରକାଶ କରିଛନ୍ତି।

### ବିଜେଡି ଛାଡ଼ିଲେ ବେଲପାହାଡ଼ ପୂର୍ବତନ ପୌରାଧକ୍ଷ



**ଝାରସୁଗୁଡ଼ା, ୧୮।୪ (ସଞ୍ଜୟ ମାଲି)** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟାଉନ ବିଜେଡି ସଭାପତି ତଥା ବେଲପାହାଡ଼ ପୌର ପରିଷଦର ପୂର୍ବତନ ଅଧକ୍ଷ କୈଳାସ ନାଏକ ବିଜେଡି ଛାଡିଥିବା ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ ଗତ ବ୍ରଜରାଜନଗର ଉପନିର୍ବାଚନରେ ସେ ଭାଜପା ଛାଡି ବିଜେଡିରେ ମିଶିଥିଲେ। ହେଲେ ସ୍ଥାନୀୟ ଲୋକପ୍ରତିନିଧି ତାଙ୍କୁ ଅଣଦେଖା କରୁଥିଲେ। ଏହାକୁ ନେଇ ସେ ଜିଲା ସଭାପତିଙ୍କୁ ଅବଗତ କରିଥିଲେ ମଧ ଦଳ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏହାକୁ ନେଇ ସେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନିଜ ଇସ୍ତଫାପତ୍ର ପଠାଇଥିବା ଖବରଦାତା ସମ୍ମିଳନୀରେ କହିଛନ୍ତି।

### ସତ୍ୟସାଇ ସେବାସମିତି ପକ୍ଷରୁ ପାନୀୟଜଳ ସେବା

ଝାରସୁଗୁଡ଼ା, ୧୮।୪ (ସଞ୍ଜୟ ମାଲି) ଶ୍ରୀ ସତ୍ୟସାଇ ସେବା ସମିତି ଝାରସୁଗୁଡ଼ା ତରଫରୁ କାଳୀମନ୍ଦିର ରୋଡ୍‌ରେ ପାନୀୟଜଳ ସେବା ଆରମ୍ଭ ହୋଇଛି। ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଏହି ସେବା ଦୁଇମାସ ପର୍ଯ୍ୟନ୍ତ ଚାଲିବ। ରାଜଗାଙ୍ଗପୁରର ଗୁରୁଦତ୍ତ ଜେନା ଏହି ସେବାର ଶୁଭାରମ୍ଭ କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଲୋକଙ୍କୁ ବେଲ ପଣା, ଲେମ୍ବୁ ପାଣି, ଦହି ସରବତ ଇତ୍ୟାଦି ବଣ୍ଟନ କରାଯାଉଛି। ସମିତି ଆବାହକ ତଥା ଅନ୍ୟ ଭଉଣୀଭାଇ ଉପସ୍ଥିତ ରହି ସେବା କାର୍ଯ୍ୟ ଜାରି ରଖିଥିଲେ।



ପିଲାମାନେ ହନୁମାନ ବେଶରେ ସଜ୍ଜିତ ହୋଇଛନ୍ତି।



ରାମଲକ୍ଷ୍ମଣ ସୀତା ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରୁଛନ୍ତି।

# ଶୋଭାଯାତ୍ରାରେ କମ୍ପିଲା ସୁନ୍ଦରଗଡ଼ ସହର

**ସୁନ୍ଦରଗଡ,୧୮।୪(ଜୟନାରାୟଣ ମେଣ୍ଟୁଳି)**

**ବିଭିନ୍ନ ଆଖଡା ଦଳର ପାରମ୍ପରିକ ଶାରୀରିକ କଳା କୌଶଳ ପ୍ରଦର୍ଶନ**

ରାମନବମୀ ମହୋତ୍ସବ ଅବସରରେ ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ ସହରରେ ବିଭିନ୍ନ ଆଖଡା କମିଟି ପକ୍ଷରୁ ଆଖଡା ଶୋଭାଯାତ୍ରା ବାହାରି ଥିଲା। ଆଖଡା କମିଟିଗୁଡ଼ିକ ପକ୍ଷରୁ ବିଭିନ୍ନ ଶାରୀରିକ କଳା କୌଶଳ ପ୍ରଦର୍ଶନ ସହ ପାରମ୍ପରିକ ଲୋକ ବାଦ୍ୟର ତାଳେ ତାଳେ କଳାକାରଙ୍କ ନାଚସହ ରଥରେ ରାମ ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସହରର ପଞ୍ଚମୁଖୀ ଆଖଡା କମିଟି, ରଙ୍ଗାଡିପା ଆଖଡା କମିଟି, ଇବନଗର ଆଖଡା କମିଟି, ବଜରଙ୍ଗ ଦଳ ପକ୍ଷରୁ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପଞ୍ଚମୁଖୀ ଆଖଡା କମିଟି ଶୋଭାଯାତ୍ରାରେ କଳାହାଣ୍ଡିର କଟପ୍ପା ଘୁମୁରା ବାଦ୍ୟର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ ଓ ଛୋଟ ପିଲାମାନଙ୍କ ହନୁମାନ ବେଶ ଦେଖିବା ପାଇଁ ସହର ସମସ୍ତ ଛକ ଓ ରାସ୍ତା ପାର୍ଶରେ ପ୍ରବଳ ଗହଳି ହୋଇଥିଲା। ଟ୍ରାଫିକ ଓ ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।



ଆଖଡ଼ା ଶୋଭାଯାତ୍ରା ଅବସରରେ ହାତୀ ପିଠିରେ ରାବଣ ବସି ସହର ପରିକ୍ରମା କରୁଛନ୍ତି।

### ଆଖଡ଼ା ଶୋଭାଯାତ୍ରାରେ ଖଣ୍ଡା ପ୍ରଦର୍ଶନ କଲେ କୁସୁମ



**ସୁନ୍ଦରଗଡ଼, ୧୮।୪(ଜୟନାରାୟଣ ମେଣ୍ଟୁଳି)**

ନିର୍ବାଚନ ପାଇଁ ସମୟ ପାଖେଇ ଆସୁଛି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ତିନ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ନିଜ ପ୍ରଚାର ଜୋରଦାର କଲେଣି। କିଏ ମାଦଳ ବଜାଉଛନ୍ତି ତ କିଏ ଘରକୁ ଘର ବୁଲି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଗୁରୁବାର ଲେଫ୍ରିପଡା ବ୍ଲକ ରାଇଡ଼ିହି ପଞ୍ଚାୟତରେ ନିର୍ବାଚନ ପ୍ରଚାର ସାରି ଭାଜପା ପ୍ରାର୍ଥିନୀ କୁସୁମ ଟେଟେ ସୁନ୍ଦରଗଡ଼ ସହରର ପଞ୍ଚମୁଖୀ ହନୁମାନ ମନ୍ଦିର ଆଖଡା କମିଟି ତରଫରୁ ପ୍ରତିବର୍ଷ ପାଳନ କରାଯାଉଥିବା ଆଖଡ଼ା ପ୍ରଦର୍ଶନରେ ଖଣ୍ଡା ବୁଲେଇ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। କୁସୁମଙ୍କ ଖଣ୍ଡା ବୁଲାଉଥିବା ଦୃଶ୍ୟକୁ ହଜାର ହଜାର ଜନତା ଦେଖିଥିଲେ, ଯାହା ଆଜି ଚର୍ଚ୍ଚାର ବିଷୟ ସୃଷ୍ଟି କରିଛି।

### ଟ୍ରେନ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବ୍ରଜରାଜନଗର,୧୮।୪(ବିଜୟ ବରାଡ଼)**

ବେଲପାହାଡ଼ ଷ୍ଟେଶନଠାରୁ ୨କି.ମି. ଦୂରରେ ଜଣେ ଯୁବକ ଟ୍ରେନ୍‌ରୁ ପଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଲଖନପୁର ବ୍ଲକ ବାଘମୁଣ୍ଡା ଗ୍ରାମର ଅଜୟ କାଲୋ (୨୬)। ସେ ବିଳାସପୁରରେ ଠିକାଦାର କାମ କରୁଥିଲେ। ଖବରପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

### ମହୁଲଫୁଲ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

**ସୋହେଲା,୧୮।୪(ଅଶ୍ୱିନୀ କୁମାର ପାତ୍ର):** ବରଗଡ ମୋବାଇଲ ସ୍କାଡ ଓ ସୋହେଲା ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ଏକ ଟ୍ରକରେ ବେଆଇନଭାବେ ଚାଲାଣ ହେଉଥିବା ମହୁଲ ଫୁଲ ବୋଝେଇ ଟ୍ରକକୁ ଜବତ କରିଛି। ଟ୍ରକରେ ୧୫୨କୁଇଣ୍ଟାଲ ମହୁଲ ଫୁଲ ଥିଲା। ଟ୍ରକ ଡ୍ରାଇଭର ଜୟରାମ(୪୯)ଙ୍କୁ ଗିରଫ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଅଧୀକ୍ଷକ ସୁବନ କୁମାର ନାୟକଙ୍କ ନିର୍ଦ୍ଦେଶ ଓ ରେଞ୍ଜ ଅଫିସର ସମରଜିତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋହେଲା ଅବକାରୀ ଇନ୍ସପେକ୍ଟରଗୀତାଞ୍ଜଳିକୁମ୍ବାର,ଏଏସଆଇ ପିଙ୍କି ପଧାନ, ରଞ୍ଜନ ସେଠ ଓ ଟିମ୍ ସହ ମୋବାଇଲ ସ୍କାଡ ଇନଚାର୍ଜ ରଶ୍ମିତା ଲାକ୍ରା, ଇନ୍ସପେକ୍ଟର ଗୋକୁଳ ଧର ପ୍ରମୁଖ ସୋହେଲା–ରାୟଗଡ ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ ସୀମାନ୍ତ ଗ୍ରଞ୍ଜେଲ ଗ୍ରାମ ପଟୁ ସୋହେଲା ଆସୁଥିବା ଟ୍ରକ(ନଂ.ସିଜି୦୮–ଏଡବ୍ଲ୍ୟୁ–୬୩୧୧)କୁ ଭୋଇଟିକିରାଠାରେ ଅଟକାଇଥିଲେ। ତଲାସୀ ନେବାବେଳେ ସେଥିରେ ୪୦କେଜି ଓଜନ ବିଶିଷ୍ଟ ୩୮୦ ପ୍ୟାକେଟ(୧୫୨କୁଇଣ୍ଟାଲ) ଶୁଖିଲା ମହୁଲ ଫୁଲ ଥିବା ଜଣାପଡିଥିଲା। ଜବତ ସାମଗ୍ରୀର କୌଣସି କାଗଜପତ୍ର ଡ୍ରାଇଭର ଦେଖାଇ ନ ପାରିବାରୁ ଅବକାରୀ ବିଭାଗ ଅଧିକାରୀମାନେ ଗାଡି ଓ ମହୁଲ ଫୁଲକୁ ଜବତ କରିଥିଲେ।

## ରେଳ ଏଆର୍‌ଏମ୍‌କୁ ଭେଟିଥିଲେ ବିଜେଡି କର୍ମୀ

**ବନ୍ଧମୁଣ୍ଡା,୧୮।୪(ସୁବ୍ରତ ଦେ)**

ବନ୍ଧମୁଣ୍ଡା ରେଳବାଇ କଲୋନୀରେ ରହୁଥିବା ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ଗତ କିଛି ମାସ ଧରି ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଦାବି କରି ବିଜେଡି ମଣ୍ଡଳ ସଭାପତି ଶ୍ୟାମଲ ଆଣ୍ଟୋନୀଙ୍କ ନେତୃତ୍ୱରେ ସ୍ଥାନୀୟ ବିଜେଡି କର୍ମୀ ଗୁରୁବାର ବନ୍ଧମୁଣ୍ଡା ରେଳ ଏଆରଏମଙ୍କୁ ଭେଟି ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବି ପତ୍ରରେ ଉଲ୍ଲେଖ ରହିଛି, ବନ୍ଧମୁଣ୍ଡା ରେଳ କଲୋନୀର ସି–ସେକ୍ଟର ଡାକଘର ରାସ୍ତାର ମୁଖ୍ୟ ରାସ୍ତାରେ ପନିପରିବା ଦୋକାନ ଲାଗୁଛି। ଯାହାଫଳରେ ରାସ୍ତା ଜାମ ହେବା ସହ ସଡ଼କ ଦୁର୍ଘଟଣା ଘଟୁଛି। ପରିବା ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସେମାନେ ଦାବି କରିଛନ୍ତି। ଏଥିସହ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, କଲୋନୀରେ ଥିବା ବୁଦା ଜଙ୍ଗଲ ଗୁଡିକୁ କାଟିବା, ଡ୍ରେନ ଗୁଡିକର ପୁନଃ ନିର୍ମାଣ ଏବଂ ନିୟମିତ ସଫେଇ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ରେଳବାଇ ଏଆର୍‌ଏମ ହର୍ସିତ ଓରାମ ଶୀଘ୍ର ଏହି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଜେଡିର ସ୍ୱପ୍ନା ରାଉତରାୟ,ଡି.ଅଭିବ କୁମାର, ପରମଜିତ ସିଂ ସନ୍ଧୁ, ଚନ୍ଦନ ତରାଇ, ଭାଉ ଦତ୍ତ, ଅସିତ ଦାସ, ଜନ ଭେଙ୍ଗ୍ରା ଉପସ୍ଥିତ ଥିଲେ।



ରେଳ ଏଆରଏମଙ୍କ ସହ ଆଲୋଚନା କରାଯାଉଛି।

### ଅତାବିରାରେ ଏଏପିର ଶୋଭାଯାତ୍ରା

**ଅତାବିରା,୧୮।୪(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆମ ଆଦମୀ ପାର୍ଟି(ଏଏପି) ଜୟକୃଷ୍ଣ ଛୁରିଆଙ୍କୁ ପ୍ରାର୍ଥୀ କରିଛି । ଏହାକୁ ନେଇ ଛୁରିଆଙ୍କ ସମର୍ଥକ ମହଲରେ ଉତ୍ସାହ ଦେଖାଯାଇଛି। ଗୁରୁବାର ସନ୍ଧ୍ୟାରେ ଦଳର ଏକ ଶୋଭାଯାତ୍ରା ରେଙ୍ଗାଲିକ୍ୟାମ୍ପ କାଳୀମନ୍ଦିରରୁ ଅତାବିରା ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଶୋଭାଯାତ୍ରା ଆରମ୍ଭରୁ ମା' ଶ୍ୟାମାକାଳୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଶୋଭାଯାତ୍ରା ବାଟରେ ଅତାବିରାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ ଦଳର ଅତାବିରା ବ୍ଲକ ସଭାପତି ଯଦୁମଣି ପ୍ରଧାନ, ବ୍ଲକ ସମ୍ପାଦକ ସୂର୍ଯ୍ୟନାରାୟଣ ଭୋଇ, ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ଗିରିଧାରୀ ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଝାରସୁଗୁଡ଼ାରେ ଭାଜପାର ମିଶ୍ରଣପର୍ବ



ନୂତନ କର୍ମୀଙ୍କୁ ଦଳୀୟ ନେତା ସ୍ୱାଗତ କରୁଛନ୍ତି।

**ଝାରସୁଗୁଡ଼ା,୧୮।୪ (ସଞ୍ଜୟ ମାଲି)**

ଝାରସୁଗୁଡା ବିଟିଏମ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ଭାଜପାର ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ କୋଲାବିରା ବ୍ଲକର କୋଲାବିରା ପଞ୍ଚାୟତ ଓ ରଘୁନାଥ ପାଲି ପଞ୍ଚାୟତର ଅନ୍ୟ ଦଳର କାର୍ଯ୍ୟକର୍ତ୍ତା ଦଳରେ ସାମିଲ ହୋଇଥିଲେ। ଯୋଗ ଦେଇଥିବା ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ହେଲେ ତରଣୀ ବାଗ, ପ୍ରତାପ ପ୍ରଧାନ, ଅଞ୍ଜଳି ଲୁହା, ସଞ୍ଜୀବ ମହାନନ୍ଦ ଓ ଅଞ୍ଜଳି ମହାନନ୍ଦ। ଏଥିରେ ଝାରସୁଗୁଡା ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ନୂତନ କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରି ଏଥର ଓଡ଼ିଶାରେ ଡବଲ ଇଞ୍ଜିନ ସରକାରକୁ କେହି ରୋକି ପାରିବେ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ପଣ୍ଡା, ରାଜେଶ ଦାଶ, ପ୍ରେମ ସେନ, ଅରୁଣ ବେହେରା, ଅଶୋକ ବେହେରା, ରାଜେଶ ପ୍ରଧାନ, ସଞ୍ଜୟ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ ସୋଲୋ ଚାଳକଙ୍କ ଶିଶୁ କନ୍ୟାଙ୍କୁ ଆଉ ୩ ଲକ୍ଷ ଅନୁକମ୍ପା ରାଶି ପ୍ରଦାନ

**କୁଆଁରମୁଣ୍ଡା,୧୮।୪(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ଦୃଢ଼ ଦାବି ଯୋଗୁ ମୃତ ସୋଲୋ ଚାଳକ ମାଇକେଲ ଟେଟେ(୩୦)ଙ୍କ ଏକ ମାତ୍ର ଶିଶୁ କନ୍ୟା ଆମିସା(୪)ଙ୍କୁ ଗୁରୁବାର ସନ୍ଧ୍ୟାରେ ଆଧୁନିକ ମେଟାଲିକ୍ସ ଅଧିକୃତ ଲିବର୍ଟୀ ପକ୍ଷରୁ ଆଉ ଅଧିକ ୩ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଲିବର୍ଟିର ସିଇଓ ନଗେନ୍ଦ୍ର କୁମାର, ଏଜିଏମ ଅରୁଣ ପ୍ରଧାନ ପ୍ରମୁଖ ଉକ୍ତ ଚେକକୁ ଆମିସାଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ଆମିସାଙ୍କ ମା'ଙ୍କ ସମେତ ସାମାଜିକ କର୍ମୀ ତଥା ନାରୀନେତ୍ରୀ ରିନା ମେହେର,ଆଧୁନିକ ମେଟାଲିକ୍ସ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି,ଗତ ରବିବାର ରାତିରେ ସୋଲୋ ଚାଳକ ମାଇକେଲଙ୍କ କମ୍ପାନୀ ପରିସରରେ କାର୍ଯ୍ୟରତ ଥିଲା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା।



ମୃତଙ୍କ ଶିଶୁ କନ୍ୟାଙ୍କୁ ଅଧିକ ୩ ଲକ୍ଷ ଟଙ୍କାର ସହାୟତା କାରଖାନା କର୍ତ୍ତୃପକ୍ଷ ପ୍ରଦାନ କରୁଛନ୍ତି।

## ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା, ଶ୍ରୀରାମଙ୍କ ଜନ୍ମ

**ବଡ଼ଗାଁ,୧୮।୪(ଅଶୋକ ଷଡ଼ଙ୍ଗୀ)**

ଭାରତୀୟ ଧର୍ମ, ସଂସ୍କୃତିରେ ରାମାୟଣ ମହାଗ୍ରନ୍ଥ। ସତ୍ୟ, ଶାନ୍ତି , ପ୍ରୀତିର ମଧୁମୟ ସ୍ୱର୍ଶର ଆବେଗ ସୃଷ୍ଟିକାରୀ ଏକ ଅଧ୍ୟାତ୍ମ୍ୟବାଦୀ, ମାନବବାଦୀ ଓ ସଂସ୍କାରବାଦୀ ସୃଜନଶୀଳତାର ନିଦର୍ଶନ। ପ୍ରଭୁ ଶ୍ରୀରାମଙ୍କ ତ୍ୟାଗ, ଆଦର୍ଶର ଜୀବନ ଗାଥା ଯାହା ଲୀଳା ଭାବରେ ଖ୍ୟାତ ଓ ଯୁଗଯୁଗ ଧରି ଜନ ଜୀବନକୁ ଉତ୍‌ପ୍ରେରିତ କରି ଆସିଛି। କଳା, ସଂସ୍କୃତି ଓ ଧର୍ମୀୟ ପରମ୍ପରା ରୂପକ ଏହି ପବିତ୍ର ସ୍ରୋତସ୍ୱିନୀର ତ୍ରିବେଣୀ ସଙ୍ଗମ ରୂପେ ସୁନ୍ଦରଗଡ ଜିଲା ବଡ଼ଗାଁର ରାମଲୀଳା ଯାତ୍ରାର ରହିଛି ସ୍ୱତନ୍ତ୍ର ଐତିହ୍ୟ। ଭାରତ ମଣ୍ଡଳେ ଦାନବ ଶକ୍ତିକୁ ପ୍ରତିହତ କରି ଧର୍ମ ଓ ଶାନ୍ତି ସଂସ୍ଥାପନ ପାଇଁ ଭଗବାନ ଅବତାର ନେଇଥିଲେ। ପ୍ରବଳ ପ୍ରତାପୀ ରାବଣର ନିଧନ ଉଦ୍ଦେଶ୍ୟରେ ତ୍ରେତୟା ଯୁଗରେ ଶ୍ରୀରାମଙ୍କ ମର୍ତ୍ତ୍ୟଲୀଳା ହିଁ ରାମଲୀଳା। କୃଷିଭିତ୍ତିକ ଭାରତୀୟ ସଭ୍ୟତାରେ ବାର ମାସରେ ତେର ପର୍ବ ମଧ୍ୟରେ କର୍ମକ୍ଳାନ୍ତ ଜୀବନକୁ ଲାଘବ ଓ ସରସ ସୁନ୍ଦର କରିବା ପାଇଁ ରାମଲୀଳା ଯାତ୍ରା ଅନ୍ୟତମ। ଋତୁରାଜ ବସନ୍ତର ଶେଷ ପାହାଚରେ ବର୍ଷକୁ ଥରେ ଆସେ ଏହି ପାର୍ବଣ। ଚୈତ୍ର ଶୁକ୍ଳ ନବମୀରେ ଶ୍ରୀରାମଙ୍କ ଜନ୍ମତିଥିରୁ ଆରମ୍ଭ ହୋଇ ମହା ସମାରୋହରେ ପାଳିତ ହୁଏ ଯାତ୍ରା। ରାମାୟଣର ସାତକାଣ୍ଡକୁ ସୁଆଙ୍ଗ ଶୈଳୀରେ ଅଭିନୀତ ହୋଇଥାଏ। ମୂଳ ବାଲ୍ମୀକିକୃତ ରାମାୟଣରୁ ଆନିତ ବଳରାମ ଦାସଙ୍କ ଓଡ଼ିଆ ରାମାୟଣର ବିଭିନ୍ନ କାଣ୍ଡରୁ କବିଙ୍କ ଦ୍ୱାରା ସଂକ୍ଷିପ୍ତୀକରଣ କରାଯାଇଥିବା ପଦ୍ୟାବଳୀକୁ କ୍ରମାନ୍ୱୟରେ ପ୍ରତ୍ୟେକ ରାତି ଗୋଟିଏ କାଣ୍ଡକୁ ବୋଲାଯାଏ। ବୁଧବାର ରାତିରେ ଶ୍ରୀରାମଙ୍କ ଜନ୍ମ ବୃତ୍ତାନ୍ତ ଉପରେ ସ୍ଥାନୀୟ କଳାକାରମାନେ ଅଭିନୟ ପ୍ରଦର୍ଶନ କରିଥିଲେ। ବିଷୟବସ୍ତୁ ଅନୁଯାୟୀ, ଦୈତ୍ୟଙ୍କ ଉପଦ୍ରବରେ ଅତିଷ୍ଠ ପୃଥିବୀ ମାତା (କ୍ଷିତି) ବ୍ରହ୍ମାଙ୍କୁ ବେଦନା ଜଣାଇଲେ। ବ୍ରହ୍ମା ଦେବଗଣଙ୍କ ସହିତ ବିଷ୍ଣୁଙ୍କ ପାଖକୁ ଯାଇ ମର୍ତ୍ତ୍ୟଲୋକ କଥା ଜଣାଇଲେ। ବିଷ୍ଣୁ ଆଶ୍ୱାସନା ଦେଇ ଅଯୋଧାରେ ରାଜା ଦଶରଥଙ୍କ ଘରେ ଚତୁର୍ଦ୍ଧାମୂର୍ତ୍ତି ହୋଇ ଜନ୍ମ ନେବେ ଓ ପୃଥିବୀର ଯନ୍ତ୍ରଣା ଭାର ଲାଘବ କରିବେ କହିଲେ। ବିଭାଣ୍ଡକ ଋଷିଙ୍କ ପୁତ୍ର ମହର୍ଷି ଋଷ୍ୟଶୃଙ୍ଗ ଅଯୋଧା ଯାଇ ରାଜା ଦଶରଥଙ୍କ ଘରେ ପୁତ୍ର କାମେଷ୍ଟି ଯଜ୍ଞ କଲେ ଓ ସେଇ ଯଜ୍ଞର ଚରୁଅନ୍ନ ରାଣୀଙ୍କୁ ପ୍ରଦାନ କଲେ। ଚରୁ ଅନ୍ନ ଖାଇ ଚାରି ପୁତ୍ର ରାମ, ଲକ୍ଷ୍ମଣ, ଭରତ ଓ ଶତୃଘ୍ନ ଜନ୍ମ ନେଲେ। ଏହି ବିଷୟବସ୍ତୁକୁ ପ୍ରଥମ ରଜନୀରେ କଳାକାରମାନେ ପ୍ରଦର୍ଶିତ କରିଥିଲେ। ନଟ, ନଟୀ, ବିଷ୍ଣୁ, ବ୍ରହ୍ମା, ଶିବ, ଇନ୍ଦ୍ର, ଚନ୍ଦ୍ର, ଯମ, ରାଜା ଦଶରଥ, କୌଶଲ୍ୟା, ସୁମିତ୍ରା, କୈକେୟୀ, କ୍ଷିତି ଓ ଅଗ୍ନିଦେବ ଭୂମିକାରେ ଯଥାକ୍ରମେ ଅନିସ ପାଣିଗ୍ରାହୀ,



ଶ୍ରୀରାମଙ୍କ ଜନ୍ମ ଅଭିନୟ କରୁଛନ୍ତି ସ୍ଥାନୀୟ କଳାକାର।

**ଧର୍ମ, ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ**

ଚନ୍ଦନ ପୃଷେଟ, ସୋନୁ ପାଣିଗ୍ରାହୀ, ଓଁକାର କର, କୈଳାଶ କର୍ସେଲ, ଚିକୁ ପୃଷେଟ, ଭିକାରୀ ଚରଣ ସା, ଆକାଶ ପୃଷ୍ଟି, ରାମ ସା, ରାଜ ପୃଷେଟ, ଆକାଶ ପୃଷ୍ଟି ଓ ରାଜୁ ସା ଅଭିନୟ କରିଥିଲେ। ମୁଖ୍ୟ ପୁରାଣ ଗାୟକ ବିଭୂତି ଭୂଷଣ ନାୟକ, ସହଯୋଗୀ ଗାୟକ ଅର୍ଜୁନ ନାୟକ, ଗୌରାଙ୍ଗ ନାଏକ, ପରମାନନ୍ଦ ପାଣିଗ୍ରାହୀ, ସନ୍ତୋଷ ସା, ନୃପ ଚରଣ ପୃଷେଟ, ହରି ଶଙ୍କର ପାଣିଗ୍ରାହୀ, ସୁଧୀର ବିଶି ପୁରାଣ ଗାୟନ କରିଥିଲେ। ପଙ୍କଜ ମାଝି ବାୟକ ଦାୟିତ୍ୱ ତୁଲାଇଥିଲେ। ଯାତ୍ରା ସଂସଦର ସଭାପତି ସତ୍ୟ ନାରାୟଣ ନାୟକଙ୍କ ସହିତ କର୍ମକର୍ତ୍ତା ବିଶ ପୃଷେଟ, ଅଶୋକ ରାଉତ, ତୁଷାର ରଞ୍ଜନ ପାଣିଗ୍ରାହୀ, ସୀତାରାମ ଖିଚିଡି, ମଣ୍ଟୁ ପଣ୍ଡା ଯାତ୍ରା ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ଶୁକ୍ରବାର ରାତିରେ ଧନୁ ଭଙ୍ଗ ଓ ଶନିବାର ରାତିରେ ସୀତା ବିବାହ ଅଭିନୀତ ହେବ। ତେବେ ବଡ଼ଗାଁରେ ରାତ୍ରିକାଳୀନ ଖୋଲା ମଞ୍ଚରେ ଅଭିନୀତ ରାମଲୀଳା ଯାତ୍ରା କେବେ ଆରମ୍ଭ ହୋଇଛି ତା'ର ଠିକ ତଥ୍ୟ ନାହିଁ। ପ୍ରାୟ ଅଢ଼େଇ ଶହ ବର୍ଷ ପୂର୍ବେ ଯାତ୍ରା ଆରମ୍ଭ ହୋଇଥିବା ବଂଶାବଳୀରୁ ଅନୁମାନ କରାଯାଏ।

## ସଂକ୍ଷେପରେ

### ନିର୍ବାଚନ ରଣ କୌଶଳ ପ୍ରଶିକ୍ଷଣ

ବାଲିଶଙ୍କରା, ୧୮।୪( ହୃଦାନନ୍ଦ ବାରିକ) ତଳସରା ନିର୍ବାଚନ ମଣ୍ଡଳୀର ଭାଜପା ପକ୍ଷରୁ ବାଲିଶଙ୍କରା ବ୍ଲକ (ଖ) ଜୋନର ୯ଟି ପଞ୍ଚାୟତର ୪୫ଟି ବୁଥରେ ସକ୍ରିୟ କର୍ମୀଙ୍କୁ ନେଇ ଚାନ୍ଦିନୀମାଲ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନ ପାଇଁ ନୂତନ ଅଫିସ ଗୃହର ଶୁଭାରମ୍ଭ ସହ ନିର୍ବାଚନୀ ରଣ କୌଶଳର ଗୁରୁମନ୍ତ୍ର କର୍ମୀମାନଙ୍କୁ ଦିଆଯାଇଥିଲା। ଉକ୍ତ ବୈଠକ ମଣ୍ଡଳ ସଭାପତି ଉଚ୍ଛବ ତନ୍ତୀଙ୍କ ନେତୃତ୍ୱରେ ହୋଇଥିବାବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଥିଲେ। ତୃଣମୂଳ ସ୍ତରକୁ ଯାଇ ମୋଦିଜୀଙ୍କ ଗ୍ୟାରେଣ୍ଟି ଓ ଗରିବ କଲ୍ୟାଣ ଅନ୍ନ ଯୋଜନା, ଧାରା ୩୭୦ର ଉଚ୍ଛେଦ, ଗ୍ୟାସ, ହର ଘର ଜଳ ଭଳି ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ସାଧାରଣ ସମ୍ପାଦକ ଅମୀୟ ନାଏକ, ଦେବଲାଲ ଲାକଡା, ରାମେଶ୍ୱର ପ୍ରଧାନ, ଦୀନବନ୍ଧୁ ସାଏ, ଅର୍ଜୁନ ରଣା, ବନମାଳୀ ବାରସତିଆ, କୁଶଚନ୍ଦ୍ର ଦାନୀ, ଜଶୋନ୍ତି ଏକ୍କା, ଉପେନ୍ଦ୍ର କୁଜୁର ପ୍ରମୁଖ ଯୋଗଦେଇଥିଲେ।

### କୁମୁଦ ରଞ୍ଜନ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ

**ବ୍ରଜରାଜନଗର,୧୮।୪(ବିଜୟ ବରାଡ଼):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ପୂର୍ବରୁ ବିଜେଡି, କଂଗ୍ରେସ ଓ ଭାଜପା ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଏପରିସ୍ଥଳେ ବୁଧବାର ଆମ୍ ଆଦ୍‌ମୀ ପାର୍ଟି ବ୍ରଜରାଜନଗରର ଯୁବ ଚେହେରା କୁମୁଦ ରଞ୍ଜନଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରିଛି। କୁମୁଦ ଓପିଏମ୍ ବାଳକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ ବ୍ରଜରାଜନଗର ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଦୀର୍ଘଦିନ ହେବ ସେ ଅଞ୍ଚଳରେ ଖେଳକୁଦ ବିଶେଷକରି କ୍ରିକେଟର ଉନ୍ନତି ପାଇଁ କାମ କରିଆସୁଛନ୍ତି। ବହୁ ପଛରେ ଥିବା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମ୍ ଆଦ୍‌ମୀ ପାର୍ଟି କାମ କରିବ ବୋଲି କୁମୁଦ ପ୍ରକାଶ କରିଛନ୍ତି।

### ବିଜେଡି ଛାଡ଼ିଲେ ବେଲପାହାଡ଼ ପୂର୍ବତନ ପୌରାଧକ୍ଷ

ଝାରସୁଗୁଡ଼ା, ୧୮।୪ (ସଞ୍ଜୟ ମାଲି)
ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟାଉନ ବିଜେଡି ସଭାପତି ତଥା ବେଲପାହାଡ଼ ପୌର ପରିଷଦର ପୂର୍ବତନ ଅଧକ୍ଷ କୈଳାସ ନାଏକ ବିଜେଡି ଛାଡିଥିବା ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ ଗତ ବ୍ରଜରାଜନଗର ଉପନିର୍ବାଚନରେ ସେ ଭାଜପା ଛାଡି ବିଜେଡିରେ ମିଶିଥିଲେ। ହେଲେ ସ୍ଥାନୀୟ ଲୋକପ୍ରତିନିଧି ତାଙ୍କୁ ଅଣଦେଖା କରୁଥିଲେ। ଏହାକୁ ନେଇ ସେ ଜିଲା ସଭାପତିଙ୍କୁ ଅବଗତ କରିଥିଲେ ମଧ ଦଳ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏହାକୁ ନେଇ ସେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନିଜ ଇସ୍ତଫାପତ୍ର ପଠାଇଥିବା ଖବରଦାତା ସମ୍ମିଳନୀରେ କହିଛନ୍ତି।




ସୁନ୍ଦରଗଡ଼ରେ ରାମନବମୀ ଅବସରରେ ବାହାରିଥିବା ଆଖଡା ଶୋଭାଯାତ୍ରାରେ ଗୁରୁବାର ପିଲାମାନେ ହନୁମାନ ଏବଂ ରାମଲକ୍ଷ୍ମଣ ଓ ସୀତା ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରୁଛନ୍ତି।

# ମଦ ଦୋକାନ ପରିସରରୁ କ୍ଷତାକ୍ତ ମୃତଦେହ ଜବତ

- ଯୁବକଙ୍କୁ ହତ୍ୟା ସନ୍ଦେହ କଲେ ପରିବାର ଲୋକେ
- ମଦ ପାଉଚ ଜାଳିଦେଲେ ଉତ୍ତ୍ୟକ୍ତ ଗ୍ରାମବାସୀ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ଦେବଗଡ, ୧୮।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ନଳବନ୍ଧ ଗ୍ରାମରେ ବଳମ ସରକାରୀ ସ୍ୱୀକୃତୀପ୍ରାପ୍ତ ଦେଶୀ ମଦଭାଟିର ଶାଖା ଦୋକାନ ପରିସରରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଛି। ମୃତକ ନିକଟସ୍ଥ ବିଛାଖଣି ଗ୍ରାମର ଟିକେଶ୍ୱର ନାୟକ(୩୨) ବୋଲି ଜଣାପଡିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ହେଲେ ପାରିପାର୍ଶ୍ୱିକ ସ୍ଥିତି ଓ ଟିକେଶ୍ୱରଙ୍କ ଶରୀରରେ ଥିବା ଏକାଧିକ କ୍ଷତ ଚିହ୍ନରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ନଳବନ୍ଧ ଶାଖା ମଦଭାଟି କର୍ମଚାରୀ ତାଙ୍କୁ ହତ୍ୟା କରିଥିବା ଟିକେଶ୍ୱରଙ୍କ ସ୍ତ୍ରୀ, ମା' ଓ ସାନଭାଇ ଅଭିଯୋଗ କରିଛନ୍ତି। ଟିକେଶ୍ୱରଙ୍କ ସାନଭାଇ ସୁଜିତ ନାୟକ ଏନେଇ ଲିଖିତ ଅଭିଯୋଗ କରିବା ପରେ ବାରକୋଟ ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ଯାଜ୍ଞସେନୀ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତନାଘନା କରିଥିଲେ। ପ୍ରାରମ୍ଭିକ ତଦନ୍ତ ପରେ ଉକ୍ତ ଶାଖା ମଦ ଦୋକାନର ୨ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି। ଘଟଣାସ୍ଥଳରୁ ଟିକେଶ୍ୱରଙ୍କ ଗଞ୍ଜି ଓ ଚପଲ ଜବତ ହୋଇଛି। ଏ ଘଟଣା ଜଣାପଡିବା ପରେ ବିଛାଖଣି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ଦୋକାନରେ ଥିବା ମଦ ପାଉଚ ନିଆଁରେ ପୋଡି ନଷ୍ଟ କରିଦେଇଥିଲେ। ଏଥିସହ ମୃତଙ୍କ ପରିବାରକୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନକଲେ ଘଟଣା ସ୍ଥଳରୁ ଶବ ଉଠାଇବାକୁ ଦେବେ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଏପରିକି ପୋଲିସ ଗାଡିରେ ଥିବା ନଳବନ୍ଧ ଶାଖା ମଦ ଦୋକାନ କର୍ମଚାରୀ ଦ୍ୱୟଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ରାସ୍ତାକଡରେ ଥିବା ଉକ୍ତ ଶାଖା ମଦ ଦୋକାନ ଯୋଗୁ ବାରମ୍ବାର ଗଣ୍ଡଗୋଳ ଘଟୁଥିବା ଦର୍ଶାଇ ସବୁଦିନ ପାଇଁ ଏହାକୁ ବନ୍ଦ କରିବା ସହ ହତ୍ୟାକାରୀଙ୍କୁ ଅବିଳମ୍ବେ ଗିରଫ କରିବାକୁ ଦାବି କରିଥିଲେ। ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ବହୁ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଟିକେଶ୍ୱରଙ୍କ ମୃତଦେହ ପଡିରହିଛି। କାଉଁଶିବାହାଳ ଗ୍ରାମ ପଞ୍ଚାୟତ ସରପଞ୍ଚ ନମିତା ମାଝି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି। ବଳମ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ମ୍ୟାନେଜର ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦେଇ ମାମଲାକୁ ରଫାଦଫା କରିବା ପାଇଁ ପୋଲିସ ଉପସ୍ଥିତିରେ ମୃତକଙ୍କ ପରିବାର ସହିତ ଆଲୋଚନା କରୁଥିବା ଜଣାପଡିଛି। ତେବେ ଏସ୍‌ପି ଅନୁପମା ଜେମ୍ସ ନିଜେ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୩ଟାରେ ଉକ୍ତ ଶାଖା ଦେଶୀ ମଦ ଦୋକାନ ପରିସରରେ ଟିକେଶ୍ୱରଙ୍କ କ୍ଷତ ବିକ୍ଷତ ମୃତଦେହ ପଡିଥିବା କୌଣସି ସୂତ୍ରରୁ ସୂଚନା ପାଇ ତାଙ୍କ ଭାଇ ସୁଜିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ମଦ ଦୋକାନ କର୍ମଚାରୀ ଏ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସୁଜିତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା।

### ଟ୍ରେନ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

ବ୍ରଜରାଜନଗର,୧୮।୪(ବିଜୟ ବରାଡ଼)

ବେଲପାହାଡ଼ ଷ୍ଟେଶନଠାରୁ ୨କି.ମି. ଦୂରରେ ଜଣେ ଯୁବକ ଟ୍ରେନ୍‌ରୁ ପଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଲଖନପୁର ବ୍ଲକ ବାଘମୁଣ୍ଡା ଗ୍ରାମର ଅଜୟ କାଲୋ (୨୬)। ସେ ବିଳାସପୁରରେ ଠିକାଦାର କାମ କରୁଥିଲେ। ଖବରପାଇ ରେଲବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

### ମହୁଲଫୁଲ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

**ସୋହେଲା,୧୮।୪(ଅଶ୍ୱିନୀ କୁମାର ପାତ୍ର):** ବରଗଡ ମୋବାଇଲ ସ୍କାଡ ଓ ସୋହେଲା ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ଏକ ଟ୍ରକରେ ବେଆଇନଭାବେ ଚାଲାଣ ହେଉଥିବା ମହୁଲ ଫୁଲ ବୋଝେଇ ଟ୍ରକକୁ ଜବତ କରିଛି। ଟ୍ରକରେ ୧୫୨କୁଇଣ୍ଟାଲ ମହୁଲ ଫୁଲ ଥିଲା। ଟ୍ରକ ଡ୍ରାଇଭର ଜୟରାମ(୪୯)ଙ୍କୁ ଗିରଫ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଅଧୀକ୍ଷକ ସୁବନ କୁମାର ନାୟକଙ୍କ ନିର୍ଦ୍ଦେଶ ଓ ରେଞ୍ଜ ଅଫିସର ସମରଜିତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋହେଲା ଅବକାରୀ ଇନ୍ସପେକ୍ଟର ଗୀତାଞ୍ଜଳି କୁମ୍ଭାର, ଏଏସଆଇ ପିଙ୍କି ପଧାନ, ରଞ୍ଜନ ସେଠ ଓ ଟିମ୍ ସହ ମୋବାଇଲ ସ୍କାଡ ଇନଚାର୍ଜ ରଶ୍ମିତା ଲାକ୍ରା, ଇନ୍ସପେକ୍ଟର ଗୋକୁଲ ଧର ପ୍ରମୁଖ ସୋହେଲା-ରାୟଗଡ ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ ସୀମାନ୍ତ ଗ୍ରଞ୍ଜେଲ ଗ୍ରାମ ପଟୁ ସୋହେଲା ଆସୁଥିବା ଟ୍ରକ(ନଂ.ସିଜି୦୮-ଏଡବ୍ଲ୍ୟୁ-୬୩୧୧)କୁ ଭୋଇଟିକିରାଠାରେ ଅଟକାଇଥିଲେ। ତଲାସୀ ନେବାବେଳେ ସେଥିରେ ୪୦କେଜି ଓଜନ ବିଶିଷ୍ଟ ୩୮୦ ପ୍ୟାକେଟ(୧୫୨କୁଇଣ୍ଟାଲ) ଶୁଖିଲା ମହୁଲ ଫୁଲ ଥିବା ଜଣାପଡିଥିଲା। ଜବତ ସାମଗ୍ରୀର କୌଣସି କାଗଜପତ୍ର ଡ୍ରାଇଭର ଦେଖାଇ ନ ପାରିବାରୁ ଅବକାରୀ ବିଭାଗ ଅଧିକାରୀମାନେ ଗାଡି ଓ ମହୁଲ ଫୁଲକୁ ଜବତ କରିଥିଲେ।

## ଶତପ୍ରତିଶତ ମତଦାନ ପାଇଁ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଦେବଗଡ଼,୧୮।୪(ଶଶାଙ୍କ ଶେଖର ଝାଙ୍କର)

ସାଧାରଣ ନିର୍ବାଚନକୁ ଅଧିକ ଶୃଙ୍ଖଳିତ ଓ ଜନସାଧାରଣଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ମତଦାନ ହାର ବଢ଼ାଇବାକୁ ପ୍ରୟାସ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପରିଷଦର ୧୧ ଟି ୱାଡ଼ର ୧୭ ଟି ବୁଥରେ ବିଏଲୋ ଓ ସୁପରଭାଇଜରମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବେହେରା ଗତ ସାଧାରଣ ନିର୍ବାଚନରେ ଭୋଟଦାନ ହାରରେ ପଛରେ ଥିବା ୱାଡ଼ରେ ମତହାର ବଢାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ମତହାର ବଢାଇବାକୁ ବିଏଲୋମାନଙ୍କୁ ଆଗୁଆ ଫର୍ମ ନଂ ୬ ଓ ୮ରେ ନାମ ପଞ୍ଜୀକୃତ କରିବା ପାଇଁ ଓ ପ୍ରତି ୱାଡ଼ରେ ଆଗାମୀ ମେ ୨୫ ତାରିଖରେ ଭୋଟ ଦେବା ନିମନ୍ତେ ଜନ ସଚେତନା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ସଚେତନତା ବୈଠକରେ ସହକାରୀ ଜିଲାପାଳ ହେମନ୍ତ ସିଂ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲା ମଙ୍ଗଳ ଅଧିକାରୀ ବିଷ୍ଣୁ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ନିଯୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଉପସ୍ଥିତ ଥିଲେ।

### ସତ୍ୟସାଇ ସେବାସମିତି ପକ୍ଷରୁ ପାନୀୟଜଳ ସେବା

**ଝାରସୁଗୁଡ଼ା, ୧୮।୪ (ସଞ୍ଜୟ ମାଲି):** ଶ୍ରୀ ସତ୍ୟସାଇ ସେବା ସମିତି ଝାରସୁଗୁଡ଼ା ତରଫରୁ କାଳୀମନ୍ଦିର ରୋଡ୍‌ରେ ପାନୀୟଜଳ ସେବା ଆରମ୍ଭ ହୋଇଛି। ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଏହି ସେବା ଦୁଇମାସ ପର୍ଯ୍ୟନ୍ତ ଚାଲିବ। ରାଜଗାଙ୍ଗପୁରର ଗୁରୁଦତ୍ତ ଜେନା ଏହି ସେବାର ଶୁଭାରମ୍ଭ କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଲୋକଙ୍କୁ ବେଲ ପଣା, ଲେମ୍ବୁ ପାଣି, ଦହି ସରବତ ଇତ୍ୟାଦି ବଣ୍ଟନ କରାଯାଉଛି। ସମିତି ଆବାହକ ତଥା ଅନ୍ୟ ଭଉଣୀଭାଇ ଉପସ୍ଥିତ ରହି ସେବା କାର୍ଯ୍ୟ ଜାରି ରଖିଥିଲେ।

## ତିରୋଧାନ ଦିବସରେ ତିଳତର୍ପଣ, ଶ୍ରଦ୍ଧାଞ୍ଜଳି ଅର୍ପଣ

ଦେବଗଡ଼,୧୮।୪(ଶଶାଙ୍କଶେଖର ଝାଙ୍କର)



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଦେବଗଡ ଜିଲା ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସେଣ୍ଟର୍ ଫର୍ କଲଚର୍ କଲ୍ୟାଣ ମଣ୍ଡପଠାରେ ଜିଲା ବିଜେଡି ସଭାପତି ଇଂ. ଚିତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ରହି ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଧୁନିକ ଓଡିଶା ଗଠନ ଓ ଦେବଗଡ ଜିଲା ଗଠନରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସକାଳେ ପ୍ରଧାନପାଟ ଠାରେ ସାମୂହିକ ତିଳତର୍ପଣ କରାଯାଇଥିଲା । ଏହି ଅବସରରେ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ ମୁଣ୍ଡନ ହୋଇଥିଲେ। ଏହାପରେ ଶିଶୁ ଉଦ୍ୟାନ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କର ସହାୟକ ସହାୟିକାମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଜିଲା ବିଜେଡି ଉପସଭାପତି ଦେବେନ୍ଦ୍ର କୁମାର ବେହେରା, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଉମାଶଙ୍କର ସାହୁ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ରାଜକିଶୋର ଦାସ, ଆଲୋକ କୁମାର ଅମାନ୍ତ, ବିକାଶ କୁମାର ପ୍ରଧାନ, ସମୀର ରଞ୍ଜନ ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା,ଶଙ୍କର୍ଷଣ ମହାପାତ୍ର, ସଞ୍ଜୀବ କୁମାର ଶତପଥି, ମାନସ କୁମାର ପ୍ରଧାନ,ଦୀପନ ନାୟକ, ଶରତ ମେହେର, ରୂପକ ମାଝୀ, ଅହିଂସା ନାୟକ, ଭୁବନ ମୋହନ ନାଏକ ଓ ସୁଜାତା ପ୍ରଧାନଙ୍କ ସମେତ ବିଜେଡି ନେତା ଉପସ୍ଥିତ ଥିଲେ ।

## କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ

ଦେବଗଡ଼, ୧୮।୪(ଶଶାଙ୍କ ଶେଖର ଝାଙ୍କର)



ଖବରଦାତା ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କରାଯାଉଛି।

ରାଜ୍ୟରେ ଶାସନ କରୁଥିବା ବିଜେଡି ଓ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଦଳ ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି। ହାତୀ ଦେବି, ଘୋଡା ଦେବି କହି ଭୋଟ ହାତେଇବା ପରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିବା ପରିବର୍ତ୍ତେ ଦୁର୍ନୀତି, ଭ୍ରଷ୍ଟାଚାର ଓ ପିସି କାରବାରରେ ବୁଡି ରହିଛନ୍ତି ବୋଲି ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁଙ୍କ ଆବାହକତ୍ୱରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଜେଡିର ଦେବଗଡ ବିଧାନସଭା ପ୍ରାର୍ଥୀନୀ ନିଜର ବିବାଦୀୟ ଆଚରଣ ଓ ଉଚ୍ଚାରଣ ନେଇ ଚର୍ଚ୍ଚାରେ ଥିବାରୁ ଆଗାମୀ ଭୋଟରେମାନେ ତାଙ୍କୁ ଜବାବ ଦେବେ। ସେହିପରି ଭାଜପା ପ୍ରାର୍ଥୀଙ୍କୁ ଭୋଟରମାନେ ଗ୍ରହଣ କରୁ ନ ଥିବାରୁ କଂଗ୍ରେସର ଉଭୟ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କର ବିଜୟ ସୁନିଶ୍ଚିତ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସେ ନିଜ ଦ୍ୱାରା ୧୦ଟି ବିନ୍ଦୁ ଉପରେ ପ୍ରସ୍ତୁତ ସେମ ଭାଇଙ୍କ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କରିଥିଲେ । ଆଗାମୀ ନିର୍ବାଚନରେ ହେମ୍ବ୍ରମଙ୍କୁ ଭୋଟ ଦେଇ ବିଜୟୀ କଲେ ସେ ସରକାରୀ ଜମିର ପଟ୍ଟା, ଘରଡିହ ପଟ୍ଟା ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯିବା, ଜିଲାର ସମସ୍ତ ୭୦ଟି ଯାକ ପଞ୍ଚାୟତରେ ଥିବା ଚାଷୀ ସଙ୍ଗଠନ ମାଧ୍ୟମରେ ତଦାରଖ କମିଟି ଗଠନ କରି ଧାନର କଟନୀ ଛଟନୀ ବନ୍ଦ କରିବା, ଅଭିଯୋଗର ୪୮ ଘଂଟା ମଧ୍ୟରେ ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟାର ସମାଧାନ କରିବା, ଦେବଗଡ ଜିଲାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା, ପ୍ରତ୍ୟେକ ପଞ୍ଚାୟତରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସ୍ଥାପନ, ଦେବଗଡ ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳିର ରୂପାନ୍ତରିକରଣ କରାଯିବା ଆଦି ମୋଟ ୧୦ଟି ପ୍ରତିଶ୍ରୁତି ଉକ୍ତ ଗ୍ୟାରେଣ୍ଟି କାର୍ଡରେ ଉଲ୍ଲେଖ ଥିବା ଜଣାପଡିଛି। ଏହି ସମ୍ମିଳନୀରେ ଜିଲା କଂଗ୍ରେସ ଉପ ସଭାପତି ମଞ୍ଜୁଳ କୁମାର ନାଏକ, ଜିଲା କଂଗ୍ରେସ ଓବିସି ସେଲସ ସଭାପତି ସୁବାସ ଚନ୍ଦ୍ର ଭୋଇ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ ଓ ଅଲେଖ ନାୟକ ମଞ୍ଚାସୀନ ଥିଲେ।

## ଦେବଗଡ଼ ଜିଲା ୱାର୍ଡମେମ୍ବର ସମାବେଶ

**ମାସିକ ୬ ହଜାର ଟଙ୍କା ଦରମା ଦାବି**

ଦେବଗଡ଼, ୧୮।୪(ଶଶାଙ୍କଶେଖର ଝାଙ୍କର)



ୱାର୍ଡମେମ୍ବର ସଂଘର ବୈଠକରେ ଜିଲାର ବିଭିନ୍ନ ବ୍ଲକର ୱାର୍ଡମେମ୍ବର ଉପସ୍ଥିତ।

ଦେବଗଡ଼ ଜିଲା ବାରକୋଟ ବ୍ଲକ ବିଜୟନଗର ଗ୍ରାମ ପଞ୍ଚାୟତର ଚନ୍ଦନଖୁଣ୍ଟି ଆମ୍ବତୋଟାରେ ଦେବଗଡ଼ ଜିଲା ୱାର୍ଡମେମ୍ବର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ୱାର୍ଡମେମ୍ବର ସଂଘର ସଭାପତି ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲାର ତିନୋଟି ଯାକ ବ୍ଲକରୁ ଆସିଥିବା ୱାର୍ଡମେମ୍ବରମାନେ ସେମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କୁ ଗ୍ରାମ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକସ୍ତର ଏପରିକି ଜିଲାସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ରାଜ୍ୟ ସରକାର ପ୍ରତ୍ୟେକ ୱାର୍ଡମେମ୍ବରଙ୍କୁ ମାସିକ ୬ ହଜାର ଟଙ୍କା ଲେଖାଏଁ ଦରମା ପ୍ରଦାନ, ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ପରିବାର ଲୋକଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଲିଖିତ ଦାବି କରିବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନେଇଥିଲେ। ଯଦି ସରକାର ସେମାନଙ୍କ ଦାବି ନ ଶୁଣନ୍ତି ତେବେ ରାଜ୍ୟର ସମସ୍ତ ୯୧ହଜାର ୯୯୧ ଜଣ ୱାର୍ଡମେମ୍ବର ସମୂହ ଇସ୍ତଫା କିମ୍ବା ଭୋଟ ବର୍ଜନ କରିବେ ବୋଲି ନିଷ୍ପତି ନେବାସହ ଏନେଇ ରାଜ୍ୟ ୱାର୍ଡମେମ୍ବର ସଂଘକୁ ବିଧିବଦ୍ଧ ଭାବେ ଜଣାଇବା ପାଇଁ ସ୍ଥିର କରିଥିଲେ। ଶେଷରେ ଜିଲା ୱାର୍ଡମେମ୍ବର ସଂଘର ସମ୍ପାଦକ ଟଙ୍କଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସଂଘର ଉପସଭାପତି ହୃଷିକେଶ ପ୍ରଧାନ, ସହ ସମ୍ପାଦିକା ସୁଲୋଚନା ପ୍ରଦାନ, ତିଲେଇବଣି ବ୍ଲକ ୱାର୍ଡମେମ୍ବର ସଂଘ ସଭାପତି ଯୋଗେନ୍ଦ୍ର ସେଠୀ, ରିଆମାଳ ବ୍ଲକ ୱାର୍ଡମେମ୍ବର ସଂଘ ସଭାପତି ସୁରେଶ ଚନ୍ଦ୍ର ସାହୁ ଓ ବାରକୋଟ ବ୍ଲକ ୱାର୍ଡମେମ୍ବର ସଂଘ ସଭାପତି ଦୀପକ ଗଡନାୟକଙ୍କ ସମେତ ବହୁ ୱାର୍ଡମେମ୍ବର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ସଂକ୍ଷେପରେ**

## କଣ୍ଟାବାଞ୍ଜିରେ ବିଜେଡିର ବାଇକ୍ ରାଲି

**କଣ୍ଟାବାଞ୍ଜି,୧୮।୪(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀଭାବେ ବିଜେଡି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ଘୋଷଣା କରିଛି। ଏହାକୁ ସ୍ୱାଗତ କରି ଗୁରୁବାର ସନ୍ଧ୍ୟାରେ କଣ୍ଟାବାଞ୍ଜିରେ ବିଜେଡି ପକ୍ଷରୁ ଏକ ବିରାଟ ବାଇକ ରାଲି କରାଯାଇଥିଲା। ଜିଲା ବିଜେଡି ସମ୍ପାଦକ ଫିରୋଜ ଖାନଙ୍କ ନେତୃତ୍ୱରେ କରାଯାଇଥିବା ରାଲି ସ୍ଥାନୀୟ ଆଲିଶାନ ହୋଟେଲ ନିକଟରୁ ବାହାରି ଇନ୍ଦିରା ଛକ, ଶାସ୍ତ୍ରୀ ଛକ ଦେଇ ହୋଟେଲ ବନମାଳୀ ପ୍ୟାଲେସ ଯାଏ ଦୀର୍ଘ ୩ କି.ମି. ପରିକ୍ରମା କରିଥିଲା। ସେଠାରେ କର୍ମୀମାନେ ସୋନପୁର ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସ୍ୱାଗତ କରିବା ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଏହି ରାଲିରେ ପାଟଣାଗଡ ବିଧାୟକ ସରୋଜ ମେହେର, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଅମଜାଦ ଖାନ, ରୂପେଶ ବେହେରା, ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ବ୍ଲକ ସହ କଣ୍ଟାବାଞ୍ଜି ଏନଏସି ଅଞ୍ଚଳର ବିଜେଡି କର୍ମୀ ସାମିଲ ହୋଇଥିଲେ। ନବୀନ ପଟ୍ଟନାୟକ ଜିନ୍ଦାବାଦ, ବିଜେଡି ଜିନ୍ଦାବାଦ ଧ୍ୱନିରେ ସହର କମ୍ପି ଉଠିଥିଲା।

## ଶୋକସଭାରେ ବରିଷ୍ଠ ନାଗରିକଙ୍କୁ ଶ୍ରଦ୍ଧାଞ୍ଜଳି

**ଟିଟିଲାଗଡ଼, ୧୮।୪(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ର ବରିଷ୍ଠ ନାଗରିକ ତଥା ସିନିୟର ସିଟିଜେନ ଆସୋସିଏଶନ ସଭ୍ୟ ସଚ୍ଚିକାନ୍ତ ରଥଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ଜଣେ ପରୋପକାରୀ ଓ ସଂସ୍କୃତି ସମ୍ପନ୍ନ ମଣିଷ ଭାବେରେ ସମାଜରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କ ବିୟୋଗ ଏହି ଅଞ୍ଚଳ ପାଇଁ ଏକ ବିରାଟ କ୍ଷତି। ଗୁରୁବାର ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସିନିୟର ସିଟିଜେନ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସଭ୍ୟମାନେ କହିଛନ୍ତି। ବନମାଳୀ ଦାଶ, ବୈରିଗଞ୍ଜନ ମିଶ୍ର, ସଞ୍ଜୟ ଅଗସ୍ତି ପ୍ରମୁଖ ଏହି ଅବସରରେ ସ୍ୱର୍ଗତ ରଥଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରଥିଲେ। ସୂଚନାଥାଉକି ଗତ ୭ତାରିଖରେ ସଚ୍ଚିକାନ୍ତ ରଥଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା। ଆସୋସିଏଶନର ସଭାପତି ଡ. ଘନଶ୍ୟାମ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସମ୍ପାଦକ ଭିକାରୀ ଚରଣ ମିଶ୍ର ପରିଚାଳନା କରିଥିଲେ।

# ଜଳ ପ୍ରକଳ୍ପ ଅଚଳ, ଖୋଲିନି ଜଳଛତ୍ର

**ଲୋଇସିଂହା,୧୮।୪(ସୁଶାନ୍ତ ବାରିକ)**

**ଅସହ୍ୟ ହେଲାଣି ତାତି**

ଆକାଶରୁ ଅଗ୍ନି ବର୍ଷୁଛି। ଦିନତମାମ ଅସମ୍ଭାଳ ତାତି ଅନୁଭୂତ ହେଉଛି। ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଲୋକଙ୍କୁ ଉହଲବିକଳ କରି ପକାଉଛି। ବଲାଙ୍ଗୀର-ବରଗଡ ୨୬ ନଂ. ଜାତୀୟ ରାଜପଥ ପ୍ରଶସ୍ତିକରଣ ଯୋଗୁ ରାସ୍ତାପାର୍ଶ୍ୱ ଗଛ ସବୁ କାଟି ଦିଆଯାଇଛି । ୨ବର୍ଷରୁ ଅଧିକ ସମୟ ହେଲା ରାଜପଥ ପ୍ରଶସ୍ତିକରଣ କାମ ସରୁନାହିଁ। ଗ୍ରୀଷ୍ମ ମୁକାବିଲା ପାଇଁ ରାଜପଥ ପ୍ରଶସ୍ତିକରଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ରାଜପଥରେ ଛାଇ ଅଭାବରୁ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ବ୍ଲକକୁ ଆସୁଥିବା ଜନସାଧରଣ ଏବଂ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ବ୍ଲକ ଗେଟ୍ ଏବଂ ଲୋଇସିଂହା ଥାନା ଆଗରେ ପାନୀୟ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଛି। କିନ୍ତୁ ଏବେ ଲୋଇସିଂହାରେ ରାଜପଥ ପ୍ରଶସ୍ତିକରଣ କାମ କରାଯାଉଥିବାରୁ ସପ୍ତାହେରୁ ଅଧିକ ସମୟ ହେଲା ଲୋଇସିଂହାରେ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଉଭୟ ପାନୀୟ ପ୍ରକଳ୍ପ ବନ୍ଦ ପଡିଛି। ଗ୍ରୀଷ୍ମ ପ୍ରବାହ ବଢିଥିଲେ ସୁଦ୍ଧା ଜଳଛତ୍ର ମଧ୍ୟ ଖୋଲା ଯାଇନାହିଁ। ଏଭଳି ଅସମ୍ଭାଳ ତାତିରେ ଜଳଛତ୍ର ନ ଖୋଲିବା ଓ ପାଇପ ପାଣି ଉପଲବ୍ଧ ନ ହେବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ଘାତ ଖରା ସତ୍ତ୍ୱେ ବିଭିନ୍ନ କାମ ନେଇ ପଦାକୁ ବାହାରୁଥିବା ଲୋକେ ବାଟଘାଟରେ ପିଇବା ପାଣି ନ ପାଇ ହଟହଟା ହେଉଛନ୍ତି। ନିର୍ବାଚନ ପ୍ରସ୍ତୁତିରେ ବ୍ୟସ୍ତ ପ୍ରଶାସନ ଗ୍ରୀଷ୍ମ ମୁକାବିଲାକୁ ଭୁଲି ଯାଇଥିବା ଲୋକେ ଆଲୋଚନା କରୁଛନ୍ତି। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଜଳଛତ୍ର ଖୋଲିବା ସହ ପାନୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଭିଆର୍‌ପି, ଜିଓଟେକ୍ କରୁଛନ୍ତି ନିର୍ବାଚନ ପ୍ରଚାର:ଭାଜପା


ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଗୁଡଭେଲା,୧୮।୪(ମନୋଜ କୁମାର ଜୈନ)**

ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଛି। ଏପରିସ୍ଥିତିରେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ସରକାରୀ ଯୋଜନରେ ଅନ୍ତର୍ଭୁକ୍ତ କର୍ମଚାରୀମାନେ ଏକ ନିର୍ଦ୍ଦିଷ୍ଟ ଦଳ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି। ଗୁରୁବାର ଏହିଭଳି ଅଭିଯୋଗ ଅଣି ଗୁଡଭେଲା ଓ ସମରା ମଣ୍ଡଳ ଭାଜପା ପକ୍ଷରୁ ଏକ ଅଭିଯୋଗ ପତ୍ର ଗୁଡଭେଲା ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଜରିଆରେ ଏକ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ପାଖକୁ ପଠାଇଛି ଦଳ। ଭାଜପା ନେତା ଅଶୋକ ଚନ୍ଦ୍ର ଦୋରା, ସମିତ ସଭ୍ୟ ଉଜ୍ଜ୍ୱଳ ଭୋଇ, ମୁରଲୀ କେଡିଆ, ପ୍ରେମାନନ୍ଦ ସାହୁ ପ୍ରମୁଖଙ୍କ ଦ୍ୱାରା ପ୍ରଦତ୍ତ ଅଭିଯୋଗ ପତ୍ରକୁ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ଜିପିଓ ସାଗର ସାହୁ ଗ୍ରହଣ କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଟିଟିଲାଗଡ଼ ବିଧାସଭା ପାଇଁ ଶାସକ ଦଳର ପ୍ରାର୍ଥୀଙ୍କ ଗତ ୧ତାରିଖରେ ଘୁନା ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବ୍ଲକ ମହିଳା ସ୍ୱୟଂ ସଂଘର ଜଣେ ବରିଷ୍ଠ ପଦାଧିକାରୀ ବିଜେଡିକୁ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ଉକ୍ତ ଦିନ ନୂଆପଡା ଗାଁରେ ବିଧାୟକ ପ୍ରାର୍ଥୀଙ୍କୁ ଜଣେ ଭିଲେଜ ରିସୋର୍ସ ପରସନ(ଭିଆରପି)ଫୁଲମାଲ ଦେଇ ସ୍ୱାଗତ କରିବା ସହିତ ଗ୍ରାମ୍ୟ ପରିକ୍ରମାରେ ଅଂଶଗ୍ରହଣ କରିଥିଲେ । ସେହି ରାଲିରେ ଜଣେ ଜିଓଟେକ ଅଂଶଗ୍ରହଣ କରିଥିଲେ। ଫଟୋ ଓ ପ୍ରମାଣ ସହ ଏହାର ଏକକିତା ନକଲ ଜିଲା ନିର୍ବାଚନ ଅଧିକାରୀ, ରାଜ୍ୟ ନିର୍ବାଚନ ଆୟୁକ୍ତ, କେନ୍ଦ୍ର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ପଠାଯାଇଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି।

## ବିଜେଡିର ବ୍ଲକସ୍ତରୀୟ ଏସ୍‌ସି ସମାବେଶ



ବିଜେଡି ଏସ୍‌ସି ସମାବେଶରେ ମଞ୍ଚାସୀନ ଅତିଥିଗଣ ।

**ଦେଓଗାଁ,୧୮।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିବାହାଲି ଆମ୍ରକାନନଠାରେ ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ଏସସି ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଙ୍ଗଠକ ପାଣ୍ଡବ କୁମ୍ଭାରଙ୍କ୍ଙ୍କ ପରିଚାଳନା ତଥା ବଲାଙ୍ଗିର ମ୍ୟୁନିସିପାଲଟିର କାଉନସିଲର ତଥା ଏସସି ନେତା ଶମ୍ଭୁ ଭୂଷଣ ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ସମ୍ମାନୀତ ଅତିଥିଭାବେ ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ, ଯୁବନେତା ମନ୍ମଥ ବିଜୟ ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। ବିଜେଡି ସରକାର ଅଞ୍ଚଳର ବିକାଶ ଦିଗରେ ଅନବରତ ଭାବେ କାର୍ଯ୍ୟ କରିଆସୁଛି। ରାଜ୍ୟ ସରକାର ଅନୁସୂଚିତ ଜାତି ପାଇଁ ନିକଟରେ ଅନେକ ବହୁମୁଖୀ ଯୋଜନା ଘୋଷଣା କରିବାସହ ଶିକ୍ଷା କ୍ଷେତ୍ରରେ ଏହି ବର୍ଗଙ୍କୁ ସ୍ୱତନ୍ତ୍ର ମାନ୍ୟତା ଦେଇଛନ୍ତି । ଆଗାମୀ ଦିନରେ ସରକାର ଅନୁସୂଚିତ ବର୍ଗଙ୍କ ପାଇଁ ଅନେକ ଯୋଜନା ପ୍ରାଥମିକତାଭାବେ ଯୋଇଦେବାକୁ ଲକ୍ଷ୍ୟ ରଖିଥିବା ଏବଂ ତାଙ୍କର ବିକାଶ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ହେବ ବୋଲି କହି କଲିକେଶ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ନିର୍ବାଚନରେ ଉଭୟ ବିଧାୟକ ଏବଂ ଲୋକ ସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମାବେଶରେ ସେ ଭୋଟଭିକ୍ଷା କରିଥିଲେ। ସମ୍ମାନୀତ ଅତିଥି ଭାବେ କାଉନସିଲର କିଶୋର କୁମ୍ଭାର, ଶ୍ରୀବତ୍ସ ନାଗ, ରାଜେନ୍ଦ୍ର ନନ୍ଦ, ଯୌବନ ନନ୍ଦ, ଡମ୍ବରୁଧର ହରପାଲ,ଏସସି ସଂଗଠକ ଆକାଶ ସାଗର, ଈଶ୍ୱର ନନ୍ଦ ମଞ୍ଚାସୀନ ଥିଲେ । ଏ ପରିପେକ୍ଷୀରେ ୨୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ବିଜେଡିରେ ଯୋଗଦେଇଥିଲେ।

## ଭଗବତ ଗାୟକଙ୍କ ପରଲୋକ

**ଲୋଇସିଂହା,୧୮।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଭଗବତପ୍ରେମୀ ତଥା ଗାୟକ ନିତ୍ୟାନନ୍ଦ ମିଶ୍ରଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ବର୍ଷ ବୟସ ହେଉଥିଲା। ସ୍ୱର୍ଗତ ମିଶ୍ର ଗ୍ରାମର ଜଗନ୍ନାଥ ମନ୍ଦିରେ ପଞ୍ଚମୀ ଭାଗବତ ସଭା ପାଠ କରୁଥିବାବେଳେ କାର୍ତ୍ତିକ ଦଶହରା ସମୟରେ ମଧ୍ୟ ଭଗବତ ପାରାୟଣ କରୁଥିଲେ। ସ୍ୱର୍ଗତ ମିଶ୍ର ଜୀବନ କାଳରେ ଅଞ୍ଚଳରେ ୭୦ରୁ ୭୫ ଭାଗବତ ପାରାୟଣ କରିଥିବା ପରିବାର ସୂତ୍ରରୁ ପ୍ରକାଶ। ବୁଧବାର ରାତିରେ ଘର ଛାତ ଉପରୁ ପଡି ଯାଇ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନେବା ବାଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅବୋହୂ, ନାତିନାତୁଣୀ ବନ୍ଧୁପରିଜନ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଗ୍ରାମବାସୀ ଶେଷଦର୍ଶନ କରି ଶବାଧାରରେ ସାମିଲ ହୋଇଥିଲେ । ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାର ଛାୟା ଖେଳିଯାଇଛି।

## ଭଗବତ ମନ୍ଦିର ପ୍ରତିଷ୍ଠା ଉତ୍ସବ


ବୁର୍ଡା ଭଗବତ ମନ୍ଦିର ରତ୍ନମୁଦ ସ୍ଥାପନ କରାଯାଉଛି।

**ଲୋଇସିଂହା,୧୮।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ମଧ୍ୟମପଡା ସ୍ଥିତ ଭଗବତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଯାଇଛି। ପୂର୍ବାହ୍ନ ସାଢେ ୧୦ ଟାରୁ ଅପରାହ୍ନ ୧ଟା ୪୮ମି ମଧ୍ୟରେ ଯୂପ ସ୍ଥାପନ ଓ ଭଗବତ ଠାକୁରଙ୍କ ସିଂହାସନ ଆରୋହଣ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ୨୪ ପ୍ରହାର ନାମଯଜ୍ଞ ସହ ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ସମାରୋହ ଉପଲକ୍ଷେ ଗତ ରବିବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯଜ୍ଞମଣ୍ଡପରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା । ସୋମବାରରୁ ଭଗବତ ପାରାୟଣ ଓ ୨୪ ପ୍ରହର ନାମଯଜ୍ଞ ଆୟୋଜିତ ହୋଇଥିଲା । ସମାରୋହ ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସାଙ୍ଗକୁ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ମୀନାବଜାର, ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ୨୪ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ୩ ଯୋଡା ଦମ୍ପତି ଗୁପ୍ତେଶ୍ୱର ଗଡୁଆ, ପୀତବାସ ସାହୁ, ପ୍ରଦୀପ ସା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଭଗବତ ମନ୍ଦିର ଗ୍ରାମର ସର୍ବପୁରାତନ । ଗ୍ରାମର ସ୍ୱର୍ଗତ ବିଦ୍ୟା ପଧାନ ମନ୍ଦିର ପାଇଁ ୩ ଡିସିମିଲ ଜମି ଦାନ କରିଥିଲେ। ୨୦୦୭ ମସିହାରେ ରୀତା ଗଡୁଆ ସରପଞ୍ଚ ଥିବା ସମୟରେ ଉକ୍ତ ଭଗବତ ମନ୍ଦିର ପୁନରୁରୁଦ୍ଧା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ସରକାରୀ ଅନୁଦାନ ଓ ଗ୍ରାମବାସୀଙ୍କ ସହାୟତାରେ ଭବ୍ୟ ଭଗବତ ମନ୍ଦିର ନିର୍ମାଣ ହୋଇଛି। ଦୀର୍ଘ ୧୭ ବର୍ଷ ପରେ ଚଳିତବର୍ଷ ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ନେଇଛି।

## ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ

**ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)**


ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ସମ୍ମିଳନୀ କକ୍ଷରେ ଗୁରୁବାର ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ ଓଡିଶା ପଶ୍ଚିମ ପ୍ରାନ୍ତ ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟଅତିଥି ଏବଂ ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କସ୍ତୁରୀ ରଥଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ସଦସ୍ୟ ଗୋପାଳ ଚନ୍ଦ୍ର ପ୍ରଧାନ ଧ୍ୟେୟବାକ୍ୟ ଓ ଶ୍ଳୋକ ପାଠ କରିଥିଲେ । ରାଷ୍ଟ୍ରୀୟ ପୁନରୁତ୍ଥାନ ପାଇଁ ଶିକ୍ଷାରେ ଭାରତୀୟତା ଓ ଭାରତୀୟ ସଂସ୍କୃତିକୁ ଫେରାଇ ଆଣିବାକୁ ହେଲେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଭାତୃପ୍ରେମ ଓ ଏକ ପାରିବାରିକ ଭାବଧାରାକୁ ଆଗେଇ ନେବା ପାଇଁ ପ୍ରଫେସର ମିଶ୍ର କହିଥିଲେ। ଆଜିର ଯୁବ ସମାଜ ଆଗେଇ ଆସି ଭାରତୀୟ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ମୁଖ୍ୟଅତିଥି ଛୁରିଆ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପୂର୍ବତନ ପ୍ରାନ୍ତ ସମ୍ପାଦକ ଗୋବିନ୍ଦ ମିଶ୍ର, ବରିଷ୍ଠ ସଙ୍ଗଠକ ବିରଞ୍ଚି ଦାଶ ଓ ସବିତା ଭୋଇଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରାନ୍ତ ସଦସ୍ୟା ସଞ୍ଜୁକ୍ତା ପରିଚ୍ଛା ସାଙ୍ଗଠନିକ ଦକ୍ଷତା ଉପରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଗିରିଜା ଭୂଷଣ ରଥ, ଧୀରେନ୍ଦ୍ର ନାରାୟଣ ସିଂଦେଓ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଭବାନୀ ଶଙ୍କର ପଟେଲ, ସମାଜକର୍ମୀ ଆକୁଳ ବେହେରା, ମାଳତୀ ଉଦ୍‌ଗାତା, ଯୁଧିଷ୍ଠିର ମିଶ୍ର, ନିହାରିକା ମିଶ୍ର, ଦିବାକର ହୋତା, ମଲିଆ ଗଡୁଆ, ଅମିର ଛତ୍ରିଆ ଉପସ୍ଥିତ ଥିଲେ। ଶେଷରେ ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ବଲାଙ୍ଗୀର ରାମଲୀଳାର ଶୁଭାରମ୍ଭ

**ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)**

ଶ୍ରୀରାମ ନବମୀ ଅବସରରେ ବଲାଙ୍ଗୀର ରାମଜୀ ନାଟ୍ୟ ସଂସଦ ପକ୍ଷରୁ ରାମଜୀପଡା ରାମଜୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାରଠାରୁ ଜଗନ୍ନାଥ ପଡା ମନ୍ଦିର ସମ୍ମୁଖରେ ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଶୁଭାରମ୍ଭ ହେବ। ଏଥିପାଇଁ ଗୁରୁଶ୍ରୀ ବାଳମୁକୁନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦାଶିବ ବିରଚିତ ରାମଲୀଳା ବହିକୁ ପୂଜାର୍ଚ୍ଚନା କରି ଶ୍ରୀରାମ ଜନ୍ମୋତ୍ସବ ପାଳନ କରାଯାଇଥିଲା। ନାଟ୍ୟ ସଂସଦ ସଭ୍ୟମାନଙ୍କ ସହ ଅନ୍ୟ ଶ୍ରଦ୍ଧାଳୁ ରାମଜୀ ମନ୍ଦିରରେ ଉପସ୍ଥିତ ଥିଲେ । ରାମ ନବମୀ ଉତ୍ସବରେ ଜଗନ୍ନାଥପଡା ଜଗନ୍ନାଥ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶିଶୁ କଳାକାରମାନେ ରାମଲାଲାଙ୍କ ବେଶରେ ସଜ୍ଜିତ ହୋଇଥିଲେ। ବିମାନରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଓ ସଙ୍କଟମୋଚନ ହନୁମାନଙ୍କୁ ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଇସ୍କନ ମନ୍ଦିର ସମିତି ଅଂଶଗ୍ରହଣ କରିଥିଲେ । ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଉକ୍ତ ଯାତ୍ରାରେ ନିଜକୁ ସମ୍ମିଳିତ କରିଥିଲେ। ଶୋଭାଯାତ୍ରା ଅନେକ ପ୍ରକାର ମେଢ ସହ ରାମଲୀଳାରେ ଭାଗ ନେଉଥିବା କଳାକାରମାନେ ଅଂଶଗ୍ରହଣ କରିଥିଲେ। ଭଗବାନ ଶ୍ରୀରାମଙ୍କ ବିଗ୍ରହକୁ ଜଗନ୍ନାଥ ମନ୍ଦିରକୁ ଆଣି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରଖିଯିବ। ଶୁକ୍ରବାରଠାରୁ ପ୍ରତ୍ୟହ ରାତି ୧୦ ଟା ୩୦ରୁ ରାତ୍ର ୧ଟା ପର୍ଯ୍ୟନ୍ତ ରାମଲୀଳା ମଞ୍ଚସ୍ଥ ହେବ ବୋଲି ସୂଚନା ଦିଆଯାଇଛି। ୧୯ ତାରିଖ ଶୁକ୍ରବାର ରାମଲୀଳାରେ ତାଡକା ବଧ, ସୁବାହୁ ଓ ମରିଚ ସହିତ ଯୁଦ୍ଧ, ଅହଲ୍ୟା ତାରଣ, ରାମଙ୍କ ମିଥିଳା ଗମନ ସହ ଧର୍ନୁଭଙ୍ଗ ଉପାଖ୍ୟାନ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ପାଇଁ ଆୟୋଜିତ ଶୋଭାଯାତ୍ରା।

## ନିର୍ବାଚନ ଲଢ଼ିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ପ୍ରକାଶ କରନ୍ତୁ

**ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)**


ଖବରଦାତା ସମ୍ମିଳନୀରେ କୋଶଲ ରାଜ୍ୟ ସମନ୍ୱୟ ସମିତି କର୍ମକର୍ତ୍ତା।

**କୋଶଳ ରାଜ୍ୟ ସମନ୍ୱୟ ସମିତି ଖବରଦାତା ସମ୍ମିଳନୀରେ ଦାବି କଲେ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରାଯାଇଛି। ଏହି ଘୋଷଣା ପରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। କଣ୍ଟାବାଞ୍ଜିରେ ନିର୍ବାଚନ ଲଢ଼ିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ବିଜେପୁର ନିର୍ବାଚନ ମଣ୍ଡଳୀରେ କ'ଣ କରିଛନ୍ତି ଏବଂ ଏଥର ବଲାଙ୍ଗୀର ଜିଲା ପାଇଁ କ'ଣ କରିବେ ସେନେଇ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦାବି କରାଯାଇଛି। କୋଶଳ ରାଜ୍ୟ ସମନ୍ୱୟ ସମିତ୍ କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର କହିଥିଲେ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ସହ ବିଜେପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଲଢି ଜିତିଥିଲେ । କିନ୍ତୁ ପରେ ବିଜେପୁର ନିର୍ବାଚନ ମଣ୍ଡଳୀକୁ ଛାଡି ଦେଇଥିଲେ। ସେଠାରେ ଉପନିର୍ବାଚନ ହୋଇଥିଲା। ଏଥର ମୁଖ୍ୟମନ୍ତ୍ରୀ ପୁଣି ହିଞ୍ଜିଳି ସହ କଣ୍ଟାବାଞ୍ଜିରୁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରାଯାଇଛି। ତେବେ ପୂର୍ବଭଳି ସେ ନିର୍ବାଚନ ଜିତି କଣ୍ଟାବାଞ୍ଜି ଆସନ ଛାଡି ଦେବେ କି ବୋଲି ମିଶ୍ର ପ୍ରଶ୍ନ କରିଛନ୍ତି। କଣ୍ଟାବାଞ୍ଜି ଏକ ଦାଦନ ପ୍ରବଣ ଅଞ୍ଚଳ। ଏଠାକାର ଲକ୍ଷାଧିକ ଲୋକ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଯାଉଛନ୍ତି। ଏହାକୁ ଦାଦନ ରାଜଧାନୀ କୁହାଯାଏ। ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ଅଞ୍ଚଳବାସୀଙ୍କ ଅର୍ଥନୈତିକ ଅବସ୍ଥା ଶୋଚନୀୟ । କଣ୍ଟାବାଞ୍ଜି ଅଞ୍ଚଳରେ ଅନେକ ଦୁର୍ନୀତି ଲୋକଲୋଚନକୁ ଆସିଛି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ କ'ଣ ଲୋକ ଜାଣିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି। ଏହାସହିତ ବଲାଙ୍ଗୀର ଜିଲାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ, ବିଜୟାନନ୍ଦ ଚିନିକଳ ଚାଲୁ କରିବା, ପୁରୀ-ରାୟପୁର ରେଳପଥ ନିର୍ମାଣ, ଉଡାନ ଯୋଜନାରେ ତୁଷୁରାକୁ ସାମିଲ କରିବା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପୂର୍ଣ୍ଣାଙ୍ଗୀକରଣ, ବେଲପଡା-ପାଟଣାଗଡ-କଣ୍ଟାବାଞ୍ଜି ଅଞ୍ଚଳରେ କଟନ କରିଡର ସ୍ଥାପନ, ବଲାଙ୍ଗୀର, ପାଟଣାଗଡ, ବେଲପଡା, କଣ୍ଟାବାଞ୍ଜି ପ୍ରଭୃତିରେ ବାଇପାସ ନିର୍ମାଣ, କଣ୍ଟାବାଞ୍ଜି କଲେଜର ସରକାରୀକରଣ, କଣ୍ଟାବାଞ୍ଜି- ଟିଟିଲାଗଡ ଜିଲା ଦାବି ଉପରେ ମୁଖ୍ୟମନ୍ତ୍ରୀ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କହିଥିଲେ। ଏଠାକାର ସମସ୍ୟାର ସମାଧାନ ପାଇଁ ରାସ୍ତା ତିଆରି ନକରି କେବଳ ପ୍ରତିଶ୍ରୁତିର ପାହାଡ ତୋଳି ନିର୍ବାଚନ ଲଢିଲେ ଏ ଅଞ୍ଚଳ ଏକ ରାଜନୈତିକ ଉପନିବେଶ ଛଡା ଅନ୍ୟ କିଛିରେ ପରିଣତ ହେବ ନାହିଁ ବୋଲି ମିଶ୍ର ମତ ଦେଇଛନ୍ତି।

**ସଂକ୍ଷେପରେ**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ବଘିଆପଡ଼ା,୧୮।୪(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ଅନ୍ତର୍ଗତ ବଘିଆପଡା ଫାଣ୍ଡିର ବିରଗଡ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ କନ୍ଧମାଳ ଜିଲା ଟିକାବାଲି ଥାନା କଇଁଝରି ଗ୍ରାମର ଉତ୍ସବ ମଲିକ (୪୦) ଶ୍ୱଶୁର ଘର ବିରିଗଡକୁ ବୁଧବାର ଆସିଥିଲେ। ବିଳମ୍ବିତ ରାତିରେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ଶ୍ୱଶୁର ଘର ଲୋକ ବୌଦ୍ଧ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଗୁରୁବାର ଭୋର ଚିକିତ୍ସାଧୀନ ଅବସ୍ଥାରେ ଉତ୍ସବଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବଘିଆପଡା ଫାଣ୍ଡି ଅଧିକାରୀ ଅଭୟ କୁମାର ପ୍ରଧାନ ମେଡିକାଲକୁ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଶ୍ରୀରାମଙ୍କ ସହ ଭ୍ରାତାମାନଙ୍କ ବାଲ୍ୟଲୀଳା, ତାଡ଼କା ବଧ

**ବୌଦ୍ଧ ରାମଲୀଳା ଦ୍ୱିତୀୟ ଦିବସ**

ବୌଦ୍ଧ,୧୮।୪(ଅଜିତ କୁମାର ବାରିକ)

ବୌଦ୍ଧ ରାମଲୀଳା ରାମନବମୀଠାରୁ ସହରର ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତୀ ମଣ୍ଡପ ଠାରେ ଆରମ୍ଭ ହୋଇଛି। ରାମଲୀଳା ଉତ୍ସବ ଅବସରରେ ସାରା ବୌଦ୍ଧ ସହର ଚଳଚଞ୍ଚଳ ହୋଇପଡିଛି। ଦ୍ୱିତୀୟ ଦିବସରେ ନାଟକରେ ଶ୍ରୀରାମ ଭାଇଙ୍କ ସହିତ ବାଲ୍ୟଲୀଳା ପରିବେଷଣ ହୋଇଛି। ଶ୍ରୀରାମ ଭାଇମାନଙ୍କ ସହ ଗୁରୁକୁଳରୁ ଶିକ୍ଷା ଲାଭ କରି ଫେରିବା ପରେ ଚାରି ରାଜପୁତ୍ରଙ୍କୁ ପାଇ ଅଯୋଧ୍ୟାରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଏପଟେ ଜଙ୍ଗଲରେ ତାଡକା ସହିତ ଅନ୍ୟ ରାକ୍ଷାସଙ୍କ ଉତ୍ପାତ ବୃଦ୍ଧି ହୋଇଚାଲିଥିବାବେଳେ ସେମାନେ ମୁନିଋଷିମାନଙ୍କ ଯଜ୍ଞରେ ବିଘ୍ନ ସୃଷ୍ଟି କରିଛନ୍ତି। ରାକ୍ଷସମାନଙ୍କଠାରୁ ଉଦ୍ଧାର ପାଇବା ପାଇଁ ଋଷି ବିଶ୍ୱାମିତ୍ର ଅଯୋଧ୍ୟାରେ ପହଞ୍ଚିଛନ୍ତି। ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ସଙ୍ଗରେ ଯଜ୍ଞ ରକ୍ଷା ପାଇଁ ନେବାକୁ ରାଜା ଦଶରଥଙ୍କୁ ନିବେଦନ କରିଛନ୍ତି। ଋଷି ବିଶ୍ୱାମିତ୍ରଙ୍କ ପ୍ରସ୍ତାବରେ ଦଶରଥ ପ୍ରଥମେ ରାଜି ହୋଇ ନ ଥିଲେ ମଧ୍ୟ ଶେଷରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଯଜ୍ଞ ରକ୍ଷା ପାଇଁ ବନଗମନ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ବିଶ୍ୱାମିତ୍ରଙ୍କ ସହ ଶ୍ରୀରାମ ଓ ଲକ୍ଷ୍ମଣ ବନ ଗମନ କରିବା ସହିତ ଯଜ୍ଞ ରକ୍ଷା, ରାକ୍ଷସୀ ତାଡକା ସମେତ ଅନେକ ରାକ୍ଷାସଙ୍କୁ ବଧ କରିଛନ୍ତି। ପରେ ବିଶ୍ୱାମିତ୍ର ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେଇ ସୀତା ସ୍ୱୟମ୍ବରରେ ଯୋଗଦେବାକୁ ମିଥିଳା ନଗରୀରେ ପହଞ୍ଚିଛନ୍ତି। ସନ୍ଧ୍ୟା ସମୟରୁ ଏହି ଯାତ୍ରା ଆରମ୍ଭ ହୋଇ ରାମାୟଣ ପାରାୟଣ, ଭଜନସନ୍ଧ୍ୟା ଓ ନିର୍ବାକ୍ ନୃତ୍ୟ ନାଟିକା ପରେ ରାମାୟଣର କଥାବସ୍ତୁକୁ ନେଇ ଯାତ୍ରା ନାଟକ ଶୈଳୀରେ ପରିବେଷଣ କରାଯାଇଛି।

# ନିଯୁକ୍ତି ଆଶାୟୀ ଏବେ ନିଯୁକ୍ତିଦାତା

ସୋନପୁର,୧୮।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲାଡୁରପେଟ ଗ୍ରାମର ସୁପ୍ରଭା ଦାନୀ (୪୭) ଦିନେ ନିଯୁକ୍ତି ଆଶାୟୀ ଥିଲେ। କିନ୍ତୁ ଆଜି ସେ ନିଯୁକ୍ତିଦାତା। ସେ ନିଜର ସାଢେ ତିନି ଏକର ଚାଷ ଜମିରୁ ୨ ଏକର ଜମିରେ ଧାନ ଚାଷ କରି ଆସୁଥିଲେ। ଏଥି ସହିତ ଛୋଟ ଡାଏରୀ ଫାର୍ମ କରିଥିଲେ। ଯାହାକି ତାଙ୍କ ପରିବାରକୁ ବର୍ଷ ସାରା କିଛି ପରିମାଣରେ ଅତିରିକ୍ତ ଆୟ ଯୋଗାଉ ଥିଲା। ତେବେ କରୋନା ସମୟରେ ଦୁଗ୍ଧ ବିକ୍ରି ହେଲାନି। ବହୁତ କ୍ଷତି ସହିବାକୁ ପଡିଲା। ଅଧିକ ରୋଜଗାର କରିବାକୁ ସେ ଅନ୍ୟ କିଛି କରିବାକୁ ଚାହିଁଲେ। ଅନୁସନ୍ଧାନ କରିବାକୁ ୨୦୧୭ ମସିହାରେ ସେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ରକୁ ଆସି ପରିସରରେ ଥିବା ବିଭିନ୍ନ ପ୍ରଦର୍ଶନ କେନ୍ଦ୍ର ଗୁଡିକୁ ଦେଖିଥିଲେ। କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କଲେ। ପରେ ସେ ଛତୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ସହ ଛତୁ ଚାଷ ଉପରେ ତାଲିମ ନେଲେ। ଏବେ ଛତୁ ଚାଷ ତାଙ୍କୁ ସ୍ୱାବଲମ୍ବୀ କରିବା ସହ ପରିଚୟ ଦେଇଛି। ଏହି ରୋଜଗାରରେ ସେ ପରିବାର ପ୍ରତିପୋଷଣ କରିବା ସହ ଦୁଇ ପୁଅଙ୍କୁ ଭଲ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ପ୍ରଦାନ କରୁଛନ୍ତି। ପରିବାର ଚଳାଇବା ପାଇଁ ଦିନେ ନିଯୁକ୍ତି ଆଶାୟୀ ଥିବା ସୁପ୍ରଭା ଏବେ ସ୍ଥାନୀୟ ଅଞ୍ଚଳର ୧୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ।


ସୁପ୍ରଭା ଦାନୀ ।


ଛତୁରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥ ସହ ସୁପ୍ରଭା।

ସୁପ୍ରଭା କୁହନ୍ତି ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ତାଙ୍କର ଛତୁ ଚାଷ ପ୍ରତି ଆଗ୍ରହକୁ ଦେଖି ବୈଜ୍ଞାନିକ ପ୍ରଣାଳୀରେ ଛତୁ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ନେଲା ପରେ ସେ ପ୍ରଥମେ ଛତୁ ଚାଷ କରିବା ଆରମ୍ଭ କରିଥିଲେ। ପରେ ଛତୁ ମଞ୍ଜି ଉତ୍ପାଦନ ଉପରେ ୫ ଦିନିଆ ଧନ୍ଦା ମୂଳକ ତାଲିମ ଦିଆଯାଇଥିଲା। ସୁବର୍ଣ୍ଣପୁର ଜିଲାରେ ଛତୁ ମଞ୍ଜି ଉତ୍ପାଦନ ୟୁନିଟ୍ ନ ଥିଲା। ତେଣୁ ସେ ଛତୁ ମଞ୍ଜି ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ଜିଲା ଶିଳ୍ପ କେନ୍ଦ୍ର ଓ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ଅବୋଲି ସୁନିଲ ନରୱଣେ ତାଙ୍କୁ

■ସୁପ୍ରଭା ଦାନୀଙ୍କୁ ଛତୁଚାଷ କରିଛି ସ୍ୱାବଲମ୍ବୀ

■ଛତୁରୁ ପ୍ରସ୍ତୁତ କରୁଛନ୍ତି ବିଭିନ୍ନ ପ୍ରକାର ମୂଲ୍ୟଯୁକ୍ତ ଖାଦ୍ୟ ପଦାର୍ଥ

ସହଯୋଗ କରିଥିଲେ। ଛତୁ ମଞ୍ଜି ୟୁନିଟ୍ ପ୍ରତିଷ୍ଠା ଲାଗି ତାଙ୍କୁ ସରକାରଙ୍କ ପକ୍ଷରୁ ୨୦ ଲକ୍ଷ ଟଙ୍କାର ସହାୟତା ମିଳିଥିଲା। ପରେ ଭୁବନେଶ୍ୱର ସ୍ଥିତ ଓୟୁଏଟିରୁ ଛତୁରୁ କିପରି ବିଭିନ୍ନ ପ୍ରକାର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରା ଯାଇପାରିବ ତା ଉପରେ ସେ ତାଲିମ ନେଇଥିଲେ।

ଶ୍ରୀମତୀ ଦାନୀ ଛତୁଚାଷ ସହିତ ଛତୁମଞ୍ଜି ଉତ୍ପାଦନ ଏବଂ ଛତୁରୁ ବିଭିନ୍ନ ପ୍ରକାର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରୁଛନ୍ତି। ଛତୁ ୟୁନିଟ୍‌ରୁ ଛତୁ ଉତ୍ପାଦନ କରି ବାର୍ଷିକ ପ୍ରାୟ ୭ ଲକ୍ଷ ଓ ଛତୁମଞ୍ଜି ୟୁନିଟ୍‌ରୁ ବାର୍ଷିକ ଦେଢ ଲକ୍ଷ ମଞ୍ଜି ପ୍ରସ୍ତୁତ କରି ୯ଲକ୍ଷ ଟଙ୍କା ଲାଭ ପାଉଛନ୍ତି। ଧିଙ୍ଗିରି ଛତୁରୁ ସେ ପ୍ରାୟ ୮ରୁ ୧୦ ପ୍ରକାରର ମୂଲ୍ୟଯୁକ୍ତ ପଦାର୍ଥ ଯଥା ଆଚାର, ବଡି, ପାମ୍ପଡ, ବିସ୍କୁଟ୍, ଛତୁଆ, ସୁପ୍, ପାଉଡର, ଚଟଣି ଓ ସସ୍ ଆଦି ପ୍ରସ୍ତୁତ କରୁଛନ୍ତି। ତାଙ୍କର ୟୁନିଟ୍‌ରେ ସେ ୧୦ ଜଣଙ୍କୁ ବର୍ଷସାରା ରୋଜଗାର ଦେଉଛନ୍ତି। ଶ୍ରୀମତୀ ଦାନୀଙ୍କ ଦ୍ୱାରା ଛତୁ ଚାଷକୁ ଆଧାର କରି ନିଜକୁ ସ୍ୱାବଲମ୍ବୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ୟ ମହିଳା ଚାଷୀଙ୍କ ଲାଗି ପ୍ରେରଣା ଯୋଗାଉଛି। ସେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ଏବଂ ଉଦ୍ୟାନ କୃଷି ବିଭାଗ ତରଫରୁ ଆୟୋଜିତ ଛତୁଚାଷ ଉପରେ ମହିଳା ଚାଷୀମାନଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବରେ ତାଲିମ ପ୍ରଦାନ କରୁଛନ୍ତି। ତାଙ୍କର ଲାଡୁରପେଟ୍ ସ୍ଥିତ ଫାର୍ମକୁ ଛତୁଚାଷ ପାଇଁ ଆଗ୍ରହୀ ଚାଷୀ, ଗ୍ରାମୀଣ ଯୁବତୀ ଯୁବକ ମାନେ ଛତୁ ଚାଷ ଉପରେ ଜ୍ଞାନ ଆହରଣ କରିବା ସକାଶେ ପରିଦର୍ଶନ କରିବା ପାଇଁ ଯାଉଛନ୍ତି। କଠିନ ପରିଶ୍ରମ ଓ ଦୃଢ ଇଚ୍ଛାଶକ୍ତି ପାଇଁ ଶ୍ରୀମତୀ ଦାନୀ ସଫଳତା ପାଇବା ସହ ଜିଲାର ମହିଳା ଚାଷୀମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଡୁଙ୍ଗୁରିପାଲି,୧୮।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଇନ୍ଦିରାନଗରଠାରେ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଯୁବକ ଗୋଷ୍ଠୀ ଓ ପଡ଼ାବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ନାମଯଜ୍ଞରେ ସୋନପୁର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ଏହି ଅବସରରେ ୫ଟି ଗ୍ରାମର ସଂକୀର୍ତ୍ତନଦଳ ଯୋଗଦାନ କରି ସଂକୀର୍ତ୍ତନ ପରିବେଷଣ କରିଥିଲେ। ପୂଜକ ସାଧୁ ବିଭାର ଓ ଲଳିତ କୁମ୍ଭାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂର୍ଣ୍ଣାହୁତିରେ ଗଣପତି ସାଗର ତାଙ୍କ ସ୍ତ୍ରୀ ଆରତୀ ସାଗର କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ନାମଯଜ୍ଞ ପରିଚାଳନା କମିଟି ସଭାପତି ରସାନନ୍ଦ ସାଗର, ସମ୍ପାଦକ ଶିବାକାର ସାଗର, ପ୍ରଦୀପ ମହାନନ୍ଦ,ଲଳିତ ସାଗର, ଚନ୍ଦ୍ରକାନ୍ତ ସାଗର, ପ୍ରବୀଣ କୁଅଁର, ନରେଶ ସୁନା, ରବୀନ୍ଦ୍ର କୁମ୍ଭାର, ପ୍ରକାଶ କୁଅଁର, ଚୈତନ୍ୟ ସାଗର, ଶରତ ବାଗ, ଆଜାଦ ସାଗର, ମହାଦେବ ସାଗର, ବିକାଶ, ପିଣ୍ଟୁଙ୍କ ସହ ପଡାବାସୀ ସହଯୋଗ କରିଥିଲେ। ନାମଯଜ୍ଞ ଅବସରରେ ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଇନ୍ଦିରାନଗର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଯୋଗଦେଇ ନାମଯଜ୍ଞ ଶ୍ରବଣ କରିଥିଲେ।

## ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ତରଭା,୧୮।୪(ମାନଭଞ୍ଜନ ମିଶ୍ର)

ତରଭା ବ୍ଲକ ଶିବତୁଳା ଗ୍ରାମପଞ୍ଚାୟତର ଆଡ଼କଟା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗୋଚର ଜମି ଜବରଦଖଲ ଉଛେଦ ଓ ଗ୍ରାମବାସୀଙ୍କ ବିରୋଧରେ ଲାଗିଥିବା ୧୦୭ କେଶ ନେଇ ତରଭା ତହସିଲ କାର୍ଯ୍ୟାଳୟ ଓ ଥାନା ଘେରାଉ କରି ନିଜ ଦାବି ସହ ଅଭିଯୋଗ ଜଣାଇଥିଲେ। ରମ୍ଭାସିଣ୍ଡୋଲ ଗ୍ରାମ ନିକଟସ୍ଥ ଆଡ଼କଟା ମୌଜାରେ ଥିବା ପ୍ରାୟ ୫ଏକର ଗୋଚର ଜମିକୁ ଜୋରଜବରଦସ୍ତି ଦଖଲକରୁଥିବା ନେଇ ଅନେକଥର ଅଭିଯୋଗ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କରା ନ ଯିବା ସହିତ ପ୍ରାୟ ୫୦ରୁ ଅଧିକ ଗ୍ରାମବାସୀ, ମହିଳାଙ୍କ ନାମରେ ୧୦୭ କେଶ ଦିଆଯାଇ ଥିବା ନେଇ ପ୍ରଥମେ ତରଭା ଥାନାକୁ ଆସି ଅଭିଯୋଗ କାରୀମାନେ ଉପସ୍ଥିତ ଥାନା ଅଧିକାରୀ ଅନିତା କିଡୋ ଙ୍କୁ ଜଣାଇଥିଲେ। ପରେ ତରଭା ତହସିଲଦାରଙ୍କ କାର୍ଯ୍ୟାଳୟ ଯାଇ ନିଜ ଅଭିଯୋଗ ଓ ଦାବି ମହିଳାମାନେ ଜଣାଇ ଥିଲେ। ଆଡ଼କଟା ଗ୍ରାମବାସୀଙ୍କ ଦାବିକୁ ଅନୁଧ୍ୟାନ କରି ଆଗାମୀ ସାତ ଦିନ ମଧ୍ୟରେ ବିବାଦୀୟ ସ୍ଥାନକୁ ପରିଦର୍ଶନକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ତୁଳା ମୁଦୁଲି ଅଭିଯୋଗକାରୀଙ୍କୁ ବୁଝାଇବା ସହ ପ୍ରତିଶୃତି ଦେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ ବିବାଦୀୟ ଗୋଚର ଜମିରେ ଗ୍ରାମବାସୀଙ୍କ ଗୃହପାଳିତ ପଶୁ ଓ ବିଭିନ୍ନ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବେଳେ ଯୁବକମାନଙ୍କ ପାଇଁ କ୍ରୀଡାଭୂମି ଖେଳପଡିଆ ରେ ବ୍ୟବହାର କରଯାଉଛି ବୋଲି ଜଣାଇଥିଲେ । ତହସିଲଦାର ଙ୍କ ଠାରେ ଅଭିଯୋଗ ସମୟରେ ରାଜସ୍ୱ ସହାୟକ ଶିବାନନ୍ଦ ବାଘ, ବିଭଗୀୟ ଅଧିକାରୀ ବୀରେନ୍ଦ୍ର ରଥ ଉପସ୍ଥିତ ଥିଲେ।


ଆଡ଼କଟା ଗ୍ରାମବାସୀ ଦାବି ଜଣାଇବାକୁ ଥାନାକୁ ଯାଉଛନ୍ତି।

## ନାରାୟଣପ୍ରସାଦ ନିକଟରେ ମାଓବାଦୀ ପୋଷ୍ଟର


ହ୍ୱାଟସଆପରୁ ମିଳିଥିବା ମାଓବାଦୀ ପୋଷ୍ଟର।

ଘଣ୍ଟାପଡ଼ା,୧୮।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ନାରାୟଣପ୍ରସାଦ ଗ୍ରାମ ନିକଟରେ ବୁଧବାର ବିଳମ୍ବିତ ରାତିରେ ମାଓବାଦୀ ପୋଷ୍ଟର ମରାଯାଇଥିଲା। ଗୁରୁବାର ସକାଳେ ପୋଲିସ ଏ ସମ୍ପର୍କରେ ଖବର ପାଇଥିଲା। ପୋଷ୍ଟରରେ ଲାଲରଙ୍ଗରେ ଜଣେ ବ୍ୟକ୍ତିଙ୍କୁ ଟଙ୍କା ମଗାଯାଇ ଧମକ ଦେଇ ଉଲ୍ଲେଖ ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିଲାବେଳେ କୌଣସି ପୋଷ୍ଟର ନ ଥିଲା। ସୂଚନାପ୍ରକାରେ ରାତିରେ ମରାଯାଇଥିବା ପୋଷ୍ଟର ସକାଳୁ କୁଆଡେ ଉଭାନ ହୋଇଯାଇଛି। ପୋଲିସ ଗୁରୁତର ସହ ଉକ୍ତ ଘଟଣାକୁ ନେଇ ବିଭିନ୍ନ ଲୋକଙ୍କୁ ପଚରାଉଚୁରା କରିଛି। ପୋଲିସର ସୂଚନାମତେ ଯେଉଁ ବ୍ୟକ୍ତିଙ୍କୁ ଧମକ ଦେଇ ଲେଖାଯାଇଛି ସେ କୌଣସି ପ୍ରକାର ଠିକାଦାର କି କଳା ବେପାରୀ ନୁହନ୍ତି। ତାଙ୍କର କେହି ଶତ୍ରୁ ନ ଥିବା କି ଫୋନରେ କିଏ ଧମକ ମଧ୍ୟ ନ ଦେବା ପୋଲିସକୁ ଆଶ୍ଚର୍ଯ୍ୟ ଲାଗିଛି। ତେଣୁ କିଏ କାହିଁକି ଏପରି ପୋଷ୍ଟର ଲଗାଇଥିଲା। ସତରେ ମାଓବାଦୀ ନା ଆଉ କିଏ ତାହାର ତଦନ୍ତ ନିତ୍ୟାନ୍ତ ଆବଶ୍ୟକ। ଘଣ୍ଟାପଡ଼ା ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରି କିନ୍ତୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଏହାର ତଦନ୍ତ କରି ଶୀଘ୍ର ପର୍ଦ୍ଦାଫାସ କରିବାକୁ ପ୍ରକାଶ କରିଛନ୍ତି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ରଣା ଟାଇଗର ଚାମ୍ପିୟନ

ଖୁଣ୍ଟିଗୋରା, ୧୭।୪(ମକରନ୍ଦ ସାହୁ)

ସତ୍ୟମ ଶିବମ ସୁନ୍ଦରମ କ୍ରିକ୍ରେଟ କ୍ଲବ ପକ୍ଷରୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଅନ୍ତର୍ଗତ ରେଘାମୁଣ୍ଡା ପ୍ରିମିୟର ଲିଗ(ଆରପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ରେଘାମୁଣ୍ଡା ରଣା ଟାଇଗର ଦଳ ଏବଂ ନଣ୍ଡାବାହାଲି ରୁଦ୍ରମ ଇଲେଭେନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ରେଘାମୁଣ୍ଡା ରଣା ଟାଇଗର ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲେ। ଜବାବରେ ନଣ୍ଡାବାହାଲି ରୁଦ୍ରମ ଇଲେଭେନ ଦଳ ୧୦ ଓଭର ଖେଳରେ ୮ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ସୁରଥ ରଣା, ସୋନଜ ରଣା ଖେଳ ପରିଚାଳନା କରିଥିଲେ। ଲିଙ୍ଗରାଜ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ଆକାଶ ରଣା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଟିମର ଲିଙ୍ଗରାଜ ରଣା, ମନୋଜ ରଣା, ଅମିତ ରଣା, ରୋହିତ ଭୋଇ, ଯୁଗେଶର, ସୁରେନ୍ଦ୍ର ରଣା, ସୁରଥ ରଣା ରହିଥିଲେ। ମୁଖ୍ୟ ଅତିଥି ଭାବେ ଉମା ପଞ୍ଚାୟତ ସରପଞ୍ଚ ଦୈଲଥ ପାଣ୍ଡେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ରଣା, ତପନ ସାହୁ, ସାଧୁ ରଣା, ଚନ୍ଦ୍ରଶେଖର ରଣା, ପରମେଶର ଝାଙ୍କର, ସନ୍ତୋଷ ରଣା, ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କୃତ ରାଶି ପ୍ରଦାନ କରିଥିଲେ।



ଖେଳାଳିଙ୍କ ସହ ଅତିଥି।

## ଆର.ଆର. ବୀରମହାରାଜପୁର ଚାମ୍ପିୟନ

ଅମରପାଲି,୧୮।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ତେଲିପାଲିରେ ହେଉଥିବା ଷଷ୍ଠ ତେଲିପାଲି ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଟାଙ୍ଗରସାହିକୁ ହରାଇ ଆର.ଆର. ବୀରମହାରାଜପୁର ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଟାଙ୍ଗରସାହି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ସମସ୍ତ ଉଇକେଟ ହରାଇ ୪୪ ରନ କରିଥିଲେ। ଜବାବରେ ଆର.ଆର. ବୀରମହାରାଜପୁର ଦଳ ଆବଶ୍ୟକୀୟ ୪୫ ରନକୁ ୩.୩ ଓଭରରେ ଗୋଟିଏ ମାତ୍ର ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ପୂର୍ବରୁ ହୋଇଥିବା ପ୍ରଥମ ସେମି ଫାଇନାଲ ମ୍ୟାଚଟି ଟାଙ୍ଗରସାହି ଓ ସୋନପୁର ୱାରିଅର ମଧ୍ୟରେ ହୋଇଥିଲା। ଏଥିରେ ଟାଙ୍ଗରସାହି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୭୯ ରନ କରିଥିଲା। ଜବାବରେ ସୋନପୁର ୱାରିଅର ଦଳ ୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୪୨ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସ୍କାଏ ଇଲେଭେନ ପୁଲେଶ୍ୱର ଓ ଆର.ଆର. ବୀରମହାରାଜପୁର ମଧ୍ୟରେ ହୋଇଥିଲା। ଏଥିରେ ଆର.ଆର. ବୀରମହାରାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୬୬ ରନ କରିଥିଲଲା। ଜବାବରେ ସ୍କାଏ ଇଲେଭେନ ପୁଲେଶ୍ୱର୍ ଦଳ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୬୨ ରନ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, କ୍ରିଡାବିତ ରଘୁବୀର ପାଣିଗ୍ରାହୀ ଓ ବୀରମହାରାଜପୁର ଭାଜପା ବିଧାୟକ ପ୍ରାର୍ଥୀ ଇଂ.ରଘୁନାଥ ଜଗଦଲା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆର.ଆର. ବୀରମହାରାଜପୁରର ଆକାଶ ସାହୁଙ୍କୁ ମ୍ୟାନ ଅଫ ଫାଇନାଲ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଆର.ଆର. ବୀରମହାରାଜପୁର ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ଓ ରନର୍ସ ଅଫ ଟାଙ୍ଗରସାହି ଦଳକୁ ଟ୍ରଫି ସହିତ ନଗଦ ୬ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ମ୍ୟାଚ ଗୁଡିକରେ ଶାନ୍ତନୁ ପ୍ରଧାନ ଓ ଅନୁଭବ ସାହୁ ଆମ୍ପାୟାର, ବିକାଶ ସାହୁ ସ୍କୋରର ଏବଂ ବାବଲୁ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଧରଣୀ ପ୍ରଧାନ, ଦେବେନ୍ଦ୍ର ସାହୁ, ଶକ୍ତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହିତ ଚାମ୍ପିୟନ ଦଳର ଖେଳାଳି।

**ତେଲିପାଲି ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

■ଆକାଶ ସାହୁଙ୍କୁ ମ୍ୟାନ ଅଫ୍ ଫାଇନାଲ ଓ ସିରିଜ

## ସଂକ୍ଷେପରେ

### ୧୪ ଘଣ୍ଟା ବିଜୁଳି ସେବା ବ୍ୟାହତ

■ ଜଗଦା ଅଞ୍ଚଳରେ ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ




**ରାଉରକେଲା,୧୮।୪(ସଙ୍ଗୀତା ଜେନା):** ରାଉରକେଲାର ଜଗଦା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ ହେବା ଯୋଗୁ ପ୍ରାୟ ୧୪ ଘଣ୍ଟା ଧରି ବିଜୁଳି ସେବା ବ୍ୟାହତ ହୋଇଥିଲା। ବିଜୁଳି ଖୁଣ୍ଟ ଗୁଡ଼ିକରେ ଘରୋଇ କେବୁଲ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଗୋଟିଏ ପଟେ ଗ୍ରୀଷ୍ମ ଲହରି ଜାରି ରହିଥିବା ବେଳେ ଅନ୍ୟପଟେ ବିଜୁଳି ସେବା ବ୍ୟାହତ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଥିଲା। ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଘରକୁ ବିଜୁଳି ସରବରାହ ବ୍ୟାହତ ହୋଇଥିଲା। ଗୁରୁବାର ଅପରାହ୍ନ ୨ଟାରେ ବିଜୁଳି ସେବା ସ୍ୱାଭାବିକ ହୋଇଥିଲା। ବୁଧବାର ରାତିରୁ ଟିପିଡବ୍ଲ୍ୟୁଓଡିଏଲ୍ କୋଏଲନଗର ଏସ୍‌ଡିଓ ଶୁଭାଶିଷ ମହାନ୍ତି ତଥା ଟେକ୍ନିକାଲ ଟିମ୍ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ସେହିପରି ଜଗଦା କଡେଇ କାରଖାନା ନିକଟରେ ମଧ୍ୟ କେବୁଲରେ ନିଆଁ ଲାଗିଯାଇଥିଲା। ୨ଟି ସ୍ଥାନରେ ମରାମତି ସମ୍ପନ୍ନ ହୋଇଥିଲା। ଏସ୍‌ଡିଓ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଜଗଦା ଅଞ୍ଚଳରେ ଲୋକେ ଅଧିକ ଏସି ବ୍ୟବହାର କରୁଛନ୍ତି। ଯାହାଫଳରେ ବିଜୁଳି ତାର ଗୁଡ଼ିକ ଉପରେ ଅଧିକ ଚାପ ରହୁଛି। ରାତି ସମୟରେ ଅଧିକ ଲୋଡ ଯୋଗୁ ଏପରି ଦୁର୍ଘଟଣା ହୋଇଥିଲା। ଗତବର୍ଷ ଏହି ବିଜୁଳି ତାରଗୁଡ଼ିକୁ ମରାମତି ଓ ବଦଳ କରାଯାଇଥିଲା। ଏକ ଘରୋଇ କମ୍ପାନୀର କେବୁଲ୍ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ସେ କହିଥିଲେ। ସ୍ମାର୍ଟସିଟିରେ ତାପମାତ୍ରା ୪୧ ଡିଗ୍ରୀ ଥିବାବେଳେ ବିଜୁଳି ସେବା ବ୍ୟାହତ ହେବା ନେଇ ଜନଅସନ୍ତୋଷ ଦେଖାଦେଇଥିଲା। ବାରମ୍ବାର ମରାମତି କାର୍ଯ୍ୟ କରାଯାଉଥିବା ବେଳେ ଏପରି ଦୁର୍ଘଟଣା ଘଟୁଛି। ଯାହାଫଳରେ ଲୋକେ ଗରମରେ ଆଉଟୁପାଉଟୁ ହେବା ସହ ଜଳଯୋଗାଣ ଉପରେ ଏହାର ପ୍ରଭାବ ପଡୁଛି। ପମ୍ପ ଦ୍ୱାରା ବ୍ୟବହାରିକ ଜଳ ଉଠାଣ ହୋଇ ପାରି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ।

### ଗର୍ତ୍ତରେ ବାଇକ୍ ପଡ଼ି ଚାଳକ ମୃତ

**ରାଉରକେଲା,୧୮।୪(ଦିନେଶ ମିଶ୍ର):** ବଡ଼ଗାଁ ଥାନା ଅନ୍ତର୍ଗତ ଗର୍ଗଲବାହାଲ ଗ୍ରାମରେ ବାସ କରୁଥିବା ଜଣେ ବ୍ୟକ୍ତି ବୁଧବାର ବାଇକରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗର୍ତ୍ତରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କମଲ ଜୟପୁରିଆ(୫୨)। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ଏକ ସ୍ପଞ୍ଜ ଆଇରନ କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ କମଲ ବାଇକ୍ ଯୋଗେ ଘର ପାଖ ବଜାରକୁ ଯାଇ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଗର୍ତ୍ତରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଫାଷ୍ଟଫୁଡ୍ ବିକାଳିଙ୍କ କବ୍‌ଜାରେ ମୁଖ୍ୟ ରାସ୍ତା

ରାଉରକେଲା,୧୮।୪(ଦିନେଶ ମିଶ୍ର)

ଫାଷ୍ଟଫୁଡ୍ ବିକାଳୀଙ୍କ କବ୍‌ଜାରେ ବାସନ୍ତୀ କଲୋନୀ ମୁଖ୍ୟ ରାସ୍ତା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପାର୍କିଂ ସମସ୍ୟା ନେଇ କଲୋନୀବାସୀ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ୨୦୧୪ରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଉକ୍ତ ଅଞ୍ଚଳର ରାସ୍ତାକଡରେ ବ୍ୟବସାୟ କରୁଥିବା ବିଭିନ୍ନ ଠେଲା ଦୋକାନୀଙ୍କୁ ଥଇଥାନ କରିବା ପାଇଁ ୧୦୪ଟି ଭେଣ୍ଡିଂଜୋନ ଦୋକାନ ନିର୍ମାଣ କରାଯାଇଥିଲା। ଆର୍‌ଏମ୍‌ସି କର୍ତ୍ତୃପକ୍ଷ ବ୍ୟବସାୟୀଙ୍କ ଠାରୁ ୭୨ ହଜାର ଟଙ୍କା ସହ ମାସିକ ଭଡା ବାବଦକୁ କିଛି ଅର୍ଥ ନେଇ ବ୍ୟବସାୟ କରିବା ପାଇଁ ଅନୁମତି ଦେଇଥିଲେ। ଏହି କ୍ରମରେ ବିଭିନ୍ନ ବ୍ୟବସାୟୀ ଭେଣ୍ଡିଂଜୋନ୍‌ରେ କିଛି ଦୋକାନ ନେଇ ଏହାକୁ ଭଡା ଲଗାଇ ଦେଇଥିବାବେଳେ ଆଉ କିଛି ବ୍ୟବସାୟୀ ନିଜର ବ୍ୟବସାୟ କରିଥିଲେ। ଯେଉଁ ଦୋକାନ ଗୁଡ଼ିକ କଲୋନୀର ମୁଖ୍ୟ ମାର୍ଗରେ ରହିଥିଲା ସେହି ଦୋକାନ ଗୁଡ଼ିକୁ ବହୁ ବ୍ୟବସାୟୀ ଆରଏମ୍‌ସିକୁ ଟଙ୍କା ଦେଇ ହାତେଇ ଥିଲେ। ପରେ ନିଜେ ବ୍ୟବସାୟ ନ କରି ଅନ୍ୟ ବ୍ୟବସାୟୀଙ୍କୁ ଭଡା ଦେଇଥିଲେ। ଫଳରେ ଭେଣ୍ଡିଂଜୋନ୍‌ରେ ଥିବା ରାସ୍ତା ସମ୍ମୁଖରେ ଏକାଧିକ ବ୍ୟବସାୟୀ ଭଡାରେ ଦୋକାନ ପାଇ ଫାଷ୍ଟଫୁଡ ଦୋକାନ କରିବା ଆରମ୍ଭ କରି ଦେଇଥିଲେ। ପ୍ରତିଦିନ ସନ୍ଧ୍ୟା ହେଲେ ଏହି ଫାଷ୍ଟଫୁଡ ଦୋକାନ ଗୁଡିକରେ ଗ୍ରାହକଙ୍କ ଭିଡ ଜମୁଛି। ଗ୍ରାହକଙ୍କ ପାଇଁ ଉକ୍ତ ସ୍ଥାନରେ ପାର୍କିଂ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତା ଉପରେ ୪ ଚକିଆଠାରୁ ଆରମ୍ଭ କରି ବାଇକ୍ ଓ ଅନ୍ୟ ଗାଡି ପାର୍କିଂ କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏପରିକି ବହୁବାର ଉକ୍ତ ସ୍ଥାନରେ ଦୁର୍ଘଟଣାମାନ ଘଟିବାର ନଜର ରହିଛି। ଅନ୍ୟପକ୍ଷେ ପିସିଆର ପାଟ୍ରୋଲିଂ ଗାଡି ଆସୁଥିଲେ ମଧ୍ୟ ଏଠାରେ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ନେଇ ଅଣଦେଖା କରୁଥିବାରୁ ବେଆଇନ ଗାଡି ପାର୍କିଂ ହେଉଛି। ତେବେ ଏହି ବେଆଇନ ପାର୍କିଂ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ରାଉରକେଲା ଟ୍ରାଫିକ ଡିଏସ୍‌ପି ପୁରୁଷତ୍ତୋମ ଭୋଇଙ୍କୁ ପଚାରିବାରୁ, ମୁଁ ରାମନବମୀ ଆଖଡା ପ୍ରଦର୍ଶନୀରେ ବ୍ୟସ୍ତ ରହିଛି। ଆସନ୍ତା ୨ଦିନ ଭିତରେ ଏହି କଲୋନୀକୁ ଯାଇ ଭେଣ୍ଡିଜୋନ୍ ଫାଷ୍ଟଫୁଡ ଦୋକାନ ସମ୍ମୁଖରେ ଥିବା ରାସ୍ତା ଉପରେ ବେଆଇନ ପାର୍କିଂ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଉକ୍ତ ଅଞ୍ଚଳରେ ଟ୍ରାଫିକ ସମସ୍ୟାକୁ ଦୂର କରିବେ ବୋଲି କହିଥିଲେ।



ରାସ୍ତା କଡରେ ପାର୍କିଂ ହୋଇଥିବା ଗାଡ଼ି।

**ସନ୍ଧ୍ୟା ହେଲେ ଟ୍ରାଫିକ ଜାମ୍**

■ ଅସନ୍ତୋଷ ପ୍ରକାଶ କଲେ ବାସନ୍ତୀକଲୋନୀବାସୀ

# ଷ୍ଟିଲ୍ ସିଟିରେ ୪୧.୩ ଛୁଇଁଲା ତାପମାତ୍ରା



ରାଉରକେଲା,୧୮।୪(ଦିନେଶ ମିଶ୍ର)

ସାରା ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଷ୍ଟିଲସିଟି ରାଉରକେଲା ସେଥିରୁ ବାଦ୍ ପଡିନାହିଁ। ଗତ ୩ ଦିନ ଧରି ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଥିବାବେଳେ ସହରବାସୀ ହନ୍ତସନ୍ତ ହେଉଛନ୍ତି। ଗୁରୁବାର ୪୧.୩ ଡିଗ୍ରୀ ଛୁଇଁଥିଲା ଦିନ ତାପମାତ୍ରା। ଖରାର ପ୍ରକୋପ ଯୋଗୁ ଦିନ ୧୧ଟା ପରେ ରାସ୍ତା ଘାଟ ଶୁନଶାନ ହୋଇଯାଉଛି। ଜରୁରୀ କାମ ନ ଥିଲେ ପଦାକୁ ନ ବାହାରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମାଇକଯୋଗେ ପ୍ରଚାର କରାଯାଉଛି। ଆର୍‌ଏସ୍‌ପି ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଉରକେଲା ସହରରେ ଗତ ୧୫ ତାରିଖରେ ୪୦.୦୨ ଡିଗ୍ରୀ ତାପମାତ୍ରା ରହି ଥିବାବେଳେ ୧୬ରେ ୪୦.୦୭ ଡିଗ୍ରୀ,୧୭ରେ ୪୧.୦୨ ତାପମାତ୍ରା ରହିଥିଲା। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ତାପମାତ୍ରା ଏଭଳି ଜାରି ରହିବ ବୋଲି ଆର୍‌ଏସ୍‌ପି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରବଳ ଖରା ଯୋଗୁ ବିଭିନ୍ନ ନଦୀ, ନାଳ ଶୁଖିଯାଇଛି। ଦିନରେ ଟାଣ ଖରା ସାଙ୍ଗକୁ ଝାଞ୍ଜିପବନରୁ ରକ୍ଷା ପାଇବା ପାଇଁ ପଥଚାରୀ ଓ ବ୍ୟବସାୟୀ ରାସ୍ତାକଡ଼ରେ ଥିବା ଗଛ ତଳେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ପକ୍ଷରୁ ସହରବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ଖୋଲା ଯାଇଛି। ଏଥିସହ ଖରାର ମୁକାବିଲା କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହରବାସୀଙ୍କ ସଚେତନତା ପାଇଁ ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲାଯାଇଛି।

**୧୧ଟା ପରେ ରାସ୍ତାଘାଟ ଶୁନଶାନ୍**

# ୧୫ରୁ ଊର୍ଦ୍ଧ୍ୱ ମେଢ଼କୁ ସ୍ୱାଗତ କଲେ ସହରବାସୀ



ମେନ୍‌ରୋଡ୍‌ରେ ଭବ୍ୟ ଶୋଭାଯାତ୍ରା ଏବଂ ସାମାଜିକ ଅନୁଷ୍ଠାନ ପକ୍ଷରୁ ସେବାକାର୍ଯ୍ୟ ତଥା ଯୁଦ୍ଧକୌଶଳ ପ୍ରଦର୍ଶନ କରାଯାଉଛି।

ରାଉରକେଲା, ୧୮।୪( ସଙ୍ଗୀତା ଜେନା)

**ଇସ୍ପାତ ସହରରେ ରାମନବମୀ ଆଖଡ଼ା ଶୋଭଯାତ୍ରା**

ଇସ୍ପାତ ସହର ରାଉରକେଲାରେ ଗୁରୁବାର ଅପରାହ୍ନରେ ରାମନବମୀ ଆଖଡ଼ା କମିଟି ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ବ୍ୟାପକ କଡ଼ା ସୁରକ୍ଷା ବଳୟରେ ଶୋଭଯାତ୍ରା ରାତି ପର୍ଯ୍ୟନ୍ତ ଜାରି ରହିଥିଲା। ବିଭିନ୍ନ କମିଟିର ୧୫ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଉଦିତନଗର କୁମ୍ଭାରପଡ଼ାର ବାବା ଶମ୍ଭୁନାଥ ଆଖଡ଼ା, ମାଲଗୋଦାମ ଅଞ୍ଚଳର ରାଣାପ୍ରତାପ ଆଖଡ଼ା, ବିଶ୍ରା ଡାହାରର ଶ୍ରୀ ହନୁମାନ ଆଖଡ଼ା, ପ୍ଲାଣ୍ଟସାଇଟ୍‌ର ଶିବାଜୀ ଆଖଡ଼ା, ଡେଲି ମାର୍କେଟର ନବଯୁବକ ଆଖଡ଼ା, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡର ବାବା ଭୁତନାଥ ଆଖଡ଼ା, ଡିଲକ୍ସ ଲେନ୍‌ର ଶିବଶକ୍ତି ଆଖାଡ଼ା, ବିଶ୍ରା ରୋଡର ମହାବୀର ଆଖଡ଼ା, ଗାନ୍ଧୀରୋଡର ତ୍ରିନାଥ ଆଖଡ଼ା, ଡିଲକ୍ସ ଲେନ୍‌ର ଜୟ ମହାକାଲ ଆଖଡ଼ା, ଉଦିତନଗର ଓରାମପଡ଼ାର ରୁଦ୍ରବାବା ଆଖଡ଼ା, ଟ୍ରାଫିକ୍ ଗେଟ୍‌ର ଜୟ ବଜରଙ୍ଗ ଆଖଡ଼ା, ଡେଲି ମାର୍କେଟର ମା' ଦୁର୍ଗା ଆଖଡ଼ା, ରାଧିକା ହୋଟେଲ ନିକଟରେ ଥିବା ଜୟ ବାବା ମହାକାଳେଶ୍ୱର ଆଖଡ଼ା, ଜିଟିଲେନ୍‌ର ଜୟ ବଜରଙ୍ଗ ଆଖଡ଼ା ପ୍ରମୁଖ ଶୋଭଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ହୋଇଥିଲା ଚନ୍ଦ୍ରାୟନ-୩, ରେଳବାଇର ବାଷ୍ପ ଇଞ୍ଜିନ, ଅଯୋଧାର ରାମମନ୍ଦିର। ବିଶ୍ରା ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ଉଦିତନଗର ଆଡକୁ ଅତିକ୍ରମ କରିଥିଲା। ବିଶ୍ରା ଛକରେ ଥିବା ମହାବୀର ଆଖଡ଼ା ପକ୍ଷରୁ ରତନ ସାଓ, ହିତେନ୍ଦ୍ର ଶାହୀ, ମନୀଷ ଶ୍ରୀବାସ୍ତବ, ଅମିତ ସାଓ, ସନ୍ତୋଷ ଗୁପ୍ତା, ରାଜା ସାହୁ, ପିଙ୍କି ସାଓ, କୁସୁମ ଗୁପ୍ତା, ଅଭିଷେକ ଗୁପ୍ତା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇ ପ୍ରସାଦ ବଣ୍ଟନ କରିଥିଲେ। ସେହିପରି ଜିଟିଲେନ୍, ପାୱାର ହାଉସ ଗଳି, ଡିଲକ୍ସ ଗଳି, ଉଦିତନଗର ସମେତ ବିଭିନ୍ନ ଛକ ଗୁଡିକରେ ସାମାଜିକ ଅନୁଷ୍ଠାନ ପକ୍ଷରୁ ହାଲୱା, ଚଣା, ଫଳ, ସରବତ୍, ପଣା, ଜୁସ୍ ଓ ଖାଦ୍ୟପେୟ ବଣ୍ଟନ କରାଯାଇଥିଲା। ବିଭିନ୍ନ ଆଖଡ଼ା କମିଟି ପକ୍ଷରୁ ଦେବାଦେବୀଙ୍କ ବେଶ ଧାରଣ କରିବା ସହ, ଲାଠି, ଯୁଦ୍ଧକଳା ପ୍ରଦର୍ଶନ କରାଯାଇଥିଲା। କିଛି ଆଖଡ଼ାପକ୍ଷରୁ ଆଧ୍ୟାତ୍ମିକ କାହାଣୀ ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା। ବିଶ୍ରା ରୋଡରୁ ଉଦିତନଗର ପର୍ଯ୍ୟନ୍ତ ଶୋଭଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ପ୍ରଶାସନିକ ଅଧିକାରୀ ଓ ପୋଲିସ ପ୍ରୟାସ କରିଥିଲେ। ରାଉରକେଲା ଏସ୍‌ପି ବ୍ରଜେଶ ରାୟଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଡିଆଇବି ଡିଏସ୍‌ପି ଓ ବରିଷ୍ଠ ପୋଲିସ ଅଧିକାରୀ ମାନେ ଛକ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରିଥିଲେ। ଏହା ସହ ୩ ପ୍ଲାଟୁନ ବିଏସ୍‌ଏଫ୍, ଆଇଆର୍‌ବି, ଓଏସ୍‌ଏପି ୪ର୍ଥ ବାଟାଲିୟନ୍ ସମେତ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗହଳିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ତଥା ଦମକଳ ବାହିନୀକୁ ସଜାଗ ରଖାଯାଇଥିଲା। ଅନୁରୂପଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ଶ୍ରମ ମନ୍ତ୍ରୀ ସାରଦା ନାୟକ, ଗଗନ ପଣ୍ଡା ସମେତ ଶତାଧିକ ନେତୃବୃନ୍ଦ ଏଥିରେ ସାମିଲ ହୋଇଥିଲେ। ରାଉରକେଲା ଇଣ୍ଟିଗ୍ରେଟେଡ ଫୋରମ ପକ୍ଷରୁ ଆଖଡ଼ା ଖେଳ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଳମ୍ବିତ ରାତିରେ ଶୋଭାଯାତ୍ରାରେ ଯାଇଥିବା ମେଢ଼ ଗୁଡ଼ିକୁ ବାଲୁଘାଟ ସ୍ଥିତ ରାଉରକେଲା ମହାନଗରନିଗମ କୃତ୍ରିମ ପୋଖରୀରେ ବିସର୍ଜନ କରାଯାଇଥିଲା।

## ସୀମାନ୍ତରୁ ନଗଦ ଟଙ୍କା ଜବତ

ରାଉରକେଲା,୧୮।୪(ସଙ୍ଗୀତା ଜେନା)

ଓଡ଼ିଶାରେ ସମ୍ପ୍ରତି ନିର୍ବାଚନ ହେବାକୁ ଯାଉଛି। ଏ ନେଇ ଓଡ଼ିଶା ସଂଲଗ୍ନ ଝାଡଖଣ୍ଡ ରାଜ୍ୟରେ ମାଓବାଦୀ ସକ୍ରିୟତା ବୃଦ୍ଧି ପାଇଛି। ମାଓବାଦୀ ଉପଦ୍ରବ ଓ ଆକ୍ରମଣ ରୋକିବା ପାଇଁ ସେଠାରେ ସ୍ଥାନୀୟ ସୁରକ୍ଷା ବଳ ଦ୍ୱାରା ନିରନ୍ତର କୁମ୍ବିଂ (ସର୍ଚ୍ଚ) ଅପେରସନ୍ ଜାରି ରହିଛି। ସର୍ଚ୍ଚ ଅପରେସନ୍‌ରେ ଗୁରୁବାର ସୀମାନ୍ତ ସୋନୁଆ ଥାନା ଅନ୍ତର୍ଗତ କେରାବିର ଏବଂ ଟେଣ୍ଡରସାଇ ଅଞ୍ଚଳ ନିକଟରେ ଥିବା ପାହାଡ଼ିଆ ଜଙ୍ଗଲରେ ବିପୁଳ ମାତ୍ରାରେ ନଗଦ ଟଙ୍କା ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ ହୋଇଛି। ନଗଦ ୨୭ ହଜାର ଟଙ୍କା, ମୋବାଇଲ, ରାଇଫଲ୍ ସିଲିଂ, ମାଓ ପୋଷାକ, ଔଷଧ ଓ ବିସ୍ଫୋରକ ପ୍ରସ୍ତୁତରେ ଉପଯୋଗ ସାମଗ୍ରୀ ଜବତ କରିଥିଲା ସୁରକ୍ଷାବଳ। ଏ ନେଇ ସନ୍ଧ୍ୟାରେ ସିଆରପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ନିର୍ବାଚନ ପାଇଁ ସୋସିଆଲ୍ ମିଡିଆରେ ୱାର ଆରମ୍ଭ

ରାଉରକେଲା,୧୮।୪(ସଙ୍ଗୀତା ଜେନା)

ନିର୍ବାଚନ ପାଇଁ ଭାଜପା, ବିଜେଡ଼ି, କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା ପରେ ସୋସିଆଲ ମିଡିଆରେ ଟୀକା ଟିପ୍ପଣୀ ଆରମ୍ଭ ହୋଇଥିଲା। ହେଲେ ପ୍ରାର୍ଥୀଙ୍କ ସମର୍ଥକ ବିଧିବଦ୍ଧ ଭାବେ ଗୁରୁବାର ଠାରୁ ଛୋଟ ବଡ଼ ରାଜନେତା ଓ ସାମାଜିକ କର୍ମୀଙ୍କୁ ନେଇ ଭିଡିଓ ଜାରି କରି ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ଏହି ଯୁଦ୍ଧକୁ ନେଇ ବେଶ ଚର୍ଚ୍ଚା ହେଉଛି ସହରରେ। ପୁରୁଣା ନେତା ମାନେ ସହରରୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଗାୟବ ଥିବା ଓ ଅନ୍ୟ ନେତାମାନେ ସକ୍ରିୟ ଥିବା ଭିଡିଓ ଅଧିକ ସେୟାର କରାଯାଉଛି। ସେହିପରି କିଛି ନେତାଙ୍କ ପୁରୁଣା ଭିଡିଓକୁ ପୁନଃ ପ୍ରସାର କରାଯାଉଛି। ବିଭିନ୍ନ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ କଥାକଟାକଟି ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଗ୍ରୀଷ୍ମକାଳୀନ କ୍ରୀଡ଼ାଭ୍ୟାସ ପ୍ରଶିକ୍ଷଣ ଶିବିର

ରାଉରକେଲା,୧୮।୪(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଛି ଏକାଧିକ କ୍ରୀଡାଭ୍ୟାସ ସହିତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର। ଏହି ଶିବିର ରାଜ୍ୟ ସରକାରଙ୍କ କ୍ରୀଡା ପ୍ରୋତ୍ସାହନ ଯୋଜନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିମ୍‌ନାଷ୍ଟିକରେ ୫ରୁ ୧୦ ବର୍ଷ ମଧ୍ୟରେ ୫୦ରୁ ଅଧିକ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହା ଏପ୍ରିଲ ୧ରୁ ଆରମ୍ଭ ହୋଇ ମେ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିଭଳି ଭାରୋତ୍ତୋଳନ ଶିବିର ଚଳିତ ମାସ ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୨୯ ପର୍ଯ୍ୟନ୍ତ ଚାଲିବ। ରାଉରକେଲା ସହରରେ ଜିମ୍‌ନାଷ୍ଟିକ ଭଳି ଖେଳ ପାଇଁ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ ଶିବିରରେ ଛୋଟପିଲାମାନେ ବେଶ୍ ଆଗ୍ରହ ସହକାରେ କୌଣସି ଦେୟ ନ ଦେଇ ଉଚ୍ଚକୋଟୀର ପ୍ରଶିକ୍ଷଣ ନେଇଥିବା ଜଣାପଡିଛି। ଏହି ପ୍ରଶିକ୍ଷଣ ଶିବିର ଶେଷ ହେବା ପରେ ଛାତ୍ରୀଛାତ୍ରମାନେ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇ ଅଧିକ ପ୍ରଶିକ୍ଷଣ ନେବା ସହ ଜାତୀୟ ସ୍ତରରେ ଖେଳିବାକୁ ଯୋଗ୍ୟ ବିବେଚିତ ହେବେ ବୋଲି କୋଚ୍ ରମେଶ ବେହେରା ସୂଚନା ପ୍ରଦାନ କରିଛନ୍ତି। ଏହି ଖେଳାଳିଙ୍କୁ ସୁନ୍ଦରଗଡ଼ ଜିଲା ଜିମ୍‌ନାଷ୍ଟିକ ଖେଳାଳି ରମେଶ ବେହେରା ପ୍ରଶିକ୍ଷଣ ଦେଉଥିବାବେଳେ ତାଙ୍କୁ ଜାତୀୟ ଜିମ୍‌ନାଷ୍ଟିକ ଖେଳାଳି ସାୟାନ ଦାସ ସହଯୋଗ କରିଛନ୍ତି।

## ରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ



କାର୍ଯ୍ୟକ୍ରମରେ ଉପସ୍ଥିତ ପତଞ୍ଜଳି କର୍ମକର୍ତ୍ତା।

ରାଉରକେଲା,୧୮।୪(ଦିନେଶ ମିଶ୍ର)

ସେକ୍ଟର-୧୯ସ୍ଥିତ କମ୍ୟୁନିଟି ସେଣ୍ଟର ଯୋଗ ପ୍ରଶିକ୍ଷଣ କେନ୍ଦ୍ରଠାରେ ସୁନ୍ଦରଗଡ ଜିଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ରାମନବମୀ ଓ ସ୍ୱାମିଜୀ ମହାରାଜଙ୍କ ସନ୍ନ୍ୟାସୀ ଦୀକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାମରାଜ୍ୟ ପ୍ରତିଷ୍ଠା କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଅରବିନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଗଙ୍ଗାଧର ଦାଶ ଓ ଆରତୀ କର କର୍ତ୍ତା ଭାବେ ଯୋଗଦେଇ ହୋମଯଜ୍ଞ କରାଯାଇ ବିଶ୍ୱଶାନ୍ତି ନିମନ୍ତେ ମଙ୍ଗଳ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଯୋଗ ସମିତିର ପ୍ରଭାରୀ ପ୍ରଦୀପ୍ତ ସାହୁ, ଆରତୀ କର, ଆରତୀ ସାହୁ, ରଞ୍ଜିତା ପାଣିଗ୍ରାହୀ, ବିଷ୍ଣୁପ୍ରିୟା ଦାଶ, କୌଶଲ୍ୟା ପୃଷ୍ଟି, ମନୋରମା ରାଉତ, ରଶ୍ମିରେଖା ଦାସ, ଅନୁସୂୟା ବାରିକ, ତପସ୍ୱିନୀ ସାହୁ, ନିବେଦିତା ବେହେରା, ମଞ୍ଜୁଲତା ମୋହିନୀ, ସବିତା ପ୍ରଧାନ, କୃଷ୍ଣଚନ୍ଦ୍ର ପାଢୀ, ପ୍ରତିଭା ଭୋଇ, ପ୍ରଫୁଲ୍ଲ କୁମାର ପାତ୍ର, ଗାୟତ୍ରୀ ମହାନ୍ତିଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସଭାପତି ବିପ୍ର ପାଢ଼ି ଓ ସମ୍ପାଦକ ନୀହାର ଦାସ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକ୍ତର ମେହେର ଇଣ୍ଡୋ-ନେପାଳ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ

ରାଉରକେଲା,୧୮।୪(ଦିନେଶ ମିଶ୍ର)

ରାଉରକେଲାର ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡା. ରାମଚନ୍ଦ୍ର ମେହେରଙ୍କୁ ନେପାଳସ୍ଥିତ କାଠମାଣ୍ଡୁଠାରେ ଅନୁଷ୍ଠିତ ଇଣ୍ଡୋ ନେପାଳ ଫେଣ୍ଡଶିପ୍ ଅନ୍ତର୍ଜାତୀୟ କନ୍‌ଫରେନ୍ସରେ ସାର୍ଟିଫିକେଟ୍ ଅଫ ଏକ୍ସଲେନ୍ସ ଇନ୍ କମ୍ୟୁନିଟି ଆଇ ହେଲଥ୍ ସର୍ଭିସ୍-୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧିତ ସମ୍ମିଳନୀରେ ଭାରତର ବିଭିନ୍ନ ରାଜ୍ୟରୁ ୮୦ ଜଣ ଚକ୍ଷୁ ବିଶେଷଜ୍ଞ ଡାକ୍ତରଙ୍କୁ ଚୟନ କରାଯାଇଥିବାବେଳେ ଓଡିଶାର ସୁନ୍ଦରଗଡ ଜିଲା ରାଉରକେଲାରୁ ଡା. ରାମଚନ୍ଦ୍ର ମେହେରଙ୍କୁ ଏହି ପୁରସ୍କାର ପାଇଁ ନିମନ୍ତ୍ରିତ କରାଯାଇଥିଲା। ଏହି ଉତ୍ସବରେ ନେପାଳର ପୂର୍ବତନ ରାଷ୍ଟ୍ରପତି ଡ. ରାମବରନ ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡା. ମେହେରଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଓ ସାର୍ଟିଫିକେଟ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡା. ମେହେର ସୁନ୍ଦରଗଡ ଜିଲା ତଥା ରାଉରକେଲା ସହରରେ ଥିବା ବିଭିନ୍ନ ଗ୍ରାମାଞ୍ଚଳରେ ଦୀର୍ଘ ୪୩ ବର୍ଷ ଧରି ସାଢେ ୫ ହଜାରରୁ ଊର୍ଦ୍ଧ୍ୱ ଚକ୍ଷୁରୋଗୀଙ୍କୁ ମାଗଣାରେ ଚିକିତ୍ସା ଓ ଅସ୍ତ୍ରୋପଚାର କରି ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ଡା. ମେହେରଙ୍କୁ ରାଉରକେଲାର ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏନେଇ ଡା. ମେହେର କହିଛନ୍ତି, ଆମ ସମାଜରେ ମଣିଷ ହେଉଛି ଶ୍ରେଷ୍ଠ ଜୀବ। ତେଣୁ ପ୍ରତ୍ୟେକ ମଣିଷ ତା'ର ଦକ୍ଷତା ଅନୁଯାୟୀ ଯଦି ନିଃସ୍ୱାର୍ଥପର ଭାବେ ବିଭିନ୍ନ ଗରିବ ଓ ଅଭାବୀ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବ ତା'ହେଲେ ଏହି ମଣିଷ ଜୀବନର ସାର୍ଥକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ।




ଚକ୍ଷୁ ଡାକ୍ତରଙ୍କୁ ସମ୍ମାନିତ କରାଯାଉଛି।

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ସଭା

ରାଉରକେଲା,୧୮।୪(ସଙ୍ଗୀତା ଜେନା)

ସାମାଜିକ ଅନୁଷ୍ଠାନ ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ବାର୍ଷିକ କାର୍ଯ୍ୟକାରିଣୀ ସଭା ସେକ୍ଟର-୮ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସ୍ୱରୂପ ପାଣିଗ୍ରାହୀ ପୌରହିତରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ପ୍ରକାଶ ପାଢ଼ୀ, କୋଷାଧ୍ୟକ୍ଷ ଗୌରୀଶଙ୍କର ପ୍ରଧାନ, ବରିଷ୍ଠ ସଦସ୍ୟ ନୀଳମଣି ପ୍ରଧାନ, ଡ. ଗଜେନ୍ଦ୍ର ମେହେର, ପୀତବାସ ପ୍ରଧାନ, ଡ. ସୁବୋଧ ମେହେର, ଅଜିତ ପୂଜାରୀ, ଅଦ୍ୱୈତ ପଣ୍ଡା, ଶଙ୍କର ତ୍ରିପାଠୀ, ଅଜୟ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ ଲକ୍ଷ୍ମଣ ନାୟକ, ହାରାଚାନ୍ଦ ବଡ଼ପଣ୍ଡା, ଯଜ୍ଞପ୍ରକାଶ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ପାଢ଼ୀ ବିଗତ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ସୁବୋଧ ମେହେରଙ୍କ ସମ୍ପାଦନାରେ ପ୍ରକାଶିତ ଇ ପତ୍ରିକା ଝୁଲକା ଆନୁଷ୍ଠାନିକ ଭାବେ ଉନ୍ମୋଚିତ କରାଯାଇଥିଲା। ଏହି ପତ୍ରିକାର ୪ଟି ସଂସ୍କରଣ ଯଥା ପଣାସଂକ୍ରାନ୍ତି, ଗଙ୍ଗାଧର ମେହେର ଜୟନ୍ତୀ, ନୂଆଖାଇ, ପୁଷପୁନି ଆଦି ଉନ୍ମୋଚନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପରେ କୋଷାଧ୍ୟକ୍ଷ ପ୍ରଧାନ ୨୦୨୩-୨୪ର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ତାହାକୁ ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ମାନଗଣ୍ୟ ପ୍ରତିଭାଙ୍କୁ ବିଭିନ୍ନ ଅବସରରେ ସମ୍ବର୍ଦ୍ଧିତ କରିବା ପାଇଁ ଅଜୟ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ପରିଷଦର ପୂର୍ବତନ ସଭାପତି ଭଗବାନ ପତି ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ମରଣୀୟ ଘଟଣା ଓ ଐତିହ୍ୟ ସମ୍ପର୍କିତ ଆଲୋଚନା ସଭା ନିୟମିତ ଆୟୋଜନ ପ୍ରସ୍ତାବ ଦେଇଥିଲେ। ଅନୁରୂପ ଭାବେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରସ୍ତାବ ପ୍ରବୀର ମିଶ୍ର ଦେଇଥିବା ବେଳେ ଶୁଭେନ୍ଦୁ ପଣ୍ଡା ସୋସିଆଲ ମିଡିଆରେ ଅନୁଷ୍ଠାନର ପ୍ରଚାର ଓ ପ୍ରସାର କରିବା ପାଇଁ ପ୍ରସ୍ତାବ, କାର୍ଯ୍ୟକର୍ତ୍ତା ଚୟନ ସମ୍ବନ୍ଧରେ ନଳିନୀ ଧର ପ୍ରସ୍ତାବ ଦେଇଥିଲେ। ଆଗାମୀ ୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ସ୍ୱରୂପ ପାଣିଗ୍ରାହୀ, ଉପସଭାପତି ଡ. ଅଜୟ ମିଶ୍ର, ସୁଧାଂଶୁ ଶେଖର ବଡ଼ପଣ୍ଡା, ସାଧାରଣ ସମ୍ପାଦକ ପ୍ରକାଶ ପାଢ଼ୀ, ଯୁଗ୍ମ ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା, କୋଷାଧ୍ୟକ୍ଷ ଗୌରୀଶଙ୍କର ପ୍ରଧାନ, ଯୁଗ୍ମ କୋଷାଧ୍ୟକ୍ଷ ନରେନ୍ଦ୍ର ମିଶ୍ର, ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀ, ସେବା ସମ୍ପାଦକ ଡ. ସୁବୋଧ ମେହେର ପ୍ରମୁଖ ମନୋନୀତ ହୋଇଥିଲେ। ସୂର୍ଯ୍ୟନାରାୟଣ ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ ଭଇଁସା, ପ୍ରତାପ ମେହେର, ଦେବାଶିଷ ମିଶ୍ର, ଅରିଅର ଜାଲ, ନିବାସ ଦାସ, ମଦନ ବେହେରା, କେଶବ ସେଠ୍, ମନୋଜ ସେଠ୍, ଶ୍ରୀକାନ୍ତ ଷଡଙ୍ଗୀ ଓ ଅନ୍ୟମାନେ ସହଯୋଗ କରିଥିଲେ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଘର, ଦୋକାନରେ ପଶୁଛି ଆବର୍ଜନା ଜଳ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଲୋକେ

ସମ୍ବଲପୁର,୧୮।୪(ପ୍ରମୋଦ ବହିଦାର): ସମ୍ବଲପୁର ମହାନଗର ଅନ୍ତର୍ଗତ ଚାରଭାଟି ଅଞ୍ଚଳରେ ଆବର୍ଜନା ଜଳ ନିଷ୍କାସନ ହୋଇ ନ ପାରି ନିକଟରେ ଥିବା ଘରଦ୍ୱାର ସହିତ ଦୋକାନ ମଧ୍ୟକୁ ପ୍ରବେଶ କରୁଛି। ଅତିଷ୍ଠ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। ଦୁଇଦିନ ତଳେ ପ୍ରକାଶ ସାହୁ, ପୃଥ୍ୱୀରାଜ ରାଉତ, ଚାନ୍ଦଲୁ ଓରାମ, ସୁଭାଷ ସାହୁ ପ୍ରମୁଖଙ୍କ ସହିତ ଅଞ୍ଚଳବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଉକ୍ତ ସମସ୍ୟା ସମ୍ପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଲୋକଙ୍କ ଅଭିଯୋଗକ୍ରମେ ପ୍ରାୟ ୪ ମାସ ହେବ ଏହି ସମସ୍ୟା ଲାଗି ରହିଥିବା ବେଳେ ବିଭିନ୍ନ ସମୟରେ ଏ ନେଇ ମହାନଗର ନିଗମ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ୫-ଟି ଅଧକ୍ଷ, ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଧନୁପାଲିରୁ ଜେଲଖାନା ଛକ ରାସ୍ତା ନିର୍ମାଣାଧୀନ ଥିବାରୁ ରାସ୍ତା ପାର୍ଶ୍ୱସ୍ଥ ମୁଖ୍ୟନାଳକୁ ପଟୁମାଟିରେ ପୋତି ଅବରୋଧ କରି ଦିଆଯାଇଛି। ଫଳରେ ଅଞ୍ଚଳରେ ଥିବା ଘରମାନଙ୍କରୁ ନିର୍ଗତ


ଚାରଭାଟି ଅଞ୍ଚଳର ଜଣଙ୍କ ଘରେ ଜମି ରହିଥିବା ଆବର୍ଜନା ଜଳ।

ଆବର୍ଜନା ଜଳ ନିଷ୍କାସନରେ ବାଧକ ସୃଷ୍ଟି କରୁଛି। ଆବର୍ଜନା ଜଳ ତଳିଆ ଅଞ୍ଚଳରେ ଗଚ୍ଛିତ ହୋଇ ପରବର୍ତ୍ତୀକାଳରେ ଉଛୁଳି ରାସ୍ତାରେ ପ୍ରବାହିତ ହେବା ସହ ନିକଟ ବସ୍ତି ଅଞ୍ଚଳର ଏକାଧିକ ଘର ଓ ଦୋକାନ ମଧ୍ୟରେ ପ୍ରବେଶ କରୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଆବର୍ଜନା ଜଳ ଜମା ହେବାରୁ ଅଞ୍ଚଳରେ ମଶାର ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ପାଇଁ ମହାନଗର ନିଗମ ପକ୍ଷରୁ ମୋଟର ପମ୍ପ ସହାୟତାରେ ଏଠାରୁ ଆବର୍ଜନା ଜଳକୁ ଅନ୍ୟତ୍ର ନିଷ୍କାସନ କରିବାକୁ ପ୍ରୟାସ କରାଯାଇଥିଲା। ହେଲେ ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ଭାବେ ଏହି ପ୍ରକ୍ରିୟା ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଉକ୍ତ ଅଞ୍ଚଳର ଆବର୍ଜନା ଜଳ ଯେଉଁ ଜମି ଦେଇ ନିଷ୍କାସନ ହେଉଥିଲା ଉକ୍ତ ଜମିଟି ରୟତି ଅଟେ। ଉକ୍ତ ଜମିରେ ବର୍ତ୍ତମାନ ଘର ତିଆରି ହୋଇଥିବାରୁ ଏଭଳି ସମସ୍ୟା ଉପୁଜିଛି। ମାତ୍ର ଧନୁପାଲି ଜେଲଖାନ ଛକ ରାସ୍ତା ନିର୍ମାଣ ପାଇଁ ଏହି ସମସ୍ୟା ଉପୁଜିଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ଆବର୍ଜନା ଜଳ ନିଷ୍କାସନ ପାଇଁ ଅସ୍ଥାୟୀ ବ୍ୟବସ୍ଥା ସ୍ୱରୂପ ଏଠାରେ ନିୟମିତ ବ୍ୟବଧାନରେ ପମ୍ପର ବ୍ୟବସ୍ଥା କରାଯାଇଛି। ଯାହା ଶତପ୍ରତିଶତ ଫଳପ୍ରଦ ହୋଇ ନ ଥିବା ସେ ସ୍ୱୀକାର କରିଛନ୍ତି। ତେଣୁ ଏହାର ସ୍ଥାୟୀ ପ୍ରତିକାର ସ୍ୱରୂପ ନୂତନ ଡ୍ରେନ୍ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏହାର ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ତେବେ ଖୁବ୍‌ଶୀଘ୍ର ପୂର୍ତ୍ତ ବିଭାଗ ଓ ପୌର ପରିଷଦ ଯନ୍ତ୍ରୀଙ୍କ ମିଳିତ କ୍ଷେତ୍ର ପରିଦର୍ଶନ ପରେ ଡ୍ରେନ୍ ନିର୍ମାଣ ଆରମ୍ଭ ହୋଇଯିବ ବୋଲି କମିଶନର କହିଛନ୍ତି।


**ଗ୍ରୀଷ୍ମତାତି ସମୟରେ ପାଣି ଚିନ୍ତା:** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚେରୁଆପଡ଼ା ଶ୍ରୀରାମ ନଗରର ଏକ ନଳକୂଅ ନିକଟରେ ଗୁରୁବାର ପାଣି ନେବା ପାଇଁ ଗରା, ବାଲ୍‌ଟି ଧାଡିରେ ରଖି ଅପେକ୍ଷା କରିଛନ୍ତି ଲୋକେ।

## ସଂକ୍ଷେପରେ

### ଭିସୁଟ୍ ବୋର୍ଡ ସଦସ୍ୟ ଡ. ସୁକୁମାର ମିଶ୍ର ଧାନବାଦ ଆଇଆଇଟି ନିର୍ଦ୍ଦେଶକ ନିଯୁକ୍ତ



ସମ୍ବଲପୁର,୧୮।୪(ପ୍ରମୋଦ ବହିଦାର): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ବୋର୍ଡ ସଦସ୍ୟ ତଥା ଆଲୁମ୍ନି ପ୍ରଫେସର ଡ. ସୁକୁମାର ମିଶ୍ର ଧାନବାଦ ଆଇଆଇଟିର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଆଇଆଇଟି ଦିଲ୍ଲୀର ଆବୁଧାବୀ କ୍ୟାମ୍ପସରେ ରିସର୍ଚ୍ଚ ଆଣ୍ଡ ଏକ୍ସଟର୍ନାଲ ଏନ୍‌ଗେଜ୍‌ମେଣ୍ଟ ବିଭାଗର ଡିନ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ସେ ଟାଟା ପାୱାର, ମାଇକ୍ରୋଟେକ୍ ଭଳି ବହୁ କମ୍ପାନୀର କନ୍‌ସଲ୍‌ଟାଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ସେ ସିଲ୍‌ଭୋ ସୋଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପ୍ରତିଷ୍ଠାତା ମଧ୍ୟ ଅଟନ୍ତି। ସେ ତାଙ୍କ ଅଧ୍ୟବସାୟ ବଳରେ ଯୁବ ବୈଜ୍ଞାନିକ, ଯୁବ ଇଞ୍ଜିନିୟର, ସିଲଭର ଜୁବୁଲି ଯୁବ ଇଞ୍ଜିନିୟର, ସାମନ୍ତ ଚନ୍ଦ୍ର ଶେଖର, ବିମଳ ବୋଷ, ପ୍ଲାଟିନମ ଜୁବୁଲି ଭଳି ବହୁ ପ୍ରତିଷ୍ଠିତ ଓ ବିଶିଷ୍ଟ ଉପାଧିରେ ଭୂଷିତ ହୋଇଛନ୍ତି। ସେ କେତେକ ବୈଷୟିକ ପତ୍ରିକାର ସମ୍ପାଦନା ଦାୟିତ୍ୱରେ ମଧ୍ୟ ରହିଛନ୍ତି।

### ୨ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ

ନାକଟିଦେଉଳ,୧୮।୪(ବୈକୁଣ୍ଠ ନାଥ ସାହୁ)- ନାକଟିଦେଉଳ ଥାନା ପୋଲିସ ଗୁରୁବାର ପୁଣି ଥରେ ଚଢାଉ କରି ଦେଶୀ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ୨ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରିଛି। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ଏହି ଥାନା ସାଲେଭଟା ଗ୍ରା.ପ. ଅନ୍ତର୍ଗତ ଚେମେର୍ଡ଼ା ଗ୍ରାମ ନିକଟ ଜଙ୍ଗଲରେ ବେଆଇନ ମଦ ତିଆରି କାରଖାନା ଉପରେ ଚଢାଉ କରିଥିଲା। ସେଠାରେ ପୋଲିସ ମହୁଲ ପୋଚ ସହ ମଦ ପ୍ରସ୍ତୁତିରେ ବ୍ୟବହୃତ ଚୁଲା, ମାଟି ହାଣ୍ଡି ଓ ଡ୍ରମ ଆଦି ଭାଙ୍ଗି ନଷ୍ଟ କରିଦେଇଛି। ହେଲେ ସମ୍ପୃକ୍ତ ଅଭିଯୁକ୍ତ ପୋଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୂର୍ବରୁ ଗତ ୧୬ତାରିଖରେ ପୋଲିସ କୁଲବସା ଗ୍ରାମ ନିକଟ ଟିଙ୍କିରା ନଦୀ ତଟରେ ଚାଲୁଥିବା ବେଆଇନ ଦେଶୀ ମଦ ଭାଟିରେ ଚଢାଉ କରି ୨ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରିଥିଲା।

### ପାଇକମାଳ ପୋଲିସର ଫ୍ଲାଗମାର୍ଚ୍ଚ

ପାଇକମାଳ, ୧୮।୪(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ପୋଲିସ ଗୁରୁବାର ଥାନା ଅନ୍ତର୍ଗତ ମାଗୁରମାଲ, ନିଶାନୀ, ଲେରଗାଁ, ଛତରବେହେରା ଓ ଗୌଡ଼ଜୁରୀ ଗାଁରେ ଫ୍ଲାଗମାର୍ଚ୍ଚ କରିଥିଲା। ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡେଇଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ, ସିଆରପିଏଫ, ଆଇଆରବି ପୋଲିସ ଏଥିରେ ସାମିଲ ହୋଇଥିଲେ।

# ଶ୍ରୀରାମନବମୀ ମହୋତ୍ସବ ଉଦ୍‌ଯାପିତ


ବୁର୍ଲାରେ ଶ୍ରୀରାମ ନବମୀ ଉତ୍ସବରେ ଠାକୁରଙ୍କ ବେଶ କରାଯାଇଛି।

ସମ୍ବଲପୁର,୧୮।୪(ବି.ଶଙ୍କର)
ଇସ୍କନ ଆୟୋଜିତ ଶ୍ରୀରାମ ନବମୀ ମହୋତ୍ସବ ବୁଧବାର ରାତିରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଉଦ୍‌ଯାପିତ ହୋଇଯାଇଛି । ବୁର୍ଲା ଭାରତୀ କ୍ଲବ ପଡିଆରେ ୯ଦିନ ଧରି ରାମ କଥା କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀପାଦ ସନ୍ଦିପନି ମୁନି ଦାସ ରାମ କଥା ପରିବେଷଣ କରିଥିଲେ। ସେହିପରି ମନ୍ଦିର ପରିସରରେ ୯ ଦିନ ଧରି ଭାଗବତ କଥା ଶ୍ରୀପାଦ ପାଦସେବା ଦାସ ଓ ୪ଦିନ ଧରି ରାମ କଥା ପରମ ପୂଜ୍ୟ ଭକ୍ତି ଜୀବନ ସ୍ୱାମୀ ମହାରାଜଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏଥିସହ ଅଷ୍ଟପ୍ରହର ନାମଯଜ୍ଞ ଓ ରଥ ଅଟକିଲା ବଡଦାଣ୍ଡରେ ନାଟକ ମଞ୍ଚସ୍ଥ କରାଯାଇଥିଲା। ଉତ୍ସବରେ ବୁର୍ଲା, ସମ୍ବଲପୁର, ହୀରାକୁଦ ଅଞ୍ଚଳର ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲ। ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଭବ୍ୟ ଅଭିଷେକ କରାଯାଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ। ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଉତ୍ସବକୁ ମନ୍ଦିର ଅଧ୍ୟକ୍ଷ ଶ୍ରୀପାଦ ଅମାୟୀ ଦାସ ଓ ଇସ୍କନ ୟୁଥ୍ ଫୋରମର ଅସିତ କୃଷ୍ଣ ଦାସ, ସୁଶାନ୍ତ ଦାସଙ୍କ ସମେତ ବରିଷ୍ଠ ଭକ୍ତବୃନ୍ଦ ପରିଚାଳନା କରିଥିଲେ।

# କପିଳେଶ୍ୱର ମନ୍ଦିର ଗର୍ଭଗୃହ ପ୍ରତିଷ୍ଠା ଉତ୍ସବ

ବରପାଲି, ୧୮।୪(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲିର ପ୍ରସିଦ୍ଧ କପିଳେଶ୍ୱର ମନ୍ଦିର ଗର୍ଭଗୃହ ମରାମତି ପରେ ଗର୍ଭଗୃହର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ପୁରାତନ ମନ୍ଦିର ଗର୍ଭ ଗୃହକୁ ମରାମତି କରାଯିବା ପାଇଁ ମନ୍ଦିର ପରିସରରେ ଅନ୍ୟ ଗୃହରେ ପୂଜା କରାଯାଉଥିଲା। ମରାମତି ପରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ପରେ ଦେବଦମ୍ପତ୍ତିଙ୍କ ମନ୍ଦିର ପ୍ରବେଶ କରିଛନ୍ତି। ପୂଜାରେ କର୍ତ୍ତାଭାବେ ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସମେତ ଯାତ୍ରା କମିଟିର ବହୁସଭ୍ୟ ତଥା ଶୈବଭକ୍ତ ଉପସ୍ଥିତ ଥିଲେ।

# ଭାଜପାରେ ମିଶିଲେ ଅନ୍ୟଦଳର କର୍ମୀ


ଭାଜପାରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀ।

କୁଚିଣ୍ଡା,୧୮।୪(ବିରଞ୍ଚି ଦର୍କା)

କୁଚିଣ୍ଡା ବିଧାନସଭା କ୍ଷେତ୍ର ଅଧୀନ ବାମରା ମଣ୍ଡଳ ପିଣ୍ଡାପଥର ପଞ୍ଚାୟତରେ ଗୁରୁବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନରେଶ ସିଂ ଠାକୁର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ, ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ବିଷ୍ଣୁ ଅଗ୍ରୱାଲ, ପଞ୍ଚାୟତ ପ୍ରଭାରୀ ପ୍ରକାଶ ପଟେଲ, ପଞ୍ଚାୟତ ପ୍ରମୁଖ ଦୁଃଶାସନ ବାଘ ଯୋଗଦେଇ କଂଗ୍ରେସ ଓ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ଶତାଧିକ କର୍ମୀଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବତନ ସରପଞ୍ଚ ତଥା ଜିଲାପରିଷଦ ସଭ୍ୟ ରବି ବାଘ, ଖତୁ ମିଞ୍ଜ, ବଳଦେବ ବାଘ, ସୁରଜ ଗର୍ଡିଆ, ଦୀପକ ବାଘ, ସଞ୍ଜୀବ କାଶ୍ୟପ, ଅଙ୍ଗଦ ମାହାର, ଝସକେତନ ବାଘ, କୁମାରୀ ମିଞ୍ଜ, ମମତା ଭଞ୍ଜ, ଲକ୍ଷ୍ମୀ ମିଞ୍ଜ, ଦୀପ୍ତି ମିଞ୍ଜ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ।

# ୩ ମାନସିକ ବିକୃତଙ୍କୁ ଉଦ୍ଧାର କଲା ପ୍ରଶାସନ

ନାକଟିଦେଉଳ,୧୮।୪
(ବୈକୁଣ୍ଠ ନାଥ ସାହୁ)

ସମ୍ବଲପୁର ଜିଲା ପ୍ରଶାସନ ନାକଟିଦେଉଳ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରୁ ୩ଜଣ ମାନସିକ ବିକୃତ ରୋଗୀଙ୍କୁ ଉଦ୍ଧାର କରିଛି। ନାକଟିଦେଉଳ ଥାନା ଅନ୍ତର୍ଗତ ସରାପାଲି ଗ୍ରାମର ରୀନା ବିଶ୍ୱାଳ ନାମ୍ନୀ ଜଣେ ଅସହାୟ ମହିଳା ବର୍ଷେ ହେବ ନିକଟସ୍ଥ ଗୋଧିଡିପ ଅଞ୍ଚଳରେ ଏଣେତେଣେ ବୁଲି ଜୀବନ ବିତାଉଥିଲେ। ସେହିପରି ବାଟଗାଁ ଛକଠାରେ ରାଜୁ ଓ ଶିମିଳିପାଳ ଛକଠାରେ ପିତବାସ ନାମକ ମାନସିକ ବିକୃତ ବ୍ୟକ୍ତି ଅସହାୟ ଅବସ୍ଥାରେ ରହୁଥିଲେ। ଏ ସମ୍ପର୍କରେ ସୂଚନା ପାଇ ସାମାଜିକ କର୍ମୀ କାହ୍ନା ବେହେରା ଓ କଟକ ଆଠଗଡ଼ ଅଞ୍ଚଳର ବିଶ୍ୱରଞ୍ଜନ ନାୟକ ସିଏମ୍‌ଓ ଓଡ଼ିଶା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଭୁବନେଶ୍ୱର ଓ ସମ୍ବଲପୁର ଜିଲାପାଳଙ୍କୁ ଟ୍ୱିଟ କରିଥିଲେ। ପରେ ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ସ୍ୱେଚ୍ଛାସେବୀ ସଂସ୍ଥା ସମର୍ଥ ଗତ ସପ୍ତାହକ ମଧ୍ୟରେ ଏହି ତିନିଜଣ ମାନସିକ ବିକୃତଙ୍କୁ ଉଦ୍ଧାର କରିଛନ୍ତି। ଏମାନଙ୍କୁ ସମ୍ବଲପୁର ଧନୁପାଲିସ୍ଥିତ ମାନସିକ ରୋଗୀ ଥଇଥାନ କେନ୍ଦ୍ର ସମର୍ଥରେ ରଖାଯାଇଛି।

# ନିର୍ବାଚନ ପାଇଁ ଭୋଟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୪ (ଭବାନୀ ଶଙ୍କର ଭୋଇ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଅଧିକରୁ ଅଧିକ ଲୋକଙ୍କୁ କିଭଳି ସଚେତନ କରାଯାଇପାରିବ ସେ ନେଇ ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଓ ନିର୍ବାଚନ ସହଭାଗିତା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବେସରକାରୀ ବସ୍ ମାଲିକ ସଂଘ, ହୋଟେଲ ମାଲିକ ସଂଘ, ପେଟ୍ରୋଲ ପମ୍ପ ମାଲିକ ସଂଘ, ବ୍ୟବସାୟୀ ସଂଘ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକମାନେ ସାମିଲ ହୋଇଥିଲେ। ମତଦାନ ଦିନକୁ ଛୁଟି


ସଚେତନତା ବୈଠକରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ।

ଦିନ ଭାବରେ ଗ୍ରହଣ ନ କରି କର୍ତ୍ତବ୍ୟର ଦିନ ଭାବରେ ବିଚାର କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ମତଦାନ ପରେ ନିଜ ଦୋକାନକୁ ଆସୁଥିବା ଭୋଟରଙ୍କୁ ପ୍ରୋତ୍ସାହିତ କରିବାକୁ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ସଦସ୍ୟମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହାସହ ପୂର୍ବରୁ ଉନ୍ମୋଚିତ 'ଭୋଟର ଦାଦା' ଓ 'ଭୋଟର ନାନି'ର ପୋଷ୍ଟରରେ ଏକ କ୍ୟୁଆର୍ କୋଡ୍ ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଭୋଟରମାନେ ଉପଲବ୍ଧ ସୁବିଧା ସମ୍ପର୍କିତ ସୂଚନା ସମ୍ପର୍କରେ ଅଧିକ ଜାଣିପାରିବେ। ବୈଠକରେ ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଓ ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚନ ସହଭାଗିତା କାର୍ଯ୍ୟକ୍ରମର ସହକାରୀ ନୋଡାଲ ଅଧିକାରୀ ଶୁଭଦିପ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ରୋହିତ


ରୋହିତ ପୂଜାରୀଙ୍କୁ ସାକ୍ଷାତ କରିବା ଅବସରରେ ଗ୍ରାମବାସୀ।

ସମ୍ବଲପୁର,୧୮।୪(ପ୍ରମୋଦ ବହିଦାର): ସମ୍ବଲପୁର ବିଧାନସଭା ଆସନରୁ ପ୍ରାର୍ଥୀ ଘୋଷଣା ହେବା ପରେ ବିଧାୟକ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ରୋହିତ ପୂଜାରୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଉଛି। ଏଥିରେ ଉତ୍ସାହିତ ହୋଇ ରୋହିତ ଆଗାମୀ ନିର୍ବାଚନ ପାଇଁ ନିଜ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛନ୍ତି। ସହରର ବିଭିନ୍ନ ସଭା ସମିତିରେ ଯୋଗଦେଇ ଭୋଟରଙ୍କ ସହିତ ସମ୍ପର୍କ ଯୋଡ଼ିବାକୁ ପ୍ରୟାସ କରୁଛନ୍ତି। ଏପରି କି ସମ୍ବଲପୁରର ବିଭିନ୍ନ ବସ୍ତିରେ ବସବାସ କରୁଥିବା ଗରିବ ପରିବାରଙ୍କ ଗୃହକୁ ସୌରଶକ୍ତି ସମ୍ପନ୍ନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଉଥିବା ଦେଖିବାକୁ ମିଳିଛି। ଗୁରୁବାର ବୁର୍ଲା ଅନ୍ତର୍ଗତ କିର୍ବାର ବହୁ ମହିଳାପୁରୁଷ ରୋହିତଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ରୋହିତ ମଧ୍ୟ ନିର୍ବାଚନ ସରିଲା ପରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ରୋହିତ ହୀରାକୁଦ ଗସ୍ତ କରି ଭଙ୍ଗାମୁଣ୍ଡା, ସାପଲହରା, ଶିଖରପଡ଼ା, ସରଧାପାଲି, ଭେଜରାପଡ଼ା ଆଦି ଗ୍ରାମର ଭୋଟରଙ୍କୁ ସାକ୍ଷାତ କରି ସମ୍ପର୍କ ଯୋଡ଼ିବା ଅଭିଯାନକୁ ଜୋରଦାର କରିଛନ୍ତି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନା ଉପସ୍ଥାପନ କରି ଆଗାମୀ ଦିନରେ ଅଞ୍ଚଳକୁ ଅଧିକ ବିକଶିତ କରି ଗଢ଼ି ତୋଳିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସେ ଆଗାମୀ ୫ବର୍ଷ ମଧ୍ୟରେ ଅଧିକ ବିକାଶ କରି ଦେଖାଇବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହାସହ ସମ୍ବଲପୁର ଅଞ୍ଚଳର ଜଳକଷ୍ଟ ଦୂର ପାଇଁ ପ୍ରାଥମିକତା ଭିତ୍ତିରେ ମହାନଦୀରେ ଏକ ବ୍ୟାରେଜ ନିର୍ମାଣ ଓ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଭଳି ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟ ନିର୍ମାଣ ତାଙ୍କର ଲକ୍ଷ୍ୟ ବୋଲି ରୋହିତ କହିଛନ୍ତି।

# ଐତିହ୍ୟ ଆମର ସମ୍ବଳ ଓ ପରିଚୟ

## ଇନ୍‌ଟାକ୍ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ

ସମ୍ବଲପୁର,୧୮।୪(ବି.ଶଙ୍କର)

ସାଂସ୍କୃତିକ ପରମ୍ପରା ଭାରତୀୟ ସଭ୍ୟତାକୁ ବୁଦ୍ଧିମନ୍ତ କରିଛି। ଐତିହ୍ୟ ଆମର ସମ୍ବଳ ଓ ପରିଚୟ। ଏହି କଥାକୁ ହୃଦୟଙ୍ଗମ କରି ଆମେ ଐତିହ୍ୟ ଏବଂ ସଂସ୍କୃତିକୁ ସର୍ବଦା ମହତ୍ତ୍ୱ ଦେବା ଆବଶ୍ୟକ। ଇନ୍‌ଟାକ୍ ସମ୍ବଲପୁର ଚାପ୍ଟର ପକ୍ଷରୁ ଗୁରୁବାର ସମ୍ବଲପୁର ଆଞ୍ଚଳିକ ଅଭିଲେଖାଗାରରେ ଆୟୋଜିତ ବିଶ୍ୱ ଐତିହ୍ୟ ଦିବସରେ ବକ୍ତାମାନେ ଏହି ମତ ପ୍ରକାଶ କରିଛନ୍ତି। ସହସଂଯୋଜକ ଦୀପକ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ଶିକ୍ଷା ଆଉ ଶ୍ରେଣୀଗୃହ ମଧ୍ୟରେ ସୀମିତ ହୋଇ ରହିନାହିଁ । ଗଙ୍ଗାଧର



ଐତିହ୍ୟ ଦିବସରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ମେହେର ବିଶ୍ୱବିଦ୍ୟାଳୟ ସ୍ଥାନୀୟ ଐତିହ୍ୟ, ଐତିହାସିକ ଘଟଣା ଛାତ୍ରୀଛାତ୍ରଙ୍କୁ ପରିଚିତ କରାଇବାର ଉପକ୍ରମ ଆରମ୍ଭ କରୁଛି । ଜନ୍ମମାଟିର ଇତିହାସ ପ୍ରତି ଆମର ଦାୟିତ୍ୱ ରହିଛି । ତେଣୁ ଆମ ଇତିହାସର ନୂଆ ନୂଆ ଅଧ୍ୟାୟକୁ ଉନ୍ମୋଚନ କରିବା ସକାଶେ ଆମେ ଯତ୍ନବାନ ହେବା ଆବଶ୍ୟକ। ଅଭିଲେଖାଗାରର କ୍ୟୁରେଟର କିଶୋର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଲେଖାଗାରରେ କିଭଳି କାଗଜପତ୍ର ଓ ଦସ୍ତାବିଜ ଦେଖିହେବ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସହସଂଯୋଜକ ପଣ୍ଡା ବକ୍ତବ୍ୟ ରଖି କହିଥିଲେ, ଇତିହାସ ପ୍ରମାଣ ଚାହେଁ। ଅଭିଲେଖାଗାରରେ ଥିବା ଦସ୍ତାବିଜ ସବୁଠାରୁ ସଶକ୍ତ ପ୍ରମାଣ। ଦିଲ୍ଲୀରେ ଜାତୀୟ ଅଭିଲେଖାଗାର ଥିବାବେଳେ ରାଜ୍ୟ ରାଜଧାନୀରେ ରାଜ୍ୟ ଅଭିଲେଖାଗାର ରହିଛି। ଆମର ସୌଭାଗ୍ୟ ସମ୍ବଲପୁରରେ ଆଞ୍ଚଳିକ ଅଭିଲେଖାଗାର ରହିଛି। ଆମେ ଏହାର ସୁବିଧା ନେବା ସହ ଉପଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ବଲପୁର ଆଞ୍ଚଳିକ ଅଭିଲେଖାଗାରର କର୍ମକର୍ତ୍ତା ଚକ୍ରଧର ନାୟକ, ଜଗନ୍ନାଥ ପାଣ୍ଡେ ଓ ସିଦ୍ଧାର୍ଥ ନାୟକ ଉପସ୍ଥିତ ଥିଲେ।

# ବିଜେଡି, କଂଗ୍ରେସର ଛିଣ୍ଡୁନି ଟିକେଟ ଅଙ୍କ

## ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ

ଯାଜପୁର,୧୮ା୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ଅନ୍ୟତମ ବିଧାନସଭା ନିର୍ବାଚନମଣ୍ଡଳୀ ବଡ଼ଚଣା। ବୁଧବାର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ବିଜେଡିରେ ଯୋଗଦେଇ ରାଜନୈତିକ କ୍ୟାରିୟର ଆରମ୍ଭ କରିବା ସହ ଟିକେଟ ଦୌଡ଼ରେ ରହିଛନ୍ତି। କୁହାଗଲାଣି ବିଜେଡି ଏଠାରେ ଭାଗ ଭାଗ ହୋଇଥିବାରୁ ତାହା କଂଗ୍ରେସ ଓ ଭାଜପାକୁ ଫାଇଦା ଦେଇପାରେ।

୨୦୧୪ରୁ ୨୦୧୯ ମଧ୍ୟରେ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଅନେକ ଆପରାଧିକ କାର୍ଯ୍ୟକଳାପ ତଥା ଦୁର୍ନୀତି ଅଭିଯୋଗ ଚର୍ଚ୍ଚା ପରିସରକୁ ଆସିଥିଲା। ବହୁଚର୍ଚ୍ଚିତ ଟିଟୋ ଲିଙ୍କ୍, ଚଣ୍ଡିଖୋଲ ପରିବହନ ବିଭାଗରେ ଭୂତଗାଡ଼ି ମାମଲା, ଜଳ ସମ୍ପଦ ବିଭାଗରେ ଦୁର୍ନୀତି ଓ ଅନୁଦାନ ହରିଲୁଟ ଆଦି ଅଭିଯୋଗରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ସମାଲୋଚିତ ହୋଇଥିଲେ। ଏହାବାଦ୍ ବଡ଼ଚଣାକୁ ସବ୍‌ଡିଭିଜନ ମାନ୍ୟତା ଦାବି, ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କୋଣାର୍କ ଝୋଟକଲ ବନ୍ଦ ଆଦି ପ୍ରସଙ୍ଗ ଭୋଟରଙ୍କୁ ଆନ୍ଦୋଳିତ କରିଥିଲା। ଏଥିଯୋଗୁ ୨୦୧୯ ନିର୍ବାଚନରେ ବଡ଼ଚଣାରେ ବିଜେଡି ସେଭଳି ଉତ୍ତମ ପ୍ରଦର୍ଶନ କରିପାରି ନ ଥିଲା। ବିଜେଡିରୁ ଅମର ପ୍ରସାଦ ଶତପଥୀ ମାତ୍ର ୧,୪୮୫ ଭୋଟ ବ୍ୟବଧାନରେ ଭାଜପାର ଅମର ନାୟକଙ୍କଠାରୁ ବିଜୟୀ ହୋଇ ପାରିଥିଲେ। ଅମର ୬୪, ୦୮୪(୪୬.୬୪%) ଏବଂ ଭାଜପାର ଅମର ନାୟକ ୬୨,୫୯୯(୪୫.୫୫%) ଭୋଟ ପାଇଥିଲେ। ପରବର୍ତ୍ତୀ ସମୟରେ ଅମର


ଅମର ନାୟକ


ଅଦ୍ୱିତୀୟ ଶତପଥୀ


ରାଜନାରାୟଣ ମହାପାତ୍ର


ଶୁଭେନ୍ଦୁ ମହାନ୍ତି

ଶତପଥୀ ବିଜେଡିର ସାଙ୍ଗଠନିକ ସ୍ଥିତିରେ ସୁଧାର ଆଣିବା ସହ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ସେଥିଯୋଗୁ ୨୦୨୨ ଜିଲା ପରିଷଦ ନିର୍ବାଚନରେ ବିଜେଡି ୪୬.୬୪%ରୁ ୫୫% ଭୋଟ ପାଇବାକୁ ସକ୍ଷମ ହୋଇପାରିଥିଲା। କିନ୍ତୁ ଗତ ପ୍ରାୟ ୪ ମାସ ହେବ ଏହି ନିର୍ବାଚନମଣ୍ଡଳୀର ୩ ଜଣ ଜିଲା ପରିଷଦ ସଦସ୍ୟ ଅମର ଶତପଥୀଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ଏପରି କି ତାଙ୍କୁ ବିରୋଧ କରି ମାସକ ତଳେ ଏକ ବୈଠକର ମଧ୍ୟ ଆୟୋଜନ କରିଛନ୍ତି। ଆଗଧାଡ଼ିର କେତେକ କର୍ମୀ ଓ ନେତାଙ୍କ ଏଭଳି ବିଷୋଦ୍‌ଗାର ଯୋଗୁ ବିଧାୟକ ଅମରଙ୍କୁ ଟିକେଟ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ହେଲେ ଏହା ତାଙ୍କ ବିରୋଧୀଙ୍କ ଚକ୍ରାନ୍ତ ବୋଲି ଅମର ଶତପଥୀଙ୍କ ସମର୍ଥକମାନେ କହୁଛନ୍ତି। ଏଠାରେ ବିଜେଡି ଟିକେଟ ଦେବାରେ ବିଳମ୍ବ କରିଛି। ପୁଣି ରାଜନାରାୟଣଙ୍କ ବିଜେଡିରେ ଯୋଗଦାନ ସ୍ଥିତିକୁ ଅଡୁଆ ଆଡ଼କୁ ଟାଣି ନେଇଛି।

୨୦୧୪ରୁ ବଡ଼ଚଣା କଂଗ୍ରେସ ରାଜନୀତିରେ ପାଦ ଥାପିଥିବା ରାଜନାରାୟଣ ଏଯାଏ ସେତେଟା ସଫଳ ହୋଇପାରିନାହାନ୍ତି। ତାଙ୍କ ନେତୃତ୍ୱରେ ଗତ ଜିଲା ପରିଷଦ ନିର୍ବାଚନରେ କଂଗ୍ରେସ ଏଠାରୁ ମାତ୍ର ୧୧% ଭୋଟ ପାଇଥିଲା। ଅନ୍ୟପକ୍ଷେ ଭାଜପା ୩୩% ଭୋଟ ପାଇବାକୁ ସକ୍ଷମ ହୋଇଥିଲା। ତେଣୁ ରାଜନାରାୟଣଙ୍କ ସାଙ୍ଗଠନିକ ଦକ୍ଷତା ନେଇ ବିଜେଡି ନେତୃବର୍ଗ ତାଙ୍କ ଉପରେ ଭରସା କରିବେ କି ନାହିଁ ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଏହାବାଦ୍ ଅମର ଶତପଥୀଙ୍କ ପୁଅ ଅଦ୍ୱିତୀୟ ମଧ୍ୟ ଟିକେଟ ଆଶାୟୀ ଅଛନ୍ତି। ଏହି ପରିସ୍ଥିତିରେ ରାଜନାରାୟଣଙ୍କୁ ଯଦି ଟିକେଟ ମିଳେ, ତେବେ ବିଧାୟକ ଅମର ସହଯୋଗ କରିବେ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ରାଜନାରାୟଣ ବିଜେଡିରେ ଯୋଗ ଦେଇଥିବାରୁ କଂଗ୍ରେସ ଟିକେଟ ଲବିରେ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅଜୟ ସାମଲ ଏବଂ ଗୁରୁବାର ବିଜେଡିରୁ କଂଗ୍ରେସ ଯାଇଥିବା ମନୋରମା ଆଚାର୍ଯ୍ୟ ଅଛନ୍ତି। ଏମାନଙ୍କ ମଧ୍ୟରୁ ଦଳ କାହାକୁ ଟିକେଟ ଦେବ ତାହାକୁ ନେଇ ଅଶାୟୀ ଅନାଇ ରହିଛନ୍ତି।

# ନବୀନ ନିବାସରେ ବିଜେଡି ପ୍ରାର୍ଥୀଙ୍କ ଭିଡ଼

ଭୁବନେଶ୍ୱର,୧୮ା୪(ଅନିଲ ଦାସ)

ପଞ୍ଚମ ପର୍ଯ୍ୟାୟ ବିଧାନସଭା ଟିକେଟ ଘୋଷଣା ପରେ ଗୁରୁବାର ନବୀନ ନିବାସରେ ବିଜେଡି ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଟିକେଟ ପାଇଥିବାରୁ ଜଣକ ପରେ ଜଣେ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ରେଢ଼ାଖୋଲ ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ଜୟପୁର ବିଧାୟିକା ପ୍ରାର୍ଥୀ ଇନ୍ଦିରା ନନ୍ଦ, ଚିତ୍ରକୋଣ୍ଡା ବିଧାୟିକା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ସେହିପରି ଦେବଗଡ଼ ବିଧାୟିକା ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ, ଅନୁଗୋଳ ବିଧାୟିକା ପ୍ରାର୍ଥୀ ସଂଯୁକ୍ତା ସିଂ, ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଦ୍ମପୁର ବିଧାୟିକା ପ୍ରାର୍ଥୀ ବର୍ଷା ସିଂ ବରିହା ନବୀନ ନିବାସରେ ପହଞ୍ଚି ଦଳର ସଭାପତିଙ୍କୁ ସାକ୍ଷାତ କରି ଧନ୍ୟବାଦ ଦେବା ସହ ଆଶୀର୍ବାଦ ନେଇଛନ୍ତି।

# ଝିଅ ପାଇଁ ଘରଡିହ ବିକିଲେ ପୂର୍ବତନ ବିଧାୟକ


ପୂର୍ବତନ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମା ଝିଅର ନିର୍ବାଚନ ଖର୍ଚ୍ଚ ପାଇଁ ତହସିଲରେ ଜମି ବିକ୍ରି କରୁଛନ୍ତି।

ଆଳି,୧୮ା୪(ବନମାଳୀ ସେନାପତି)

## ନିର୍ବାଚନୀ ମଇଦାନରେ ଝିଅ ଦେବସ୍ମିତା

କେନ୍ଦ୍ରାପଡ଼ା ଲୋକ ସଭା ଆସନ ମଧ୍ୟରେ ଆଳି ବିଧାନସଭା ଆସନଟି ପ୍ରତ୍ୟେକ ନିର୍ବାଚନ ସମୟରେ ଚର୍ଚ୍ଚା ମଧ୍ୟରେ ରହିଥାଏ। ଚଳିତ ନିର୍ବାଚନରେ ମଧ୍ୟ ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ଆଳି ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡା. ଦେବସ୍ମିତା ଶର୍ମା ନିର୍ବାଚନ ଲଢ଼ିବା ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ବାପା ଦେବେନ୍ଦ୍ର ଝିଅର ନିର୍ବାଚନୀ ଖର୍ଚ୍ଚ ନିମନ୍ତେ ଘରଡିହ ବିକ୍ରି କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି।

ମିଳିଥିବା ସୂଚନା ମୁତାବକ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା କଂଗ୍ରେସ ଦଳ ପକ୍ଷରୁ ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ବେଳେ ୨୦୧୪ରେ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନ ପରାଜିତ ହେବାପରେ ଶାରୀରିକ ଅସୁସ୍ଥତା ଯୋଗୁ ଚଳିତଥର ସେ ନିଜେ ନ ଲଢ଼ି ଏକମାତ୍ର ଝିଅ ଡା. ଦେବସ୍ମିତାଙ୍କୁ ବିଧାୟିକା ପ୍ରାର୍ଥୀ ଭାବେ କଂଗ୍ରେସ ପକ୍ଷରୁ ନିର୍ବାଚନ ଲଢ଼ିବାକୁ ରଣାଙ୍ଗନକୁ ଛାଡିଛନ୍ତି। ବିପକ୍ଷରେ ନିର୍ବାଚନ ଲଢୁଥିବା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହ ଲଢେଇ ନିମନ୍ତେ ପୂର୍ବତନ ବିଧାୟକ ଦେବେନ୍ଦ୍ରଙ୍କ ଟଙ୍କା ଆବଶ୍ୟକ ଥିବାରୁ ସେ ଘରଡିହ ବିକ୍ରି କରିଛନ୍ତି। ଏ ନେଇ ପୂର୍ବତନ ବିଧାୟକ ଶର୍ମା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ, ତାଙ୍କ ପରିବାର ଲୋକସେବାକୁ ଭଲପାଆନ୍ତି। ତାଙ୍କ ବାପା ସ୍ୱର୍ଗତ ଡା. ଦିବାକର ଶର୍ମା ଏମ୍‌ବିବିଏସ୍ ପାସ୍ କରି ଭଲ ଦରମାରେ ଚାକିରି କରି ପାରିଥାନ୍ତେ। କିନ୍ତୁ ସେ ଚାକିରି ନ କରି ଆଳି ଓ ରାଜକନିକାବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଆଳିରେ ରହି ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ବିଧାୟକ ଭାବେ ଆଳି, ରାଜକନିକାରେ ଶିକ୍ଷା, ଗମନାଗମନ, ଜଳସେଚନ ଭଳି ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ ଦେବେନ୍ଦ୍ର କହିଛନ୍ତି। ତେବେ ଚଳିତ ନିର୍ବାଚନ ଦୁର୍ନୀତିଗ୍ରସ୍ତ ନେତୃତ୍ୱ ସହ ନିର୍ମଳ ନେତୃତ୍ୱଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଛନ୍ତି।

# କଂଗ୍ରେସରେ ବିଜେଡି ନେତ୍ରୀ ସିପ୍ରା ମଲ୍ଲିକ

କେନ୍ଦ୍ରାପଡ଼ା, ୧୮ା୪ (ଜଗନ୍ନାଥ ଧଳ)

ବରିଷ୍ଠ ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ବିଜେଡିର ଶଙ୍ଖ ବୁଧବାର ପର୍ଯ୍ୟନ୍ତ ଫୁଙ୍କିଥିଲେ। କେନ୍ଦ୍ରାପଡ଼ା ସହରର ମେଡିକାଲ ଛକସ୍ଥିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାଙ୍କ ସହ ହସହସ ମୁହଁରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତେବେ ଏହାର ୩୦ ଘଣ୍ଟା ମଧ୍ୟରେ ସେ ବିଜେଡିକୁ ପରିତ୍ୟାଗ କରିଛନ୍ତି। ଭୁବନେଶ୍ୱରସ୍ଥ କଂଗ୍ରେସ ଭବନରେ ପୂର୍ବତନ ପିସିସି ସଭାପତିପ୍ରସାଦ ହରିଚନ୍ଦନଙ୍କ ଉପସ୍ଥିତିରେ ଗୁରୁବାର ହାତ ଧରିଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ, କଂଗ୍ରେସ ସୁଯୋଗ ଦେଲେ ସେ ଏଠାରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି। ଡ. ସିପ୍ରା ମଲ୍ଲିକ ହେଉଛନ୍ତି ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ଝିଅ। କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ପ୍ରହ୍ଲାଦ ମଲ୍ଲିକଙ୍କର ସ୍ଥାନ ସ୍ୱତନ୍ତ୍ର। ୧୯୫୭ଠାରୁ ନିର୍ବାଚନ ରାଜନୀତିରେ ରହି ଲୋକଙ୍କ ନିକଟତର ହୋଇଥିଲେ। ୧୯୮୦ ମସିହାରେ ବିଜୁବାବୁଙ୍କ ପାଇଁ ପାଟକୁରା ସିଟରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଝିଅ ଡ. ମଲ୍ଲିକ କେନ୍ଦ୍ରାପଡ଼ା ରାଜନୀତିରେ ମନୋନିବେଶ କରିଥିଲେ। ଏପରି କି ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାର ବିଜେଡି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ତେବେ ବିଜେଡି ୨୦୧୪ ଓ ୨୦୧୯ରେ ତାଙ୍କ ଉପରେ ଭରସା କରି ପାରି ନ ଥିଲେ। ଫଳରେ ବିଜେଡି ପ୍ରାର୍ଥୀ ଭାବେ କିଶୋର ଚନ୍ଦ୍ର ତରାଇ ଓ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହି ନିର୍ବାଚନମଣ୍ଡଳୀରେ ବିଧାୟକ ହୋଇଥିଲେ। ଚଳିତଥର ମଧ୍ୟ ସେ ବିଧାୟକ ଟିକେଟ ଆଶାୟୀ ଥିଲେ। ମାତ୍ର କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ବିଜେଡିରେ ଯୋଗଦାନ ଟିକେଟ ରାଜନୀତିକୁ ଓଲଟପାଲଟ କରିଛି। କୌଣସି ଦଳ ଅଦ୍ୟାବଧି କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ ମଧ୍ୟ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ଗଣେଶ୍ୱରଙ୍କୁ ବିଜେଡିରେ ବିରୋଧ କରି ଟିକେଟ ଆଶାୟୀମାନେ ଏକ କର୍ମୀ ସମ୍ମିଳନୀ ଆଳରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ସଭାପତି ନବୀନ ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ସ୍ମାରକ ପତ୍ର ଦେଇଥିଲେ। ତେବେ ଏ ନେଇ କିଛି ସୁଫଳ ନ ମିଳିବାରୁ କଂଗ୍ରେସକୁ ଡ. ମଲ୍ଲିକ ଯାଇଥିବା ଆଲୋଚନା ହେଉଛି।



କଂଗ୍ରେସ ଭବନରେ ପୂର୍ବତନ ବିଧାୟିକା ଶିପ୍ରା ମଲ୍ଲିକଙ୍କୁ ଦଳୀୟ ନେତୃବୃନ୍ଦ ସ୍ୱାଗତ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ସଶକ୍ତ କରିବାକୁ ଆଶୀର୍ବାଦ ଦିଅ


ସଭା ମଞ୍ଚରେ ବିଜେଡିର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ସ୍ୱାଗତ କରାଯାଉଛି।

ଅନୁଗୋଳ,୧୮ା୪ (ଅମିତ କୁମାର ସାମଲ)

## ଛେଣ୍ଡିପଦାରେ ପ୍ରଣବଙ୍କ ଭୋଟ ଭିକ୍ଷା

ସମ୍ବଲପୁର ଲୋକ ସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ତଥା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଏହି କ୍ଷେତ୍ର ଅଧୀନ ଅନୁଗୋଳ ଜିଲାର ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀରେ ଗୁରୁବାର ତାଙ୍କ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ତୁରଙ୍ଗ ଖେଳ ପଡ଼ିଆଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ବବି ମୁଖ୍ୟମନ୍ତ୍ରୀଙ୍କୁ ସଶକ୍ତ କରିବାକୁ ଆଶୀର୍ବାଦ ଭିକ୍ଷା କରିଛନ୍ତି।

ଏହି ଅବସରରେ ବବି କହିଥିଲେ, ନିର୍ବାଚନ ଆସିଲେ ବିଭିନ୍ନ ଦଳର ନେତା ଆସି ଭାଷଣ ଦିଅନ୍ତି। ଭଳିକି ଭଳି ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥାରେ ନୁହେଁ, କାର୍ଯ୍ୟରେ ବିଶ୍ୱାସ କରିଥାନ୍ତି। ତେଣୁ ତାଙ୍କ ହାତମୁଠାକୁ ଟାଣ କରିବାକୁ ହେଲେ ଜନସାଧାରଣଙ୍କ ସମର୍ଥନ ଆବଶ୍ୟକ। ସ୍ଥାନୀୟ ଅଞ୍ଚଳର ଜଣେ ନେତା କେନ୍ଦ୍ରରେ ୧୦ ବର୍ଷ ହେବ ମନ୍ତ୍ରୀ ରହିଛନ୍ତି। କିନ୍ତୁ ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଶୋଚନୀୟ ଅବସ୍ଥାରେ ଲୋକମାନେ ଯାତାୟାତ କରୁଛନ୍ତି। ସମ୍ବଲପୁର ଲୋକ ସଭା କ୍ଷେତ୍ର ପାଇଁ ସମ୍ପୃକ୍ତ ନେତାଙ୍କ ଅବଦାନ କ'ଣ ବୋଲି ବବି ପ୍ରଶ୍ନ କରିଥିଲେ। ବବିଙ୍କ ସହ ଉକ୍ତ ସଭାରେ ଉପସ୍ଥିତ ଥିବା ଛେଣ୍ଡିପଦା ବିଧାନସଭା ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା କହିଥିଲେ, କେନ୍ଦ୍ର ସରକାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଗତ ନିର୍ବାଚନରେ ସମ୍ବଲପୁରରୁ ବିଜୟୀ ହେବା ପରେ ଭାଜପା ଏମ୍‌ପି ଆଉ ଦେଖା ଦେଇ ନ ଥିଲେ। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗମନାଗମନ ଠାରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ଲୋକଙ୍କ ସେବାକୁ ବିଜୁ ଜନତା ଦଳ ସବୁବେଳେ ପ୍ରାଧାନ୍ୟ ଦେଇଆସିଛି। ଏହି ସଭାରେ ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର ବଡ଼ିଆ ସଭା ପରିଚାଳନା କରିଥିଲେ। ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସଞ୍ଜୟ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଦିଲୀପଙ୍କୁ ବିରୋଧ, ସମୀର ଭାବବିହ୍ୱଳ

ନିମାପଡ଼ା,୧୮ା୪(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲୀପ ନାୟକଙ୍କୁ ବିଧାୟକ ସମୀର ଦାଶଙ୍କ ସମର୍ଥକମାନେ ବିରୋଧ କରିଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଅମଳପଡ଼ାସ୍ଥିତ ଗ୍ରୀନଲ୍ୟାଣ୍ଡ ଗେଷ୍ଟ ହାଉସ୍‌ଠାରେ ସମୀରଙ୍କ ୫ଶହରୁ ଉର୍ଦ୍ଧ୍ୱ ସମର୍ଥକ ଏକତ୍ରିତ ହୋଇ ଦଳର ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରିଛନ୍ତି। ନ ହେଲେ ଭବିଷ୍ୟତରେ ନିମାପଡ଼ା ଆସନଟି ବିଜେଡି ହାତରୁ ଚାଲିଯିବ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ଶନିବାର ଅନେକ ହଜାର ସଂଖ୍ୟାରେ ମହିଳା ପୁରୁଷ ସମର୍ଥକ ସ୍ଥାନୀୟ ବାରବାଟୀ ପଡ଼ିଆରେ ମହାସମାବେଶ କରି ଶକ୍ତି ପ୍ରଦର୍ଶନ କରିବେ ସମୀରଙ୍କ ସମର୍ଥକମାନେ ବୋଲି ସୂଚନା ଦେଇଛନ୍ତି। ନିମାପଡ଼ା ବିଜେଡି ଟିକେଟ ସମୀର ଦାଶଙ୍କୁ ଦେବାକୁ ଦାବି କରାଯିବ, ନ ହେଲେ ବିଚାରବିମର୍ଶ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନଗର ଯୁବ ବିଜେଡି ସଭାପତି ସତ୍ୟଜିତ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ନଗର ମହିଳା ସଂଗଠନ ସଭାନେତ୍ରୀ କୌଶଲ୍ୟା ସାହୁ, ଉପନଗରପାଳ ସନ୍ତୋଷ ଦାଶ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ବିଧାୟକ ସମୀର ଦାଶଙ୍କ ସମେତ ତାଙ୍କର ସଂଖ୍ୟାଧିକ ସମର୍ଥକ ଉପସ୍ଥିତ ଥିଲେ। ତେବେ ସମୀର ସେଠାରେ ଆଖି ଛଳଛଳ କରି ସମର୍ଥକଙ୍କ ଗହଣରେ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।



ସମର୍ଥକଙ୍କୁ ଉଦ୍‌ବୋଧନ ଦେଉଛନ୍ତି ସମୀର ଦାଶ।

# ବିଜେଡିରେ ଯୋଗଦେଇ ଚର୍ଚ୍ଚାରେ ଅଭିନେତ୍ରୀ ବର୍ଷା


ଶଙ୍ଖ ଭବନରେ ବିଜେଡି ନେତୃବୃନ୍ଦଙ୍କ ଉପସ୍ଥିତିରେ ବର୍ଷା ପ୍ରିୟଦର୍ଶିନୀ।

କଟକ,୧୮ା୪(ଶିଲ୍ପା ପ୍ରିୟଦର୍ଶିନୀ)

ବିଜେଡିରେ ମିଶିଲେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ସେ ପୂର୍ବରୁ ନିର୍ବାଚନରେ ବିଜେଡି ପାଇଁ ଷ୍ଟାର ପ୍ରଚାରକ ଭାବେ କାର୍ଯ୍ୟ କରିଛନ୍ତି। ହେଲେ ସେ ଏବେ ବିଧିବଦ୍ଧ ଭାବେ ଦଳର ସଦସ୍ୟ ହୋଇ କାର୍ଯ୍ୟ କରିବେ। ଗୁରୁବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଧିବଦ୍ଧ ଭାବେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଏପରିକି ଦଳ ମାଷ୍ଟରଷ୍ଟ୍ରୋକ୍ ଖେଳି ବର୍ଷାଙ୍କୁ ଦଳରେ ସାମିଲ କରି ଅଭିନେତା ତଥା କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତିଙ୍କ ସ୍ଥାନ ପୂରଣ କରିଥିବା ଲୋକ ଆଲୋଚନା କଲେଣି। ତେବେ ବର୍ଷାଙ୍କୁ ଦଳ କୋରେଇ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିବ, ନଚେତ୍ ଷ୍ଟାର ପ୍ରଚାରକ ଭାବେ ସାମ୍ନାକୁ ଆଣିପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଆକାଶ ଦାସନାୟକ, ଅନୁଭବ ମହାନ୍ତି, ଅରିନ୍ଦମ ରାଏ, ସିଦ୍ଧାନ୍ତ ମହାପାତ୍ରଙ୍କ ଭଳି ଅଭିନେତା ବିଜେଡି ଛାଡ଼ିଛନ୍ତି। ଭାଜପାରେ ଯୋଗ ଦେବାପରେ ଅନୁଭବଙ୍କୁ ବାରବାଟୀ–କଟକ ନିର୍ବାଚନମଣ୍ଡଳିରୁ ଟିକେଟ ଦେଇ ପାରେ ନଚେତ୍ ଷ୍ଟାର ପ୍ରଚାରକ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯଦି ଦୁଇ ଦଳ ଅନୁଭବ ଓ ବର୍ଷାଙ୍କୁ ଷ୍ଟାର ପ୍ରଚାରକ ଭାବେ ମଇଦାନକୁ ଆଣେ ତେବେ ନିର୍ବାଚନୀ ପରିବେଷ ସରଗରମ ହେବ। ଯଦି ବର୍ଷାଙ୍କୁ ଦଳ କୋରେଇ ନିର୍ବାଚନମଣ୍ଡଳି ପାଇଁ ଟିକେଟ ଦିଏ, ତେବେ ସେ କ'ଣ ରଣନୀତି ଆପଣାଇବେ ତାହା ଆଲୋଚନା ହେଉଛି। ଏ ନେଇ ବର୍ଷାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଷ୍ଟାର ପ୍ରଚାରକ ଭାବେ ଦଳ ଯଦି ବର୍ଷା ଓ ଅନୁଭବଙ୍କୁ ଆଣେ, ସେମାନେ କେତେ ମାତ୍ରାରେ ଓ କେଉଁ ଶୈଳୀରେ ପ୍ରଚାର କରିବେ ତାହା ଦେଖିବାକୁ ବାକି ରହିଛି।

# 'ବେକାରୀ, ଦରବୃଦ୍ଧି ଉପରେ ଧାଡ଼ିଟେ ବି ଲେଖିନାହାନ୍ତି'

ଭୁବନେଶ୍ୱର, ୧୮ା୪(ସୁନିତ୍ ମିଶ୍ର)

## ଭାଜପା ଇସ୍ତାହାରକୁ ନେଇ କଂଗ୍ରେସର ଟାର୍ଗେଟ

ଭାଜପା ପକ୍ଷରୁ ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରକାଶିତ ଇସ୍ତାହାରରେ ବେକାରି, କୃଷକ ଓ ଦରବୃଦ୍ଧି ଭଳି ଉତ୍କଟ ସମସ୍ୟାର ସମାଧାନ ବିଷୟରେ ଗୋଟିଏ ହେଲେ ଧାଡ଼ି ଉଲ୍ଲେଖ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଗତ ୧୦ ବର୍ଷ ଧରି କେନ୍ଦ୍ରରେ କ୍ଷମତାରେ ରହିଛି। ମୋଦି ୨୦୧୪ରେ ପ୍ରତିବର୍ଷ ୨ କୋଟି ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ସରକାରକୁ ଆସିବା ପରେ ଗତ ୧୦ ବର୍ଷ ମଧ୍ୟରେ ବେକାରି ସମସ୍ୟା ସର୍ବକାଳୀନ ରେକର୍ଡ କରିଥିବା କଂଗ୍ରେସ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଅଭିଯୋଗ କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ତଥ୍ୟ ଅନୁସାରେ ମୋଦିଙ୍କ ଶାସନ କାଳରେ ବେକାରି ସଂଖ୍ୟା ୩୨% ବଢ଼ି ସାରିଛି। ନିଯୁକ୍ତି ଦେବା ଦୂରର କଥା, ନିଯୁକ୍ତି ପ୍ରକ୍ରିୟାରେ ପ୍ରଶ୍ନପତ୍ର ଘୋଟାଲା ପାଇଁ ଅନେକ ଆଶାୟୀ ଯୁବତୀଯୁବକ ଆତ୍ମହତ୍ୟା କରିବା ପାଇଁ ବାଧ ହେଉଛନ୍ତି। ଚଳିତ ଥରର ଇସ୍ତାହାରରେ ମୋଦି ନିଯୁକ୍ତିର 'ନ' ଅକ୍ଷର ମଧ୍ୟ ଉଚ୍ଚାରଣ କରିନାହାନ୍ତି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଆନ୍ଦୋଳନରତ କୃଷକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି। ଭାଜପା ଇସ୍ତାହାର ପତ୍ରରେ ଚାଷୀଙ୍କ ଏମ୍‌ଏସ୍‌ପି ଗ୍ୟାରେଣ୍ଟି ସମ୍ପର୍କରେ ପଦେ ମଧ୍ୟ ଉଲ୍ଲେଖ ନାହିଁ। ପୁନଶ୍ଚ ୨୦୧୪ରେ ମୋଦି ଦରଦାମ ନିୟନ୍ତ୍ରଣ କରିବେ ବୋଲି ଜୁମ୍‌ଲା କରି କ୍ଷମତାକୁ ଆସିଲା ପରେ ପେଟ୍ରୋଲ ଦର ୧୦୦ ଟଙ୍କା ପାର୍, ଏଲ୍‌ପିଜି ଦର ଅଢ଼େଇ ଗୁଣା ହୋଇସାରିଛି। ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ଏଭଳି ଆକାଶଛୁଆଁ ହୋଇଛି ଯେ, ୮୧ କୋଟି ଜନସାଧାରଣ ୫ କେଜି ଚାଉଳ ବା ଗହମ ପାଇଁ ପ୍ରତିମାସ ଲାଇନରେ ଠିଆ ହେଉଛନ୍ତି ବୋଲି ପଞ୍ଚାନନ କହିଛନ୍ତି।

## ବିଜେଡି ନିର୍ବାଚନୀ ଇସ୍ତାହାର ପାଇଁ ମତାମତ ଲୋଡ଼ିଲେ ପାଣ୍ଡିଆନ

ଭୁବନେଶ୍ୱର,୧୮ା୪(ଅନିଲ ଦାସ)

୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଜେଡି ଇସ୍ତାହାର ପାଇଁ ରାଜ୍ୟବାସୀଙ୍କ ମତାମତ ଲୋଡ଼ିଛନ୍ତି। ଗୁରୁବାର ସାମାଜିକ ଗଣମାଧ୍ୟମ ଜରିଆରେ ସେ ଲୋକମାନଙ୍କୁ ନିବେଦନ କରି କହିଛନ୍ତି ଯେ ବିଜେଡିର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତି ଚାଲିଛି। ଏଥିପାଇଁ ଆପଣମାନେ ମତାମତ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଆପଣଙ୍କ ମତାମତକୁ ଗୁରୁତ୍ୱ ଦିଅନ୍ତି। ଏ ସରକାର ଲୋକମାନଙ୍କ ସରକାର। ଆପଣମାନେ ଯାହା ଚାହିଁବେ ତାହା ହିଁ ହେବ ବୋଲି ପାଣ୍ଡିଆନ କହିଛନ୍ତି।

# ପାଟଣା: ଭାଜପାରେ ବଢୁଛି ଗୋଷ୍ଠୀ କନ୍ଦଳ

ପାଟଣା,୧୮ା୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବିଧାନସଭା କ୍ଷେତ୍ର ପାଇଁ ମଙ୍ଗଳବାର ଭାଜପା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଖିଳ ଚନ୍ଦ୍ର ନାୟକଙ୍କ ନାମ ଘୋଷଣା କରିଛି। ଏହା ପରେ ଅଖିଳଙ୍କ ସମର୍ଥକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ତେବେ ଅନ୍ୟ ଏକ ଗୋଷ୍ଠୀ ଅଖିଳଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଇସ୍ତଫା ଦେଇଛନ୍ତି। ଯଦିଓ ସବୁ ଦଳରେ କନ୍ଦଳ ଲାଗିରହିଛି ହେଲେ ଭାଜପାର ଗୋଷ୍ଠୀ କନ୍ଦଳ ତୀବ୍ର ହେଉଥିବା ପରିଲକ୍ଷିତ ହେଉଛି। ଏହାର ସମାଧାନ ନ ହେଲେ ଏହା ଦଳ ପାଇଁ ବିପର୍ଯ୍ୟୟର କାରଣ ସାଜିବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

ସୂଚନା ମୁତାବକ, ଅତୀତରେ ପାଟଣା ନିର୍ବାଚନ ମଣ୍ଡଳୀକୁ ଭାଜପାର ଗଡ଼ କୁହାଯାଉଥିଲା। ମାତ୍ର ଦଳୀୟ ଅନ୍ତର୍ଘାତୀ କାର୍ଯ୍ୟ ଓ ଗୋଷ୍ଠୀ କନ୍ଦଳ ଭାଜପାର ବିଜୟ ପଥରେ ଅନ୍ତରାୟ ସୃଷ୍ଟି କରୁଛି। ଏଠାରେ ୨୦୧୯ ନିର୍ବାଚନ ସମୟରେ ଭାଜପା ୨ ଗୋଷ୍ଠୀରେ ବିଭକ୍ତ ହୋଇଯାଇଥିଲା। ଯାହା ସେଥର ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ଚଳିତ ନିର୍ବାଚନରେ ପୁଣି ଅଖିଳଙ୍କ ବିରୋଧୀ ଗୋଷ୍ଠୀ ପ୍ରତିବାଦ ଆରମ୍ଭ କରିସାରିଲେଣି। ତାଙ୍କ ପ୍ରାର୍ଥିତ୍ୱ ପରିବର୍ତ୍ତନ ଦାବିରେ ଜିଲା କାର୍ଯ୍ୟାଳୟରେ ହୋ ହଲ୍ଲା କରିଛନ୍ତି। ଦଳର ରାଜ୍ୟସ୍ତରୀୟ ନେତୃବୃନ୍ଦ କନ୍ଦଳକୁ ପ୍ରଶମିତ ନ କଲେ ୨୦୧୯ ପରି ଦଶା ଭୋଗିବାକୁ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ବିଜେଡି ପକ୍ଷରୁ ବିଧାୟକ ଜଗନ୍ନାଥ ନାଏକଙ୍କୁ ଦଳ ପୁଣି ଭରସା କରିଛି। ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ଥିଲେ ବି ଦଳର ସୁପ୍ରିମୋଙ୍କ ଭୟରେ ତାହା ପଦାକୁ ଆସୁ ନ ଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ପକ୍ଷରୁ ଦଳର ହାଇକମାଣ୍ଡ ପୂର୍ବତନ ବିଧାୟକ ହୃଷୀକେଶ ନାଏକଙ୍କ ପ୍ରାର୍ଥିତ୍ୱରେ ମୋହର ମାରିଛନ୍ତି। ହୃଷୀକେଶଙ୍କୁ କଂଗ୍ରେସର ଏକ ଗୋଷ୍ଠୀ ଟିକେଟ ପାଇବା ପୂର୍ବରୁ ବିରୋଧ କରି ଆସୁଥିଲେ ହେଁ ଏବେ ଉକ୍ତ ଗୋଷ୍ଠୀ ସୁପ୍ତ ଆଗ୍ନେୟଗିରି ଭଳି ରହିଛି। କେଉଁ ସମୟରେ ବିସ୍ଫୋରକ ରୂପ ନେବ ତାହା କହିହେବ ନାହିଁ। ୩ ପ୍ରମୁଖ ଦଳରେ ଆଭ୍ୟନ୍ତରୀଣ କନ୍ଦଳ ଊଣା ଅଧିକେ ରହିଥିଲେ ହେଁ ମ୍ୟାନେଜମେଣ୍ଟ ଉପରେ ସବୁ କିଛି ନିର୍ଭର କରୁଛି। ଏଠାରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ଇଂ. ଦୀପକ ନାୟକଙ୍କ ନାମ ଘୋଷଣା କରାଯାଇଛି। ତେବେ ବିଜେଡି ସହ ପ୍ରମୁଖ ବିରୋଧୀ ଦଳ ଭାଜପା ମଧ୍ୟରେ ଟକ୍କର ହେବ ବୋଲି କୁହାଯାଉଛି। ଅପରପକ୍ଷେ ୫ ଥର ବିଧାୟକ ହୋଇଥିବା ଅନୁଭବୀ ନେତା ହୃଷୀକେଶଙ୍କୁ କଂଗ୍ରେସ ଟିକେଟ ଦେଇ ବାଜିମାତ ଲକ୍ଷ୍ୟ ମଧ୍ୟ ରଖିଛି।

# ସହଜରେ ଅଧିକ ଟଙ୍କା ଉଠାଇପାରିବେ ହିତାଧିକାରୀ

## ବଦଳିଲା ଇପିଏଫ୍‌ଓ ନିୟମ



ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫ୍‌ଓ) କୋଟି କୋଟି ଗ୍ରାହକଙ୍କୁ ଆଶ୍ୱସ୍ତିକର ଖବର ଦେଇଛି। ଇପିଏଫ୍‌ଓରୁ ଟଙ୍କା ଉଠାଣ ନିୟମରେ କିଛି ନୂତନ ପରିବର୍ତ୍ତନ କରାଯାଇଛି। ଏହା ସହ ଚିକିତ୍ସା ପାଇଁ ପିଏଫ୍‌ରୁ ଟଙ୍କା ଉଠାଇବା ସହଜ ହୋଇଯାଇଛି। ବର୍ତ୍ତମାନ ଚିକିତ୍ସା ଆବଶ୍ୟକ ହେଲେ ହିତାଧିକାରୀମାନେ ସହଜରେ ଅଧିକ ଟଙ୍କା ଉଠାଇପାରିବେ। ଇପିଏଫ୍‌ଓର ଏହି ପରିବର୍ତ୍ତନ ଅନୁଚ୍ଛେଦ ୬୮ଜେ ଅନୁଯାୟୀ, ଅଟୋ କ୍ଲେମ୍ ପ୍ରୋସେସିଂ ପରିମାଣ ପ୍ରସଙ୍ଗରେ ଏକ ସର୍କୁଲାର ଜାରି କରିଛି। ସର୍କୁଲାରରେ କୁହାଯାଇଛି, ପୂର୍ବରୁ ଅନୁଚ୍ଛେଦ ୬୮ଜେ ଅନୁଯାୟୀ ପିଏଫ୍‌ରୁ ଟଙ୍କା ଉଠାଣ ୫୦ ହଜାର ଟଙ୍କାରେ ସୀମିତ ଥିଲା। ବର୍ତ୍ତମାନ ଏହାକୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ବର୍ତ୍ତମାନ ଯଦି କୌଣସି ଇପିଏଫ୍‌ଓ ଗ୍ରାହକ ଚିକିତ୍ସା ପାଇଁ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା ଉଠାଣ ପାଇଁ ଆବେଦନ କରନ୍ତି, ତେବେ ଏହାର ପ୍ରକ୍ରିୟାକରଣ ଅଟୋ ମୋଡ୍‌ରେ କରାଯିବ। ପୂର୍ବରୁ ଅଟୋ ପ୍ରକ୍ରିୟାକରଣର ସୁବିଧା କେବଳ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୀମିତ ଥିଲା। ବର୍ତ୍ତମାନ ଇପିଏଫ୍‌ଓ ଗ୍ରାହକମାନେ ଚିକିତ୍ସା ଆବଶ୍ୟକତା ପାଇଁ ସହଜରେ ଅଧିକ ଟଙ୍କା ଉଠାଇପାରିବେ ବୋଲି ଆଶା ରଖିଛନ୍ତି। ଇପିଏଫ୍‌ଓ ଘରୋଇ ବା ବେସରକାରୀ ଅନୁଷ୍ଠାନଗୁଡ଼ିକର କୋଟି କୋଟି କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ପାଣ୍ଠି ପରିଚାଳନା କରେ, ଯେଉଁଥିରେ ଇପିଏଫ୍ ଏବଂ ଇପିଏସ୍ ଆଦି ରହିଛି। ପିଏଫ୍‌ରେ ଜମା ରଖୁଥିବା ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଆବଶ୍ୟକତା ସ୍ଥଳେ ଟଙ୍କା ଉଠାଇବା ସୁବିଧା ପାଆନ୍ତି। ଜଣେ କର୍ମଚାରୀ କୌଣସି କାରଣରୁ ହଠାତ୍ ରୋଜଗାର ହରାଇଲେ ଫର୍ମ -୧୯ ଅନୁଯାୟୀ ଆବେଦନ କରି ପିଏଫ୍‌ରୁ ଟଙ୍କା ଉଠାଇପାରିବେ। ଚାକିରି ଛାଡ଼ିବା ବ୍ୟତୀତ କର୍ମଚାରୀମାନେ ଘର କିଣିବା, ଘର ନିର୍ମାଣ, ଘର ମରାମତି, ବିବାହ, ପିଲାମାନଙ୍କର ଶିକ୍ଷା ଇତ୍ୟାଦି ଆବଶ୍ୟକତା ପାଇଁ ଏଥିରୁ ଟଙ୍କା ଉଠାଇବାର ସୁବିଧା ମଧ୍ୟ ପାଇଥା'ନ୍ତି। ସେହିପରି ନିଜେ କିମ୍ବା ନିର୍ଭରଶୀଳଙ୍କ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଟଙ୍କା ଉଠାଇପାରିବେ। ଏଥିପାଇଁ ଅନୁଚ୍ଛେଦ ୬୮ଜେ ଅନୁଯାୟୀ ପିଏଫ୍‌ରୁ ଅଗ୍ରିମ ପ୍ରତ୍ୟାହାର କରାଯାଇପାରିବ। ଏଥିରେ ଯଦି ଗ୍ରାହକ କିମ୍ବା ନିର୍ଭରଶୀଳ ୧ ମାସରୁ ଅଧିକ ସମୟ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି କିମ୍ବା ଯକ୍ଷ୍ମା, କୁଷ୍ଠ, ପକ୍ଷାଘାତ, କର୍କଟ, ମାନସିକ ରୋଗ, ହୃଦ୍‌ଘାତ ଇତ୍ୟାଦିରେ ପୀଡ଼ିତ ତେବେ ୬୮ଜେ ଅଧୀନରେ ଟଙ୍କା ଉଠାଇବା ପାଇଁ ଆବେଦନ କରିପାରିବେ।

## ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୧୮।୪

କ୍ରମାଗତ ୨ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୫୫(୪୫୪.୬୯) ପଏଣ୍ଟ କମି ୭୨,୪୮୯(୭୨,୪୮୮.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୨(୧୫୨.୦୫)ପଏଣ୍ଟ ହ୍ରାସ ଘଟି ୨୧,୯୯୬(୨୧,୯୯୫.୮୫)ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ହୋଇଛି।

## ଆଜିଠାରୁ ଭିଆଇଟି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୮।୪ (ଅଭୟ ଦାଶ)

VIT Vellore Institute of Technology (Deemed to be University under section 3 of UGC Act, 1956)

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଭିଆଇଟି)ର ବହୁ ପ୍ରତୀକ୍ଷିତ 'ଦି ଭିଆଇଟି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା (ଭିଆଇଟି ଇଞ୍ଜିନିୟରିଂ ଏଣ୍ଟ୍ରାନ୍ସ ଏକ୍‌ଜାମ ବା ଭିଆଇଟିଇଇ) ୨୦୨୪ ଏପ୍ରିଲ ୧୯ରୁ ଆରମ୍ଭ ହେଉଛି। ଏପରିକି ଭାରତର ୧୨୫ ସହର ଏବଂ ବିଦେଶର ୬ ସହରରେ ଏହି ପ୍ରବେଶିକା ପରୀକ୍ଷା ମଧ୍ୟ ସମାନ ଅବଧି ମଧ୍ୟରେ ଆୟୋଜନ କରାଯାଉଛି। ବିଶେଷକରି ବି.ଟେକ୍ ଆଡମିଶନ ପାଇଁ ଭିଆଇଟି ଦ୍ୱାରା କରାଯାଇଥିବା ପ୍ରବେଶିକା ପରୀକ୍ଷା ଭିଆଇଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଯଥା ଭିଆଇଟି ଭେଲୋର, ଭିଆଇଟି ଚେନ୍ନାଇ, ଭିଆଇଟି ଆନ୍ଧ୍ରପ୍ରଦେଶ (ଏପି-ଅମରାବତୀ) ଏବଂ ଭିଆଇଟି ଭୋପାଳରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା କରାଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଏପ୍ରିଲ୍ ୧୯ରୁ ୩୦ତାରିଖ ପର୍ଯ୍ୟନ୍ତ ଭାରତର ୧୨୫ ସହର ଏବଂ ବିଦେଶର ୬ ସହରରେ ଏହି ପ୍ରବେଶିକା ପରୀକ୍ଷା (ପ୍ରୋକ୍ଟେଡ୍ କମ୍ପ୍ୟୁଟର ଆଧାରିତ ପରୀକ୍ଷା) କେନ୍ଦ୍ର ଭାବେ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ବିଦେଶର ଦୁବାଇ,ମସ୍କାଟ,କାତାର,କୁଏଟ୍,ସିଙ୍ଗାପୁର ଏବଂ କୁଆଲାଲମ୍ପୁର ସହରରେ ଭିଆଇଟି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା କେନ୍ଦ୍ର କରାଯାଇଛି। ଭାରତର ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଆଶାୟୀ ଆବେଦନକାରୀମାନେ ଭିଆଇଟିଇଇ-୨୦୨୪ରେ ଅଂଶଗ୍ରହଣ କରିପାରିବେ। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ ୨୦୨୪ ମେ ୩ରେ ଭିଆଇଟିର ଅଫିସିଆଲ ୱେବ୍‌ସାଇଟ www.vit.ac.inରେ ଉପଲବ୍ଧ ହେବ ଏବଂ ସେହିଦିନ ଅନ୍‌ଲାଇନ କାଉନସେଲିଂ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ।

## କଗ୍ନିଜାଣ୍ଟକୁ ଶ୍ରେଷ୍ଠ ନିଯୁକ୍ତିଦାତା ମାନ୍ୟତା

ଭୁବନେଶ୍ୱର,୧୮।୪

ଦେଶର ପ୍ରମୁଖ ତଥା ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ 'କଗ୍ନିଜାଣ୍ଟ'କୁ ନିକଟରେ ଶ୍ରେଷ୍ଠ ନିଯୁକ୍ତିଦାତାର ମାନ୍ୟତା ଓ ସମ୍ମାନ ପ୍ରଦାନ କରାଯାଇଛି। ଲିଙ୍କ୍‌ଡିନ ପକ୍ଷରୁ ଘରୋଇ ବଜାରରେ ଶ୍ରେଷ୍ଠ ନିଯୁକ୍ତିଦାତା ଓ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଆଇଟି କମ୍ପାନୀଗୁଡ଼ିକର ତାଲିକା ପ୍ରକାଶ କରାଯାଇଛି। ୨୦୨୪ରେ ଘରୋଇ ବଜାର ଶ୍ରେଷ୍ଠ ୨୫ ନିଯୁକ୍ତିଦାତା (କମ୍ପାନୀ)ଙ୍କ ମଧ୍ୟରେ କଗ୍ନିଜାଣ୍ଟ ୩ୟ ସ୍ଥାନରେ ରହିଛି। ଆସୋସିଏଟ୍ ଅଭିଜ୍ଞତାକୁ ପ୍ରାଧାନ୍ୟ ଦେବା, ଦକ୍ଷତାରେ ଅଗ୍ରଗତି, କ୍ୟାରିୟର ଅଭିବୃଦ୍ଧିକୁ ସୁଗମ କରିବା ପାଇଁ କଗ୍ନିଜାଣ୍ଟ ଉଲ୍ଲେଖନୀୟ ସଫଳତା ଲାଭ ସହ ସଂସ୍ଥାର ପ୍ରତିବଦ୍ଧତାକୁ ଦର୍ଶାଇଛି। କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍ କହିଛନ୍ତି, ଏହି ପ୍ରଶଂସା ଆମ ସହଯୋଗୀମାନଙ୍କ ନିରନ୍ତର ନିଷ୍ଠାର ପ୍ରତିଫଳନକୁ ଦର୍ଶାଉଛି। ଆମ ଟିମ୍ ସାରା ଭାରତରେ ଦକ୍ଷତା, ଅଭିବୃଦ୍ଧି ଓ ନବସୃଜନ ପାଇଁ ସୁଯୋଗ ପାଇଥାନ୍ତି। ବିଶେଷକରି ଆମେ କେବଳ କ୍ୟାରିୟର ଗଠନକରି ନ ଥାଉ ବରଂ ୮ଟି ସ୍ତମ୍ଭ ଉପରେ ଆଧାରକରି ଭାରତର ଶ୍ରେଷ୍ଠ ୨୫ କମ୍ପାନୀ ମଧ୍ୟରେ ଆଗକୁ ବଢ଼ିବାର କ୍ଷମତା, ଦକ୍ଷତା ବୃଦ୍ଧି, କମ୍ପାନୀର ସ୍ଥିରତା, ବାହ୍ୟ ସୁଯୋଗ, ଲିଙ୍ଗ ବିବିଧତା ପ୍ରଭୃତି ଉପରେ ବିକାଶ କରିଛୁ। ଗତବର୍ଷ କଗ୍ନିଜାଣ୍ଟ ବିଶ୍ୱର ୯୦% କର୍ମଦକ୍ଷତା ବୃଦ୍ଧି କାର୍ଯ୍ୟରେ ସହଯୋଗ କରିଥିଲାବେଳେ ପ୍ରାୟ ୨,୭୦,୦୦୦ ସହଯୋଗୀ ନୂଆ ଦକ୍ଷତା କୌଶଳ ଶିକ୍ଷା ଓ ଦକ୍ଷତା ହାସଲ କରିଥିଲେ। ୮୮,୦୦୦ ଏଆଇ ଓ ଜେନେରେଟିଭ ଏଆଇ ପାଠ୍ୟକ୍ରମ ସମାପ୍ତ କରିଥିଲେ। ଏହା ସହ କମ୍ପାନୀ କ୍ୟାରିୟର ଅଭିବୃଦ୍ଧି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୩୦,୦୦୦ କର୍ମଚାରୀଙ୍କୁ ବିଭିନ୍ନ ଭୂମିକାରେ ପଦୋନ୍ନତି ମିଳିଥିଲାବେଳେ ବେଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ-ଏନ୍‌ସିଆର୍, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲକାତା, ମାଙ୍ଗାଲୁରୁ, ମୁମ୍ବାଇ ଏବଂ ପୁଣେ ସମେତ ସାରା ଭାରତରେ କଗ୍ନିଜାଣ୍ଟର ସୁବିଧା କେନ୍ଦ୍ର ରହିଛି।

## ହୋଣ୍ଡାର ନୂତନ ସିକେଡି ଇଞ୍ଜିନ ଆସେମ୍ବ୍ଲି ଲାଇନ

ଭୁବନେଶ୍ୱର,୧୮।୪



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡ୍‌ର ନୂତନ କମ୍ପ୍ଲିଟଲି ନକ୍ ଡାଉନ୍ ବା ସିକେଡି ଇଞ୍ଜିନ୍ ଆସେମ୍ବ୍ଲି ଲାଇନ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ହରିୟାଣାସ୍ଥିତ ମାନେସର ଗ୍ଲୋବାଲ ରିସୋର୍ସ ଫ୍ୟାକ୍ଟ୍ରିରେ ଏହି ୟୁନିଟ୍ ତଥା ନୂତନ ଅତ୍ୟାଧୁନିକ ଷ୍ଟେଟ୍-ଅଫ୍-ଆର୍ଟ ଇଞ୍ଜିନ ଆସେମ୍ବ୍ଲି ଲାଇନ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ବିଶେଷକରି ଏହି ନୂତନ ଆସେମ୍ବଲି ଲାଇନ ପ୍ରତିଦିନ ୬୦୦ ଇଞ୍ଜିନ୍ ଉତ୍ପାଦନ କରିବା ସହ ୧୧୦ସିସିରୁ ୩୦୦ସିସି ପର୍ଯ୍ୟନ୍ତ ବିଭିନ୍ନ ମଡେଲଗୁଡିକର ଇଞ୍ଜିନ ଉତ୍ପାଦନ ପାଇଁ ଉକ୍ତ ୟୁନିଟ୍ ପ୍ରସ୍ତୁତ ହୋଇଛି। ଏହା ସମଗ୍ର ବିଶ୍ୱରେ ଗ୍ରାହକଙ୍କ ବିଭିନ୍ନ ଆବଶ୍ୟକତା ଏବଂ ପସନ୍ଦକୁ ପୂରଣ କରିବ। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁତ୍ସୁମ ଓଟାନି କହିଛନ୍ତି, ଆମର ଗ୍ଲୋବାଲ ରିସୋର୍ସ ଫ୍ୟାକ୍ଟ୍ରି ମାନେସରରେ ସିକେଡି ରପ୍ତାନି ପାଇଁ ଆମେ ଏକ ନୂତନ ଇଞ୍ଜିନ ଆସେମ୍ବ୍ଲି ଲାଇନ ସ୍ଥାପନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଶିଳ୍ପରେ ଆମର ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସହ ନିରନ୍ତର ପ୍ରୟାସ ଜରି ରହିଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇ ତା'ର ରପ୍ତାନି କ୍ଷମତାକୁ ବୃଦ୍ଧି କରିବା ସହିତ ବଜାର ବିସ୍ତାରରେ ମଧ୍ୟ ନୂତନ ଶିଖର ଏବଂ ବିଶ୍ୱର ଗୁଣାତ୍ମକ ମାନକୁ ଅନୁପାଳନ କରୁଛି। ଉଲ୍ଲେଖଯୋଗ୍ୟ ୨୦୦୧ରେ 'ଆକ୍ଟିଭା'ପ୍ରଥମ ଜନ ଉତ୍ପାଦନ ମଡେଲ ଭାବେ ପ୍ରତିଷ୍ଠିତ ହୋଇଥିଲା, ଯାହା ଦେଶରେ ହୋଣ୍ଡାର ପ୍ରଥମ ୨ଚକିଆ ଉତ୍ପାଦନ ଭାବେ ଉପଭୋକ୍ତାଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା। ବର୍ଷ ବର୍ଷ ଧରି ହୋଣ୍ଡା ଏକ ଗୁରୁତ୍ୱପୂର୍ଣ୍ଣ ରପ୍ତାନି ହବ୍‌ରେ ପରିଣତ ହୋଇ ବିଶ୍ୱ ଅଟୋମୋବାଇଲ୍ ଦୃଶ୍ୟପଟରେ ଭାରତର ପ୍ରମୁଖ ସଂସ୍ଥା ଭାବରେ ଭାରତର ସ୍ଥିତିକୁ ଯଥେଷ୍ଟ ଅବଦାନ ଦେଇଛି।

## ଗୁଣାତ୍ମକ ଉତ୍ପାଦର ସର୍ବୋତ୍ତମ ବିକ୍ରୟ ସୁଯୋଗ

ଭୁବନେଶ୍ୱର,୧୮।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆର୍‌ୟା ଓମ୍‌ନିଟକ୍ ଏବଂ ମୋଟୋରୋଲା ସଲ୍ୟୁଶନ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା (ପାର୍ଟନରଶିପ) ନିକଟରେ ହୋଇଯାଇଛି। ବିଶେଷକରି ଘରୋଇ ବଜାର(ଭାରତ)ରେ ବୃତ୍ତିଗତ ଏବଂ ବାଣିଜ୍ୟିକ ରେଡିଅସ୍ ବଣ୍ଟନ ପାଇଁ ଉଭୟ କମ୍ପାନୀ ମଧ୍ୟରେ ଉକ୍ତ ସହଭାଗିତା ହୋଇଛି। ଏହା ଜରିଆରେ ଆର୍‌ୟା ଓମ୍‌ନିଟକ୍ କେବଳ ମୋଟୋରୋଲା ସଲ୍ୟୁଶନର ମୋଟୋଟ୍ରୋବ୍ ପୋର୍ଟଫୋଲିଓ ଆଣ୍ଡ ପ୍ରଡକ୍ଟସ ବଣ୍ଟନ କରିବ। ଏହା ସହିତ ୱେଭ ପିଟିଏକ୍ସ ଏବଂ ଆନୁଷଙ୍ଗିକ ସେବା ପ୍ରଦାନ ମଧ୍ୟ ଜାରି ରଖିବ। ଏ ସମ୍ପର୍କରେ ଆର୍‌ୟା ଓମ୍‌ନିଟକ୍‌ର ସିଇଓ ପାରେଶ ସେଙ୍ଗୀ କହିଛନ୍ତି, ଆମେମାନେ ମୋଟୋରୋଲା ସଲ୍ୟୁଶନ ସହିତ ଆମର ନିରନ୍ତର ସହଭାଗିତା ଘୋଷଣା କରି ବେଶ୍ ଆନନ୍ଦିତ ଅଛୁ। ଏପରିକି ଆମେ ବ୍ରାଣ୍ଡ୍ ଏବଂ ଗ୍ରାହକଙ୍କ ସହିତ ବର୍ଷ ବର୍ଷ ଧରି ନିର୍ମାଣ କରିଥିବା ବିଶ୍ୱାସକୁ ଦୃଢ଼ କରିବାକୁ ଆଗ୍ରହୀ ରହୁଛୁ। ଏପରିକି ଏହି ସ୍ୱତନ୍ତ୍ର ସହଭାଗିତା ଆମକୁ ଭାରତରେ ଗୁଣାତ୍ମକ ଉତ୍ପାଦଗୁଡ଼ିକର ସର୍ବୋତ୍ତମ ବିକ୍ରୟ କରିବାର ସୁଯୋଗ ପ୍ରଦାନ କରିବ। ସେହିଭଳି ଏହି ସେବାଗୁଡିକ ମ୍ୟୁନିସିପାଲ କର୍ପୋରେଶନ ,ଉତ୍ପାଦନ, ସୁରକ୍ଷା, ତୈଳ ଏବଂ ଗ୍ୟାସ୍, ପରିବହନ ଏବଂ ଲଜିଷ୍ଟିକ୍ସ, ଗୋଦାମ ଘର, ଶିକ୍ଷାନୁଷ୍ଠାନ, ଆଇଟି,ଆତିଥେୟତା, ଡାକ୍ତରଖାନା, ଦୂତାବାସ, ଖଣି ଏବଂ ନିର୍ମାଣ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକୁ ପୂରଣ କରିଥାଏ। ଉଲ୍ଲେଖଯୋଗ୍ୟ ଦେଶର ୨ଟି ଅଗ୍ରଣୀ ବ୍ୟବସାୟିକ ପ୍ରତିଷ୍ଠାନ ଅରବିନ୍ଦ ଲିମିଟେଡ୍ ଏବଂ ଜେଏମ୍ ବକ୍ସି ଗ୍ରୁପ୍‌ର ମିଳିତ ଉଦ୍ୟମରେ ଆର୍‌ୟା ଓମ୍‌ନିଟକ୍‌ର ଶୁଭାରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ଆର୍‌ୟା ଓମ୍‌ନିଟକ୍ ତିନୋଟି ବ୍ୟବସାୟିକ ବିଭାଗ ପରିଚାଳନା କରୁଛି, ଯଥା ଶେୟାର ମୋବାଇଲ୍ ରେଡିଓ ସର୍ଭିସେସ୍, ଜିପିଏସ୍ ବେସ୍‌ଡ ଫ୍ଲିଟ୍ ଟ୍ରାକିଂ ଏବଂ ମ୍ୟାନେଜମେଣ୍ଟ ସଲ୍ୟୁଶନ ଏବଂ ଟୋଲ୍ ଆଣ୍ଡ ହାଇୱେ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ସ ଇତ୍ୟାଦି।

**ନୀତି ରାଜନୀତି**

# ମଇଦାନରେ ବିପ୍ଳବ, ସିଦ୍ଧାନ୍ତ, ଶ୍ରୀଧର

ବ୍ରହ୍ମପୁର,୧୮।୪(ଅଶୋକ କୁମାର ସାହୁ)

## ଦିଗପହଣ୍ଡି ବିଧାନସଭା କ୍ଷେତ୍ର


ବିପ୍ଳବ ପାତ୍ର


ସିଦ୍ଧାନ୍ତ ମହାପାତ୍ର


ଶ୍ରୀଧର ଦେବ

ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଦିଗପହଣ୍ଡି ବିଧାନସଭା ଆସନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏଠାରେ ବିଜେଡି ଓ କଂଗ୍ରେସ ୨ ନବାଗତଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପା ଜଣେ ଅଭିଜ୍ଞ ନେତାଙ୍କ ଉପରେ ଭରସା କରିଛି। ତେବେ ନବାଗତ ଅଭିଜ୍ଞଙ୍କ ସହ କିଭଳି ମୁକାବିଲା କରିବେ ତାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଛି।

ଦିଗପହଣ୍ଡି ଏନ୍‌ଏସି ଓ ବ୍ଲକର ୨୫ ପଞ୍ଚାୟତ ଏବଂ କୁକୁଡାଖଣ୍ଡି ବ୍ଲକର ୧୭ ପଞ୍ଚାୟତକୁ ନେଇ ଏହି ବିଧାନସଭା କ୍ଷେତ୍ର ଗଠିତ। ଭୋଟର ସଂଖ୍ୟା ୨,୨୪,୩୯୭। ସେଥିମଧ୍ୟରେ ୧,୧୫, ୧୫୮ ଜଣ ପୁରୁଷ, ୧,୦୯,୨୧୬ ଜଣ ମହିଳା ଓ ୨୩ ଜଣ ତୃତୀୟ ଲିଙ୍ଗୀ ଭୋଟର। ଗତ ୩ଟି ନିର୍ବାଚନରେ ବିଜେଡିର ସୂର୍ଯ୍ୟ ନାରାୟଣ ପାତ୍ର ଏଠାରୁ ଜିତିଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସ ସହ ବିଜେଡିର କଡା ମୁକାବିଲା ହୋଇଥିବାବେଳେ ଗତ ନିର୍ବାଚନରେ ଭାଜପା ଟକ୍କର ଦେଇଥିଲା। କିନ୍ତୁ ଏବେ ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳିଯାଇଛି। ବିଜେଡି ସୂର୍ଯ୍ୟନାରାୟଣଙ୍କ ବିୟୋଗ ପରେ ତାଙ୍କ ପୁଅ ବିପ୍ଳବ ପାତ୍ରଙ୍କୁ ପ୍ରାର୍ଥୀ କରିଛି। ସେହିପରି ଭାଜପା ଦୁଇଥର ବିଜେଡିରୁ ବ୍ରହ୍ମପୁର ଏମ୍‌ପି ହୋଇ କିଛିଦିନ ତଳେ ଦଳରେ ମିଶିଥିବା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଟିକେଟ ଦେଇଛି। ସେପଟେ ବଡ଼ଖେମୁଣ୍ଡି ରାଜ ପରିବାରର ଶ୍ରୀଧର ଦେବଙ୍କୁ କଂଗ୍ରେସ ଟିକେଟ ଦେଇଛି। ଏହି ଆସନ ପାଇଁ ସିପିଆଇ ମଧ୍ୟ ପ୍ରାର୍ଥୀ ଦେବ ବୋଲି ଶୁଣାଯାଉଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବାକୁ କାହ୍ନୁ ଚରଣ ପାତ୍ର ଆବେଦନପତ୍ର ନେଇଥିବା ଜଣାପଡିଛି। ତେବେ ବିପ୍ଳବଙ୍କ ରାଜନୀତିରେ ସେଭଳି ଭୂମିକା ନ ଥିବା ବେଳେ ଅନୁକମ୍ପା ଭୋଟ ଉପରେ ସେ ଭରସା କରିବେ। ଏଥିସହିତ କୁକୁଡାଖଣ୍ଡି ବ୍ଲକ ଚେୟାରମ୍ୟାନ କାମାକ୍ଷା ପ୍ରସାଦ ପାତ୍ର ବିଜେଡି ସମର୍ଥିତ ହୋଇଥିବାରୁ ସରପଞ୍ଚ ଓ ସମିତିସଭ୍ୟମାନେ ବିପ୍ଳବଙ୍କୁ ସାହାଯ୍ୟ କରିପାରନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ସବୁଠୁ ବଡକଥା ହେଲା ଏହି ଆସନ ପାଇଁ ବିଜେଡିରୁ ପ୍ରାର୍ଥୀ ହେବାକୁ ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେ ବିଜେଡି ଛାଡି ଏବେ ଭାଜପାରେ ଅଛନ୍ତି। ବ୍ଲକ ଚେୟାରମ୍ୟାନ ଯମୁନା ନାୟକ ମଧ୍ୟ ଭାଜପାକୁ ଡେଇଁଛନ୍ତି। ଭାଜପା ବିପିନଙ୍କୁ ଅଣଦେଖା କରି ସିଦ୍ଧାନ୍ତ ମହାପାତ୍ରଙ୍କୁ ଟିକେଟ ଦେଇଛି। ତେଣୁ ବିପିନ ଓ ସେମାନଙ୍କ ସମର୍ଥକଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି ରାଜନୈତିକ ମହଲ ବିବେଚନା କରୁଛି। ସେହିପରି କଂଗ୍ରେସରୁ ସାକା ସୁଜିତ କୁମାର ୨୦୧୪ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଥିଲେ। ଚଳିତଥର ସେ ଓ ବୃନ୍ଦାବନ ଖଟେଇ ଆଶାୟୀ ଥିବାବେଳେ କଂଗ୍ରେସ ବଡଖେମୁଣ୍ଡି ରାଜପୁତ୍ର ଶ୍ରୀଧର ଦେବଙ୍କ ଉପରେ ଭରସା କରିଛି। ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ଭାବେ ପ୍ରଫୁଲ୍ଲ ପଣ୍ଡା ଥିବାବେଳେ ତାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଏବେ ସାକା ସୁଜିତଙ୍କ ଅଞ୍ଚଳରେ ପ୍ରଭାବ ଥିବାରୁ ତାଙ୍କ ଭୂମିକା କ'ଣ ହେବ ତାକୁ ନେଇ ରାଜନୈତିକ ମହଲ ଅଙ୍କ ଛିଡୁନି। ଅନ୍ୟପକ୍ଷରେ ସିପିଆଇ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଯଦି ଆବିର୍ଭାବ ହୁଏ ତେବେ ଉକ୍ତ ନିର୍ବାଚନରେ ଭୋଟ ବିଭାଜନ ହୋଇପାରେ ଏଥିରେ ସନ୍ଦେହ ନାହିଁ। ସେହିଭଳି ବିଜେଡି, ଭାଜପା ଓ କଂଗ୍ରେସରେ ପ୍ରଭାବ ଥିଲାଭଳି ନେତାଙ୍କୁ ଟିକେଟ ମିଳି ନ ଥିବାରୁ ଦିଗପହଣ୍ଡି ରାଜନୈତିକ ଚିତ୍ର ଏଥର କ'ଣ ହେବ ସେଥିନେଇ ସବୁଠି ଆଲୋଚନା ହେଉଛି।

## ବିଜେଡି ଛାଡ଼ି ଭାଜପାରେ ପୂର୍ବତନ କେନ୍ଦୁଝର ଜିଲା ସଭାପତି

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

କେନ୍ଦୁଝର ଜିଲା ଯୋଡ଼ା ମ୍ୟୁନିସିପାଲିଟିର ପ୍ରଥମ ଅଧ୍ୟକ୍ଷ, ବିଜେଡିର ପୂର୍ବତନ କେନ୍ଦୁଝର ଜିଲା ସଭାପତି ରବୀନ୍ଦ୍ର କୁମାର ଦାସ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଗୁରୁବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରବୀନ୍ଦ୍ରଙ୍କ ସମେତ ବିଜେଡି ଜିଲା ଉପସଭାପତି ମହେନ୍ଦ୍ର କୁମାର ମହାପାତ୍ର, ସପନ ଦାସଗୁପ୍ତା, ପୂର୍ବତନ କାଉନସିଲର ଶୈଳେନ୍ଦ୍ର ଜୋରା, ମହମ୍ମଦ ବାବୁ ଖାଁ, ରତିକାନ୍ତ ଦାସ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ସମୀର କହିଛନ୍ତି, ରାଜ୍ୟରେ ଖଣି ମାଫିଆଙ୍କ ପ୍ରାଦୁର୍ଭାବ, ଦୁର୍ନୀତିଗ୍ରସ୍ତ ବିଜେଡି ନେତା, ମନ୍ତ୍ରୀ ଓ ସରକାରୀ କର୍ମଚାରୀଙ୍କ ମିଳିତ ସହଯୋଗରେ ଖଣିରୁ ଉତ୍ପନ୍ନ ହେଉଥିବା ଲୁହାପଥର ମାଙ୍ଗାନିଜ, ଆଲୁମିନିୟମ, ବକ୍ସାଇଟ୍ ଇତ୍ୟାଦିରୁ ବ୍ୟାପକ ମାତ୍ରାରେ ଅର୍ଥ ଆଦାୟ ବେଆଇନ ଭାବେ କରାଯାଉଛି। ଓଡ଼ିଶା ଦୁର୍ନୀତି, ଭ୍ରଷ୍ଟାଚାରର ଗନ୍ତାଘର ସାଜିଛି ଏବଂ ରାଜ୍ୟର ଶାସକ ଦଳ ଏହାର ନେତୃତ୍ୱ ନେଉଛି। ଯେଉଁଥିଲାଗି ବିଜେଡି ନେତା, ମନ୍ତ୍ରୀମାନେ ଦଳ ଛାଡ଼ି ଭାଜପାରେ ଯୋଗଦେଉଛନ୍ତି ବୋଲି ସେ କହିଛନ୍ତି।

## କୃଷିଭିତ୍ତିକ ଅର୍ଥନୀତିକୁ ଦେଖି ଯୋଜନା ପ୍ରସ୍ତୁତ ହେବ: ଧର୍ମେନ୍ଦ୍ର

ସମ୍ବଲପୁର,୧୮।୪ (ପ୍ରମୋଦ ବହିଦାର)

ସମ୍ବଲପୁରରେ କୃଷିଭିତ୍ତିକ ଅର୍ଥନୀତିକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ଠେମରାଠାରେ ବୁଧବାର ଆୟୋଜିତ ଏକ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଚାଷୀମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଚାଷୀ ଆତ୍ମନିର୍ଭର ହେଲେ ଆମ ଦେଶ ଆତ୍ମନିର୍ଭର ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଚାଷୀ, ଗରିବ, ମହିଳା ଓ ଯୁବକମାନଙ୍କୁ ପ୍ରାଥମିକତା ଦେଇଆସିଛି। 'ମୋଦି ଗ୍ୟାରେଣ୍ଟି'ରେ ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ଚାଷୀଙ୍କୁ ଆର୍ଥିକ ସହାୟତା, ଧାନର ଏମ୍‌ଏସ୍‌ଏପି ବୃଦ୍ଧି ହୋଇ ଚାଷୀଙ୍କୁ ସଶକ୍ତ କରିଛି। ବର୍ତ୍ତମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ୨୧୮୩ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଭାଜପା କ୍ଷମତାକୁ ଆସିଲେ ଏହା ୩୧୦୦ ଟଙ୍କା କରାଯିବ ବୋଲି ସେ କହିଛନ୍ତି। ଠେମରା ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଥିଲେ ମଧ୍ୟ ଅନେକ ବିକାଶମୂଳକ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରି କି ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର ବିଗତ ୫ବର୍ଷ ମଧ୍ୟରେ ଓଡିଶାକୁ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇସାରିଥିଲେ ମଧ୍ୟ ଠେମରା ଅଞ୍ଚଳକୁ ଜଳ ଯୋଗାଣ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ତେବେ ଆଗାମୀ ଦିନରେ ଏହି ଅଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯାଇ ଏକ ଗ୍ରାମ୍ୟ ଆଧାରିତ ସହରାଞ୍ଚଳରେ ପରିଣତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।


ଠେମେରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ପ୍ରମୁଖ ଦଳରେ ପ୍ରାର୍ଥୀ ପରିବର୍ତ୍ତନ: ବଦଳିପାରେ ସମୀକରଣ

### ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ

ମାଲକାନଗିରି,୧୮।୪ (ଦୁର୍ଯ୍ୟୋଧନ ପାତ୍ର)


ଲକ୍ଷ୍ମୀପ୍ରିୟା ନାୟକ


ଡମ୍ବରୁ ଶିଶା


ମଙ୍ଗୁ ଖିଲ



ଶରତ ଚନ୍ଦ୍ର ବୁରୁଦା


ରଘୁନାଥ ହନ୍ତାଳ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ହେବାପରେ ରାଜନୀତି ସରଗରମ ହୋଇଛି।

ବିଭିନ୍ନ ଦଳ ବର୍ତ୍ତମାନସୁଦ୍ଧା ୫ ଜଣ ପ୍ରାର୍ଥୀ ଦେଇଛନ୍ତି। ସେଥିମଧ୍ୟରୁ ବିଜେଡିରୁ ଲକ୍ଷ୍ମୀପ୍ରିୟା ନାୟକ, ଭାଜପାରୁ ଡମ୍ବରୁ ଶିଶା, କଂଗ୍ରେସରୁ ମଙ୍ଗୁ ଖିଲ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ଏମ୍)ରୁ ରଘୁନାଥ ହନ୍ତାଳ, ଆମ୍ ଆଦ୍‌ମୀ ପାର୍ଟିରୁ ଶରତ ଚନ୍ଦ୍ର ବୁରୁଦାଙ୍କୁ ପାର୍ଟି ଟିକେଟ ଦେଇଛି। ପ୍ରମୁଖ ଦଳଗୁଡିକ ପ୍ରାର୍ଥୀ ପରିବର୍ତ୍ତନ କରିବାରୁ ସମୀକରଣ ବଦଳିବା ସମ୍ଭାବନା ରହିଛି।

ଏମାନେ ନିଜ ନିଜ ଅଞ୍ଚଳର ଦେବଦେବୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରି ପ୍ରଚାର ଚଳାଇଛନ୍ତି। ତେବେ ବିଜୁ ଜନତା ଦଳ ନିମନ୍ତେ ୫ ଜଣ ଆଶାୟୀଙ୍କ ମଧ୍ୟରୁ କାହାକୁ ଟିକେଟ ମିଳିବ ସେଥିପାଇଁ କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ଶେଷ ମୁହୂର୍ତ୍ତରେ ଲକ୍ଷ୍ମୀପ୍ରିୟାଙ୍କୁ ଟିକେଟ ମିଳିଥିଲା। ୨୦୧୯ରେ ଲକ୍ଷ୍ମୀପ୍ରିୟା କଂଗ୍ରେସରୁ ଟିକେଟ ପାଇ ନିଜ ଦାଦା ବିଜୁ ଜନତା ଦଳର ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିଲେ। ତେବେ ବାକା ମୋଟ ୪୧,୧୯୨ ଭୋଟ ପାଇଥିବା ବେଳେ ଝିଆରୀ ଲକ୍ଷ୍ମୀପ୍ରିୟା ୩୮,୬୪୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

୨୦୨୪ ନିର୍ବାଚନରେ ଲକ୍ଷ୍ମୀପ୍ରିୟା ନାୟକ କଂଗ୍ରେସ ତ୍ୟାଗକରି ବିଜେଡିରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇ ପ୍ରଚାର ଆରମ୍ଭ କରିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ଡମ୍ବରୁ ଶିଶା ୨୦୧୪ରେ ବିଧାୟକ ଥିଲା ବେଳେ ୨୦୧୯ରେ ତାଙ୍କୁ ଟିକେଟ ଦିଆଯାଇ ନ ଥିଲା। ୨୦୨୪ରେ ବିଜେଡିରୁ ଟିକେଟ ପାଇବାକୁ ଆଶା ରଖିଥିଲେ ମଧ୍ୟ ନ ମିଳିବାରୁ ସେ ଭାଜପାରେ ଯୋଗଦେଇ ଟିକେଟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ନେତା ଶରତ ବୁରୁଦା ଟିକେଟ ଆଶାୟୀ ଥିଲା ବେଳେ ମଙ୍ଗୁ ଖିଲଙ୍କୁ ଟିକେଟ ଦିଆଯାଇଥିବାରୁ ବୁରୁଦା ଅସନ୍ତୋଷ ପ୍ରକାଶ କରି କଂଗ୍ରେସ ଛାଡ଼ି ଆମ୍ ଆଦ୍‌ମୀ ପାର୍ଟିରେ ଯୋଗଦେଇ ଟିକେଟ ପାଇଛନ୍ତି। ତେବେ ତିନୋଟି ପ୍ରମୁଖ ଦଳ ବ୍ୟତୀତ ଆମ୍ ଆଦ୍‌ମୀ ପାର୍ଟିରେ ବୁରୁଦା ଓ ସିପିଆଇ(ଏମ୍)ର ରଘୁନାଥ ହନ୍ତାଳ ଦଳୀୟ ଟିକେଟ ପାଇ ମଇଦାନକୁ ଓହ୍ଲାଇଥିବା ବେଳେ ଆଗାମୀ ଦିନରେ ଏହି ନିର୍ବାଚନମଣ୍ଡଳୀରେ ଅନେକ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଚର୍ଚ୍ଚାହେଉଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦ୍ୱିତୀୟ ସ୍ଥାନକୁ ଖସିଲେ ଗୁକେଶ

**ଟରଣ୍ଟୋ,୧୮।୪(ପି.ଟି.)**

କାନାଡାରେ ଅନୁଷ୍ଠିତ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ୧୧ ତମ ରାଉଣ୍ଡ ସୁଦ୍ଧା ଭାରତୀୟ ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ଗୁରୁବାର ଟପ୍ ସିଡ୍ ଫାବିଆନୋ କାରୁଆନାଙ୍କ ବିପକ୍ଷରେ ମ୍ୟାଚ୍ ଅମୀମାଂସିତ ରଖିବା ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି ଡି. ଗୁକେଶ । ଆହୁରି ୩ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ୧୭ ବର୍ଷୀୟ ଗୁକେଶ, ଫାବିଆନୋ କାରୁଆନା ଓ ହିକାରୁ ନାକାମୁରା ୬.୫ ପଏଣ୍ଟ ସହ ମିଳିତ ଭାବରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷିଆର ଇଆନ ନେପୋମନିଆଚି ୭.୫ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଗୁରୁବାର ଅନ୍ୟ ୨ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଓ ଭିଦିତ୍ ଗୁଜରାଠୀ ପରାଜିତ ହୋଇଛନ୍ତି। ଶୀର୍ଷ ସ୍ଥାନରେ ଥିବା ଇଆନ ନେପୋମନିଆଚିଙ୍କ ନିକଟରୁ ପରାଜିତ ହୋଇଥିଲେ ଗୁଜରାଠୀ। ଅନ୍ୟପକ୍ଷରେ ହିକାରୁ ନାକାମୁରାଙ୍କ ବିପକ୍ଷ ମ୍ୟାଚ୍ ହାରି ଯାଇଥିଲେ ଆର୍. ପ୍ରଜ୍ଞାନନ୍ଦ। ଭିଦିତ ଗୁଜରାଠୀ ୫ ପଏଣ୍ଟରେ ରହିଥିବା ବେଳେ ପ୍ରଜ୍ଞାନନ୍ଦ ୫.୫ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଫ୍ରାନ୍ସର ଫିରୌଜା ଅଲିରେଜା ଆଜରବୈଜାନର ନିଜତ ଅବସୋଭଙ୍କୁ ପରାସ୍ତ କରିଛନ୍ତି।



ଫାବିଆନୋ କାରୁଆନାଙ୍କ ବିପକ୍ଷରେ ମ୍ୟାଚ୍ ଅବସରରେ ଡି. ଗୁକେଶ।

**କ୍ୟାଣ୍ଡିଡେଟ୍ସ ଚେସ୍**

ମହିଳା ବର୍ଗରେ ଗୁରୁବାର ଦୁଇ ଭାରତୀୟ କୋନେରୁ ହମ୍ପି ଓ ଆର୍. ବୈଶାଳୀ ବିଜୟ ହାସଲ କରିଥିଲେ। ହମ୍ପି ବୁଲଗେରିଆର ନୁର୍ଗିଉଲ ସାଲିମୋଭାଙ୍କୁ ପରାସ୍ତ କରିଥିବା ବେଳେ ବୈଶାଳୀ ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଚକିନାଙ୍କୁ ପରାସ୍ତ କରିଥିଲେ। ଚାଇନାର ଝୋଙ୍ଗି ଟାନ୍ ରୁଷିଆର କାଟେରିନା ଲାଗ୍ନୋଙ୍କୁ ହରାଇ ଶୀର୍ଷ ସ୍ଥାନରେ ରହିଛନ୍ତି। ଦଶମ ରାଉଣ୍ଡ ସୁଦ୍ଧା ଯୁଗ୍ମ ଶୀର୍ଷ ସ୍ଥାନରେ ଥିବା ଅନ୍ୟ ଚାଇନା ଖେଳାଳି ଟିଙ୍ଗଜେଇ ଲି ୟୁକ୍ରେନର ଆନା ମୁଜିଚ୍ୟୁକ୍‌ଙ୍କ ସହିତ ଡ୍ର ରଖି ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି।

# ମୁରଲୀ ଶ୍ରୀଶଙ୍କର ଅଲିମ୍ପିକ୍ସରୁ ବାହାର

**ନୂଆଦିଲ୍ଲୀ, ୧୮।୪ (ପି.ଟି.)**

ଭାରତର ଅଗ୍ରଣୀ ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ପ୍ୟାରିସ ଅଲିମ୍ପିକ୍ସରୁ ବାହାର ହୋଇଯାଇଛନ୍ତି। ଟ୍ରେନିଂ ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଛି। ଫଳରେ ସେ ୨୦୨୪ ସିଜନରେ ସମ୍ପୂର୍ଣ୍ଣ ଉପଲବ୍ଧ ହେବେ ନାହିଁ। ଶ୍ରୀଶଙ୍କର ହେଉଛନ୍ତି ଜଣେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା। ୨୦୨୩ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୮.୩୭ ମିଟର ଜମ୍ପ୍ କରି ଏକ ରୌପ୍ୟ ପଦକ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ୨୫ ବର୍ଷୀୟ ଆଥଲେଟ୍ ପଛକୁ ପଛ ଯଥାକ୍ରମେ ଏପ୍ରିଲ ୨୭ ଓ ମେ' ୧୦ରେ ଶାଙ୍ଘାଇ/ସୁଝୋ ଏବଂ ଦୋହାଠାରେ ଡାଇମଣ୍ଡ ଲିଗ୍ ମିଟିଙ୍ଗ୍ସ ସିଜନ ଆରମ୍ଭ କରିଥାନ୍ତେ। କିନ୍ତୁ ମଙ୍ଗଳବାର ଟ୍ରେନିଂ ବେଳେ ଆଘାତପ୍ରାପ୍ତ ହେବାରୁ ତାଙ୍କ ଅଲିମ୍ପିକ ସ୍ୱପ୍ନର ଅନ୍ତ ଘଟିଛି।

# ନୟାଗଡ଼କୁ ସୁପର ଲିଗ୍ ଯୋଗ୍ୟତା

**ଭୁବନେଶ୍ୱର,୧୮।୪(ସରୋଜ ଜେନା)**

ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁରକୁ ୯୬ ରନ୍‌ରେ ପରାସ୍ତ କରି ସୁପରଲିଗ୍ ଯୋଗ୍ୟତା ହାସଲ କରିଛି ନୟାଗଡ ଦଳ। ଦିଲୀପ ପଣ୍ଡା ୫ ଉଇକେଟ ଅକ୍ତିଆର କରି ସଫଳ ବୋଲର ରହିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ଼ ୩୨ ଓଭରରେ ୬ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଦଳ ପକ୍ଷରୁ ଲୀଳାଧର ପ୍ରଧାନ ୪୯*, ଅଙ୍କିତ ଅରୁଣଭ ୪୧ ଓ ଶିଲନ ନାୟକ ୪୦* ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ଆଶୁତୋଷ ଛୁରିଆ ୩ ଓ ପ୍ରଶାନ୍ତ ଠକ୍କର ୨ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୧୨୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ରାହୁଲ ବିଶ୍ୱକର୍ମା ୪୬ ଓ ପ୍ରଶାନ୍ତ ଠକ୍କର ୨୪ ରନ୍ କରିଥିଲେ। ନୟାଗଡ଼ ପକ୍ଷରୁ ଦିଲୀପ କୁମାର ପଣ୍ଡା ୨୮ ରନ୍‌ରେ ୫ ଉଇକେଟ ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରବଳ ଗ୍ରୀଷ୍ମପ୍ରବାହ ସହ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିବା ନେଇ ପାଣିପାଗ ବିଭାଗ ଆକଳନ କରିଥିବା କାରଣରୁ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ରଖାଯାଇଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ELECTION 2024**
For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500

**ମୁଦ୍ରା ଫାଇନାନ୍ସ**
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
7382841797

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇଣ୍ଡିଆନ ୟୁନିଭର୍ସିଟିର ଚୟନ ଟ୍ରାଏଲ୍ସ ଆରମ୍ଭ

**ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ଓ ଚେସ୍**

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆସନ୍ତା ଜୁନ୍ ୧୦ରୁ ୧୨ ପର୍ଯ୍ୟନ୍ତ ଫ୍ରାନ୍ସର ଏକ୍ସ-ଏନ୍-ପ୍ରୋଭିନ୍ସରେ ଅନୁଷ୍ଠିତ ହେବ। ସେହିପରି ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍ ଉଭାଣ୍ଡାର ଏଣ୍ଟେବେଠାରେ ଜୁନ ୨୫ରୁ ୩୦ ପର୍ଯ୍ୟନ୍ତ ଆୟୋଜନ ହେବ। ଏହି ଦୁଇ ପ୍ରତିଯୋଗିତା ପାଇଁ ଇଣ୍ଡିଆନ ୟୁନିଭର୍ସିଟି ପକ୍ଷରୁ ରଗ୍‌ବୀ ସେଭେନ୍ସ ଓ ଚେସ୍ ଟିମ୍ ଗଠନ (ମହିଳା ଓ ପୁରୁଷ) ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚୟନ ଟ୍ରାଏଲ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ୨୨ ପର୍ଯ୍ୟନ୍ତ ଚାଲିବ। ୩୭ଟି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ରଗ୍‌ବୀ ଓ ୩୦ରୁ ଅଧିକ ଚେସ୍ ଖେଳାଳି ଏହି ଟ୍ରାଏଲରେ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ (ଉତ୍କଳ, କିଟ୍ ଓ କିସ୍) ସାମିଲ। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଉଭୟ କ୍ରୀଡ଼ା ଇଭେଣ୍ଟ ପାଇଁ ଚୟନ କମିଟି ଚେୟାରମ୍ୟାନ ଅଛନ୍ତି। ଚୟନ ଟ୍ରାଏଲରେ ବହୁ ଅନ୍ତର୍ଜାତୀୟ ଖେଳାଳି ସାମିଲ ହୋଇଛନ୍ତି। ଟ୍ରାଏଲ୍ସ ପାଇଁ କିଟ୍‌କୁ ବାଛିଥିବାରୁ ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ)କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି।



ଇଣ୍ଡିଆନ ୟୁନିଭର୍ସିଟି ମହିଳା ରଗ୍‌ବୀ ଦଳ।

**Classified Everyday**
0674-2580101, 2549949



REAL ESTATE

**SALE**

200 gunth land besides Palla Anda Mouza Khordha Tahasil for sale. Contact: 9437100491. D-095

**ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952.** D-75946

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

**ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। Mob- 9827119799.** D-102

Duplex sale at Bhubaneswar @ 57 lakhs only. Contact- 9777433701. D-75945

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75731



FOR RENT

3BHK, Drawing, dining, 3toilets on 3rd floor near Canal Road, Palasuni, Bhubaneswar. Contact - 9337892385. D-76324



Healthcare

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, refresh your body, mind by expert therapist. Contact- 9938843929. D-76114

Newly opened central SPA full-body massage. Trend Therapist. 8456885600. D-75730

**AFFIDAVIT**

I Ashok Mohanty, S/o Late Kasinath Mohanty, resident of Village-ATAMALA, P.O/P.S/ Dist.- Jagatsinghpur, Pin-754103, declare by this affidavit No. 541 Dt.06.04.2024 that now onwards I shall be known as 'ASHOK KUMAR MOHANTY' for all future purposes. D-112

I, Bijayya Kumar Sahoo, S/o-Dharani Dhar Sahoo, At/P.O.- Seegarh, P.S.- Pallahara, Dist.- Angul, Pin- 759119, Odisha declare by this affidavit No.3922, dt.06.12.2023 that now onward I shall be known as Bijaya Kumar Sahoo for all future purpose. D-75530

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

**ମାନ୍ୟବର ସଭ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ**
**(କ୍ୟାମ୍ପ ଅଫିସ୍ ଭୁବନେଶ୍ୱର)**
**ଓ.ଏସ୍.ଏସ୍. କେସ୍ ନଂ. ୨୧୬/୨୦୨୩**

ସପ୍ନା ଶର୍ମା, ସ୍ୱା : ବିମଳ ପ୍ରସାଦ ଶର୍ମା,
୪୭ ଏ, ପ୍ରେଷ୍ଟିଜ୍ ଗ୍ରୀନ୍, ପୋଖରିପୁଟ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା ... ବାଦୀ

**ବନାମ**

୧. ବାନାମ୍ବର ମହାକୁଡ଼, ପି : ଅନନ୍ତ ମହାକୁଡ଼, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୨. ନାରାୟଣ ମହାକୁଡ଼, ପି : ଅନନ୍ତ ମହାକୁଡ, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୩. ଗଣ୍ଡେଇ ବେଓ୍ୱା, ସ୍ୱା : ଦିଗମ୍ବର ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୪. ଅଶେଲି ଦେଈ, ସ୍ୱାମୀ : ଦିବାକର ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୫. ନେତ୍ରାନନ୍ଦ ବେହେରା, ପିତା : ଧ୍ରୁବ ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୭. ସଦାନନ୍ଦ ବେହେରା, ପିତା : କୁବେର ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୧୦. ଚକ୍ରଧର ଦାଶ, ପିତା : ୰ଶଶିଧର ଦାଶ, ପ୍ଲଟ୍ ନଂ. ୬୧୧, ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ୧୧. ନିମାଇଁ ଚରଣ ଦାଶ, ପିତା : ଚୈତନ୍ୟ ଚରଣ ଦାଶ, ପ୍ଲଟ୍ ନଂ : ୬୧୧, ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା .... ପ୍ରତିବାଦୀମାନେ

**ନୋଟିସ**

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମିକୁ ରେଜେଷ୍ଟ୍ରି ଦଲିଲ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପରିଷଦ ସଭ୍ୟଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନ ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ୍ କେସ୍ ଦାୟର କରିଅଛନ୍ତି । ଏହି ରିଭିଜନ୍ କେସ୍ ସମ୍ବନ୍ଧୀୟ ନୋଟିସ୍ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ବିଭିନ୍ନ କାରଣ ଯୋଗୁଁ ଫେରସ୍ତ ଆସିଥିବାରୁ ଆପଣମାନଙ୍କର ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ (ୟୁନିଟ୍ - ୫, କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱରେ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା ୧୧.୦୭.୨୦୨୪ରିଖ ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ଜମିର ବିବରଣୀ**

ମୌଜା : ପଥରଗାଡ଼ିଆ, ତହସିଲ : ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା

| ସାବିକ୍ ଖାତା ନଂ. | ସାବିକ୍ ପ୍ଲଟ୍ ନଂ. | ଦାବି ରକବା | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. |
|---|---|---|---|---|
| ୨୨୦ | ୧୩୯୩/୨୪୬୯ | ଏ୦.୫୦ ଡି. | ୧୧୩୬ | ୬୩୨୨ |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ । ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ ।

D-110 **ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶକ୍ରମେ**

Your classified advertisement published in Dharitri will be listed free in Dharitri online edition: **dharitriepaper.in**

# ଯାଜପୁରରେ ଓସିଏ ସ୍କିଲ୍ ଡେଭଲପ୍‌ମେଣ୍ଟ କ୍ୟାମ୍ପ

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ରାଜ୍ୟରେ କ୍ରିକେଟର ବିକାଶ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ୪୧ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟନ କରାଯାଇଛି। ଏହାର ଅଂଶବିଶେଷ ସ୍ୱରୂପ ଓସିଏ ପକ୍ଷରୁ ଗୁରୁବାରଠାରୁ ସ୍କିଲ୍ ଡେଭଲପମେଣ୍ଟ ଡ୍ରାଇଭ୍ ଆରମ୍ଭ କରାଯାଇଛି। ପ୍ରଥମ ସ୍ଥାନ ଭାବେ ଯାଜପୁରକୁ ବଛାଯାଇଛି। ଓସିଏର ଟେକ୍ନିକାଲ ଡାଇରେକ୍ଟର ଭି. ଭେଙ୍କଟରାମ ଯାଜପୁର ଜିଲାର କୋଚ୍ ଏବଂ ଯୁବ କ୍ରିକେଟରଙ୍କୁ ଟ୍ରେନିଂ ଦେବା ଆରମ୍ଭ କରିଛନ୍ତି। ସ୍କିଲ୍ ଡେଭଲପମେଣ୍ଟ ପ୍ରୋଗ୍ରାମ ମାଧ୍ୟମରେ ଭେଙ୍କଟରାମ ତ୍ରୁଟିଶୂନ୍ୟ ଟେକ୍ନିକ ଉପଯୋଗ ପାଇଁ ଖେଳାଳି ଓ କୋଚ୍‌ଙ୍କୁ ଗାଇଡ୍ କରିବା ସହ ଉଦୀୟମାନ ଖେଳାଳିମାନେ ଯେପରି ଭବିଷ୍ୟତରେ ସଫଳ ହୋଇପାରିବେ ମାର୍ଗଦର୍ଶନ କରିବେ। ଯାଜପୁରରେ ଟ୍ରେନିଂ ଦେବା ପରେ ଭେଙ୍କଟରାମ ଭଦ୍ରକ ଯିବେ। ଯାଜପୁର କ୍ୟାମ୍ପରେ ମୋଟ ୪୦ (୧୫ ମହିଳା, ୨୫ ପୁରୁଷ) କ୍ରିକେଟର ଅଂଶଗ୍ରହଣ କରିଛନ୍ତି। ଯାଜପୁର ଜିଲା କ୍ରିକେଟ ଆସୋସିଏଶନ (ଜେଡିସିଏ) ସହଯୋଗରେ ଏହି କ୍ୟାମ୍ପ ଆୟୋଜନ ହୋଇଛି। ଜେଡିସିଏ ସମ୍ପାଦକ ଜ୍ଞାନଚାନ୍ଦ ଦାସ ଓ ଯାଜପୁର ଜିଲା କ୍ରିକେଟ ଏକାଡେମୀ କୋଚ୍ ସୁମିତ୍ରା ସାହୁ ଏହି କ୍ୟାମ୍ପରେ ଉପସ୍ଥିତ ଅଛନ୍ତି।



ଓସିଏର ଟେକ୍ନିକାଲ ଡାଇରେକ୍ଟର ଭି. ଭେଙ୍କଟରାମ ପ୍ରଶିକ୍ଷଣ ଦେଉଛନ୍ତି।

# ନଜରରେ ରହିବେ ଭିନେଶ ଫୋଗଟ

**ବିଶକେକ୍, ୧୮।୪(ପି.ଟି.)**

ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବ ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସ। ଏଥିରେ ଦୁଇଥର ଅଲିମ୍ପିଆ ଭିନେଶ ଫୋଗଟଙ୍କ ବ୍ୟତୀତ ଅନ୍ୟ ୧୬ଜଣ ଭାରତୀୟ କୁସ୍ତିଯୋଦ୍ଧା ପ୍ୟାରିସ ଗେମ୍ସ ପାଇଁ କୋଟା ସନ୍ଧାନରେ ରହିବେ। ଏଥିରେ ଫ୍ରିଷ୍ଟାଇଲ, ଓମେନ୍ ଓ ଗ୍ରୀକୋରୋମାନ ଆଦି ତିନୋଟି ବିଭାଗରେ ୧୮ଟି ଓଜନ କାଟେଗୋରିରେ ୩୬ଟି କୋଟାର ବ୍ୟବସ୍ଥା ରହିଛି। ଭାରତ କିନ୍ତୁ ସବୁଥର ଗୋଟିଏ ଓଜନ କାଟେଗୋରିରେ ଭାଗ ନେଉଛନ୍ତି। ସର୍ବିଆର ବେଲଗ୍ରେଡଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଅନ୍ତିମ ପଙ୍ଘାଲ (୧୯ବର୍ଷ) ଭାରତ ପାଇଁ ମହିଳା ୫୩କେଜି କାଟେଗୋରିରେ ଇତିମଧ୍ୟରେ କୋଟା ହାସଲ କରିସାରିଛନ୍ତି। ଭାରତୀୟ କୁସ୍ତିଯୋଦ୍ଧାମାନଙ୍କ ମଧ୍ୟରୁ ଭିନେଶ (୫୦କେଜି), ରିତିକା ହୁଦା (୭୬କେଜି), ବର୍ତ୍ତମାନର ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଅଂଶୁ (୫୭କେଜି), ମାନସୀ (୬୨କେଜି) ଓ ନିଶା (୬୮କେଜି) ଶ୍ରେଷ୍ଠ ପ୍ରଦର୍ଶନ ସହ କୋଟା ହାସଲ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ତେବେ ସମସ୍ତଙ୍କ ନଜର ରହିଛି ୨୦୧୮ ଏସିଆନ ଗେମ୍ସ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ଭିନେଶଙ୍କ ଉପରେ। କାରଣ ଜାତୀୟ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଆନ୍ଦୋଳନ କରିଥିବା ଭାରତୀୟ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ପଟିଆଲାଠାରେ ଅନୁଷ୍ଠିତ ୫୩କେଜି ସିଲେକ୍ସନ ଟ୍ରାଏଲ୍ସରେ ସେ ସେମିଫାଇନାଲରୁ ବିଦାୟ ନେଇଥିଲେ। ମାତ୍ର ମାର୍ଚ୍ଚରେ ୫୦ କେଜି କାଟେଗୋରି ନ୍ୟାଶନାଲ ଟ୍ରାଏଲ୍ସରେ ସେ ବିଜୟ ଲାଭ କରିଥିଲେ। ଭଲ ପ୍ରଦର୍ଶନ କରିପାରିଲେ ସେ ତୃତୀୟ ଥର ଅଲିମ୍ପିକ୍ସରେ ଭାଗ ନେବା ସହ ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିପାରିବେ। ପୁରୁଷ ଫ୍ରିଷ୍ଟାଇଲ କାଟେଗୋରିରେ ଅମନ ଶେରାୱତ (୫୭କେଜି) ନଜରରେ ରହିବେ। ନ୍ୟାଶନାଲ ଟ୍ରାଏଲ୍ସରେ ସେ ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ରବି ଦହିୟାଙ୍କୁ ହରାଇ ଦେଇଥିଲେ।

# ଖେଳାଳିଙ୍କ ଅଙ୍ଗୀକାରବଦ୍ଧତା

ଦକ୍ଷିଣ କୋରିଆ ଟେନିସ ତାରକା ସ୍ୟୋଙ୍ଗ-ଚାନ୍ ହଙ୍ଗଙ୍କ ପାଇଁ ଦେଶସେବା ବେଳ ପାଖେଇ ଆସୁଛି। ଦେଶ ପାଇଁ ସେନା ବାହିନୀରେ ଯୋଗଦେଇ ସାମରିକ ଶୃଙ୍ଖଳାର ତାଲିମ ନେବେ ସେ। ସାମରିକ ଶୃଙ୍ଖଳା ତାଲିମ ଗ୍ରହଣ ଦ.କୋରିଆ ଯୁବ ସମୁଦାୟ ପାଇଁ ବାଧ୍ୟତାମୂଳକ। ୧୮ରୁ ୨୮ବର୍ଷ ଯୁବକ ଯେଉଁମାନେ ଶାରୀରିକ ସ୍ତରରେ ଯୋଗ୍ୟ ସେମାନଙ୍କ ପାଇଁ ଏହି ୧୮ମାସିଆ ତାଲିମ। ଅଲିମ୍ପିକ୍ କିମ୍ବା ଏସୀୟ କ୍ରୀଡ଼ାରେ ଦ.କୋରିଆକୁ ସ୍ୱର୍ଣ୍ଣ ପଦକ ଜିତାଉଥିବା ଖେଳାଳିମାନଙ୍କୁ ପୁରସ୍କାର ସ୍ୱରୂପ ଏହି କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି। ହଙ୍ଗ୍ ଯେହେତୁ ଦ.କୋରିଆର ନଂ୧ ଟେନିସ ଖେଳାଳି ସେନା ବାହିନୀ ତାଙ୍କଠାରୁ ଉପକୃତ ହେବ। ଡିସେମ୍ବରରେ ହଙ୍ଗ୍ ସେନା କ୍ୟାମ୍ପରେ ଯୋଗ ଦେବେ। ୨୦୨୪ ବେଙ୍ଗାଲୁରୁ ଓପନ୍ ଚାଲେଞ୍ଜରରେ ସେ ରନରଅପ୍ ହୋଇଥିଲେ। ଫେବୃଆରୀ ୧୮ ଫାଇନାଲରେ ଇଟାଲୀର ଷ୍ଟିଫାନୋ ନାପୋଲିତାନୋଙ୍କଠାରୁ ୫-୪, ୩-୬, ୩-୬ରେ ହାରି ଯାଇଥିଲେ।



ହଙ୍ଗ୍‌ଙ୍କୁ ଏବେ ୨୬ ବର୍ଷ। ଦ.କୋରିଆର ଗାଙ୍ଗୱୋଣ୍ଡୋ ପ୍ରଦେଶରେ ତାଙ୍କ ଘର। ଦ.କୋରିଆ ଜାତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ସନ୍‌ହ୍ୟୁଙ୍ଗ୍- ମିନ୍ ତାଲିମରୁ ମୁକ୍ତି ପାଇଥିଲେ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ା ପୁରୁଷ ବିଭାଗ ଫୁଟବଲରେ ସେ ନିଜ ଦେଶକୁ ଚାମ୍ପିୟନ୍ କରାଇଥିଲେ। ୨୦୨୨ ହାଙ୍ଗଝୌ ଏସୀୟ କ୍ରୀଡ଼ା ଟେନିସର ଉଭୟ ଏକକ ଓ ଯୁଗଳ ବର୍ଗରେ ହଙ୍ଗ୍ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ। ତାଲିମରେ ଦେଢ ବର୍ଷ କଟେଇବା ତାଙ୍କ ଟେନିସ କ୍ୟାରିୟରକୁ ପ୍ରଭାବିତ କରିବ ବୋଲି ସେ ଭାବୁଛନ୍ତି। ତାଙ୍କ ମନ ପସନ୍ଦର କୋର୍ଟଗୁଡ଼ିକ ମଧ୍ୟରେ ପ୍ୟାରିସର ରୋଲାଣ୍ଡ ଗାରୋସ୍ ଅନ୍ୟତମ। ନିଜ ଦେଶ ଛଡ଼ା ଥାଇଲାଣ୍ଡ, ଜାପାନ, ଟ୍ୟୁନିସିଆ, ଭିଏତ୍‌ନାମ ଆଦି ଦେଶରେ ଚାଲେଞ୍ଜର ଟୁର୍ନାମେଣ୍ଟ ଖେଳିଛନ୍ତି। ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ୍ ଖେଳିବାକୁ ତା୍ଙ୍କ ପାଖରେ ସୁଯୋଗ ଅଛି।

# ଭାରତୀୟ ଫୁଟ୍‌ବଲର ସଂକ୍ଷିପ୍ତ ଇତିହାସ



ଅଶୋକ ମହାନ୍ତି

ଏକଦା ଭାରତରେ (୫୦ ଓ ୬୦ ଦଶକ) ଫୁଟବଲର ଲୋକପ୍ରିୟତା ଶୀର୍ଷରେ ଥିଲା। ଭାରତୀୟ ପୁରୁଷ ଫୁଟବଲ ଦଳ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦଳର ମାନ୍ୟତା ପାଉଥିଲା। କିନ୍ତୁ ସମୟ କ୍ରମେ ୭୦ ଦଶକ ପରେ ଭାରତୀୟ ଫୁଟବଲର ପ୍ରଦର୍ଶନ ଅନ୍ତର୍ଜାତୀୟ ସ୍ତରରେ ହ୍ରାସ ପାଇବାକୁ ଲାଗିଲା ଏବଂ ଧୀରେ ଧୀରେ ନିମ୍ନଗାମୀ ହୋଇ ସମ୍ପ୍ରତି ନୈରାଶ୍ୟଜନକ ଭାବେ ବିଶ୍ୱ ମାନ୍ୟତାର ୧୨୧ ସ୍ଥାନରେ ସଂଘର୍ଷ କରୁଛି। ଭାରତୀୟ ଫୁଟବଲ ଉତ୍‌ଥାନ ଓ ପତନର ପ୍ରଥମ ଭାଗ ଗତ କ୍ରୀଡ଼ାଜଗତ ପୃଷ୍ଠାରେ ପ୍ରକାଶ ପାଇ ସାରିଛି। ଏଥିରେ ଭାରତୀୟ ଫୁଟବଲର ଗୌରବମୟ ଅତୀତ ଏବଂ ଅଲିମ୍ପିକ୍ସରେ ଭାରତୀୟ ଫୁଟବଲ୍‌ର ଇତିହାସ ଆଦି ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମଭାଗକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...

## ଏସୀୟ କ୍ରୀଡ଼ା ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାରତ

୧୯୫୧- ପ୍ରଥମ ସଂସ୍କରଣ, ଦିଲ୍ଲୀ: ପ୍ରଥମ ଏସୀୟ କ୍ରୀଡ଼ାରେ ଭାରତୀୟ ଫୁଟବଲ୍ ଦଳ ପ୍ରଖ୍ୟାତ କୋଚ ଅବଦୁଲ୍ ରହିମଙ୍କ ପ୍ରଶିକ୍ଷଣରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିବାର ନିଆରା କୀର୍ତ୍ତିମାନ ସ୍ଥାପନ କରିଥିଲା। ଖ୍ୟାତନାମା ଡିଫେଣ୍ଡର ସୈଲେନ୍ ମାନ୍ନାଙ୍କ ନେତୃତ୍ୱରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆକୁ ୩-୦ ଏବଂ ସେମିଫାଇନାଲରେ ଆଫଗାନିସ୍ତାନକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା। ଦଳର ପ୍ରମୁଖ 'ଷ୍ଟ୍ରାଇକର' ମେୱାଲାଲ୍ ଇଣ୍ଡୋନେସିଆ ବିପକ୍ଷରେ ୨ଟି ଓ ଭେଙ୍କଟେସ୍ ଗୋଟିଏ ଗୋଲ୍ ଦେଇଥିଲେ। ସେମିଫାଇନାଲରେ ମେୱାଲାଲ, ଭେଙ୍କଟେସ ଏବଂ ନନ୍ଦି ଗୋଟିଏ ଲେଖାଏ ଗୋଲ୍ କରିଥିଲେ। ଇରାନ ବିପକ୍ଷ ଫାଇନାଲରେ ମେୱାଲାଲ ଏକ ଦର୍ଶନୀୟ ଭଲି ମାଧ୍ୟମରେ ଏକମାତ୍ର ବିଜୟସୂଚକ ଗୋଲ ଦେଇ ଭାରତକୁ ଏସୀୟ ଚାମ୍ପିୟନ ମୁକୁଟ ପିନ୍ଧାଇଥିଲେ। (ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଭାରତୀୟ ଦଳରେ ଓଡ଼ିଶାର ଅବଦୁଲ ମଜିଦ (ବଚନ) ସଦସ୍ୟ ଥିଲେ (ଆଜି ପର୍ଯ୍ୟନ୍ତ ଏକ ମାତ୍ର ଓଡ଼ିଆ)।

୧୯୫୪ (ମାନିଲା)- ଭାରତୀୟ ଦଳ ଗ୍ରୁପ୍ ପର୍ଯ୍ୟାୟରେ ଇଣ୍ଡୋନେସିଆଠାରୁ ୨ ପଏଣ୍ଟ ପଛରେ ରହି ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇ ପାରି ନ ଥିଲା। ୧୯୫୮ ଟୋକିଓ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଇଣ୍ଡୋନେସିଆ ପାଖରୁ ପରାଜୟ ବରଣ କରି ୪ର୍ଥ ସ୍ଥାନରେ ରହିଥିଲା।

୧୯୬୨- ଜାକର୍ତ୍ତା କ୍ରୀଡ଼ାରେ ଭାରତୀୟ ଦଳରେ ଏକାଧିକ ଦକ୍ଷ ଓ ପ୍ରତିଭାବନ୍ ଖେଳାଳି ସାମିଲ ହୋଇଥିଲେ। କୋଚ୍ ରହିମ୍‌ଙ୍କ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ ଭାରତୀୟ ଦଳକୁ ଏକ ସୁସଙ୍ଗଠିତ ଓ ସନ୍ତୁଳିତ ଦଳ ଭାବେ ଗଢ଼ି ତୋଳିଥିଲେ। ଅଧିନାୟକ ଚୁନି ଗୋସ୍ୱାମୀ, ପି.କେ. ବାନାର୍ଜୀ, ତୁଳସୀଦାସ ବଳରାମ, ୟୁସୁଫ ଖାଁ ଓ ଅରୁମୟାଙ୍ଗମଙ୍କ ଭଳି ବିଚକ୍ଷଣ ସମ୍ମୁଖଭାଗ ଖେଳାଳି, ବିଶ୍ୱସ୍ତରୀୟ ଗୋଲ୍‌ରକ୍ଷକ ପିଟର ଥଙ୍ଗରାଜ ଓ ଅରୁଣ ଘୋଷ, ଜର୍ନେଲ ସିଂଙ୍କ ଭଳି ନିର୍ଭରଯୋଗ୍ୟ



ତୁଳସୀଦାସ ବଳରାମ

ରକ୍ଷଣ ଭାଗ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ଯଦିଓ ପ୍ରାରମ୍ଭିକ ମ୍ୟାଚ୍‌ରେ ଦକ୍ଷିଣକୋରିଆଠାରୁ ପରାସ୍ତ ହୋଇଥିଲା ତଥାପି ପରବର୍ତ୍ତୀ ମ୍ୟାଚ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଥାଇଲାଣ୍ଡ, ଜାପାନ ଓ ସେମିଫାଇନାଲରେ ଭିଏତ୍‌ନାମକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ସେନ୍‌ଜାନ ଷ୍ଟାଡିୟମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମ୍ମୁଖରେ ଭାରତ ପି. କେ. ବାନାର୍ଜୀ ଓ ଜର୍ନେଲ ସିଂଙ୍କ ଗୋଲ ଦ୍ୱାରା ଦକ୍ଷିଣ କୋରିଆକୁ ପରାସ୍ତ କରି ଦ୍ୱିତୀୟ ଓ ଶେଷ ଥର ପାଇଁ ଟାଇଟଲ ହାସଲ କରିଥିଲା। ଏହାପରେ ଭାରତୀୟ ଫୁଟବଲର ପ୍ରଦର୍ଶନ ନିମ୍ନଗାମୀ ହେବାକୁ ଆରମ୍ଭ କରିଥିଲା ଏବଂ ଦୁର୍ଭାଗ୍ୟବଶତଃ ଏପରି ନୈରାଶ୍ୟଜନକ ସ୍ଥିତି ଆଜିପର୍ଯ୍ୟନ୍ତ ଜାରି ରହିଛି। ପରବର୍ତ୍ତୀ ୧୮୬୬ ବ୍ୟାଙ୍କକ୍ କ୍ରୀଡ଼ାରେ ଭାରତୀୟ ଦଳ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିବାରେ ବିଫଳ ହୋଇଥିଲା ବେଳେ ୧୯୭୦ରେ ସେଇ ବ୍ୟାଙ୍କକ୍‌ରେ ଅନୁଷ୍ଠିତ କ୍ରୀଡ଼ାରେ ଭାରତ ବ୍ରୋଞ୍ଜ ପଦକ ମ୍ୟାଚରେ ଜାପାନକୁ (୧-୦) ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଥିଲା ଏବଂ ତାହା ଥିଲା ଏସୀୟ କ୍ରୀଡ଼ା ଫୁଟବଲରେ ପଦକ ବିଜେତା ହେବାର ଶେଷ ପ୍ରୟାସ। ପରେ ପରେ ୧୯୭୪, ୧୯୭୮, ୧୯୮୨ ଏବଂ ୧୯୮୬ରେ ଭାରତର ପ୍ରଦର୍ଶନରେ କୌଣସି ଆଶାନୁରୂପ ସଫଳତା ପରିଲକ୍ଷିତ ହୋଇ ନ ଥିଲା (କେବଳ ୧୯୮୨ ଦିଲ୍ଲୀ କ୍ରୀଡ଼ାରେ ଭାରତ କ୍ୱାର୍ଟର ଫାଇନାଲରେ ସାଉଦିଆରବଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିଲା)। ୧୯୯୦ ଓ ୧୯୯୪ରେ କଲିକତାର ଫୁଟବଲ କ୍ଲବଗୁଡ଼ିକ ତାଙ୍କର ତାରକା ଖେଳାଳିଙ୍କୁ ଭାରତୀୟ ଦଳରେ ସାମିଲ ହେବା ପାଇଁ ଅସହମତ ହେବା କାରଣରୁ ଭାରତୀୟ ଫୁଟବଲ ମହାସଂଘ ସହିତ ବିବାଦ ହୋଇଥିଲା ଏବଂ ଭାରତୀୟ ଦଳ ଏସୀୟ କ୍ରୀଡ଼ାରେ ଭାଗନେବାରୁ ବଞ୍ଚିତ ହୋଇଥିଲା। ଶେଷଥର ପାଇଁ ପାରମ୍ପରିକ ଫର୍ମାଟ୍‌ରେ ଖେଳାଯାଇଥିବା ୧୯୯୮ ବ୍ୟାଙ୍କକ୍ କ୍ରୀଡ଼ାରେ ଭାରତୀୟ ଦଳ ପ୍ରଥମ ରାଉଣ୍ଡରେ ନେପାଳ ବିପକ୍ଷରେ ଏକମାତ୍ର ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ସମସ୍ତ ମ୍ୟାଚ୍ ହାରି ବିଦାୟ ନେଇଥିଲା। ପରବର୍ତ୍ତୀ ଚାରୋଟି କ୍ରୀଡ଼ାରେ ୨୦୦୨ (ବୁସାନ), ୨୦୦୬ (ଗୁଆନଙ୍ଗଝୋ), ୨୦୧୦ (ଦୋହା) ଏବଂ ୨୦୧୪ (ଇଞ୍ଚିଅନ୍)ରେ ଭାରତୀୟ ଦଳର ଦୁର୍ବଳ ପ୍ରଦର୍ଶନ ଜାରି ରହିଥିଲା। ଭାରତୀୟ ଦଳର ଲଗାତର ଦୁର୍ବଳ ପ୍ରଦର୍ଶନ ପାଇଁ ଭାରତୀୟ ଅଲିମ୍ପିକ ସଂଘ ୨୦୧୮ ଜାକର୍ତ୍ତା କ୍ରୀଡ଼ାରେ ଭାରତକୁ ଭାଗନେବାରୁ ବଞ୍ଚିତ କରିଥିଲା। ୨୦୨୩ ହାଙ୍ଗଝୋ କ୍ରୀଡ଼ାରେ ମଧ୍ୟ ଭାରତୀୟ ଦଳକୁ ଭାଗନେବା ପାଇଁ ପ୍ରଥମେ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରି ନ ଥିଲେ। ଦଳଗତ କ୍ରୀଡ଼ାରେ ଏସିଆ ମହାଦେଶରେ ଶ୍ରେଷ୍ଠ ଆଠଟି ଦଳ ମଧ୍ୟରେ ସ୍ଥାନ ପାଇଥିବା ଜାତୀୟ ଦଳମାନଙ୍କୁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ଦେଇଥିବାରୁ ଏସିଆରେ ୧୮ତମ ସ୍ଥାନରେ ଥିବା ଭାରତକୁ ସୁଯୋଗ ମିଳି ନ ଥିଲା। ୨୦୨୩ରେ ଭାରତୀୟ ଫୁଟବଲ ଦଳ ୩ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ (ହିରୋ ତ୍ରିରାଷ୍ଟ୍ରୀୟ, କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟ ଏବଂ ସାଫ୍ ଟୁର୍ନାମେଣ୍ଟର ବିଜେତା) ଉତ୍ତମ ପ୍ରଦର୍ଶନ ଭିତିରେ ଏସୀୟ କ୍ରୀଡ଼ାରେ ଭାଗନେବା ପାଇଁ ଅନୁମତି ଦେବାକୁ ଜାତୀୟ କୋଚ ଇଗର ଷ୍ଟିମାକ୍ କ୍ରୀଡ଼ା ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ଅନୁମତି ମିଳିଲା ପରେ ମଧ୍ୟ ଭାରତୀୟ ଫୁଟବଲ ପରିଚାଳନାରେ ଲାଗି ରହିଥିବା ସମସ୍ୟା ପାଇଁ ୨୨ ଜଣ ମନୋନୀତ ମଧ୍ୟରୁ ୧୧ଜଣ ପ୍ରମୁଖ ଖେଳାଳିଙ୍କୁ ଆଇଏସ୍ ଏଲ ଫ୍ରାଞ୍ଚାଇଜ୍ ମାଲିକମାନେ ଭାରତୀୟ ଦଳରେ ଯୋଗ ଦେବା ପାଇଁ ସୁଯୋଗ ଦେଇ ନ ଥିଲେ। ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଚରମ ଅବ୍ୟବସ୍ଥା ଓ ବିଫଳତା ପଦାରେ ପଡ଼ିଥିଲା ; ଯାହା ଆଶଙ୍କା କରାଯାଉଥିଲା ସେଇଆ ହେଲା। ଭାରତୀୟ ଦଳ ଚାଇନାଠାରୁ ୧-୫ ଏବଂ ସାଉଦିଆରବଠାରୁ ୦-୨ ଗୋଲରେ ହାରି ବିଦାୟ ନେଇଥିଲା।



ପି.କେ.ବାନାର୍ଜୀ,ଚୁନି ଗୋସ୍ୱାମୀ ଓ ସୈଲେନ ମାନ୍ନା।

**ଭାରତୀୟ ଫୁଟ୍‌ବଲ ଉତ୍‌ଥାନ ଓ ପତନର ପ୍ରଥମ ଭାଗ ଗତ କ୍ରୀଡ଼ାଜଗତ ପୃଷ୍ଠାରେ ପ୍ରକାଶ ପାଇ ସାରିଛି। ଏଥିରେ ଭାରତୀୟ ଫୁଟ୍‌ବଲର ଗୌରବମୟ ଅତୀତ ଏବଂ ଅଲିମ୍ପିକ୍ସରେ ଭାରତୀୟ ଫୁଟ୍‌ବଲ୍‌ର ଇତିହାସ ଆଦି ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମଭାଗକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...**

(ଭାଗ-୨)

## ଏଏଫ୍‌ସି ଏସିଆନ କପ୍‌ରେ ଭାରତ

ଏସୀୟ ମହାଦେଶର ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ମହାଦେଶୀୟ ଫୁଟବଲ ଟୁର୍ନାମେଣ୍ଟରେ ମଧ୍ୟ ଭାରତର ପ୍ରଦର୍ଶନ ନିରୁତ୍ସାହଜନକ ରହିଛି। ୧୯୫୬ ମସିହାଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଭାରତ ସମୁଦାୟ ପାଞ୍ଚଥର (୧୯୬୪, ୧୯୮୪, ୨୦୧୧, ୨୦୧୯, ୨୦୨୩) ଭାଗ ନେବାର ସୁଯୋଗ ପାଇଛି। ଇସ୍ରାଏଲରେ ଅନୁଷ୍ଠିତ ୧୯୬୪ ଏସିଆନ୍ କପ୍‌ରେ ରାଜନୈତିକ କାରଣ ପାଇଁ ୧୭ଟି ଦେଶ ଯୋଗ୍ୟତା ପର୍ଯ୍ୟାୟରେ ଖେଳିବାରୁ ଓହରି ଯାଇଥିବା ହେତୁ କେବଳ ୪ଟି ଦେଶ ଭାଗ ନେଇଥିଲେ। ଦକ୍ଷିଣ କୋରିଆ ଓ ହଂକଂ ବିପକ୍ଷରେ ଭାରତ ବିଜୟ ଲାଭ କରିଥିଲେ ମଧ୍ୟ ଫାଇନାଲରେ ଆୟୋଜକ ଇସ୍ରାଏଲଠାରୁ ପରାସ୍ତ ହୋଇଥିଲା। ଏହାଥିଲା ଏସିଆନ୍ କପ୍‌ରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ। କାତାରଠାରେ ଆୟୋଜିତ ୨୦୨୩ ସଂସ୍କରଣରେ ଭାରତ ଗ୍ରୁପ୍-ଡି'ର ବିଜେତା ହୋଇ ଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା। ଭାରତ ଗ୍ରୁପ୍ 'ବି'ରେ ଅଷ୍ଟ୍ରେଲିଆଠାରୁ ୦-୨, ଉଜବେକିସ୍ତାନଠାରୁ ୦-୩ ଏବଂ ସିରିଆ ବିପକ୍ଷରେ ୦-୧ ଗୋଲରେ ପରାସ୍ତ ହୋଇ ବିଦାୟ ନେଇଥିଲା।

ଭାରତ ଫୁଟବଲର ଏପରି ବିପର୍ଯ୍ୟୟ ପାଇଁ ଜାତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍)ର ପରିଚାଳନାରେ ସାଂଘାତିକ ତ୍ରୁଟି ନିଶ୍ଚିତ ଭାବେ ଉତ୍ତରଦାୟୀ ରହିବ। ଭାରତରେ କ୍ରିକେଟ୍ ଖେଳ ଲୋକପ୍ରିୟତାର ଶୀର୍ଷରେ ରହିଥିଲେ ମଧ୍ୟ ଆଜିର ଦିନରେ ଫୁଟବଲକୁ ଦ୍ୱିତୀୟ ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଭାବେ ମାନ୍ୟତା ମିଳିଛି। କିଛି ବର୍ଷଧରି ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍ ଭଳି ପେସାଦାର ଲିଗ୍ ପ୍ରଚଳନ ମାଧ୍ୟମରେ ଫୁଟବଲ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୋଇଛି। କିନ୍ତୁ ଏହା ଦ୍ୱାରା ଜାତୀୟ ଦଳର ପ୍ରଦର୍ଶନରେ ଆଖି ଦୃଶିଆ ଉନ୍ନତି ହେଉନାହିଁ। ତେଣୁ ବର୍ତ୍ତମାନ ଆହ୍ୱାନ ହେଉଛି ଫୁଟବଲ ଖେଳର ପରିଚାଳନାରେ ଅମୂଳଚୂଳ ପରିବର୍ତ୍ତନ।

୧) ବିଶ୍ୱ ଫୁଟବଲରେ ୟୁରୋପୀୟ ଓ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକର ଆଧିପତ୍ୟ ପଛରେ ରହିଛି ସେଇ ଦେଶର ପ୍ରଚଳିତ ଏକ ସୁଦୃଢ଼ କ୍ଲବ୍ ଫୁଟବଲ ସଂସ୍କୃତି। ବିଶ୍ୱସ୍ତରୀୟ ଖେଳାଳିମାନେ ପ୍ରସିଦ୍ଧ ଫୁଟବଲ କ୍ଲବ୍‌ମାନଙ୍କରେ ଖେଳି ତାଙ୍କର ଦକ୍ଷତାକୁ ଶାଣିତ କରି ଦେଶ ପାଇଁ ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥାନ୍ତି। ଭାରତରେ ମଧ୍ୟ ଏପରି ଏକ ସକ୍ଷମ ଓ ସୁଦୃଢ଼ ଫୁଟବଲ କ୍ଲବ ସଂସ୍କୃତି ପ୍ରଚଳନ ହେବା ନିହାତି ଆବଶ୍ୟକ (୫୦ ଓ ୬୦ ଦଶନ୍ଧରେ ଭାରତୀୟ ଫୁଟବଲର 'ମକା' ଭାବେ ପରିଚିତ କଲିକତାର କ୍ଲବଗୁଡ଼ିକରୁ ଶ୍ରେଷ୍ଠ ଖେଳାଳିମାନେ ପ୍ରସ୍ତୁତ ହୋଇ ଭାରତ ପାଇଁ ଖେଳି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିଥିଲେ।)

ii)ଭାରତ ଭଳି ଏକ ବିଶାଳ ଜନସଂଖ୍ୟାର ଦେଶରେ ପର୍ଯ୍ୟାପ୍ତ ଫୁଟବଲ ଏକାଡେମି ସ୍ଥାପନ କରିବାର ଆବଶ୍ୟକତା ରହିଛି ; ଯେଉଁଥିରେ କି ଅତି ଅଳ୍ପ ବୟସ (୬ରୁ ୮ ବର୍ଷ) ପ୍ରତିଭାବାନ ବାଳକ ବାଳିକାମାନଙ୍କୁ ଆଧୁନିକ ଫୁଟବଲ ତାଲିମ ଦେବା ଜରୁରୀ। ସ୍ପେନର ବିଶ୍ୱ ପ୍ରସିଦ୍ଧ ବାର୍ସେଲୋନାସ୍ଥିତ 'ଲା ମାସିଆ' ଏକାଡେମି, ନେଦରଲାଣ୍ଡର ଆମଷ୍ଟରଡାମ ସ୍ଥିତ 'ଆୟାକ୍ସ (Ajax) ୟୁଥ୍ ଏକାଡେମି', କାତାରର 'ଆସ୍ପାୟାର ଏକାଡେମି' ପ୍ରଭୃତିରେ ୬ ବର୍ଷରୁ ୮ ବର୍ଷ ପିଲାମାନଙ୍କୁ ରଖାଯାଇ ପ୍ରଶିକ୍ଷଣ ଦିଆଯାଇଥାଏ। ଏହି ଏକାଡେମିଗୁଡ଼ିକରୁ ବହୁ ବିଶ୍ୱସ୍ତରୀୟ ଖେଳାଳି ତିଆରି ହୋଇ ତାଙ୍କ ଦେଶ ପାଇଁ ଗୌରବ ଆଣିବା ସହିତ ବିଶ୍ୱ ଫୁଟବଲକୁ ମହିମା ମଣ୍ଡିତ କରିଛନ୍ତି। ଆମ ଦେଶରେ ମଧ୍ୟ ଏହିପରି ବିଶ୍ୱସ୍ତରୀୟ ଏକାଡେମି ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି।

## ଗ୍ରେଟ୍



ବିଶ୍ୱ କ୍ରିକେଟରେ ତୃତୀୟ ଖେଳାଳି
ଓଭରରେ ଛଅ ଛକା
କାତାର ବିପକ୍ଷ ମ୍ୟାଚରେ ମାରି
ଗ୍ରେଟ୍ ନେପାଳର ଟୋକା
ଦୀପେନ୍ଦ୍ର ସିଂ ଐରୀ ଏକା
ଏହି ଫର୍ମାଟରେ ଯୁବରାଜ ଆନ୍ଦ୍ରେ
ନାମେ ଅଛି ହିଷ୍ଟ୍ରି ଲେଖା।

ଅଷ୍ଟ୍ରେଲିଆ ହକି ଟେଷ୍ଟ ସିରିଜରେ
ଦୟନୀୟ ପ୍ରଦର୍ଶନ
ଭାରତ କରିଛି ଶୂନ ପାଞ୍ଚରେ
ହ୍ୱାଇଟ ୱାଶ୍ ଲଢ଼ି ଘନ
ହକି ଗ୍ରେଟ୍ ବଟ୍ ଶୂନ
ଦେଶର ଜାତୀୟ
ଖେଳରେ ଭାରତ
ଲୁଜର ରଖିଥା ମନ।

ଫାଷ୍ଟ ଇଣ୍ଡିଆନ
ମହାକାଶ ପର୍ଯ୍ୟଟକ
ଗ୍ରେଟ୍ ଆମ ଗୋପୀ ମୁଣ୍ଡ
ଡ୍ରାଇଭିଂ କରିବା ପୂର୍ବରୁ ବିମାନ
ଉଡ଼ାଣ କରଇ ଷଣ୍ଢ
ବୁଲି ଯା' ଗାଆଁ ଦାଣ୍ଡ
କୋଟିରେ ଗୋଟିଏ ମିଳିବା ମୁସ୍କିଲ
ଏମିତି ବ୍ୟକ୍ତିତ୍ୱ ଧଣ୍ଡ।

-ସୁବାସ ଚନ୍ଦ୍ର ପ୍ରଧାନ

# ଆଶା, ଆଶଙ୍କାରେ ଭାରତୀୟ ମାରାଥନ ଧାବକ

**ଦୁଇ ବର୍ଷ ଭିତରେ ୫ଟି ବଡ଼ ପ୍ରତିଯୋଗିତାରୁ ମିଳିଥିବା ସଫଳତାଗୁଡ଼ିକୁ ବିଶ୍ଳେଷଣ କରାଯାଇ ର୍ୟାଙ୍କିଙ୍ଗ୍ ପଏଣ୍ଟ ପ୍ରଦାନ କରାଯିବ। ଏହି 'ହାରାହାରି ପଏଣ୍ଟ' ନିୟମ ଦେଇ ଗୋପୀ, ଶ୍ରୀନୁ ଓ ଭାରତର ମହିଳା ଚାମ୍ପିୟନ୍ ଅଶ୍ୱିନ୍ ଯାଦବ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି...**



ରମେଶ ସାହୁ

ପ୍ୟାରିସରେ ଜୁଲାଇ ୨୬ରୁ ଅଗଷ୍ଟ ୧୧ଯାଏଁ ୩୩ ତମ ଅଲିମ୍ପିକ୍ସ କ୍ରୀଡ଼ା ଅନୁଷ୍ଠିତ ହେବ। ଏହାର ୨୬. ୨ମାଇଲ ବିଶିଷ୍ଟ ମାରାଥନ୍ ଇଭେଣ୍ଟ ପାଇଁ ଭାରତୀୟ ପ୍ରତିଯୋଗୀ ଆଶଙ୍କାରେ ଗତି କରୁଛନ୍ତି। ଯୋଗ୍ୟତା ପ୍ରଣାଳୀକୁ ନେଇ ଏହି ଆଶଙ୍କା। ପ୍ୟାରିସ ଅଲିମ୍ପିକ୍ ପୁରୁଷ ମାରାଥନ୍ ପାଇଁ ଯୋଗ୍ୟତା ସମୟ ରହିଛି ୨ ଘଣ୍ଟା ୮ ମିନିଟ୍ ୧୦ ସେକେଣ୍ଡ। ମହିଳା ଧାବକଙ୍କ ପାଇଁ ୨, ୨୬, ୫୦ସେକେଣ୍ଡ। ଉଭୟ ପୁରୁଷ ଓ ମହିଳା ବର୍ଗରେ ମୋଟ ୮୦ଜଣ ପ୍ରତିଯୋଗୀ ଭାଗ ନେବେ। ଏଥିରୁ ୬୬ ଜଣ ଯୋଗ୍ୟତା ସମୟ ହାସଲ କରି ସିଧାସଳଖ ପ୍ରବେଶ କରିବେ। ଅବଶିଷ୍ଟ ୧୪ଜଣ ଧାବକ ର୍ୟାଙ୍କିଙ୍ଗ୍ ପଏଣ୍ଟ ଆଧାରରେ ଯୋଗ୍ୟତା ପାଇବେ। ସିଧାସଳଖ ଯୋଗ୍ୟତା ହାସଲ ଭାରତର ଅଗ୍ରଣୀ ଧାବକ ଗୋପୀ ଥନାକଲ୍ ଅବା ଶ୍ରୀନୁ ବୁଗାଥାଙ୍କ ପରି ଅନ୍ତର୍ଜାତୀୟ ପ୍ରତିଯୋଗୀମାନଙ୍କ ପକ୍ଷେ ସହଜସାଧ୍ୟ ନୁହେଁ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ଦୌଡ଼ କୁଦ ମହାସଂଘ ବିଶ୍ୱ ସ୍ତରୀୟ ର୍ୟାଙ୍କିଙ୍ଗ୍ ପଏଣ୍ଟ ସିଷ୍ଟମ୍ ଲାଗୁ କରିଛି। ଅନ୍ତର୍ଜାତୀୟ ମାରାଥନ୍ ରେସ୍‌ଗୁଡ଼ିକୁ ଭିନ୍ନ ଭିନ୍ନ ଶ୍ରେଣୀରେ ଭାଗ କରାଯାଇଛି। ଦୁଇ ବର୍ଷ ଭିତରେ ୫ଟି ବଡ଼ ପ୍ରତିଯୋଗିତାରୁ ମିଳିଥିବା ସଫଳତାଗୁଡ଼ିକୁ ବିଶ୍ଳେଷଣ କରାଯାଇ ର୍ୟାଙ୍କିଙ୍ଗ୍ ପଏଣ୍ଟ ପ୍ରଦାନ କରାଯିବ। ଏହି 'ହାରାହାରି ପଏଣ୍ଟ' ନିୟମ ଦେଇ ଗୋପୀ, ଶ୍ରୀନୁ ଓ ଭାରତର ମହିଳା ଚାମ୍ପିୟନ୍ ଅଶ୍ୱିନ୍ ଯାଦବ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।





ଗୋପୀ ଥନାକଲ୍ ଓ ଶ୍ରୀନୁ ବୁଗାଥା।

ଭାରତରେ ଜାନୁଆରୀ ୬ରୁ ଇତିମଧ୍ୟରେ ଏକାଧିକ ଓପନ୍ ମାରାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସାରିଲାଣି। ସେଗୁଡ଼ିକ ହେଲା ଚେନ୍ନାଇ ଓପନ୍, ମୁମ୍ବାଇ ଓପନ୍ ଓ ନୂଆଦିଲ୍ଲୀ ଓପନ୍ ମାରାଥନ୍। ଗୋପୀ ଥନାକଲ୍ ୨: ୧୪. ୪୦ସେକେଣ୍ଡ ସମୟ ନେଇ ନୂଆଦିଲ୍ଲୀ ମାରାଥନ୍ ଚାମ୍ପିୟନ୍ ହୋଇଥିଲେ। ଗୋପୀ ଓ ଶ୍ରୀନୁ ବୁଗାଥାଙ୍କ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ମାତ୍ର ଏକ ସେକେଣ୍ଡ ପାଇଁ ଶ୍ରୀନୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ସମୟ ଥିଲା ୨: ୧୪. ୪୧ସେକେଣ୍ଡ। ମୁମ୍ବାଇ ମାରାଥନ୍‌ରେ ଶ୍ରୀନୁ କିନ୍ତୁ ଗୋପୀଙ୍କୁ ହରାଇ ବିଜେତା ହୋଇଥିଲେ। ମହିଳା ବର୍ଗରେ ଅଶ୍ୱିନ୍ ମଦନ ଯାଦବ ଚାମ୍ପିୟନ୍ ହୋଇଛନ୍ତି। ୨:୫୨. ୨୫ସେକେଣ୍ଡରେ ସେ ଦୌଡ଼ ପୂରଣ କରିଥିଲେ। ଭାରତରେ ଆହୁରି ଗୋଆ, ବୁଦ୍ଧଗୟା, ଗୁଆହାଟୀ, କୋଲକାତା, ବେଙ୍ଗାଲୁରୁ ଆଦି ସ୍ଥାନରେ ବାର୍ଷିକ ମାରାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ୨୦୧୬ ରିଓ ଅଲିମ୍ପିକ୍ ମାରାଥନ୍‌ରେ ଗୋପୀଙ୍କ ପ୍ରଦର୍ଶନ ଭଲ ନ ଥିଲା। ଶାରୀରିକ ଅସୁସ୍ଥତା ଯୋଗୁ ୨୦୨୦ ଟୋକିଓ ଅଲିମ୍ପିକ୍ ମିସ୍ କରିଥିଲେ। ୨୦୧୯ ସିଓଲ ଓପନ୍ ମାରାଥନ୍‌ରେ ଗୋପୀ ୨: ୧୩. ୩୯ସେକେଣ୍ଡର ଶ୍ରେଷ୍ଠ ସମୟ ପାଇଥିଲେ। ତାଙ୍କ ହାତରେ ଦୁଇଟି ଜାତୀୟ ମାରାଥନ୍ ଟାଇଟଲ୍ ରହିଛି।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୯/୨୦୨୪ Bhubaneswar, Friday, April 19/ 2024

# ମୁମ୍ବାଇର ରୋମାଞ୍ଚକ ବିଜୟ

**ଚଣ୍ଡୀଗଡ,୧୮।୪**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ)ରେ ଗୁରୁବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚକୁ ୯ ରନ୍‌ରେ ଜିତି ରୋମାଞ୍ଚକ ବିଜୟ ହାସଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୭ ଉଇକେଟରେ ୧୯୨ ରନ୍ କରିଥିଲା। ଜବାବରେ ପଞ୍ଜାବ କିଙ୍ଗ୍ସ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ପଞ୍ଜାବ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଆଶୁତୋଷ ଶର୍ମାଙ୍କ ଲଢୁଆ ଇନିଂସ ବଳରେ ମ୍ୟାଚ ଅନ୍ତିମ ଓଭର ଯାଏ ଯାଇଥିଲା। ୩ ଉଇକେଟ ନେଇଥିବା ବୁମ୍‌ରା ପର୍ପଲ କ୍ୟାପ୍ ତାଲିକାରେ ୟୁଜବେନ୍ଦ୍ର ଚହଲଙ୍କୁ ହଟାଇ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି।

ଟସ୍ ଜିତି ପଞ୍ଜାବ ପ୍ରଥମେ ବୋଲିଂ କରିଥିଲା। ମୁମ୍ବାଇର ଓପନର ଇଶାନ କିଶନ ମାତ୍ର ୮ ରନ୍ କରି ଦଳୀୟ ସ୍କୋର ୧୮ରେ ପ୍ୟାଭିଲିୟନ ଫେରିଥିଲେ। ତେବେ ରୋହିତ ଶର୍ମା(୩୬) ଓ ସୂର୍ଯ୍ୟକୁମାର ଯାଦବ(୭୮) ଦ୍ୱିତୀୟ ଉଇକେଟରେ ୮୧ ରନ୍ ଯୋଡିଥିଲେ। ରୋହିତ ୨୫ ବଲ୍‌ରୁ ଅପେକ୍ଷାକୃତ ଧୀମା ୩୬ ରନ୍ କରିଥିଲେ। ସେ ୨ ଚୌକା ଓ ୩ ଛକା ମାରି ସାମ୍ କୁରାନଙ୍କ ବଲରେ ଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ତିଳକ ବର୍ମା ୧୮ ବଲ୍‌ରୁ ୩୪ ରନ୍ କରି ଶେଷ ଯାଏ ଅପରାଜିତ ଥିଲେ। ତୃତୀୟ ଉଇକେଟରେ ସୂର୍ଯ୍ୟ କୁମାରଙ୍କ ସହ ସେ ୪୯ ରନ୍ ଯୋଡିଥିଲେ। ସୂର୍ଯ୍ୟ ୫୩ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରି ସାମ୍ କୁରାନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶେଷ ଭାଗରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୦, ଟିମ୍ ଡେଭିଡ୍ ୧୪, ରୋମାରିଓ ଶେଫର୍ଡ ୧ ଓ ମହମ୍ମଦ ନବି ୦ ବିଫଳ ହେବାରୁ ମୁମ୍ବାଇ ୨୦୦ ରନ୍ ଛୁଇଁ ପାରି ନ ଥିଲା। ପଞ୍ଜାବ ପକ୍ଷରୁ ସଫଳ ବୋଲର ଭାବେ ହର୍ଷଲ ପଟେଲ ୩୧ ରନ୍‌ରେ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ କୁରାନ୍ ୨ ଓ କାଗିସୋ ରାବାଡା ୧ ଉଇକେଟ ନେଇଥିଲେ।

୧୯୩ ରନ୍ ଲକ୍ଷ୍ୟ ନେଇ ପଞ୍ଜାବର ଆରମ୍ଭ ଅତ୍ୟନ୍ତ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ସାମ୍ କୁରାନ(୬), ପ୍ରଭସିମରନ୍ ସିଂ(୦), ରାଇଲି ରୁଷୋ(୧) ଓ ଲିଆମ ଲିଭିଙ୍ଗଷ୍ଟୋନ(୧) ବିଫଳ ହେବାରୁ ଦଳ ୧୪ ରନ୍‌ରେ ୪ ଉଇକେଟ ହରାଇଥିଲା। ହରପ୍ରୀତ ସିଂ ଭାଟିଆ(୧୩) ଓ ଗତ ମ୍ୟାଚର ହିରୋ ଶଶାଙ୍କ ସିଂ(୪୧) ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ଶଶାଙ୍କ ଓ ଆଶୁତୋଷ ଶର୍ମା(୬୧) ଇନିଂସ ସମ୍ଭାଳିଥିଲେ। ଉଭୟ ଖେଳାଳି କାଉଣ୍ଟର ଆଟାକ କରିବା ସହ ରନ୍ ଗତି ବଢାଇଥିଲେ। ଶଶାଙ୍କ ୨୫ ବଲ୍ ଖେଳି ୨ ଚୌକା ଓ ୩ ଛକା ସହ ୪୧ ରନ୍ କରି ବୁମ୍‌ରାଙ୍କ ତୃତୀୟ ଶିକାର ହୋଇଥିଲେ। ଆଶୁତୋଷ କିନ୍ତୁ ଏକାକୀ ଲଢେଇ ଜାରି ରଖିଥିଲେ। ୨୮ ବଲ ଖେଳି ୨ ଚୌକା ଓ ୭ ଛକା ସହ ସେ ୬୧ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମ୍‌ରା ଓ ଜେରାଲ୍ଡ କୋଜି ୩ଟି ଲେଖାଏ, ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୨/୭ (ସୂର୍ଯ୍ୟକୁମାର ଯାଦବ-୭୮, ରୋହିତ ଶର୍ମା-୩୬, ତିଳକ ବର୍ମା-୩୪*, ହର୍ଷଲ ପଟେଲ-୩/୩୧, ସାମ୍ କୁରାନ-୨/୪୧, କାଗିସୋ ରାବାଡା-୧/୪୨)। ପଞ୍ଜାବ କିଙ୍ଗ୍ସ ୧୯.୧ ଓଭରରେ ୧୮୩/୧୦ (ଆଶୁତୋଷ ଶର୍ମା-୬୧, ଶଶାଙ୍କ ସିଂ-୪୧,ହରପ୍ରୀତ ବ୍ରାର-୨୧, ଯଶପ୍ରୀତ୍ ବୁମ୍‌ରା-୩/୨୧, ଜେରାଲ୍ଡ କୋଜି-୩/୩୨, ଶ୍ରେୟସ୍ ଗୋପାଳ-୧/୨୬)।



ଶଟ୍ ଖେଳିବା ଅବସରରେ ସୂର୍ଯ୍ୟକୁମାର ଯାଦବ।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ଚେନ୍ନାଇ**

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୭୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୩ | ୩ | ୬ | +୦.୦୩୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | -୦.୦୭୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୧୩୩ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ କିଙ୍ଗ୍ସ | ୭ | ୨ | ୫ | ୪ | -୦.୨୫୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

# ଆମ ପାଇଁ ସବୁ ମ୍ୟାଚ୍ ଫାଇନାଲ: ଲୋବେରା

## ଆଇଏସ୍ଏଲ୍ ପ୍ଲେ ଅଫ୍‌ରେ କେରଳ ବ୍ଲାଷ୍ଟର୍ସଙ୍କୁ ଭେଟିବ ଓଏଫ୍‌ସି

**ଭୁବନେଶ୍ୱର,୧୮।୪**

**(ସରୋଜ ଜେନା)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ପ୍ରଥମ ପ୍ଲେ ଅଫ୍‌ରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ପରସ୍ପର ମୁକାବିଲା କରିବେ। ଦ୍ୱିତୀୟ ଥର ପାଇଁ ଓଏଫ୍‌ସି ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ପ୍ଲେ ଅଫ୍ ମ୍ୟାଚ୍ ଖେଳିବ। ଚଳିତ ସିଜନରେ କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସି ଅପରାଜେୟ ରହିଥିବା ବେଳେ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ଚଳିତ ସିଜନରେ କଳିଙ୍ଗରେ ଦଳ ୧୧ଟି ଆଇଏସଏଲ୍ ମ୍ୟାଚ୍ ଖେଳିଥିବା ବେଳେ ୮ଟିରେ ବିଜୟୀ ହୋଇଛି ଓ ୩ ମ୍ୟାଚ୍ ଡ୍ର‌ରେ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ମିଡ୍‌ଫିଲ୍ଡର ପ୍ରିନ୍ସଟନ୍ ରୋବେଲୋ ଯୋଗ ଦେଇଥିଲେ। ଚଳିତ ସିଜନରେ ଦଳ ଚମତ୍କାର ପ୍ରଦର୍ଶନ କରି ୨୨ ମ୍ୟାଚ୍‌ରୁ ୧୧ ବିଜୟ ଓ ୬ ଡ୍ର ସହ ୩୯ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଥିଲା। ରୟ କ୍ରିଷ୍ଣା ୧୨ ଓ ଡିଏଗୋ ମରିସିଓ ୧୦ ଗୋଲ ସ୍କୋର କରିଥିବା ବେଳେ ଗୋଲକିପର ଅମରିନ୍ଦର ସିଂ ୯ଟି କ୍ଲିନ୍ ସ୍ଲେଟ୍ ହାସଲ କରିଛନ୍ତି। ଓଏଫ୍‌ସି ପ୍ରଦର୍ଶନର ମେରୁଦଣ୍ଡ ରହିଥିବା ଅହମଦ୍ ଜାହୋହ ଚଳିତ ସିଜନର ପ୍ଲେ ମେକର ରହିଛନ୍ତି। ୧୨୨୩ ପାସ୍ ସହ ୩୭ଟି ସ୍କୋରିଂ ସୁଯୋଗ ସୃଷ୍ଟି କରିଛନ୍ତି ଜାହୋ। ଅନ୍ୟପକ୍ଷରେ କେରଳ ଓ ଓଏଫ୍‌ସି ପରସ୍ପରକୁ ୨ ଥର ଭେଟିଥିବା ବେଳେ ଉଭୟ ଦଳ ଥରେ ଲେଖାଏ ବିଜୟୀ ହୋଇଛନ୍ତି। ତେବେ କଳିଙ୍ଗରେ ଖେଳା ଯାଇଥିବା ପୂର୍ବ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଥିବାରୁ ଏହା ଦଳକୁ ମନସ୍ତାତ୍ତ୍ୱିକ ଅଗ୍ରଣୀ ପ୍ରଦାନ କରିବ।

ଓଏଫ୍‌ସି ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରିବାରେ ସମର୍ଥ ହୋଇଛି। ଅନ୍ତିମ ଚରଣରେ ଦଳର ପ୍ରଦର୍ଶନରେ ସାମାନ୍ୟ ଅବନତି କାରଣରୁ ଲିଗ୍ ସିଲ୍ଡ ହାତେଇବାରେ ଦଳ ବିଫଳ ହୋଇଥିଲା। ତେବେ ଏକା ସମୟରେ ଦଳ ଆଇଏସ୍ଏଲ୍, ଏଏଫ୍‌ସି କପ୍ ଖେଳୁଥିବାରୁ ସମସ୍ତ ଖେଳାଳିଙ୍କୁ ଭ୍ରମଣ କରିବାକୁ ପଡୁଥିଲା। ତେବେ ବର୍ତ୍ତମାନ ଆଗକୁ ରହିଥିବା ସମସ୍ତ ମ୍ୟାଚକୁ ଆମେ ଫାଇନାଲ ଭଳି ଭାବି ଖେଳିବୁ ବୋଲି କହିଛନ୍ତି ଦଳର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ସେହିପରି ଅତୀତରେ ଉଭୟ ଦଳ କିଭଳି ପ୍ରଦର୍ଶନ କରିଛନ୍ତି ପ୍ଲେ ଅଫ୍‌ରେ ଏହାର କୌଣସି ମୂଲ୍ୟ ନ ଥାଏ। ଯେଉଁ ଦଳ ସ୍ମାର୍ଟ ଫୁଟବଲ ଖେଳିବ ସେ ବିଜୟୀ ହେବ ବୋଲି କହିଛନ୍ତି ଲୋବେରା। ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳିବା ମୋ ପାଇଁ ଏକ ସମ୍ମାନର ବିଷୟ। ଲୋବେରାଙ୍କ ଅଧୀନରେ ଖେଳିବାର ସ୍ୱାଧୀନତା ମିଳୁଥିବା ବେଳେ ଜଣେ ଖେଳାଳି ଭାବେ ଉନ୍ନତି କରିବାରେ ଏହା ସହାୟକ ହୋଇଛି ବୋଲି କହିଛନ୍ତି ମିଡ୍‌ଫିଲ୍ଡର ପ୍ରିନ୍ସଟନ୍ ରୋବେଲୋ। ଚଳିତ ଟୁର୍ନାମେଣ୍ଟରେ ଦଳ ଠିକ୍‌ଠାକ୍ ଖେଳିଥିବା ବେଳେ ବର୍ତ୍ତମାନ ଫାଇନାଲ ଜିତିବା ଏକମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି ପ୍ରିନ୍ସଟନ୍ ରୋବେଲୋ।



ସର୍ଗିଓ ଲୋବେରା ଓ ପ୍ରିନ୍ସଟନ୍ ରୋବେଲୋ। (ଫଟୋ: ବିକାଶ ନାୟକ)






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ